୬୫ତମ ବର୍ଷ ୨୪ ନଭେମ୍ବର ୨୦୨୨ ଚତୁର୍ଥ ସଂଖ୍ୟା



# ନବଜ୍ୟୋତି

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ – ୬୦୫ ୦୦୨

ଶ୍ରୀଅରବିନ୍ଦଙ୍କ ଜନ୍ମ :

'ସମଗ୍ର ବିଶ୍ୱ-ଇତିହାସରେ ଏକ ଶାଶ୍ୱତ ଆବିର୍ଭାବ ।'

— ଶ୍ରୀମା



ଶ୍ରୀଅରବିନ୍ଦଙ୍କର ୧୫୦ତମ ପବିତ୍ର ଜନ୍ମ ବାସର ଉପଲକ୍ଷେ ଆମର ଭକ୍ତିପୂତ ଗଭୀର ଶ୍ରଦ୍ଧାଞ୍ଜଳି ।

୬୫ତମ ବର୍ଷ ୨୪ ନଭେମ୍ବର ୨୦୨୨ ଚତୁର୍ଥ ସଂଖ୍ୟା

# ନବଜ୍ୟୋତି

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଓ ପ୍ରଗତିଶୀଳ ଅଧ୍ୟାତ୍ମ ଜୀବନ-ଦୃଷ୍ଟି ଦ୍ୱାରା ପ୍ରେରିତ
ଯୋଗ, ସମାଜ, ଶିକ୍ଷା ଓ ସଂସ୍କୃତି ସମ୍ବନ୍ଧୀୟ ତ୍ରୈମାସିକ ପତ୍ରିକା ।

ପ୍ରେରଣା : ଶ୍ରୀ ରାମକୃଷ୍ଣ ଦାସ ପ୍ରତିଷ୍ଠାତା : ଶ୍ରୀ ପ୍ରପତ୍ତି
ସଂପାଦକ : ଶ୍ରୀ ବିଶ୍ୱମ୍ଭର ସାମନ୍ତ

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

## ସୂଚୀପତ୍ର

[ନବଜ୍ୟୋତି • ନଭେମ୍ବର, ୨୦୨୨]


**ଯୋଗ-ଦର୍ଶନ**

| | | | |
|---|---|---|---|
| ଶ୍ରୀଅରବିନ୍ଦଙ୍କ ବାଣୀ | ... | ... | ୫ |
| ମାତୃବାଣୀ | ... | ... | ୬ |
| ଚୈତ୍ୟ ଚେତନା ସମ୍ପର୍କରେ | ... | ଶ୍ରୀମା | ୯ |
| ଚୈତ୍ୟସତ୍ତାର ଉନ୍ମୀଳନ (ଶ୍ରୀଅରବିନ୍ଦଙ୍କ ସହ ପ୍ରଶ୍ନୋତ୍ତର) | ... | ... | ୧୨ |
| ଅନ୍ତରସ୍ଥ ଦିବ୍ୟ-ଉପସ୍ଥିତି | ... | ଶ୍ରୀମା | ୧୪ |
| ଶ୍ରୀମା'ଙ୍କର ଏକ ଅନୁଭୂତି (ଜୁଲାଇ ୧, ୧୯୭୦) | ... | ... | ୧୫ |
| ଶ୍ରୀଅରବିନ୍ଦଙ୍କର କାଳଜୟୀ ପତ୍ରାବଳୀ : | | | |
| ମୃଣାଳିନୀ ଦେବୀଙ୍କୁ ଲିଖିତ ପତ୍ର | ... | ... | ୧୭ |
| ଏକ ପତ୍ର ଓ ଉତ୍ତର | ... | ... | ୨୧ |
| ଶ୍ରୀଅରବିନ୍ଦଙ୍କର ଏକ ପତ୍ର | ... | ... | ୨୬ |
| ନିଜର ଭୁଲ୍‌ଗୁଡ଼ିକ ସମ୍ପର୍କରେ ସଚେତ ହେବା | ... | ଶ୍ରୀମା | ୨୯ |
| ବୁଦ୍ଧିର ଶାସନ ବଦଳରେ ଆଧ୍ୟାତ୍ମିକ ଚେତନାର ଶାସନ | ... | ଶ୍ରୀମା | ୩୦ |

**ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ**

| | | | |
|---|---|---|---|
| ବନ୍ଦେ ମାତରମ୍ | ... | ଶ୍ରୀଅରବିନ୍ଦ | ୩୨ |
| ରହସ୍ୟବାଦୀମାନଙ୍କ ସିଦ୍ଧାନ୍ତ | ... | ଶ୍ରୀଅରବିନ୍ଦ | ୩୬ |
| ''ସମଗ୍ର ଜୀବନହିଁ ଯୋଗ'' | ... | ଶ୍ରୀ ମନୋଜ ଦାସ | ୪୧ |
| ଅଧିକାର ନା କର୍ତ୍ତବ୍ୟ | ... | ଶ୍ରୀ ନଳିନୀକାନ୍ତ ଗୁପ୍ତ | ୪୫ |
| ବିବର୍ତ୍ତନର ଗତିଧାରା | ... | ଶ୍ରୀ ପ୍ରପତ୍ତି | ୪୭ |
| ଅଦ୍ୱୈତ (କବିତା) | ... | ଶ୍ରୀଅରବିନ୍ଦ | ୪୯ |
| ସଙ୍ଗଠନର ମୂଳତତ୍ତ୍ୱ | ... | ଶ୍ରୀମା | ୫୦ |

**ଅନ୍ତରାଳ ଜଗତ୍**

| | | | |
|---|---|---|---|
| ସୂକ୍ଷ୍ମଦର୍ଶନ | ... | ଶ୍ରୀମା | ୫୩ |

**ସାଧନା-ପରମ୍ପରା**

| | | | |
|---|---|---|---|
| ଉତ୍କଳୀୟ ବୈଷ୍ଣବଗଣଙ୍କ ଦୃଷ୍ଟିରେ ଶ୍ରୀକୃଷ୍ଣ-ଲୀଳାତତ୍ତ୍ୱ | ... | ... | ୫୫ |

| | | | |
|---|---|---|---|
| **ସଂପାଦକୀୟ ....** | ... | ... | ୫୮ |


❖

# ଶ୍ରୀଅରବିନ୍ଦଙ୍କ ବାଣୀ

It was the descent of Krishna into the physical ...

The descent of Krishna would mean the descent of the Overmind Godhead preparing, though not itself actually bringing, the descent of Supermind and Ananda. Krishna is the Anandamaya, he supports the evolution through the Overmind leading it towards his Ananda.

(CWSA : Vol. - 35, p. 272) – Sri Aurobindo

ଏହା ଥିଲା ଭୌତିକ ସତ୍ତାରେ କୃଷ୍ଣଙ୍କର ଅବତରଣ ...

କୃଷ୍ଣଙ୍କର ଅବତରଣର ଅର୍ଥ ହେଉଛି ଅଧିମାନସ ଈଶ୍ୱରଙ୍କର ଅବତରଣ ଯାହା ଅତିମାନସ ଓ ଆନନ୍ଦର ଅବତରଣ ନିମିତ୍ତ ପଥ ପ୍ରସ୍ତୁତ କରେ ଯଦିଓ ଏହି ଅବତରଣ ଅତିମାନସକୁ ସଙ୍ଗରେ ନେଇ ଆସେ ନାହିଁ । କୃଷ୍ଣ ହେଉଛନ୍ତି ଆନନ୍ଦମୟ, ସେ ଅଧିମାନସ ମାଧ୍ୟମରେ ବିବର୍ତ୍ତନକୁ ସାହାଯ୍ୟ କରି ତାହାକୁ ତାଙ୍କରି ଆନନ୍ଦ ଦିଗରେ ନେଇଯା'ନ୍ତି ।

– ଶ୍ରୀଅରବିନ୍ଦ



# ମାତୃବାଣୀ

Characteristically the old world, the creation of what Sri Aurobindo calls the Overmind, was an age of the gods, and consequently the age of religions. As I said, the flower of human effort towards what is above it gave rise to innumerable religious forms, to a religious relationship between the noble souls and the invisible world....

And now, all these old things seem so old, so out-of-date, so arbitrary – such a travesty of the real truth.

In the supramental creation there will no longer be any religions. The whole life will be the expression, the flowering into forms of the divine Unity manifesting in the world.

(CWM. Vol. 9, p. 150 - 151) – The Mother

ପୁରୁଣା ପୃଥିବୀ, ଯାହାକି ଶ୍ରୀଅରବିନ୍ଦଙ୍କ ଭାଷାରେ ଅଧିମାନସର ସୃଜନ, ତାହା ସ୍ୱଭାବତଃ ଥିଲା ଦେବତାମାନଙ୍କର ଯୁଗ, ଏବଂ ଫଳତଃ ଧର୍ମସମୂହର ଯୁଗ । ମୁଁ ଯାହା କହିଲି, ଏ ପୃଥିବୀର ଊର୍ଦ୍ଧ୍ୱରେ ଯାହା ଅଛି, ସେଦିଗରେ ମାନବିକ ପ୍ରୟାସର ନିର୍ଯାସ ଅସଂଖ୍ୟ ଧର୍ମଧାରାର, ମହତ୍ ଆତ୍ମାସବୁ ସହ ଅଦୃଶ୍ୟ ଜଗତର ଏକ ଧର୍ମନୈତିକ ସମ୍ପର୍କର ପ୍ରବର୍ତ୍ତନ କଲା ।...

ଏବଂ ବର୍ତ୍ତମାନ – ଏଯାବତ୍ ପୁରୁଣା କଥା ମନେହୁଏ ଏକାନ୍ତ ପୁରୁଣା, ଏକାନ୍ତ ସମୟ-ସଂଗତି-ରହିତ, ଏକାନ୍ତ ଅଯୌକ୍ତିକ – ପ୍ରକୃତ ସତ୍ୟର ଏକାନ୍ତ ବିକୃତି ।

ଅତିମାନସ ସୃଷ୍ଟିରେ କୌଣସି ଧର୍ମ ତିଷ୍ଠିବ ନାହିଁ । ସମଗ୍ର ଜୀବନହିଁ ହେବ ପୃଥିବୀରେ ଅଭିପ୍ରକାଶମାନ ଦିବ୍ୟ ଏକତ୍ୱର ଅଭିବ୍ୟକ୍ତି, ତା'ର କ୍ରମ-ରୂପାୟନ ।

– ଶ୍ରୀମା



# ଚୈତ୍ୟ ଚେତନା ସମ୍ପର୍କରେ

## ଶ୍ରୀମା

*''ବିଭିନ୍ନ ସ୍ଥାନ ଓ ସମୟରେ ଏହି ଅନୁଭୂତି ଓ ପ୍ରତ୍ୟକ୍ଷ ଲାଭ କରିବା ପାଇଁ (ଆମ ଭିତରେ ଚୈତ୍ୟ ଉପସ୍ଥିତିର ଉପଲବ୍ଧି) ଏବଂ ଶେଷରେ ଏହି ଚୈତ୍ୟସତ୍ତା ସହ ଏକାତ୍ମତା ସିଦ୍ଧ କରିବା ପାଇଁ ବିଭିନ୍ନ ପନ୍ଥାକୁ ସୂଚିତ କରାଯାଇଛି । କେତେକ ପଦ୍ଧତି ମାନସିକ, କେତେକ ଧର୍ମ ସମ୍ବନ୍ଧୀୟ ଏପରିକି କେତେକ ମଧ୍ୟ ଯାନ୍ତ୍ରିକ । ବାସ୍ତବରେ ପ୍ରତ୍ୟେକଙ୍କୁ ତାଙ୍କ ପାଇଁ ଯାହା ସବୁଠାରୁ ଅନୁକୂଳ ସେହି ପଦ୍ଧତିକୁହିଁ ଖୋଜି ବାହାର କରିବାକୁ ହେବ; ଏବଂ ଯଦି ଜଣଙ୍କର ଗଭୀର ଓ ଦୃଢ଼ ଆସ୍ପୃହା ଥାଏ, ଏକ ଧାରାବାହିକ ଓ ଗତିଶୀଳ ସଂକଳ୍ପ ଥାଏ ତା'ହେଲେ ନିଶ୍ଚିତ ଭାବରେ ସେ ଗୋଟିଏ ବା ଅନ୍ୟ ବାଟରେ ତାହାକୁ ଖୋଜିପାଇବ — ବାହ୍ୟ ଭାବରେ ପଠନ ଓ ଅଧ୍ୟୟନ ଦ୍ୱାରା ଏବଂ ଆନ୍ତର ଭାବରେ ଏକାଗ୍ରତା, ଧ୍ୟାନ, ପ୍ରକାଶ ଓ ଅନୁଭୂତି ଦ୍ୱାରା ବ୍ୟକ୍ତି ସେହି ସହାୟତା ପାଇପାରିବ, ଯାହା ତାକୁ ଲକ୍ଷ୍ୟ-ପ୍ରାପ୍ତିରେ ପହଞ୍ଚାଇ ଦେଇପାରିବ ।''*

(The Science of Living)

(*On Education*, CWM, Vol. 12, pp. 4 – 8)

ଯାନ୍ତ୍ରିକ, ଧର୍ମ ସମ୍ବନ୍ଧୀୟ ଓ ମନସ୍ତାତ୍ତ୍ୱିକ ପଦ୍ଧତି ଭିତରେ ପାର୍ଥକ୍ୟ କେଉଁଠି ? ଧର୍ମସମ୍ବନ୍ଧୀୟ ପଦ୍ଧତିଗୁଡ଼ିକ ହେଉଛି ଯାହା ବିଭିନ୍ନ ଧର୍ମରେ ଅନୁସରଣ କରାଯାଇଥାଏ । ବେଶୀ ଭାଗରେ ଧର୍ମଗୁଡ଼ିକରେ ଆନ୍ତର ସତ୍ୟ ସମ୍ପର୍କରେ କୁହାଯାଇ ନଥାଏ, ସେମାନଙ୍କ ପାଇଁ ସେମାନଙ୍କ କଥିତ ଭଗବାନଙ୍କ ସମ୍ପର୍କରେ ଆସିବା ଉପରେହିଁ ଜୋର୍ ଦିଆଯାଇଥାଏ ସ୍ୱର୍ଗ ଓ ନରକ: ଏହା ହେଉଛି ବୁଲାଣି ଭାବରେ ସେହି କଥା କହିବା... ।

ମନସ୍ତାତ୍ତ୍ୱିକ ପଦ୍ଧତି ହେଉଛି ଯାହା ଚେତନାର ଅବସ୍ଥା ଓ ସ୍ତରକୁ ନେଇ ଜଡ଼ିତ, ଯାହା ଚେଷ୍ଟାକରେ ସମସ୍ତ କର୍ମରୁ ନିଜକୁ ପ୍ରତ୍ୟାହାର କରିନେଇ ଏବଂ ନିଜ ଭିତରେ, ଅନାସକ୍ତି, ଆତ୍ମବିଲୟ, ଏକାଗ୍ରତା, ଉଚ୍ଚତର ବାସ୍ତବତା, ସମସ୍ତ ବାହ୍ୟ କର୍ମରୁ ପ୍ରତ୍ୟାହାର ଆଦି ଉପରେ ଜୋର୍ ଦେବା ଉପରେ । ମନସ୍ତାତ୍ତ୍ୱିକ ପଦ୍ଧତିଟି ଚିନ୍ତା, ଅନୁଭବ ଓ କର୍ମ ଉପରେ କ୍ରିୟା କରିଥାଏ ।

ଯାନ୍ତ୍ରିକ ପଦ୍ଧତିଗୁଡ଼ିକ ପୂରାପୂରି ଯାନ୍ତ୍ରିକ ଉପାୟଗୁଡ଼ିକ ଉପରେହିଁ ଜୋର୍ ଦେଇଥାଏ — କେତେକ ବାଟରେ ଏଗୁଡ଼ିକର ଉପଯୋଗ କରି ଜଣେ ଲାଭବାନ୍ ହୋଇପାରେ । ଉଦାହରଣସ୍ୱରୂପ : ପ୍ରାଣାୟାମ କଥା କୁହାଯାଇପାରେ, ଊଣା-ଅଧିକେ ଏହା ଯାନ୍ତ୍ରିକ ଭାବରେ କ୍ରିୟା କରେ, କିନ୍ତୁ କେତେକ କ୍ଷେତ୍ରରେ ଏହା ସହିତ ଚିନ୍ତାର ଏକାଗ୍ରତା ବା ନାମଜପ ଆଦିକୁ ଯୋଗ କରାଯାଇ ପାରେ, ବିବେକାନନ୍ଦ ଯେପରି କହିଛନ୍ତି । ଏହି ପଦ୍ଧତିଗୁଡ଼ିକ କିଛି ବାଟ ପର୍ଯ୍ୟନ୍ତ କାର୍ଯ୍ୟ କରିପାରେ କିନ୍ତୁ ତାହାପରେ ଏହା ମ୍ଳାନ ହୋଇଯାଏ । ଏହି ଧରଣର ମାନୁଷୀ ପ୍ରଚେଷ୍ଟା କେତେକ ସମୟରେ ଓ କେତେକ ସ୍ଥାନରେ ଊଣା-ଅଧିକେ ବ୍ୟକ୍ତିଗତ ଭାବେ ଫଳପ୍ରଦ ହୋଇପାରେ କିନ୍ତୁ ସମଷ୍ଟିଗତ ଭାବରେ ଏହା କୌଣସି ବିଶେଷ ଫଳପ୍ରଦାନ କରି ନାହିଁ ।

ମନସ୍ତାତ୍ତ୍ୱିକ ପଦ୍ଧତି ଅନେକ ବେଶୀ ଆୟାସସାଧ୍ୟ କିନ୍ତୁ ଅନେକ ଅଧିକ ଫଳପ୍ରଦ; ତୁମ କର୍ମ ଭିତର ଦେଇ, ଏପରି ଏକ ଆନ୍ତର ସଂକଳ୍ପର ଅବସ୍ଥାରେ ରହିବ, ଯେତେବେଳେ ତୁମ ସତ୍ତାର ଦିବ୍ୟସତ୍ୟ ଛଡ଼ା ଅନ୍ୟ କିଛି ବି ପ୍ରକାଶ କରିବ ନାହିଁ ଏବଂ ବାକି ସବୁକିଛିକୁ ସେହି ଦିବ୍ୟସତ୍ୟ ଉପରେହିଁ ନିର୍ଭରଶୀଳ କରି ରଖିବାକୁ ହେବ । ଅବଶ୍ୟ ଯଦି ତୁମେ କିଛି କର୍ମ କରିବ ନାହିଁ, ତେବେ ଏହା ଅଧିକ ସହଜ ହେବ କିନ୍ତୁ ତା' ଫଳରେ ଆତ୍ମ-ପ୍ରବଞ୍ଚନା ମଧ୍ୟ ଅଧିକ ସହଜ ହେବ । ଅନ୍ୟ ସବୁଥିରୁ ନିଜକୁ ବିଚ୍ଛିନ୍ନ କରି ଯଦି ତୁମେ ଚୁପ୍‌ଚାପ୍ ବସି ରହିବ, ଅନ୍ୟ ସମସ୍ତଙ୍କଠାରୁ ଦୂରେଇ ରହି ଯଦି ଊଣା-ଅଧିକେ ନିଜ ଭିତରେ ନିଜ ସହ ମଜ୍ଜି ରହିବ ତେବେ ତୁମେ ହୁଏତ କଳ୍ପନା କରିପାର ଯେ ତୁମେ ବିସ୍ମୟକର କିଛି ଉପଲବ୍ଧି କରୁଛ । କିନ୍ତୁ ଯଦି ତୁମେ ତୁମ ଜୀବନର ପ୍ରତିଟି ମିନିଟ୍‌କୁ ପରୀକ୍ଷା କର, ଯେତେବେଳେ ତୁମ ନିଜର ଅପୂର୍ଣ୍ଣତା, ନିଜର ଦୋଷତ୍ରୁଟି ସମ୍ପର୍କରେ, ତୁମ ନିଜର ଛୋଟ ଛୋଟ ଅସଦିଚ୍ଛା ସମ୍ପର୍କରେ ଦିନକୁ ଶହେବାର ସଚେତନ ହେବ, ସେତେବେଳେ ତୁମର ଆଉ ସେହି ଭ୍ରାନ୍ତି ଓ ମୋହ ରହିବ ନାହିଁ, ସେତେବେଳେ ତୁମର ପ୍ରଚେଷ୍ଟାଗୁଡ଼ିକ ହେବ ଅଧିକ ଆନ୍ତରିକ ।

ସେଇଥିପାଇଁ ଆମେ ନିଷ୍ପତ୍ତି ନେଇଛୁ ଏକ ନିର୍ଜନ ଅରଣ୍ୟରେ ଯେଉଁଠି ସବୁକିଛି ଖୁବ୍ ସୁନ୍ଦର, ଖୁବ୍ ବିଶ୍ରାନ୍ତିମୟ,

ଯେଉଁଠି କେବଳ ନିଜର ଛୋଟ ସତ୍ତାଟି ଛଡ଼ା ଅନ୍ୟକିଛିକୁ ଗୁରୁତ୍ୱ ଦେବାର ନାହିଁ, ସେହି ନିର୍ଜନ ଅରଣ୍ୟ ପରିବର୍ତ୍ତେ ଆମେ ବିପରୀତ ପକ୍ଷେ ଚେଷ୍ଟା କରୁଛୁ ଜୀବନର ସବୁକିଛି କର୍ମକୁ ନେଇ ଆମ ପକ୍ଷେ ଯେତିକିଟା ସମ୍ଭବ ସେଗୁଡ଼ିକୁ ସଚେତ କର୍ମରେ ପରିଣତ କରିବା ପାଇଁ, ଅନ୍ୟମାନଙ୍କ ସହ ସଂଯୋଗ ରଖି, ସମସ୍ତ ଆନ୍ତର ଗତିବୃତ୍ତି ସମ୍ପର୍କରେ ଅଧିକ ସ୍ପଷ୍ଟ ଭାବରେ ସଚେତ ରହିବା ପାଇଁ ।

ବାଧାବିଘ୍ନଠାରୁ ପଳାୟନ କରିବା ଦ୍ୱାରା ସେଗୁଡ଼ିକ ଉପରେ ବିଜୟ ଲାଭ କରିବା କେବେହେଲେ ସମ୍ଭବପର ନୁହେଁ । ତୁମେ ଯଦି ଶତ୍ରୁଠାରୁ ପଳାୟନ କର, ତେବେ ତୁମେ କେବେ ହେଲେ ତାକୁ ଜୟ କରିପାରିବ ନାହିଁ ଏବଂ ସେ ତୁମକୁ ପରାଜିତ କରିବାର ସମସ୍ତ ଆଶଙ୍କା ଦେଖାଦେବ । ସେଇଥିପାଇଁ ଆମେ କୌଣସି ହିମାଳୟର ଚୂଡ଼ାରେ ନୁହେଁ, ଏଇଠି ପଣ୍ଡିଚେରୀରେହିଁ ରହିଛୁ । ଯଦିଓ ମୁଁ ସ୍ୱୀକାର କରୁଛି ହିମାଳୟର ଚୂଡ଼ା ଅଧିକ ଆନନ୍ଦମୟ ହୁଅନ୍ତା କିନ୍ତୁ ବୋଧହୁଏ ସେତେଟା ଫଳପ୍ରଦ ନୁହେଁ ।

ପରେ ମୁଁ ମାନସିକ ଶୃଙ୍ଖଳା ବିଷୟରେ କହିବି, କାରଣ ସେବିଷୟରେ ମୋର ଅନେକ କିଛି କହିବାର ଅଛି । ଏହା ଏକ ବିରାଟ ବାଧାର ପ୍ରାଚୀର ଛିଡ଼ା କରାଇଛି : ଲୋକମାନେ ଭାବନ୍ତି ସେମାନଙ୍କର ଏକ ଉଚ୍ଚତର ବୁଦ୍ଧି-ବିଚାର ଅଛି ଓ ସେହି ଭିତ୍ତିରେ ସେମାନେ ଏପରିସବୁ ବିଷୟରେ ବିଚାର କରନ୍ତି ଯାହା ସମ୍ପର୍କରେ ସେମାନେ କିଛି ବି ଜାଣନ୍ତି ନାହିଁ । ମନୁଷ୍ୟ ସମାଜରେ ଏହା ସବୁଠୁ ବଡ଼ ବାଧା ନ ହେଲେ ମଧ୍ୟ ଅନ୍ତତଃ ବଡ଼ ବାଧାବିଘ୍ନ ଭିତରୁ ଅନ୍ୟତମ । କାରଣ ଏହା ସତ୍ୟ ଯେ ସବୁ ଜୀବ ବା ପ୍ରାଣୀମାନଙ୍କ ଭିତରେ – କ୍ଷମା କର, ଆମେମାନେ ତଥାପି ଏକ ପ୍ରାଣୀ ବା ଜୀବ ହୋଇହିଁ ରହିଛୁ, ଏକମାତ୍ର ସେହି ଜୀବ ଯେ ଭାଷାରେ କଥା କହିପାରେ ଏବଂ ପୃଷ୍ଠା ପରେ ପୃଷ୍ଠା ଲେଖି ଯାଇପାରେ । ସେ ଭାବେ ଯେ ସେ ଏପରି ଏକ ଶ୍ରେଷ୍ଠଜୀବ ଯେ ଲେଖି ଦେଇପାରେ ଓ ସେ ଯାହା ଭାବୁଛି ଓ ଅନୁଭବ କରୁଛି ତାହା ଅନ୍ୟମାନଙ୍କୁ ପଢ଼ିବାକୁ ଦେଇପାରେ । ଏବଂ ଏହି ମାନସିକ ଶ୍ରେଷ୍ଠତାର, ଏହି ମାନସିକ ମହତ୍ତ୍ୱର ଧାରଣାରୁ, ତା'ଠାରୁ ଅନନ୍ତ ଗୁଣରେ ଶ୍ରେଷ୍ଠ ଜିନିଷଗୁଡ଼ିକୁ ସେ ପିଲାଳିଆ କହି ଉଡ଼ାଇ ଦିଏ ।

*ପ୍ରଶ୍ନ : ଚୈତ୍ୟସତ୍ତା କ'ଣ ନିଜକୁ ଆନ୍ତର ସତ୍ୟ ସହ ଏକାତ୍ମ କରିଥାଏ ?*

ଶ୍ରୀମା : ଏହା ନିଜକୁ ଏହି ଆନ୍ତର ସତ୍ୟର ଚତୁଃପାର୍ଶ୍ୱରେ ସଙ୍ଗଠିତ କରିଥାଏ ଏବଂ ଏହା ସହିତ ସଂଯୋଗରେ ପ୍ରବେଶ କରେ । ଚୈତ୍ୟସତ୍ତା ଦିବ୍ୟସତ୍ୟ ଦ୍ୱାରା ଚାଳିତ ହୋଇଥାଏ । ଦିବ୍ୟସତ୍ୟ ଏପରି ଏକ ଜିନିଷ ଯାହା ଚିରନ୍ତନ ଭାବରେ ଆତ୍ମପ୍ରତିଷ୍ଠ ବା ସ୍ୱୟଂସ୍ଥିତ ଏବଂ ସ୍ଥାନ କିଂବା କାଳ କାହାରି ଉପରେ ନିର୍ଭର କରେ ନାହିଁ । କିନ୍ତୁ ଚୈତ୍ୟସତ୍ତା ହେଉଛି ଏକ ସତ୍ତା ଯାହା ବୃଦ୍ଧି ଲାଭ କରେ; ଆକାର ଗ୍ରହଣ କରେ, ଅଗ୍ରଗତି କରେ, ଅଧିକରୁ ଅଧିକ ବ୍ୟକ୍ତିତ୍ୱର ରୂପ ନିଏ । ଏହି ଭାବରେ ଏହା ଏହି ଦିବ୍ୟସତ୍ୟର ପରିପ୍ରକାଶ ପାଇଁ ଅଧିକରୁ ଅଧିକ ସକ୍ଷମ ହୁଏ । ଏହି ଦିବ୍ୟସତ୍ୟ ହେଉଛି ଚିରନ୍ତନ ଦିବ୍ୟସତ୍ୟ, ଏବଂ ଚିରସ୍ଥାୟୀ । ଚୈତ୍ୟସତ୍ତା ହେଉଛି ଏକ ଅଗ୍ରଗତିଶୀଳ ସତ୍ତା, ଯାହାର ଅର୍ଥ ହେଉଛି ଦିବ୍ୟସତ୍ୟ ଏବଂ ଚୈତ୍ୟ-ଚେତନାର ସମ୍ପର୍କ ମଧ୍ୟ କ୍ରମିକ ଭାବେ ପ୍ରଗତିଶୀଳ । ତେଣୁ ସେହି ଏକ ସମୟରେ ଆନ୍ତର ଦିବ୍ୟସତ୍ୟ ସମ୍ପର୍କରେ ସଚେତ ନହୋଇ ନିଜର ଚୈତ୍ୟସତ୍ତା ସମ୍ପର୍କରେ ସଚେତ ହେବା ଅସମ୍ଭବ । ଯେଉଁମାନଙ୍କର ଏହି ଅନୁଭୂତି ହୋଇଛି – ଏକ ମାନସିକ ଅନୁଭୂତି ନୁହେଁ – କିନ୍ତୁ ଚୈତ୍ୟସତ୍ତା ସଙ୍ଗେ ସଂଯୋଗର ଏକ ପୂର୍ଣ୍ଣାଙ୍ଗ ଅନୁଭୂତି, ଏସମ୍ପର୍କରେ ସେମାନଙ୍କର ଯେଉଁ ମାନସିକ ଧାରଣା ରହିଛି ତା' ସହିତ ନୁହେଁ – କିନ୍ତୁ ଏକ ଯଥାର୍ଥ ସୁନିର୍ଦ୍ଦିଷ୍ଟ ସଂଯୋଗ,– ସମସ୍ତେ ସେହି ଗୋଟିଏ କଥା କହନ୍ତି : ଯେଉଁ ମୁହୂର୍ତ୍ତରୁ ଏହି ସଂଯୋଗ ଘଟିଥାଏ, ସେତେବେଳେ ଜଣେ ନିଜ ଭିତରେ ଥିବା ଚିରନ୍ତନ ସତ୍ୟ ସମ୍ପର୍କରେ ପୂର୍ଣ୍ଣ ଭାବରେ ସଚେତ ହୋଇଥାଏ, ଏବଂ ଜଣେ ଦେଖିପାରେ ଯେ ଏହାହିଁ ହେଉଛି ଜୀବନର ଲକ୍ଷ୍ୟ, ଏବଂ ସଂସାର-ପରିଚାଳନାର ନିର୍ଦ୍ଦେଶ । ଗୋଟିକ ବ୍ୟତୀତ ଅନ୍ୟଟି ହୋଇପାରେ ନାହିଁ; ପ୍ରକୃତରେ ଏହାହିଁ ତୁମ ଭିତରେ ଏହି ଉପଲବ୍ଧି ଆଣିଦିଏ ଯେ ତୁମେ ତୁମର ଚୈତ୍ୟସତ୍ତାର ସଂଯୋଗରେ ଆସିଛ । ହୁଏତ ଏହା ଏକ ସଚେତ ସଂଯୋଗ ନହୋଇ ପାରିଥାଏ କିନ୍ତୁ ଯାହା ତୁମ ଜୀବନକୁ ପରିଚାଳନା କରେ ।

କେତେକେ କହନ୍ତି ଯେ ଏପରି କିଛି ଅଛି ଯାହାକି ସେମାନଙ୍କ ଇଚ୍ଛା ବା ସଂକଳ୍ପର ବାହାରେ ତାହାହିଁ ସେମାନଙ୍କ ସମଗ୍ର ଜୀବନକୁ ସଙ୍ଗଠିତ କରୁଛି, ଏହାହିଁ ସେମାନଙ୍କୁ ଆବଶ୍ୟକ ଅବସ୍ଥା ଭିତରକୁ ନେଇଆଣିଛି, ଏହାହିଁ ସେମାନଙ୍କ ପାଇଁ ଅନୁକୂଳ ପରିସ୍ଥିତି ଓ ଲୋକମାନଙ୍କୁ ଆକର୍ଷିତ କରିଛି ଏବଂ କହିବାକୁ ଗଲେ ସେମାନଙ୍କ ବାହାରେ ସବୁକିଛିକୁ ବ୍ୟବସ୍ଥିତ

କରିଛି । ସେମାନଙ୍କ ବାହ୍ୟ ପରିସ୍ଥିତିରେ ହୁଏତ ସେମାନେ ଆଉ କିଛି ଚାହିଁଥିଲେ ଓ ସେଥିପାଇଁ କାର୍ଯ୍ୟ କରିଥିଲେ କିନ୍ତୁ ଅନ୍ୟ କିଛି ସଂଘଟିତ ହେଲା । ବାସ୍, କିଛି ବର୍ଷ ପରେ ସେମାନେ ଉପଲବ୍ଧି କରନ୍ତି ଯେ ବାସ୍ତବରେ ଏହାହିଁ ଘଟିବାର ଥିଲା । ତୁମେ ନିଜ ଭିତରେ ଚୈତ୍ୟସତ୍ତାର ଉପସ୍ଥିତି ସମ୍ପର୍କରେ କିଛି ବି ନଜାଣି ପାର କିନ୍ତୁ ତଥାପି ଏହାଦ୍ୱାରାହିଁ ପରିଚାଳିତ ହୋଇପାର । କାରଣ କୌଣସି ବିଷୟରେ ସଚେତ ହେବାକୁ ହେଲେ ତୁମକୁ ପ୍ରଥମେ ସ୍ୱୀକାର କରିବାକୁ ହେବ ଯେ ଏହିପରି ଏକ ଜିନିଷ ତୁମ ଭିତରେ ରହିଛି । କେତେକ ବ୍ୟକ୍ତି ଏହା ଗ୍ରହଣ କରନ୍ତି ନାହିଁ । ମୁଁ ଏପରି ଲୋକମାନଙ୍କୁ ଜାଣେ ଯେଉଁମାନେ ନିଜର ଚୈତ୍ୟସତ୍ତା ସହ ଯଥାର୍ଥ ସଂଯୋଗ ସ୍ଥାପନ କରିଛନ୍ତି ଅଥଚ ସେସମ୍ପର୍କରେ ଆଦୌ କିଛି ବି ଜାଣି ନାହାନ୍ତି । କାରଣ ସେମାନଙ୍କ ଭିତରେ ଏପରି କିଛି ବି ନଥିଲା ଯାହାଫଳରେ ସେମାନେ ଏହି ସଂଯୋଗ ସମ୍ପର୍କରେ ଯଥାର୍ଥ ଜ୍ଞାନ ଲାଭ କରି ପାରନ୍ତେ ।

*ପ୍ରଶ୍ନ : ନିଜ ଚୈତ୍ୟସତ୍ତା ସମ୍ପର୍କରେ କୌଣସି ସଂଯୋଗ ନଥାଇ ଜଣେ କ'ଣ ଚିରନ୍ତନ ଦିବ୍ୟସତ୍ୟ ସହିତ ସଂଯୋଗ ସ୍ଥାପନ କରିପାରେ ?*

ଶ୍ରୀମା : ଏହି ବିଶ୍ୱରେ ଥିବା କେତେକ ସତ୍ତା ନିଜ ଚୈତ୍ୟସତ୍ତା ସହ କୌଣସି ସମ୍ପର୍କରେ ନଆସି ଚିରନ୍ତନ ଦିବ୍ୟସତ୍ୟ ସହ ସିଧାସଳଖ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନ କରି ପାରନ୍ତି, କାରଣ ସେମାନଙ୍କର କୌଣସି ଚୈତ୍ୟସତ୍ତା ନଥାଏ । କିନ୍ତୁ ମନୁଷ୍ୟ ଭିତରେ ସଦାସର୍ବଦା ଏକ ଚୈତ୍ୟସତ୍ତା ରହିଛି ଏବଂ ବରାବର ଏହି ଚୈତ୍ୟସତ୍ତା ମାଧ୍ୟମରେହିଁ ସେମାନେ ଚିରନ୍ତନ ସତ୍ୟ ସହ ସମ୍ପର୍କ ସ୍ଥାପନ କରନ୍ତି । ଏବଂ ଚୈତ୍ୟସତ୍ତା ସହ ଏହି ସଂଯୋଗ ତା' ଆଖିରେ ସାଧାରଣତଃ ନିଜକୁ ଏହି ଭାବରେହିଁ ପ୍ରକାଶ କରେ; କାରଣ ଏହା ନିଜ ସହ ନିଜର ସେହି ଐଶ୍ୱର୍ଯ୍ୟ, ସୌନ୍ଦର୍ଯ୍ୟ ଓ ମହତ୍ତ୍ୱକୁ ବହନ କରିଥାଏ । ଚୈତ୍ୟସତ୍ତା ହେଉଛି ମନୁଷ୍ୟର ଚାରିତ୍ରିକ ବୈଶିଷ୍ଟ୍ୟ, ଏବଂ ଯଦି ଜଣେ ବିଷୟଟିର ତଳକୁ ଯାଏ ତା'ହେଲେ ବୋଧହୁଏ ଏହାହିଁ ମନୁଷ୍ୟକୁ ତା'ର ଶ୍ରେଷ୍ଠତ୍ୱ ପ୍ରଦାନ କରିଛି ।

ପୁରାତନ ଦର୍ଶନମାନଙ୍କରୁ ଅନେକଙ୍କର ସତ୍ତାର ଶ୍ରେଣୀ-ବିନ୍ୟାସ ସମ୍ପର୍କରେ ପୂର୍ଣ୍ଣଜ୍ଞାନ ନଥିଲା — ଚୈତ୍ୟସତ୍ତା ଓ ଆନ୍ତର ସତ୍ୟ ସମ୍ପର୍କରେ ସେମାନଙ୍କର ବିଶେଷ ଧାରଣା ନଥିଲା । ଏହିସବୁ ଦାର୍ଶନିକ ଧାରାଗୁଡ଼ିକର ଖୁବ୍ ସହଜ ବିଚାର ଓ ଧାରଣା ରହିଥିଲା — ଯଥା : ବାହ୍ୟ ଓ ଆନ୍ତର ଚେତନା, ଜାଗ୍ରତ୍ ଓ ସୁଷୁପ୍ତି ଚେତନା, ମନୁଷ୍ୟର ମନସ୍ତତ୍ତ୍ୱ ସମ୍ପର୍କରେ କୌଣସି ବିସ୍ତୃତ ପୁଙ୍ଖାନୁପୁଙ୍ଖ ଧାରଣା ନଥିଲା । କିଂବା ଯଦି ବା ଥିଲା ଏହାକୁ ସମସ୍ତଙ୍କ ପାଖରେ ଉପସ୍ଥାପିତ କରିବାକୁ ସେମାନେ ଉଚିତ ବୋଲି ଭାବୁ ନଥିଲେ । ପୂର୍ବକାଳରେ ଯେକୌଣସି ଲୋକ ଆଗରେ ଯଥାର୍ଥ ଜ୍ଞାନର ଉପସ୍ଥାପନକୁ ସେମାନେ ପସନ୍ଦ କରୁ ନଥିଲେ । ତାହା ଆଗରେ ଯଥାର୍ଥ କିଛି ଶିକ୍ଷା ବା ଜ୍ଞାନ ଉପସ୍ଥାପନ କରିବା ପୂର୍ବରୁ ତାହାକୁ ନିଜର ଯଥାଯଥ ସଦିଚ୍ଛା, ବିକାଶ ଓ ସାମର୍ଥ୍ୟ ଦେଖାଇବାକୁ ପଡୁଥିଲା । କିନ୍ତୁ ବର୍ତ୍ତମାନ, ଆଧୁନିକ ଜୀବନରେ ଏହି ଜ୍ଞାନ ମୁଦ୍ରିତ ହୋଇ ବା ଛାପାଯାଇ ପୁସ୍ତକ ଆକାରରେ ପ୍ରକାଶିତ ହେଉଛି ଏବଂ ଯେକୌଣସି ଲୋକ ଏହି ପୁସ୍ତକ କିଣି ପଢ଼ିପାରେ । ଅବଶ୍ୟ ତୁମେ ଏପରି ଶହ ଶହ ଲୋକଙ୍କ ସମ୍ପର୍କରେ ଆସିବ ଯେଉଁମାନେ ତା'ର ଅର୍ଥ କ'ଣ ସେସମ୍ପର୍କରେ ଆଦୌ କିଛି ନଜାଣି କେବଳ ଗୁଡ଼ିଏ ଶବ୍ଦହିଁ ପଢ଼ନ୍ତି । ଗୋଟିଏ ସମୟରେ ଏଠାରେ ମଧ୍ୟ ଅନେକ ଲୋକ ଥିଲେ ଯେଉଁମାନେ ଅତିମାନସ ଉପଲବ୍ଧି କରିବାର ଦାବି କରୁଥିଲେ କିନ୍ତୁ ପ୍ରକୃତରେ ଏହା କ'ଣ, ସେସମ୍ପର୍କରେ ସେମାନଙ୍କର କିଛି ବି ଧାରଣା ନଥିଲା ।

ଆଜିର ଗଣତାନ୍ତ୍ରିକ ଯୁଗରେ ଜ୍ଞାନର ଏହି ସର୍ବ-ସାଧାରଣୀକରଣ ବୋଧହୁଏ ଅବଶ୍ୟମ୍ଭାବୀ । କିନ୍ତୁ ବୋଧହୁଏ ଏଥିପାଇଁ ଯଥାର୍ଥ ନିର୍ବାଚନ-ପ୍ରକ୍ରିୟାରେ ଅନ୍ୟାନ୍ୟ ପଦ୍ଧତିମାନ ରହିଛି, ଯାହାକି ଅଧିକ ଗୋପନ, କମ୍ ସୁସ୍ପଷ୍ଟ କିନ୍ତୁ ଅଧିକ ଫଳପ୍ରଦ ।

(୧୮ ଜାନୁଆରୀ, ୧୯୫୧)

(CWM, Vol. 15, pp. 303 - 307)

ମୁଁ କହିପାରେ ଭଗବାନ୍ ଯେ ଅଭିବ୍ୟକ୍ତ ହେଉଛନ୍ତି ସେ ସମ୍ପର୍କରେ ପୃଥିବୀ ସଚେତ ହେଉ ।
୮ ଏପ୍ରିଲ, ୧୯୩୫ — ଶ୍ରୀମା

# ଚୈତ୍ୟସତ୍ତାର ଉନ୍ମୀଳନ

## (ଶ୍ରୀଅରବିନ୍ଦଙ୍କ ସହ ପ୍ରଶ୍ନୋତ୍ତର)

*ପ୍ରଶ୍ନ : ଶ୍ରୀମା ତାଙ୍କର କଥୋପକଥନରେ କହିଛନ୍ତି ଯେ ହୃଦୟର ଗଭୀର ନୀରବତାରେ ଏକ ଅଗ୍ନି ପ୍ରଜ୍ଜ୍ୱଳିତ ରହିଛି । ଏହି ଅଗ୍ନି କ'ଣ ଚୈତ୍ୟସତ୍ତା ?*

ଶ୍ରୀଅରବିନ୍ଦ : ଅଗ୍ନି ଏକ ସତ୍ତା ନୁହେଁ– ଏହା ହେଉଛି ଚୈତ୍ୟଅଗ୍ନି, ଅଭୀପ୍ସାର ଏକ ତୀବ୍ର ଅବସ୍ଥା ।

*ପ୍ରଶ୍ନ : ଚୈତ୍ୟସତ୍ତା କେଉଁଠି ରହିଛି ?*

ଶ୍ରୀଅରବିନ୍ଦ : ହୃତ୍‌କେନ୍ଦ୍ରର ପଶ୍ଚାତରେ, ଗଭୀରତା ମଧ୍ୟରେ ।

*ପ୍ରଶ୍ନ : ମା' କେତେକ ସମୟରେ କହନ୍ତି ଯେ ଅମୁକ ଲୋକର ବା ସମୁକ ଲୋକର ଚୈତ୍ୟସତ୍ତା ଉତ୍ତମ । କିଂତୁ ଏହା କ'ଣ ସତ୍ୟ ନୁହେଁ ଯେ ସମସ୍ତଙ୍କ ଭିତରେ ଚୈତ୍ୟସତ୍ତା ହେଉଛି ଭଗବାନଙ୍କର ଏକ ଅଂଶ, ତେଣୁ ସବୁସମୟରେ ଉତ୍ତମ ? ତା'ହେଲେ ମା' କାହିଁକି ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରେ ଏହି ପ୍ରଭେଦକୁ ସୂଚିତ କରନ୍ତି ?*

ଶ୍ରୀଅରବିନ୍ଦ : ଚୈତ୍ୟସତ୍ତା ବିକାଶ ଲାଭ କରେ, କେତେକଙ୍କ କ୍ଷେତ୍ରରେ ଏହା ଯଥେଷ୍ଟ ଶକ୍ତିଶାଳୀ ଏବଂ ମନ ଓ ପ୍ରାଣର ବାଧାବିଘ୍ନସବୁକୁ ସହଜରେ ଅତିକ୍ରମ କରିଯାଏ, ଆଉ କେତେକଙ୍କ କ୍ଷେତ୍ରରେ ଏହା କମ୍ ବିକଶିତ ହୋଇଥାଏ, ତେଣୁ ବାଧାବିଘ୍ନ ଅଧିକ ହୋଇଥାଏ ।

*ପ୍ରଶ୍ନ : ଯୋଗର ଶକ୍ତି ପ୍ରଥମେ ଚୈତ୍ୟସତ୍ତାର ମାଧ୍ୟମରେ ଆସି ତା'ପରେ ମନରେ ଏକ ଦ୍ରୁତ ପରିବର୍ତ୍ତନ ଆଣିଥାଏ– ଏହା ଠିକ୍ ନୁହେଁ କି ?*

ଶ୍ରୀଅରବିନ୍ଦ : ସବୁ ସମୟରେ ଏପରି ହୋଇ ନ ଥାଏ । ଅଧିକାଂଶ ବ୍ୟକ୍ତି ମନରେ କ୍ରିୟା କରୁଥିବା ଶକ୍ତିକୁ ନେଇ ସାଧନା ଆରମ୍ଭ କରିଥା'ନ୍ତି – ଯେତେବେଳେ କେବଳ ମନ ଓ ପ୍ରାଣ ତା' ପୂର୍ବରୁ କିଛି ପରିମାଣରେ ପରିବର୍ତ୍ତିତ ହୋଇଥାଆନ୍ତି, ସେତେବେଳେ ଚୈତ୍ୟସତ୍ତା ସମ୍ମୁଖ ଭାଗକୁ ଆସିବା ପାଇଁ ପ୍ରସ୍ତୁତ ହୁଏ ।

*ପ୍ରଶ୍ନ : ମାନସିକ, ପ୍ରାଣିକ ଓ ଦୈହିକ ସତ୍ତାର ସାହାଯ୍ୟ ବିନା ଚୈତ୍ୟସତ୍ତା କ'ଣ ସିଧାସଳଖ ନିଜକୁ ଅଭିବ୍ୟକ୍ତ କରିପାରିବ ?*

ଶ୍ରୀଅରବିନ୍ଦ : ମନ, ପ୍ରାଣ ଓ ଦେହ ହେଉଛନ୍ତି ଅଭିବ୍ୟକ୍ତିର ଯନ୍ତ୍ର । ଅବଶ୍ୟ ଚୈତ୍ୟସତ୍ତା ଆନ୍ତର କ୍ଷେତ୍ରରେ ବା ନିଜର ସ୍ତରରେ ସ୍ୱୟଂ ନାନା ଅଭିବ୍ୟକ୍ତି ଆଣିଦେଇ ପାରେ କିନ୍ତୁ ସ୍ଥୂଳ ସ୍ତରରେ ଅଭିବ୍ୟକ୍ତ ହେବା ପାଇଁ ଅନ୍ୟାନ୍ୟ ଅଂଶ ସବୁ ତାହାର ଯନ୍ତ୍ର ହୋଇଉଠିବା ପ୍ରୟୋଜନ ।

*ପ୍ରଶ୍ନ : ମନ ଓ ପ୍ରାଣର ପରିବର୍ତ୍ତନ ବିନା ଚୈତ୍ୟସତ୍ତାକୁ ସମ୍ମୁଖଭାଗକୁ ଆଣିବା ସମ୍ଭବ କି ?*

ଶ୍ରୀଅରବିନ୍ଦ : ନା । ସେମାନେ ଯଦି ପରିବର୍ତ୍ତିତ ହୋଇ ନ ଥିବେ, ସେମାନେ ଚୈତ୍ୟସତ୍ତାର ସମ୍ମୁଖ ଭାଗକୁ ଆସିବା ପାଇଁ ବାଧା ଦେବେ ।

*ପ୍ରଶ୍ନ : ଆଧ୍ୟାତ୍ମିକ ଓ ଚୈତ୍ୟ ଚେତନା ଭିତରେ କ'ଣ ପାର୍ଥକ୍ୟ ?*

ଶ୍ରୀଅରବିନ୍ଦ : ଅଧ୍ୟାତ୍ମ ହେଉଛି ମନର ଊର୍ଦ୍ଧ୍ୱରେ ରହିଥିବା ଚେତନା; ତାହା ହେଉଛି ଆତ୍ମା, ଯେକି ସବୁ ସମୟରେ ଭଗବାନଙ୍କ ସଙ୍ଗେ ଏକ ହୋଇ ରହିଥାଏ – ଆଧ୍ୟାତ୍ମିକ ଚେତନା ସବୁ ସମୟରେ ଭଗବାନଙ୍କ ସଙ୍ଗେ ଏକତ୍ୱ ସ୍ଥାପନ କରି ବା ଅନ୍ତତଃପକ୍ଷେ ସଂଯୋଗ ସ୍ଥାପନ କରି ରହିଥାଏ ।

ଚୈତ୍ୟ ହେଉଛି ଭଗବାନଙ୍କଠାରୁ ଆସିଥିବା ଏକ ସ୍ଫୁଲିଙ୍ଗ, ଯାହାକି ସମସ୍ତ ବସ୍ତୁ ଭିତରେ ରହିଛି ଏବଂ ବ୍ୟକ୍ତିର କ୍ରମବିବର୍ତ୍ତନ ସହିତ ଏହା ତାହା ଭିତରେ ବୃଦ୍ଧି ପାଉଥାଏ ଏବଂ ଚୈତ୍ୟସତ୍ତା ରୂପରେ ଅଭିବ୍ୟକ୍ତ ହୁଏ, ତାହାହିଁ ହେଉଛି ଅନ୍ତରାତ୍ମା ଯାହା ସବୁ ସମୟରେ ଭଗବାନଙ୍କୁ ଓ ଦିବ୍ୟସତ୍ୟକୁ ଖୋଜୁଥାଏ ଏବଂ

ଯେଉଁଠି ଓ ଯେତେବେଳେ ଏହା ସେହି ଭଗବାନଙ୍କର ଓ ଦିବ୍ୟସତ୍ୟର ସାକ୍ଷାତ୍ ପାଏ, ଏହା ତାହାର ଉତ୍ତର ଦିଏ ।

*ପ୍ରଶ୍ନ : ଭଗବାନ୍ ଓ ଅଧ୍ୟାତ୍ମ ଭିତରେ କ'ଣ ପାର୍ଥକ୍ୟ ?*

ଶ୍ରୀଅରବିନ୍ଦ : ଭଗବାନ୍ ସର୍ବତ୍ର ରହିଛନ୍ତି, ଏପରିକି ଅଜ୍ଞାନତା ଭିତରେ ମଧ୍ୟ ରହିଛନ୍ତି । ଏହି ଭଗବତ୍ ସତ୍ୟ କେବଳ ଅଧ୍ୟାତ୍ମରେ ଯେ ରହିଛନ୍ତି ତାହା ନୁହେଁ, ଏହି ସତ୍ୟ ମଧ୍ୟ ମନରେ, ପ୍ରାଣରେ ଓ ଶରୀରରେ ରହିଛନ୍ତି; ମନ, ପ୍ରାଣ ଓ ଦେହର ପଶ୍ଚାତରେ ଯାହା ରହିଛି, ତାହା ହେଉଛି ଅଧ୍ୟାତ୍ମ ।

*ପ୍ରଶ୍ନ : କ'ଣ ଅନେକଗୁଡ଼ିଏ ଚୈତ୍ୟସ୍ତର ରହିଛି ?*

ଶ୍ରୀଅରବିନ୍ଦ : ନା, କେବଳ ଗୋଟିଏ ମାତ୍ର ଚୈତ୍ୟସ୍ତର ରହିଛି ।

*ପ୍ରଶ୍ନ : ଜଣେ ବ୍ୟକ୍ତି, ଯାହାର ଚୈତ୍ୟସତ୍ତା ଯଥେଷ୍ଟ ବିକଶିତ ହୋଇ ନାହିଁ, ସେ ତା'ର ପ୍ରକୃତିର ମୌଳିକ ବାଧାବିଘ୍ନଗୁଡ଼ିକୁ କ'ଣ ଅତିକ୍ରମ କରିପାରେ ?*

ଶ୍ରୀଅରବିନ୍ଦ : ନା, ତା' ନିଜର ସାମର୍ଥ୍ୟ ଦ୍ୱାରା ନୁହେଁ, କିନ୍ତୁ ଭଗବତ୍ କୃପାର ସମର୍ଥନ ଦ୍ୱାରା ତାହା ସେ କରିପାରେ ।

*ପ୍ରଶ୍ନ : ଏହା କ'ଣ ସତ୍ୟ ଯେ ଯଦି ଚୈତ୍ୟସତ୍ତା ସମ୍ମୁଖଭାଗକୁ ଆସେ, ତେବେ ସମସ୍ତ ପ୍ରକାର ସନ୍ଦେହ ଓ ବାଧାବିଘ୍ନ ଦ୍ରୁତଗତିରେ ଲୋପ ହୋଇଯାଇ ପାରେ ?*

ଶ୍ରୀଅରବିନ୍ଦ : ହଁ ।

*ପ୍ରଶ୍ନ : ଚୈତ୍ୟସତ୍ତାକୁ କିପରି ଭାବରେ ସମ୍ମୁଖକୁ ଅଣାଯାଇ ପାରିବ ? ଭୁଲ୍ ଗତିବୃତ୍ତିଗୁଡ଼ିକୁ ଏଡ଼ାଇ ଯାଇ ପାରିବା ଦ୍ୱାରା ତାହା ସମ୍ଭବ କି ?*

ଶ୍ରୀଅରବିନ୍ଦ : ତାହା ହେଉଛି ଏକ ନେତିବାଚକ ପଥ; ଇତିବାଚକ ପଥ ହେଉଛି ଭଗବାନଙ୍କ ପ୍ରତି ଆନୁଗତ୍ୟ, ଭକ୍ତି ଓ ସମର୍ପଣ ।

*ପ୍ରଶ୍ନ : ଦୈହିକ ଚେତନାକୁ ନମନୀୟ ରଖିବା ଦ୍ୱାରା ଚୈତ୍ୟସତ୍ତାକୁ କ'ଣ ସମ୍ମୁଖକୁ ଅଣାଯାଇପାରେ ଓ ସେଠାରେ ସଦାସର୍ବଦା ପ୍ରତିଷ୍ଠିତ କରି ରଖାଯାଇ ପାରେ ?*

ଶ୍ରୀଅରବିନ୍ଦ : ନା, ବରଂ ତାହା ହେଉଛି ଦେହ-ଚେତନା ଉପରେ କ୍ରିୟା କରୁଥିବା ଆଧ୍ୟାତ୍ମିକ ଓ ଚୈତ୍ୟ ବିକାଶର ପରିଣତି ।

*ପ୍ରଶ୍ନ : ଆଜିକାଲି ମୁଁ ନିବିଡ଼ ଭାବରେ ଏକ ବେଦନା ଅନୁଭବ କରୁଛି ଯାହାକି ମୋ ଚକ୍ଷୁରେ ଲୋତକର ଧାରା ଆଣିଦେଉଛି । ଏଥିରେ କୌଣସି ପ୍ରକାର ଅସ୍ଥିରତା ବା ବିକ୍ଷୁବ୍ଧତା ନାହିଁ, ବରଂ ନୀରବ ସ୍ଥିରତା, ଶୁଦ୍ଧତା ଓ ଗୁରୁଗମ୍ଭୀର ଭାବ ରହୁଛି । ଏହାକୁହିଁ କ'ଣ ଚୈତ୍ୟ ବେଦନା କୁହାଯାଏ ?*

ଶ୍ରୀଅରବିନ୍ଦ : ହଁ, ଏହି ଧରଣର ଏକ ଚୈତ୍ୟ ବେଦନା ରହିଛି – କିନ୍ତୁ ଚୈତ୍ୟ ଅଶ୍ରୁ ଦୁଃଖପୂର୍ଣ୍ଣ ହେବାର କୌଣସି ଆବଶ୍ୟକତା ନାହିଁ, ଭାବାବେଗ ଓ ଆନନ୍ଦର ଅଶ୍ରୁ ମଧ୍ୟ ରହିଛି । ❖

---

କାର୍ଯ୍ୟ କରିବାର କ୍ଷେତ୍ରରେ, ତୁମେ ଯେଉଁ ମୁହୂର୍ତ୍ତରେ କାର୍ଯ୍ୟଟିକୁ କରିବାକୁ ଯାଉଛ, ସେହି ବର୍ତ୍ତମାନ ମୁହୂର୍ତ୍ତଟି ହେଉଛି ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ । ଅତୀତ ସେତେବେଳେ ତୁମ ଲାଗି ଏକ ବାଧା ହୋଇ ମୋଟେ ଠିଆ ହୋଇ ନ ଥିବ ଏବଂ ଭବିଷ୍ୟତ୍ ମଧ୍ୟ ତୁମକୁ ଆଉ କୁଆଡ଼େ ଟାଣିନେଇ ଯାଉ ନ ଥିବ ।

*୨୧ ଡିସେମ୍ବର, ୧୯୫୪*

– ଶ୍ରୀମା

# ଅନ୍ତରସ୍ଥ ଦିବ୍ୟ-ଉପସ୍ଥିତି

## ଶ୍ରୀମା

ଆମ ଭିତରେ ଯାହାକିଛି ଅନ୍ତରସ୍ଥ ଭଗବାନଙ୍କୁ ପୂର୍ଣ୍ଣଭାବରେ ଉତ୍ସର୍ଗୀକୃତ ନହୋଇ ରହିଛି ତାହା ଉପରେ ସବୁଆଡ଼େ ଭିଡ଼ ଜମାଇ ରହିଥିବା ନାନା ବସ୍ତୁମାନଙ୍କର ଅଧିକାର ରହିଥାଏ । ଏହି ବସ୍ତୁଗୁଡ଼ିକ ଆମକୁ ଚତୁର୍ଦ୍ଦିଗରେ ଘେରି ରହିଛନ୍ତି ଓ ଭୁଲ୍‌ରେ ଆମେ ଯାହାକୁ 'ଆମେ ନିଜେ' ବୋଲି କହୁ ତାହା ଉପରେ ଏଗୁଡ଼ିକ କ୍ରିୟା କରିଥାଆନ୍ତି — ହୁଏତ ଆମର ଇନ୍ଦ୍ରିୟାନୁଭୂତିଗୁଡ଼ିକ ମାଧ୍ୟମରେ କିଂବା ସିଧାସଳଖ ମନକୁ ନାନା ପ୍ରରୋଚନା ଯୋଗାଇ ।

ଏକ ସଚେତ ସତ୍ତା ହେବାର ଏକମାତ୍ର ବାଟ ହେଉଛି ଯଥାର୍ଥରେ ଆମେ ଯାହା, ତାହା ହୋଇଉଠିବା; ସମସ୍ତଙ୍କ ଭିତରେ ଯେଉଁ ଭଗବତ୍ ଆତ୍ମସତ୍ତା ରହିଛି ତାହା ସହିତ ମିଳିତ ହୋଇଯିବା ଓ ଏକ ହୋଇଯିବା । ଏହା କରିବାକୁ ହେଲେ ଏକାଗ୍ରତା ଓ ଅଭିନିବେଶ ସାହାଯ୍ୟରେ ସମସ୍ତ ବାହ୍ୟ ପ୍ରଭାବରୁ ଆମ ନିଜକୁ ପୃଥକ୍ ରଖିବାକୁ ହେବ ।

ତୁମେ ଯେତେବେଳେ ନିଜ ଅନ୍ତରସ୍ଥ ଦିବ୍ୟ-ଉପସ୍ଥିତି ସହ ଏକ ହୋଇଯାଅ ସେତେବେଳେ ତୁମେ ଅନ୍ୟ ସମସ୍ତ ବସ୍ତୁ ସହ ସେମାନଙ୍କ ସତ୍ତାର ଗଭୀରରେ ଏକ ହୋଇଯାଅ । କେବଳ ଏହାରି ଦ୍ୱାରା ଏବଂ ଏହାରି ମାଧ୍ୟମରେହିଁ ତୁମେ ସେମାନଙ୍କ ସହ ଯଥାର୍ଥ ସମ୍ପର୍କ ସ୍ଥାପନ କର । ସେତେବେଳେ କୌଣସି ଆକର୍ଷଣ ବା ବିକର୍ଷଣର ଭାବ ନରଖି ଯାହାସବୁ ସେହି ଦିବ୍ୟ-ଉପସ୍ଥିତିର ନିକଟତର, ତୁମେ ଆପେ ଆପେ ସେଗୁଡ଼ିକର ନିକଟତର ହୁଅ ଏବଂ ଯାହା ସେହି ଦିବ୍ୟ-ଉପସ୍ଥିତିର ଦୂରରେ ତୁମେ ମଧ୍ୟ ସେଗୁଡ଼ିକଠାରୁ ଦୂରେଇ ଯାଅ ।

ଅନ୍ୟମାନଙ୍କ ସଙ୍ଗେ ବାସ କରିବା ବେଳେ ତୁମେ ଯେପରି ବରାବର ଏକ ଦୃଷ୍ଟାନ୍ତ ହୋଇ ରୁହ ଓ ସେମାନେ ଦିବ୍ୟଜୀବନକୁ ବୁଝିବା ପାଇଁ ଓ ସେହି ପଥରେ ପ୍ରବେଶ କରିବା ପାଇଁ ତୁମେହିଁ ଯେପରି ସେମାନଙ୍କ ଆଗରେ ହୋଇଉଠ ସେମାନଙ୍କୁ ମିଳିଥିବା ଏକ ଉପଲକ୍ଷ୍ୟ, ଏକ ସୁଯୋଗ । ଆଉ ଅଧିକ କିଛି ନୁହେଁ; ଏପରିକି ସେମାନଙ୍କୁ ସେହି ପଥରେ ଆଗେଇ ନେବା ପାଇଁ ମଧ୍ୟ ତୁମ ଭିତରେ କୌଣସି ଇଚ୍ଛା ବା ବାସନା ରହିବା ଉଚିତ ନୁହେଁ । କାରଣ ତାହା ହେବ ଏକ ପ୍ରକାର ସ୍ୱେଚ୍ଛାଚାର, ନିଜର ଇଚ୍ଛାକୁ ସେମାନଙ୍କ ଉପରେ ଜାହିର କରିବା ।

ଯେପର୍ଯ୍ୟନ୍ତ ତୁମେ ନିଷ୍ପତ୍ତିମୂଳକ ଭାବେ ଭିତରର ଦିବ୍ୟସତ୍ୟ ସଙ୍ଗେ ମିଳିତ ନ ହୋଇଛ, ସେପର୍ଯ୍ୟନ୍ତ ବାହାର ସଙ୍ଗେ ତୁମ ସମ୍ପର୍କ ରଖିବାର ସର୍ବୋତ୍ତମ ପନ୍ଥା ହେଉଛି ସେହିମାନଙ୍କର ସର୍ବସମ୍ମତ ଉପଦେଶକୁ ମାନିଚଳିବା, ଯେଉଁମାନେ ନିଜେ ଅନ୍ତରସ୍ଥ ସେହି ଦିବ୍ୟସତ୍ୟ ସହ ଏକ ଓ ମିଳିତ ହୋଇଯିବାର ଉପଲବ୍ଧି ପାଇ ସାରିଛନ୍ତି ।

ନିରନ୍ତର ଏକ ଉଦାର ସଦିଚ୍ଛାର ଭାବ ପୋଷଣ କରିବାକୁ ହେବ; ନିଜ ପାଇଁ ସର୍ବଦା ଏହି ଆଚରଣବିଧି ସ୍ଥିର କରି । ଯେକୌଣସି ବିଷୟରେ ନିଜେ ଯେପରି କଷ୍ଟ ନପାଅ, ବିବ୍ରତ ବା ବିକ୍ଷୁବ୍ଧ ନହୁଅ ଏବଂ ଅନ୍ୟମାନଙ୍କର ବିବ୍ରତ ବିକ୍ଷୁବ୍ଧ ହେବାର କାରଣ ନ ହୁଅ । ଯେତେଦୂର ସମ୍ଭବ ଯେପରି ତୁମଠାରୁ ଅନ୍ୟମାନଙ୍କର କୌଣସି ଦୁଃଖ ଓ କ୍ଲେଶଭୋଗ ନଆସେ । ❖

# ଶ୍ରୀମା'ଙ୍କର ଏକ ଅନୁଭୂତି
## (ଜୁଲାଇ ୧, ୧୯୭୦)

ମୋର ଏକ ଅନୁଭୂତି ହୋଇଥିଲା; ଯାହାକି ମୋ ଭିତରେ ଖୁବ୍ ଆଗ୍ରହ ସୃଷ୍ଟି କରିଥିଲା, କାରଣ ଏଇ ଧରଣର ଅନୁଭୂତି ମୁଁ ପ୍ରଥମଥର ପାଇଁ ପାଇଥିଲି । ଗତକାଲି ବା ବୋଧହୁଏ ତା' ପୂର୍ବଦିନ, ମୋର ଠିକ୍ ମନେ ନାହିଁ, 'କ'* ମୋର ଠିକ୍ ଆଗରେ ରହିଥିଲେ ଏବଂ ମୁଁ ତାଙ୍କ ଚୈତ୍ୟସତ୍ତାକୁ ଦେଖିଥିଲି ଓ ତାହା ତାଙ୍କ ଶରୀରକୁ ଧରି ତା' ଅପେକ୍ଷା ଏତିକି (ପ୍ରାୟ ୨୦ ସେଣ୍ଟିମିଟରକୁ ସୂଚିତ କରି) ଅଧିକ ଉଚ୍ଚ ହୋଇ ରହିଥିଲା । ପ୍ରଥମ ଥର ପାଇଁ ମୁଁ ଏପରି ଦେଖିଥିଲି । ତାଙ୍କ ଶରୀର ସତ୍ତା ଟିକେ ଛୋଟ କାଟର କିନ୍ତୁ ତାଙ୍କ ଚୈତ୍ୟସତ୍ତା ଏତେ ବଡ଼ ଦିଶୁଥିଲା । ଏବଂ ଏହା ଥିଲା ଏକ ଲିଙ୍ଗହୀନ ସତ୍ତା, ପୁରୁଷ ନୁହେଁ କି ସ୍ତ୍ରୀ ନୁହେଁ । ସେତେବେଳେ ମୁଁ ନିଜକୁ କହିଲି (ସମ୍ଭବତଃ ଏହା ବରାବର ଏହିପରି, ମୁଁ ଜାଣେନା, କିନ୍ତୁ ଏଥରକ ମୁଁ ଏହା ଅତି ସ୍ପଷ୍ଟ ଭାବରେ ଲକ୍ଷ୍ୟ କରିଥିଲି); ମୁଁ ନିଜକୁ କହିଲି ''ଏହାହିଁ ତ ଚୈତ୍ୟସତ୍ତା, ନିଜକୁ ବାସ୍ତବ ଆକାର ଦେଇ ଏହାହିଁ ବସ୍ତୁଜଗତରେ ପ୍ରକାଶିତ ହେବ ଏବଂ ଅତିମାନସ ସତ୍ତାରେ ପରିଣତ ହେବ ।''

ମୁଁ ଏହାକୁ ଦେଖିଥିଲି ଏବଂ ଏହା ଏହିପରି ଥିଲା । ଏହାର ନାନା ବୈଶିଷ୍ଟ୍ୟ ଥିଲା କିନ୍ତୁ ସେଗୁଡ଼ିକ ସୁନିର୍ଦ୍ଦିଷ୍ଟ ରୂପରେ ଚିହ୍ନିତ ହୋଇ ନଥିଲା; ତେବେ ସ୍ପଷ୍ଟ ଭାବରେ ଏହା ଏପରି ଏକ ସତ୍ତା ଥିଲା ଯାହା ପୁରୁଷ ନୁହେଁ କି ନାରୀ ନୁହେଁ, ଉଭୟର ମିଳିତ ଲକ୍ଷଣ ବା ଗୁଣଧର୍ମ ସବୁ ଏଥିରେ ରହିଥିଲା । ଏବଂ ଏହା ବ୍ୟକ୍ତିଙ୍କର ଆକୃତିଠାରୁ ବୃହତ୍ତର ଥିଲା ଏବଂ ସବୁଆଡୁ ଏହା ସେହି ବ୍ୟକ୍ତିଙ୍କ ଆକୃତିକୁ ଟପି ଉପରକୁ ରହିଥିଲା ପ୍ରାୟ ଏତିକି ପରିମାଣରେ (ଏହା ଶରୀର ଆକୃତିଠାରୁ ପ୍ରାୟ ୨୦ ସେଣ୍ଟିମିଟର ଅଧିକ ରହିଥିବାର ମା' ସୂଚିତ କଲେ ଏକ ଅଙ୍ଗଭଙ୍ଗୀ ଦ୍ୱାରା); ସେ ସେଠାରେ ରହିଥିଲେ ଏବଂ ଏହା ଏହିପରି ଥିଲା (ସେଇ ପୂର୍ବର ଅଙ୍ଗଭଙ୍ଗୀ) । ଏବଂ ତାହାର ବର୍ଣ୍ଣ... ଏହି ବର୍ଣ୍ଣ ଥିଲା... ଯଦି ତାହା ପୂରା ବାସ୍ତବ, ବସ୍ତୁଗତ ରୂପ ନିଏ ତେବେ ସେହି ରଙ୍ଗଟି ହେବ ଅରୋଭିଲ୍‌ର ରଙ୍ଗ (ନାରଙ୍ଗୀ) । ଏହା ଥିଲା ଟିକେ ଝାପ୍‌ସା, ଯେପରିକି କୌଣସି ସୂକ୍ଷ୍ମ ପରଦା ପଛରେ ରହିଛି, ଏହା ପୂରା ସୁନିର୍ଦ୍ଦିଷ୍ଟ ହୋଇ ଦିଶୁ ନଥିଲା, କିନ୍ତୁ ରଙ୍ଗଟି ଥିଲା ସେଇ ରଙ୍ଗ ।... ମୁଣ୍ଡ ଉପରେ କେଶ ରହିଥିଲା କିନ୍ତୁ... ଏହା ଥିଲା ଟିକେ ଅନ୍ୟ ଧରଣର । ଅନ୍ୟଥର ମୁଁ ବୋଧହୁଏ ଅଧିକ ଭଲ ଭାବରେ ଦେଖି ପାରିବି । କିନ୍ତୁ ଏହା ମୋ ଭିତରେ ଖୁବ୍ ଆଗ୍ରହ ସୃଷ୍ଟି କରିଥିଲା, କାରଣ ସତେ ଯେପରି ସେହି ସତ୍ତା ମୋତେ କହୁଥିଲା, ''ଅତିମାନସ କେଉଁ ଧରଣର ସତ୍ତା ହେବ – ସେ ନେଇ ତ ତୁମେ ବ୍ୟସ୍ତ ଥିଲ, ବର୍ତ୍ତମାନ ଏହା ଦେଖୁଛ ତ, ଏହାହିଁ ସେହି ସତ୍ତା ।'' ଏବଂ ଏହା ସେଠାରେ ରହିଥିଲା । ଏହାହିଁ ଥିଲା ସେହି ବ୍ୟକ୍ତିଙ୍କର ଚୈତ୍ୟସତ୍ତା ।

ସୁତରାଂ ଏହିପରି ଭାବରେ ଆମେ ଜିନିଷଟି ବୁଝୁ । ଏହିପରି ଭାବରେ ଆମେ ବୁଝୁ; ଚୈତ୍ୟସତ୍ତା ନିଜକୁ ବାସ୍ତବ ରୂପ ଦେଇ ବସ୍ତୁଜଗତରେ ପ୍ରକାଶିତ ହେବ ଏବଂ ତାହାହିଁ ହେବ ବିବର୍ତ୍ତନ ବା କ୍ରମ-ପରିମାଣର ଏକ ଧାରାବାହିକତା । ଏହି ସୃଷ୍ଟି ପୂରାପୂରି ଏହି ଅନୁଭବ ଆଣିଦିଏ ଯେ ଏଠାରେ ବାଧ୍ୟତାମୂଳକ ଯଥେଚ୍ଛାଚାର କିଛି ନାହିଁ, ସବୁକିଛି ପଛରେ ଏକ ଦିବ୍ୟଯୁକ୍ତି ରହିଛି ଏବଂ ଏହା ଆମ ମଣିଷମାନଙ୍କ ଯୁକ୍ତି ପରି ନୁହେଁ, ଏହା ଆମର ଯୁକ୍ତିଠାରୁ ଅନେକ ଶ୍ରେଷ୍ଠ, ଅନେକ ମହତ୍ତର – କିନ୍ତୁ ଏକ ଯୁକ୍ତି ରହିଛି ଏବଂ ମୁଁ ଯେତେବେଳେ ତାହା ଦେଖିଲି ତହିଁରେ ମୋର ପୂର୍ଣ୍ଣ ସନ୍ତୋଷ ଆସିଲା ।

ଏହା ପ୍ରକୃତରେ ଖୁବ୍ ଆଗ୍ରହଜନକ ଏବଂ ମୁଁ ଏ ସମ୍ପର୍କରେ ଖୁବ୍ ଆଗ୍ରହାନ୍ୱିତ ହୋଇ ପଡ଼ିଥିଲି । ଏହା ସେଠାରେ ରହିଥିଲା, ସ୍ଥିର, ପ୍ରଶାନ୍ତ ଓ ନୀରବ, ଏବଂ ଏହା ମୋତେ କହିଲା, ''ତୁମେ ଖୋଜୁଥିଲ, ଜାଣିବାକୁ ଚାହିଁଥିଲ, ବର୍ତ୍ତମାନ ଏହାକୁ ଦେଖ, ହଁ, ଏହାହିଁ ସେହି ବସ୍ତୁ ।''

ଏବଂ ସେତେବେଳେ ମୁଁ ବୁଝିଲି କାହିଁକି ମନ ଓ ପ୍ରାଣକୁ ମୋର ଏହି ଶରୀରରୁ ବାହାର କରି ନିଆଯାଇଛି, କେବଳ ଚୈତ୍ୟସତ୍ତାକୁ ରଖି ଦିଆଯାଇଛି – ଅବଶ୍ୟ ସ୍ୱାଭାବିକ ଭାବରେ ଏହି ଚୈତ୍ୟସତ୍ତାହିଁ ସବୁ ସମୟରେ ସମସ୍ତ ଗତିବୃତ୍ତିକୁ ଶାସିତ

* 'କ' ଜଣେ ସାଧିକା ।

ଓ ପରିଚାଳିତ କରୁଥିଲା, ତେଣୁ ଏଥିରେ ନୂଆ କିଛି ନାହିଁ, କିନ୍ତୁ ଏଣିକି ଆଉ କୌଣସି ଅସୁବିଧା ନାହିଁ : ମନ ଓ ପ୍ରାଣରୁ ଯେଉଁସବୁ ଜଟିଳତା ଆସୁଥିଲା, ପୁଣି ତା' ସଙ୍ଗରେ ସେମାନଙ୍କର ଯେଉଁସବୁ ଛାପ ଓ ପ୍ରବୃତ୍ତିଗୁଡ଼ିକ ମିଶି ଯାଉଥିଲା, ବର୍ତ୍ତମାନ ସେସବୁ ଚାଲିଯାଇଛି । ଏବଂ ମୁଁ ବୁଝି ପାରିଲି ଯେ ''ଆଃ, ଏହାହିଁ ସେହି ଜିନିଷ, ଏହି ଚୈତ୍ୟସତ୍ତାକୁହିଁ ଅତିମାନସ ସତ୍ତାରେ ପରିଣତ ହେବାକୁ ହେବ ।''

କିନ୍ତୁ ମୁଁ କେବେ ଜାଣିବାକୁ ଚାହିଁ ନଥିଲି ଏହାର ଚେହେରା ବା ରୂପ କିପରି ହେବ । ମୁଁ ଯେତେବେଳେ 'କ'ଙ୍କୁ ଦେଖିଲି, ମୁଁ ସେତେବେଳେ ବୁଝିପାରିଲି । ମୁଁ ତାହା ଦେଖିଲି, ମୁଁ ବର୍ତ୍ତମାନ ମଧ୍ୟ ତାହା ଦେଖି ପାରୁଛି, ସେଇ ସ୍ମୃତିଟିକୁ ବଜାୟ ରଖିଛି । ମନେ ହେଉଛି ସେହି ମସ୍ତକ ଉପରର କେଶଗୁଡ଼ିକର ରଙ୍ଗ ଥିଲା ଲାଲ (କିନ୍ତୁ ଠିକ୍ ପୂରାପୂରି ସେପରି ନଥିଲା) । ଏବଂ ଏହାର ମୁଖଭାବର ପ୍ରକାଶ, ସେହି ପ୍ରକାଶର ଭାବଭଙ୍ଗୀ ଥିଲା ଏତେ ସୁନ୍ଦର, ମଧୁର ଶ୍ଳେଷମିଶ୍ରିତ, ଏତେ ଚମତ୍କାର, ଆଃ, ଅପୂର୍ବ ! ଅସାଧାରଣ ।

ଏବଂ ତୁମେ ବୁଝୁଛୁ ତ; ମୋର ଆଖି ଖୋଲା ଥିଲା, ଏହା ପାଖାପାଖି ଏକ ସ୍ଥୂଳବସ୍ତୁର ଦୃଶ୍ୟ ପରି ଥିଲା ।

ଏହିପରି ଭାବରେ ଆମେ ବୁଝିଥାଉ । ହଠାତ୍ ମୁହୂର୍ତ୍ତକରେ ସମସ୍ତ ପ୍ରଶ୍ନ କେଉଁଆଡ଼େ ଉଭେଇଗଲା, ସବୁର ମୀମାଂସା ମିଳିଗଲା, ଅତିସ୍ୱଚ୍ଛ, ଅତି ସରଳ ।

(*ନୀରବତା*)

ଏବଂ ନିର୍ଦ୍ଦିଷ୍ଟ ଭାବରେ କେବଳ ଚୈତ୍ୟସତ୍ତାହିଁ ତିଷ୍ଠି ରହେ । ସୁତରାଂ ଏହା ଯଦି ବସ୍ତୁଗତ ରୂପରେ ସ୍ଥୂଳ ବାସ୍ତବରେ ନିଜକୁ ରୂପାୟିତ କରେ, ତା' ହେଲେ ତା'ର ଅର୍ଥ ହେବ ମୃତ୍ୟୁର ଉଚ୍ଛେଦ । କିନ୍ତୁ 'ଉଚ୍ଛେଦ'... କୌଣସି କିଛିର ଉଚ୍ଛେଦ ହୁଏ ନାହିଁ, କେବଳ ଯାହାକିଛି ଦିବ୍ୟସତ୍ୟ ସଙ୍ଗେ ସଙ୍ଗତି ରଖିପାରେ ନାହିଁ ତାହାକୁହିଁ ବିଦାୟ ନେବାକୁ ପଡ଼େ, ତାହାରହିଁ ଉଚ୍ଛେଦ ହୁଏ... ଯାହାକିଛି ଚୈତ୍ୟସତ୍ତାର ରୂପାଦର୍ଶରେ ନିଜକୁ ରୂପାନ୍ତରିତ କରିବା ପାଇଁ ଅସମର୍ଥ, ଏବଂ ଚୈତ୍ୟସତ୍ତାର ଏକ ପୂର୍ଣ୍ଣାଙ୍ଗ ଅଂଶରେ ପରିଣତ ହେବା ପାଇଁ ଅସମର୍ଥ, ତାହାକୁହିଁ ବିଦାୟ ନେବାକୁ ପଡ଼େ ।

ବାସ୍ତବରେ ଏହା ଖୁବ୍ ଆଗ୍ରହର ବିଷୟ ।

(CWM, Vol. 11, *Notes on the Way*, pp. 238 - 239)

ଭଗବତ୍ ଦିବ୍ୟ-ଉପସ୍ଥିତି ତୁମ ନିଜ ଭିତରେହିଁ ରହିଛି । ଏହା ତୁମ ଭିତରେ ରହିଛି । ତୁମେ ଏହାକୁ ଖୋଜୁଛ ବାହାରେ; ନିଜ ଭିତରକୁ ଚାହଁ । ଏହା ତୁମ ଭିତରେହିଁ ରହିଛି । ସେହିଠାରେହିଁ ରହିଛି ଦିବ୍ୟ-ଉପସ୍ଥିତି । ଶକ୍ତି ପାଇବାର ଆଶା ନେଇ ତୁମେ ଅନ୍ୟମାନଙ୍କଠାରୁ ପ୍ରଶଂସା ଚାହୁଁଛ – ତୁମେ ତାହା କେବେହେଲେ ପାଇବ ନାହିଁ । ଶକ୍ତି ରହିଛି ତୁମ ନିଜ ଭିତରେ । ଯଦି ଚାହଁ, ତେବେ ଯାହା ସର୍ବୋତ୍ତମ ଲକ୍ଷ୍ୟ, ସର୍ବୋତ୍ତମ ଆଲୋକ, ସର୍ବୋତ୍ତମ ଜ୍ଞାନ, ପରମ ସର୍ବୋତ୍ତମ ପ୍ରେମ ବୋଲି ତୁମର ମନେହୁଏ, ତାହା ପାଇଁ ଅଭୀପ୍ସା କରିପାର । କିନ୍ତୁ ତାହା ରହିଛି ତୁମ ନିଜ ଭିତରେ – ତା' ନ ହୋଇଥିଲେ ତୁମେ କେବେହେଲେ ତାହା ସହିତ ସଂଯୋଗ ସ୍ଥାପନ କରିବା ପାଇଁ ସକ୍ଷମ ହୋଇ ପାରନ୍ତ ନାହିଁ । ତୁମେ ଯଦି ନିଜ ଭିତରେ ଅଧିକରୁ ଅଧିକ ଗଭୀରକୁ ପ୍ରବେଶ କର, ତେବେ ଦେଖିବ ସେଠାରେ ତାହା ବିଦ୍ୟମାନ ହୋଇ ରହିଛି ଏକ ଅଗ୍ନିଶିଖା ରୂପେ, ଯାହାକି ନିତ୍ୟ ନିରନ୍ତର ସିଧା ଊର୍ଦ୍ଧ୍ୱକୁ ନିଜର ଶିଖା ବିସ୍ତାର କରି ପ୍ରଜ୍ୱଳିତ ହୋଇ ଚାଲିଛି ।

(CWM. Vol. 15, pp. 399 - 400) — ଶ୍ରୀମା

**ଶ୍ରୀଅରବିନ୍ଦଙ୍କର କାଳଜୟୀ ପତ୍ରାବଳୀ :**

# ମୃଣାଳିନୀ ଦେବୀଙ୍କୁ ଲିଖିତ ପତ୍ର

୩୦ ଅଗଷ୍ଟ

ପ୍ରିୟତମା ମୃଣାଳିନୀ,

ତୁମର ୨୪ ଅଗଷ୍ଟର ପତ୍ର ପାଇଲି । ତୁମ ବାପା-ମା'ଙ୍କର ପୁନର୍ବାର ଦୁଃଖ ହୋଇଛି ଶୁଣି ଦୁଃଖିତ ହେଲି, ତାଙ୍କର କେଉଁ ପୁତ୍ରଟି ପରଲୋକ ଗମନ କରିଛି ତାହା ତୁମେ ଲେଖି ନାହଁ । ଦୁଃଖ ହେବା ଖୁବ୍ ସ୍ୱାଭାବିକ, କିନ୍ତୁ ଦୁଃଖ କରି ଲାଭ କ'ଣ ? ସଂସାରରେ ସୁଖ ଅନ୍ୱେଷଣ କଲେ ସେହି ସୁଖ ମଧ୍ୟରେ ଦୁଃଖ ଦେଖା ଦିଏ, ଦୁଃଖ ସର୍ବଦା ସୁଖ ସଙ୍ଗେ ସଙ୍ଗେ ରହିଥାଏ । ଏହି ନିୟମ ଯେ କେବଳ ପୁତ୍ରକାମନା ସମ୍ବନ୍ଧରେ ଘଟେ ତାହା ନୁହେଁ, ବରଂ ଏହା ସକଳ ସାଂସାରିକ କାମନାର ଅନିବାର୍ଯ୍ୟ ପରିଣତି । ଧୀର ଚିତ୍ତରେ ସକଳ ସୁଖ-ଦୁଃଖ ଭଗବାନଙ୍କ ଚରଣରେ ଅର୍ପଣ କରିବାହିଁ ମନୁଷ୍ୟର ଏକମାତ୍ର ଉପାୟ ।

ମୁଁ କୋଡ଼ିଏ ଟଙ୍କା ନ ପଢ଼ି ଦଶ ଟଙ୍କା ପଢ଼ିଥିଲି, ତେଣୁ ଦଶ ଟଙ୍କା ପଠାଇବି ବୋଲି ଲେଖିଥିଲି । ପନ୍ଦର ଟଙ୍କା ଯଦି ଦରକାର, ପନ୍ଦର ଟଙ୍କାହିଁ ପଠାଇବି । ଏ ମାସରେ ସରୋଜିନୀ ତୁମ ପାଇଁ ଦାର୍ଜିଲିଂରେ ଲୁଗା କିଣିଛି, ତା'ର ଟଙ୍କା ପଠାଇ ଦେଇଛି । ତୁମେ ଯେ ଏଆଡ଼େ ଧାର କରି ବସିଛ, ତାହା କିପରି ଜାଣିବି ? ପନ୍ଦର ଟଙ୍କା ଲାଗିଥିଲା, ପଠାଇଛି; ଆଉ ତିନି ଚାରି ଟଙ୍କା ଲାଗିବ, ତାହା ଆଗାମୀ ମାସରେ ପଠାଇବି । ତୁମ ପାଖକୁ ଏଥର କୋଡ଼ିଏ ଟଙ୍କା ପଠାଇବି ।

ବର୍ତ୍ତମାନ ସେହି ବିଷୟରେ ଲେଖୁଛି । ତୁମେ ବୋଧହୁଏ ଏ ମଧ୍ୟରେ ବୁଝିପାରିଛ ଯେ ଯେଉଁ ଲୋକର ଭାଗ୍ୟ ସଙ୍ଗେ ତୁମର ଭାଗ୍ୟ ଜଡ଼ିତ, ସେ ବଡ଼ ବିଚିତ୍ର ଧରଣର ଲୋକ । ଏହି ଦେଶରେ ଆଜିକାଲିକାର ଲୋକଙ୍କର ଯେପରି ମନୋଭାବ, ଜୀବନର ଉଦ୍ଦେଶ୍ୟ, କର୍ମର କ୍ଷେତ୍ର, ମୋର କିନ୍ତୁ ସେପରି ନୁହେଁ । ମୋର ସବୁ ବିଷୟରେହିଁ ଭିନ୍ନ, ଅସାଧାରଣ । ସାଧାରଣ ଲୋକ ଅସାଧାରଣ ମତ, ଅସାଧାରଣ ଚେଷ୍ଟା, ଅସାଧାରଣ ଉଚ୍ଚ ଆଶା ସମ୍ବନ୍ଧରେ ଯାହା କହନ୍ତି ତାହା ତୁମେ ବୋଧହୁଏ ଜାଣ, ଏହିସବୁ ଭାବକୁ ପାଗଳାମି କହନ୍ତି; ତେବେ ପାଗଳର କର୍ମକ୍ଷେତ୍ରରେ ସଫଳତା ଦେଖାଗଲେ, ତାକୁ ଆଉ ପାଗଳ ନ କହି ପ୍ରତିଭାବାନ୍ ମହାପୁରୁଷ କୁହାଯାଏ । କିନ୍ତୁ କେତେଜଣଙ୍କର ଚେଷ୍ଟା ସଫଳ ହୁଏ ? ହଜାର ଲୋକଙ୍କ ମଧ୍ୟରେ ଦଶଜଣ ଅସାଧାରଣ, ସେହି ଦଶଜଣଙ୍କ ମଧ୍ୟରେ ଜଣେ କୃତକାର୍ଯ୍ୟ ହୁଏ । ମୋର କର୍ମକ୍ଷେତ୍ରରେ ସଫଳତା ତ ଦୂରର କଥା, ସମ୍ପୂର୍ଣ୍ଣ ଭାବରେ ଏପର୍ଯ୍ୟନ୍ତ କର୍ମକ୍ଷେତ୍ରରେ ଅବତରଣ ମଧ୍ୟ କରିପାରି ନାହିଁ, ଅତଏବ ମୋତେ ପାଗଳ ବୋଲି ଜାଣିବ । ପାଗଳ ହାତରେ ପଡ଼ିବା ସ୍ତ୍ରୀଲୋକଙ୍କ ପକ୍ଷରେ ବଡ଼ ଅମଙ୍ଗଳ, କାରଣ ସ୍ତ୍ରୀ-ଜାତିର ସବୁ ଆଶା ସାଂସାରିକ ସୁଖ-ଦୁଃଖରେ ଆବଦ୍ଧ । ପାଗଳ ତାହାର ସ୍ତ୍ରୀକୁ ସୁଖ ଦିଏ ନାହିଁ, ଦୁଃଖହିଁ ଦିଏ ।

ହିନ୍ଦୁଧର୍ମର ପ୍ରତିଷ୍ଠାତାଗଣ ଏକଥା ବୁଝିଥିଲେ । ସେମାନେ ଅସାମାନ୍ୟ ଚରିତ୍ର, ଚେଷ୍ଟା ଓ ଆଶାକୁ ଖୁବ୍ ଭଲ ପାଉଥିଲେ । ପାଗଳ ହେଉ ବା ମହାପୁରୁଷ ହେଉ ଅସାଧାରଣ ଲୋକକୁ ବଡ଼ ବୋଲି ମାନୁଥିଲେ । କିନ୍ତୁ ଏସକଳ ବସ୍ତୁରେ ସ୍ତ୍ରୀର ଯେ ଭୟଙ୍କର ଦୁର୍ଦ୍ଦଶା ହୁଏ ତାହାର ପ୍ରତିକାର କାହିଁ ? ଋଷିଗଣ ଏହି ଉପାୟ ଆବିଷ୍କାର କରିଥିଲେ, ସେମାନେ ସ୍ତ୍ରୀମାନଙ୍କୁ ଉପଦେଶ ଦେଇଥିଲେ, ''ତୁମ୍ଭମାନଙ୍କର ଏକମାତ୍ର ମନ୍ତ୍ର ହେଲା 'ପତିଃ ପରମୋଗୁରୁଃ । ସ୍ତ୍ରୀ ସ୍ୱାମୀର ସହଧର୍ମିଣୀ, ସେ ଯେଉଁ କାର୍ଯ୍ୟକୁ ସ୍ୱଧର୍ମ ବୋଲି ଗ୍ରହଣ କରିବେ, ତହିଁରେ ସ୍ତ୍ରୀ ସାହାଯ୍ୟ କରିବ, ମନ୍ତ୍ରଣା ଦେବ, ଉତ୍ସାହ ଦେବ, ତାଙ୍କୁ ଦେବତା ବୋଲି ମାନିବ, ତାଙ୍କ ସୁଖରେ ସୁଖ, ଦୁଃଖରେ ଦୁଃଖ କରିବ । କାର୍ଯ୍ୟ ନିର୍ବାଚନ କରିବା ପୁରୁଷର ଅଧିକାର, ସାହାଯ୍ୟ ଓ ଉତ୍ସାହ ଦେବା ସ୍ତ୍ରୀର ଅଧିକାର ।''

ବର୍ତ୍ତମାନ କଥା ହେଲା : ତୁମେ ହିନ୍ଦୁଧର୍ମର ପଥ ଅବଲମ୍ବନ କରିବ ନା ନୂତନ ସଭ୍ୟ ଧର୍ମର ପଥ ଗ୍ରହଣ କରିବ ? ପାଗଳକୁ ବିବାହ କରିଛ, ସେ ତୁମର ପୂର୍ବଜନ୍ମାର୍ଜିତ କର୍ମଦୋଷର ଫଳ । ନିଜ ଭାଗ୍ୟ ସଙ୍ଗେ ଗୋଟିଏ ମୀମାଂସା କରିନେବା ଭଲ, କିନ୍ତୁ କି ପ୍ରକାରର ମୀମାଂସା କରିବ ? ପାଞ୍ଚଜଣଙ୍କ ମତାମତ ଗ୍ରହଣ କରି ତୁମେ କ'ଣ ତାକୁ ପାଗଳ କହି ଉଡ଼ାଇ ଦେବ ? ପାଗଳ ତ ପାଗଳାମିର ପଥରେ ଚାଲିବହିଁ ଚାଲିବ । ତୁମେ ତାକୁ ଧରି ରଖି ପାରିବ ନାହିଁ, ତୁମଠାରୁ ତା'ର ସ୍ୱଭାବ ବଳବାନ୍ । ତେବେ ତୁମେ କ'ଣ ଗୋଟାଏ କୋଣରେ ବସି କେବଳ କାନ୍ଦିବ, ନା ତା' ସାଙ୍ଗରେ ଛୁଟିବ, ପାଗଳର ଉପଯୁକ୍ତ ପାଗଳୀ ହେବାକୁ ଚେଷ୍ଟା କରିବ; ଯେପରି ଅନ୍ଧ ରାଜାଙ୍କର ମହିଷୀ ଚକ୍ଷୁଦ୍ୱୟରେ ବସ୍ତ୍ର ବାନ୍ଧି ନିଜେ ଅନ୍ଧ ସାଜିଥିଲେ । ହଜାର ବ୍ରାହ୍ମ ସ୍କୁଲରେ ପଢ଼ିଥିଲେ ମଧ୍ୟ ତୁମେ ହିନ୍ଦୁ ଘରର ଝିଅ, ହିନ୍ଦୁ ପୂର୍ବପୁରୁଷଙ୍କ ରକ୍ତ ତୁମ

ଶରୀରରେ, ମୋର ସନ୍ଦେହ ନାହିଁ ଯେ ତୁମେ ଶେଷୋକ୍ତ ପଥହିଁ ଧରିବ ।

ମୋର ତିନୋଟି ପାଗଳାମି ଅଛି । ପ୍ରଥମ ପାଗଳାମି : ମୋର ଦୃଢ଼ ବିଶ୍ୱାସ ଭଗବାନ୍ ଯେଉଁ ଗୁଣ, ଯେଉଁ ପ୍ରତିଭା, ଯେଉଁ ଉଚ୍ଚଶିକ୍ଷା ଓ ବିଦ୍ୟା, ଯେଉଁ ଧନ ଦେଇଛନ୍ତି, ସବୁକିଛି ଭଗବାନଙ୍କର, ଯାହା ପରିବାରର ଭରଣପୋଷଣରେ ଲାଗେ, ଆଉ ଯାହା ନିତାନ୍ତ ଆବଶ୍ୟକ ତାହାହିଁ ନିଜ ନିମିତ୍ତ ଖର୍ଚ୍ଚ କରିବାର ଅଧିକାର ଅଛି; ଯାହା ବାକୀ ରହିଲା ତାହା ଭଗବାନଙ୍କୁ ଫେରାଇ ଦେବା ଉଚିତ । ମୁଁ ଯଦି ସବୁକିଛି ନିଜ ନିମିତ୍ତ, ନିଜର ସୁଖ, ବିଳାସ ନିମିତ୍ତ ଖର୍ଚ୍ଚ କରେ, ତାହାହେଲେ ମୁଁ ଚୋର । ହିନ୍ଦୁଶାସ୍ତ୍ର କହେ, ଯେ ଭଗବାନଙ୍କ ନିକଟରୁ ଧନ ନେଇ ତାହା ଫେରାଇ ଦିଏ ନାହିଁ, ସେ ଚୋର । ଏପର୍ଯ୍ୟନ୍ତ ଭଗବାନଙ୍କୁ ଦୁଇ ଅଣା ଦେଇ ବାକୀ ଚୌଦଅଣା ନିଜ ସୁଖରେ ଖର୍ଚ୍ଚ କରି ହିସାବ ନିକାଶ କରି ସାଂସାରିକ ସୁଖରେ ମତ୍ତ ଅଛି । ଜୀବନର ଅର୍ଦ୍ଧାଂଶଟା ବୃଥା କଟିଗଲା; ପଶୁ ମଧ୍ୟ ନିଜର ଓ ନିଜ ପରିବାରର ଉଦର ପୂରଣ କରି କୃତାର୍ଥ ହୁଏ ।

ମୁଁ ଏତେଦିନ ପଶୁବୃତ୍ତି ଓ ଚୌର୍ଯ୍ୟବୃତ୍ତି କରି ଆସିଛି, ଏହି କଥା ବୁଝିପାରିଛି । ବୁଝି କରି ବଡ଼ ଅନୁତାପ ଓ ନିଜ ଉପରେ ବିଶେଷ ଘୃଣା ଆସିଛି । ଆଉ ଏପରି ହେବ ନାହିଁ, ଏ ଜନ୍ମରେ ସେ ପାପ ଏତିକି । ଭଗବାନଙ୍କୁ ଦେବାର ଅର୍ଥ କ'ଣ ? ଏହାର ଅର୍ଥ ଧର୍ମ କାର୍ଯ୍ୟରେ ବ୍ୟୟ କରିବା । ଯେଉଁ ଟଙ୍କା ସରୋଜିନୀ ଓ ଉଷାକୁ ଦେଇଛି ସେଥିପାଇଁ କୌଣସି ଅନୁତାପ କରିବାକୁ ହେବ ନାହିଁ । ପରୋପକାର ଧର୍ମ, ଆଶ୍ରିତଙ୍କୁ ରକ୍ଷା କରିବା ମହାଧର୍ମ । କିନ୍ତୁ କେବଳ ଭାଇଭଉଣୀଙ୍କୁ ଦାନ କଲେ ହିସାବ ନିକାଶ ହୁଏ ନାହିଁ । ଏହି ଦୁର୍ଦ୍ଦିନରେ ସମସ୍ତ ଦେଶ ମୋ ଦ୍ୱାରରେ ଆଶ୍ରିତ, ମୋର ତିରିଶ କୋଟି ଭାଇଭଉଣୀ ଏହି ଦେଶରେ ଅଛନ୍ତି, ସେମାନଙ୍କ ମଧ୍ୟରୁ ଅନେକ ଅନାହାରରେ ମରୁଛନ୍ତି, ଅଧିକାଂଶହିଁ ଦୁଃଖକଷ୍ଟରେ ଜର୍ଜରିତ ହୋଇ କୌଣସି ମତେ ବଞ୍ଚି ରହୁଛନ୍ତି, ସେମାନଙ୍କ କଲ୍ୟାଣ ସାଧନ କରିବାକୁହିଁ ହେବ ।

କ'ଣ କହୁଛ, ଏ ବିଷୟରେ ତୁମେ ମୋର ସହଧର୍ମିଣୀ ହେବ ? କେବଳ ସାଧାରଣ ଲୋକଙ୍କ ପରି ଭୋଜନ କରି, ସାମାନ୍ୟ ପରିଧାନ କରି ଏବଂ ଯାହା ଅତ୍ୟାବଶ୍ୟକ ତାହା କିଣି, ବାକୀ ସବୁକିଛି ଭଗବାନଙ୍କୁ ଅର୍ପଣ କରିବି, ଏହାହିଁ ମୋର ଇଚ୍ଛା, ତୁମେ ସମ୍ମତି ଦେଲେ, ତ୍ୟାଗ ସ୍ୱୀକାର କରିପାରିଲେ, ମୋର ଲକ୍ଷ୍ୟ ପୂର୍ଣ୍ଣ ହୋଇପାରିବ । ତୁମେ ଲେଖିଛ, 'ମୋର କୌଣସି ଉନ୍ନତି ହେଉ ନାହିଁ', ଏହି ଯେ ଗୋଟିଏ ଉନ୍ନତିର ପଥ ଦେଖାଇ ଦେଲି, ସେ ପଥରେ ଯାତ୍ରା କରିପାରିବ କି ?

ଦ୍ୱିତୀୟ ପାଗଳାମି ଅଳ୍ପ ଦିନ ହେଲା ମୋତେ ଚାପି ଧରିଛି । ପାଗଳାମିଟା ଏହି – ଯେକୌଣସି ପ୍ରକାରରେ ଭଗବାନଙ୍କର ସାକ୍ଷାତ୍ ଦର୍ଶନ ଲାଭ କରିବାକୁ ହେବ । ଆଜିକାଲିକାର ଧର୍ମ – କଥା କଥାରେ ଭଗବାନଙ୍କର ନାମ ନେବା, ସମସ୍ତଙ୍କ ସମକ୍ଷରେ ପ୍ରାର୍ଥନା କରିବା, ଧାର୍ମିକ ବୋଲି ଲୋକଙ୍କୁ ଦେଖାଇ ହେବା ! ତା' ମୁଁ ଚାହେ ନାହିଁ । ଈଶ୍ୱର ଯଦି ଥା'ନ୍ତି, ତେବେ ତାଙ୍କର ଅସ୍ତିତ୍ୱ ଅନୁଭବ କରିବା ଏବଂ ତାଙ୍କ ସଙ୍ଗେ ସାକ୍ଷାତ୍ କରିବାର କୌଣସି ନା କୌଣସି ପଥ ନିଶ୍ଚୟ ଥିବ । ସେ ପଥ ଯେତେ ଦୁର୍ଗମ ହେଉ ନା କାହିଁକି, ମୁଁ ସେ ପଥରେ ଯିବାର ଦୃଢ଼ସଂକଳ୍ପ କରି ବସିଛି । ହିନ୍ଦୁଧର୍ମ କହେ, ସେ ପଥ ନିଜ ଶରୀର ଓ ନିଜ ମନ ମଧ୍ୟରେ ଅଛି । ଯିବାର ପଥ ଦେଖାଇ ଦେଇଛି, ମୁଁ ସେହିସବୁ ପାଳନ କରିବାକୁ ଆରମ୍ଭ କରିଛି । ମାସକ ମଧ୍ୟରେ ଅନୁଭବ କରିପାରିଲି ଯେ ହିନ୍ଦୁଧର୍ମର କଥା ମିଥ୍ୟା ନୁହେଁ, ଯେଉଁ ଯେଉଁ ସୂଚନା ଓ ଚିହ୍ନର କଥା କହିଛି, ସେସବୁ ଉପଲବ୍ଧି କରିଛି । ବର୍ତ୍ତମାନ ମୋର ଇଚ୍ଛା ତୁମକୁ ସେହି ପଥରେ ନେଇଯିବାକୁ, ଠିକ୍ ମୋ ସଙ୍ଗେ ସଙ୍ଗେ ତୁମେ ଯାଇପାରିବ ନାହିଁ, କାରଣ ତୁମର ଏତେ ଜ୍ଞାନ ନାହିଁ, କିନ୍ତୁ ମୋ ପଛେ ପଛେ ଆସିଲେ କୌଣସି ବାଧା ନାହିଁ । ସେହି ପଥରେ ସମସ୍ତେ ସିଦ୍ଧି ଲାଭ କରିପାରନ୍ତି, କିନ୍ତୁ ପ୍ରବେଶ କରିବା ଇଚ୍ଛା ଉପରେ ନିର୍ଭର କରେ, କେହି ତୁମକୁ ଧରି ନେଇ ଯାଇପାରିବ ନାହିଁ, ଯଦି ତୁମର ଏଥିରେ ମତ ଥାଏ ତେବେ ଏ ବିଷୟରେ ମୁଁ ଆହୁରି ଲେଖିବି ।

ତୃତୀୟ ପାଗଳାମିଟା ଏହି ଯେ ଅନ୍ୟ ଲୋକମାନେ ସ୍ୱଦେଶକୁ ଗୋଟାଏ ଜଡ଼ ପଦାର୍ଥ, କେତେଗୁଡ଼ିଏ ପଡ଼ିଆ ଜମି, ଶସ୍ୟକ୍ଷେତ୍ର, ବଣ, ପର୍ବତ, ନଦୀ ବୋଲି ଜାଣନ୍ତି; ମୁଁ କିନ୍ତୁ ସ୍ୱଦେଶକୁ ମା' ବୋଲି ଜାଣେ, ଭକ୍ତି କରେ, ପୂଜା କରେ । ମା'ଙ୍କ ଛାତି ଉପରେ ବସି ଯଦି ଏକ ରାକ୍ଷସ ରକ୍ତପାନରେ ଉଦ୍ୟତ ହୁଏ, ତା' ହେଲେ ପୁଅ କ'ଣ କରେ ? ନିଶ୍ଚିନ୍ତ ଭାବେ ଆହାର କରିବାକୁ ବସେ, ସ୍ତ୍ରୀ-ପୁତ୍ରଙ୍କ ସଙ୍ଗେ ଆମୋଦ କରିବାକୁ ବସେ, ନା ମା'ଙ୍କୁ ଉଦ୍ଧାର କରିବା ନିମିତ୍ତ ଦୌଡ଼ି ଯାଏ ? ମୁଁ ଜାଣେ ଏହି ପତିତଜାତିକୁ ଉଦ୍ଧାର କିରବା ନିମିତ୍ତ ବଳ ମୋ ଶରୀରରେ ଅଛି, ଶାରୀରିକ ବଳ ନୁହେଁ, ତରବାରି

ବା ବନ୍ଧୁକ ନେଇ ମୁଁ ଯୁଦ୍ଧ କରିବାକୁ ଯାଉ ନାହିଁ, ଜ୍ଞାନର ବଳ । କ୍ଷାତ୍ରତେଜ ଏକମାତ୍ର ତେଜ ନୁହେଁ, ବ୍ରହ୍ମତେଜ ମଧ ଅଛି, ସେହି ତେଜ ଜ୍ଞାନ ଉପରେ ପ୍ରତିଷ୍ଠିତ । ଏହି ଭାବ ନୂତନ ନୁହେଁ, ଆଜିକାଲିକାର ନୁହେଁ । ଏହି ଭାବ ନେଇ ମୁଁ ଜନ୍ମଗ୍ରହଣ କରିଛି, ଏହି ଭାବ ମୋର ମଜ୍ଜାଗତ; ଭଗବାନ୍ ଏହି ମହାବ୍ରତ ସାଧନ କରିବାକୁ ମୋତେ ପୃଥିବୀକୁ ପଠାଇଛନ୍ତି । ଚଉଦ ବର୍ଷ ବୟସରେ ବୀଜଟି ଅଙ୍କୁରିତ ହେବାକୁ ଲାଗିଲା, ଅଠର ବର୍ଷ ବୟସରେ ସେହି ପ୍ରତିଷ୍ଠା ଦୃଢ଼ ଓ ଅଚଳ ହେଲା । ତୁମେ ମାଉସୀଙ୍କ କଥା ଶୁଣି ଭାବିଥିଲ ଯେ କୌଣସି ବଦ୍‌ପ୍ରକୃତିର ଲୋକ ତୁମର ସରଳ ଓ ଉତ୍ତମ ସ୍ୱଭାବବିଶିଷ୍ଟ ସ୍ୱାମୀଙ୍କୁ କୁପଥରେ ଟାଣି ନେଇଛି । କିନ୍ତୁ ତୁମର ଉତ୍ତମ ସ୍ୱାମୀହିଁ ସେହି ଲୋକଙ୍କୁ ଓ ଆହୁରି ଶତ ଶତ ଲୋକଙ୍କୁ ସେହି ପଥରେ, କୁପଥ ବା ସୁପଥ ହେଉ, ପ୍ରବେଶ କରାଇଛନ୍ତି ଏବଂ ଆହୁରି ସହସ୍ର ସହସ୍ର ଲୋକଙ୍କୁ ସେଥିରେ ପ୍ରବେଶ କରାଇବେ । ମୁଁ ବଞ୍ଚିଥିବା ସମୟ ମଧ୍ୟରେ ଯେ କାର୍ଯ୍ୟ ସିଦ୍ଧି ହେବ, ଏକଥା ମୁଁ କହୁ ନାହିଁ, କିନ୍ତୁ ହେବ ନିଶ୍ଚୟ ।

ବର୍ତ୍ତମାନ ପଚାରୁଛି, ଏ ବିଷୟରେ ତୁମେ କ'ଣ କରିବାକୁ ଚାହଁ ? ସ୍ତ୍ରୀ ସ୍ୱାମୀର ଶକ୍ତି, ତୁମେ କ'ଣ ଉଷାର ଶିଷ୍ୟ ହୋଇ ସାହେବଙ୍କ ପୂଜାମନ୍ତ୍ର ଜପ କରିବ ? ଉଦାସୀନ ହୋଇ ସ୍ୱାମୀର ଶକ୍ତି ଖର୍ବ କରିବ ? ନା ସହାନୁଭୂତି ଓ ଉତ୍ସାହ ଦ୍ୱିଗୁଣିତ କରିବ ? ତୁମେ କହିବ, ''ଏହିସବୁ ମହତ୍ କର୍ମରେ ମୋ ପରି ସାମାନ୍ୟ ଝିଅ କ'ଣ କରିପାରେ, ମୋ ମନର ବଳ ନାହିଁ, ବୁଦ୍ଧି ନାହିଁ, ଆଉ ଏତେ ବଡ଼ ବଡ଼ କଥା ଭାବିବାକୁ ଭୟ କରେ ।'' ଅବଶ୍ୟ ଏହାର ସହଜ ଉପାୟ ଅଛି । ଭଗବାନଙ୍କ ଆଶ୍ରୟ ନିଅ, ଈଶ୍ୱର ପ୍ରାପ୍ତିର ପଥରେ ଥରେ ପ୍ରବେଶ କର, ତୁମର ଯେଉଁ ଯେଉଁ ଅଭାବ ଅଛି ତାହା ସେ ଶୀଘ୍ର ପୂରଣ କରିବେ । ଯେ ଭଗବାନଙ୍କ ନିକଟରେ ଆଶ୍ରୟ ନିଅନ୍ତି ତାଙ୍କୁ ଭୟ କ୍ରମଶଃ ଛାଡ଼ି ଯାଏ । ଆଉ ମୋ ଉପରେ ଯଦି ବିଶ୍ୱାସ କରିପାର, ଦଶଜଣଙ୍କ କଥା ନ ଶୁଣି କେବଳ ମୋ କଥାହିଁ ଶୁଣ, ମୁଁ ତୁମକୁ ମୋ ବଳ ଦେଇପାରିବି, ସେଥିରେ ମୋ ବଳର ହାନି ନ ହୋଇ ବୃଦ୍ଧି ହେବ । ଆମ୍ଭେମାନେ କହୁ ସ୍ତ୍ରୀ ସ୍ୱାମୀର ଶକ୍ତି, ଅର୍ଥାତ୍ ସ୍ୱାମୀ ସ୍ତ୍ରୀ ମଧ୍ୟରେ ନିଜର ପ୍ରତିମୂର୍ତ୍ତି ଦେଖି ତା' ପାଖରେ ନିଜର ମହତ୍ ଆକାଙ୍କ୍ଷାର ପ୍ରତିଧ୍ୱନି ପାଇ ଦ୍ୱିଗୁଣ ଶକ୍ତି ଲାଭ କରେ ।

ଚିରଦିନ କ'ଣ ଏହିପରି ଭାବରେ ରହିବ ? ମୁଁ ଭଲ ଲୁଗା ପିନ୍ଧିବି, ଭଲ ଆହାର କରିବି, ହସିବି, ନାଚିବି, ଯେତେ ପ୍ରକାର ସୁଖ ଅଛି ତାହା ଭୋଗ କରିବି, ଏହିପରି ମନର ଅବସ୍ଥାକୁ ଉନ୍ନତି କହନ୍ତି ନାହିଁ । ଆଜିକାଲି ଆମ୍ଭମାନଙ୍କ ଦେଶରେ ଝିଅମାନଙ୍କର ଜୀବନ ଏହିପରି ଅତି ସଂକୀର୍ଣ୍ଣ ଓ ହେୟ ଆକାର ଧାରଣ କରିଛି । ତୁମେ ଏହିସବୁ ଛାଡ଼ିଦିଅ, ମୋ ସଙ୍ଗେ ଆସ, ଜଗତରେ ଭଗବାନଙ୍କର କାମ କରିବାକୁ ଆମେ ଆସିଛୁ, ସେହି କାର୍ଯ୍ୟ ଆରମ୍ଭ କରିବା ।

ତୁମ ସ୍ୱଭାବର ଗୋଟାଏ ଦୋଷ ଅଛି, ତୁମେ ଅତି ମାତ୍ରାରେ ସରଳ । ଯେ ଯାହା କହନ୍ତି, ତାହାହିଁ ଶୁଣ, ଏହା ଦ୍ୱାରା ମନ ଚିରକାଳ ଅସ୍ଥିର ରହେ, ବୁଦ୍ଧି ବିକଶିତ ହୁଏ ନାହିଁ, କୌଣସି କାର୍ଯ୍ୟରେ ଏକାଗ୍ରତା ଆସେ ନାହିଁ । ଏହାକୁ ସୁଧାରି ନେବାକୁ ହେବ । କେବଳ ଜଣକର କଥାକୁ ଶୁଣି ଜ୍ଞାନ ସଞ୍ଚୟ କରିବାକୁ ହେବ, ଏକ ଲକ୍ଷ୍ୟ କରି ଅବିଚଳିତ ଚିତ୍ତରେ କାର୍ଯ୍ୟ ସାଧନ କରିବାକୁ ହେବ, ଲୋକ-ନିନ୍ଦା ବା ବିଦ୍ରୂପକୁ ତୁଚ୍ଛ କରି ସ୍ଥିର ଭକ୍ତି ରଖିବାକୁ ହେବ ।

ଆଉ ଗୋଟାଏ ଦୋଷ ଅଛି, ତୁମ ସ୍ୱଭାବର ନୁହେଁ, କାଳର ଦୋଷ । ବଙ୍ଗଦେଶରେ ବର୍ତ୍ତମାନ ଏହିପରି ସମୟ ଆସିଛି । ଲୋକେ ଗମ୍ଭୀର କଥା ମଧ ଗମ୍ଭୀର ଭାବେ ଶୁଣିପାରୁ ନାହାନ୍ତି; ଧର୍ମ, ପରୋପକାର, ମହତ୍ ଆକାଙ୍କ୍ଷା, ମହତ୍ ଚେଷ୍ଟା, ଦେଶୋଦ୍ଧାର, ଯାହା ଗମ୍ଭୀର, ଯାହା ଉଚ୍ଚ ଓ ମହତ୍, ସବୁ କଥାରେ ହସ ଓ ବିଦ୍ରୂପ, ସବୁକିଛିକୁ ହସି ଉଡ଼ାଇ ଦେବାକୁ ଚାହାନ୍ତି, ବ୍ରାହ୍ମ ସ୍କୁଲରୁ ତୁମର ଅଳ୍ପ ଅଳ୍ପ ଏହି ଦୋଷ ରହିଛି, ବାରୀନ୍‌ର ବି ଥିଲା, ଅଳ୍ପ ପରିମାଣରେ ଆମ୍ଭେମାନେ ସମସ୍ତେ ଏହି ଦୋଷରେ ଦୂଷିତ । ଦେଓଘରର ଲୋକଙ୍କ ମଧ୍ୟରେ ତ ଏହା ଆଶ୍ଚର୍ଯ୍ୟ ଭାବେ ବୃଦ୍ଧି ପାଇଛି । ଏହି ମନୋଭାବ ଦୃଢ଼ଭାବରେ ଦୂର କରିବାକୁ ହେବ, ତୁମେ ତାହା ସହଜରେ ପାରିବ । ଆଉ ଥରେ ଚିନ୍ତା କରିବାର ଅଭ୍ୟାସ କଲେ, ତୁମର ଅସଲ ସ୍ୱଭାବ ଫୁଟି ଉଠିବ; ପରୋପକାର ଓ ସ୍ୱାର୍ଥତ୍ୟାଗ ଦିଗରେ ତୁମର ଆକର୍ଷଣ ଅଛି, କେବଳ ମନର ଜୋର୍‌ର ଅଭାବ, ଈଶ୍ୱରୋପାସନା ଦ୍ୱାରା ସେ ଜୋର୍ ଲାଭ କରିବ ।

ଏହାହିଁ ମୋର ଗୁପ୍ତ କଥା । କାହା ଆଗରେ କିଛି ପ୍ରକାଶ ନ କରି ଧୀର ଚିତ୍ତରେ ଏହିସବୁ ଚିନ୍ତା କର; ଏଥିରେ ଭୟ କରିବାକୁ କିଛି ନାହିଁ, ତେବେ ଚିନ୍ତା କରିବାର ଅନେକ ଜିନିଷ ଅଛି । ପ୍ରଥମେ ଆଉ କିଛି କରିବାକୁ ହେବ ନାହିଁ, କେବଳ

ପ୍ରତିଦିନ ଅଧଘଣ୍ଟାଏ କରି ଭଗବାନଙ୍କୁ ଧ୍ୟାନ କରିବାକୁ ହେବ, ତାଙ୍କ ପାଖରେ ପ୍ରାର୍ଥନା ରୂପେ ବଳବତୀ ଇଚ୍ଛା ପ୍ରକାଶ କରିବାକୁ ହେବ । ମନ କ୍ରମଶଃ ତିଆରି ହେବ । ତାଙ୍କ ପାଖରେ ସର୍ବଦା ଏହି ପ୍ରାର୍ଥନା କରିବାକୁ ହେବ, ''ମୁଁ ଯେପରି ସ୍ୱାମୀର ଜୀବନ, ଉଦ୍ଦେଶ୍ୟ ଓ ଈଶ୍ୱର-ପ୍ରାପ୍ତିର ପଥରେ ବ୍ୟାଘାତ ସୃଷ୍ଟି ନ କରି ସର୍ବଦା ସହାୟ ହୁଏ, ସାଧନାଭିଭୂତ ହୁଏ ।''– ଏହା କ'ଣ କରିବ ?

ତୁମର...

(ଶ୍ରୀଅରବିନ୍ଦଙ୍କ ମୂଳ ବଙ୍ଗଳା ରଚନାବଳି, ପୃଷ୍ଠା : ୨୨୫-୨୩୦)

ନ୍ୟାୟ ହେଉଛି ବିଶ୍ୱପ୍ରକୃତିର ଗତିବୃତ୍ତିଗୁଡ଼ିକ ସମ୍ପର୍କରେ ଏକ କଠୋର, ଯୁକ୍ତିସିଦ୍ଧ ନିର୍ଦ୍ଧାରଣ । ସ୍ଥୂଳ ଶରୀର ଉପରେ ଯେତେବେଳେ ଏହି ନିର୍ଦ୍ଧାରଣ କାର୍ଯ୍ୟକାରୀ ହୁଏ ତାହାହିଁ ରୋଗବ୍ୟାଧିର ରୂପ ନିଏ । ଚିକିତ୍ସକର ମନ ଏହି ଅଲଂଘ୍ୟ ନ୍ୟାୟ ଉପରେ ଭିତ୍ତି କରିହିଁ ଏପରି ଅବସ୍ଥା ଆଣିବା ପାଇଁ ଚେଷ୍ଟା କରେ, ଯାହା ଯୁକ୍ତିସିଦ୍ଧ ଭାବରେ ଉତ୍ତମ ସ୍ୱାସ୍ଥ୍ୟ ଦିଗରେ ଆଗେଇ ନେବ । ସାମାଜିକ ଶରୀରର କ୍ଷେତ୍ରରେ ନୈତିକ ଚେତନା ଓ ଆଧ୍ୟାତ୍ମିକ ଜଗତର କ୍ଷେତ୍ରରେ ତପସ୍ୟା ଠିକ୍ ଏହି ଭାବରେହିଁ କ୍ରିୟା କରେ ।

କେବଳ ଭଗବତ୍ କୃପାରହିଁ ସେହି ଶକ୍ତି ଅଛି ଯାହା ଏହି ବିଶ୍ୱ-ନ୍ୟାୟର କ୍ରିୟା ଓ ଗତିବୃତ୍ତି ଉପରେ ହସ୍ତକ୍ଷେପ କରିପାରେ ଓ ତାହାକୁ ବଦଳାଇ ଦେଇପାରେ । ଅବତାରଙ୍କ ମହାନ୍ କାର୍ଯ୍ୟ ହେଉଛି ପୃଥିବୀପୃଷ୍ଠରେ ଭଗବତ୍ କୃପାକୁ ପ୍ରକଟ ଓ ଅଭିବ୍ୟକ୍ତ କରିବା । ଅବତାରଙ୍କ ଶିଷ୍ୟ ହେବାର ଅର୍ଥ ହେଉଛି ସେହି ଭଗବତ୍ କୃପାର ଯନ୍ତ୍ର ହୋଇ ଉଠିବା । ପରମ କୃପାଦାୟିନୀ ମା', ଭଗବାନଙ୍କ ସହ ଏକାତ୍ମ ହୋଇ ଓ ବିଶ୍ୱନ୍ୟାୟର ଅଖଣ୍ଡ ଯନ୍ତ୍ର ଓ କ୍ରିୟା ସହ ଏକାତ୍ମ ହୋଇ, ତାହାର ପୂର୍ଣ୍ଣ ଜ୍ଞାନ ଲାଭ କରି ସେହି ଭଗବତ୍ କୃପାକୁ ବିତରଣ କରନ୍ତି ।

ଏବଂ ତାଙ୍କରି ମଧ୍ୟସ୍ଥତା ଜରିଆରେ ଭଗବତ୍ ଅଭିମୁଖୀ ପ୍ରତ୍ୟେକଟି ଆନ୍ତରିକ ଓ ପ୍ରତ୍ୟୟଭରା ଅଭୀପ୍ସା ତାହାର ଉତ୍ତର ସ୍ୱରୂପ କୃପାର ହସ୍ତକ୍ଷେପକୁ ଆବାହନ କରି ଉତାରି ଆଣେ ।

ହେ ପ୍ରଭୁ, କିଏ ତୁମ ଆଗରେ ଛିଡ଼ା ହୋଇ ପୂରା ଆନ୍ତରିକତାର ସହ କହି ପାରିବ ଯେ ''ମୁଁ ଆଦୌ କୌଣସି ଭୁଲ୍ କରି ନାହିଁ ।'' ଆମେ ଦିନରେ କେତେବାର ତୋର କାର୍ଯ୍ୟ ବିରୋଧରେ ଅପରାଧ କରି ନ ବସୁଛୁ ଓ ତୋର କୃପା ବାରବାର ଆସି ତାହାକୁ ପୋଛି ନିଶ୍ଚିହ୍ନ କରି ନ ଦେଉଛି !

ତୋର କୃପାର ହସ୍ତକ୍ଷେପ ବିନା ଏପରି କିଏ ଅଛି ଯେ କି ବିଶ୍ୱ-ନ୍ୟାୟବିଧାନର ନିର୍ଦ୍ଦୟ ଖଡ୍‌ଗ ତଳକୁ ବାରବାର ନ ଆସିବ ?

ଏଠାରେ ପ୍ରତ୍ୟେକ ବ୍ୟକ୍ତି ହେଉଛନ୍ତି ସମାଧାନ କରିବାକୁ ଥିବା ଗୋଟିଏ ଗୋଟିଏ ଅସମ୍ଭବତାର ପ୍ରତିନିଧି । କିନ୍ତୁ ତୋର କୃପା ପାଇଁ ସବୁକିଛି ସମ୍ଭବ । ତୋର କାର୍ଯ୍ୟ ହେଉଛି ଟିକିନିଖି ଭାବରେ ତଥା ସମଗ୍ର ଭାବରେ ଏହି ସମସ୍ତ ଅସମ୍ଭବକୁ ଭଗବତ୍ ସିଦ୍ଧିରେ ରୂପାନ୍ତରିତ କରିବା ।

(CWM, Vol. 14, pp, 83 - 84)

**– ଶ୍ରୀମା**

(୧୫ ଜାନୁଆରୀ, ୧୯୩୩)

# ଏକ ପତ୍ର ଓ ଉତ୍ତର

[ଆମେରିକାର ଯୁଦ୍ଧକାଳୀନ ରାଷ୍ଟ୍ରପତି ଉଇଲସନ୍‌ଙ୍କର କନ୍ୟା କୁମାରୀ ମାର୍ଗାରେଟ୍ ଉଇଲସନ୍ ୧୯୩୨ ମସିହାରେ ନିଉୟର୍କ ସହରର ଏକ ସର୍ବସାଧାରଣ ପାଠାଗାରରେ ଶ୍ରୀଅରବିନ୍ଦଙ୍କ ଗୀତା ନିବନ୍ଧମାଳା ପୁସ୍ତକ ପାଠ କରି ଆଧ୍ୟାତ୍ମିକତା ଦୃଷ୍ଟିରୁ ଅତି ଗଭୀର ଭାବେ ପ୍ରଭାବିତ ହୋଇଥିଲେ । ମାର୍ଚ୍ଚ ୩, ୧୯୩୬ରେ ସେ ଶ୍ରୀଅରବିନ୍ଦଙ୍କୁ ଏକ ପତ୍ର ଲେଖି ନିଜ ସାଧନାରେ ଶ୍ରୀଅରବିନ୍ଦଙ୍କ ସହାୟତା ଲୋଡ଼ିଥିଲେ ଓ ଆଶ୍ରମକୁ ଆସି ତାଙ୍କର ଶିଷ୍ୟା ଭାବେ ରହି ପାରିବାର ସମ୍ଭାବନା ବିଷୟରେ ମଧ୍ୟ ପଚାରି ଥିଲେ । ଶ୍ରୀଅରବିନ୍ଦ ୭ ସେପ୍‌ଟେମ୍ବର ୧୯୩୬ରେ ତାଙ୍କ ପତ୍ରର ଉତ୍ତର ପଠାଇ ଥିଲେ । ୧୯୩୮ରେ ତାଙ୍କୁ ଆଶ୍ରମରେ ରହିବାକୁ ଅନୁମତି ମିଳିଥିଲା । ଶ୍ରୀଅରବିନ୍ଦ ତାଙ୍କ ନାମ 'ନିଷ୍ଠା' ରଖିଥିଲେ । ଅସୁସ୍ଥତା ଯୋଗୁଁ ସେ ୧୯୪୮ରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ଏଠାରେ ପ୍ରଥମେ ତାଙ୍କର ପତ୍ର ଏବଂ ତା'ପରେ ଶ୍ରୀଅରବିନ୍ଦଙ୍କର ଉତ୍ତର ପ୍ରଦତ୍ତ ହେଲା ।]

ହୋଟେଲ ସେମୋର
୫୦ ପଶ୍ଚିମ ୪୫ତମ ରାସ୍ତା
ନିଉୟର୍କ
ମାର୍ଚ୍ଚ ୩, ୧୯୩୬

ପ୍ରିୟ ଶ୍ରୀଅରବିନ୍ଦ,

୧୯୩୨ ମସିହାର ଗ୍ରୀଷ୍ମକାଳରେ ଯେବେ ମୁଁ ପ୍ରଥମେ ଆପଣଙ୍କର ଗୀତା-ନିବନ୍ଧମାଳାକୁ ଆବିଷ୍କାର କଲି ଓ ପାଠ କଲି, ସେହି ଦିନଠାରୁ ତାହା ମୋ ପାଇଁ ସାହାଯ୍ୟ ଓ ପ୍ରେରଣାର ଉତ୍ସ ଭାବେ କାର୍ଯ୍ୟ କରିଆସିଛି । ଏବେ ମୁଁ ଆପଣଙ୍କର ପ୍ରତ୍ୟକ୍ଷ ସାହାଯ୍ୟ ଓ ପ୍ରେରଣା ପାଇବା ପାଇଁ ବିନୀତ ଭାବେ ପ୍ରାର୍ଥନା କରି ଏ ପତ୍ର ଲେଖୁଛି । ଏ ଦେଶରେ ମୁଁ ଏପରି କାହାରିକୁ ହେଲେ ଜାଣି ନାହିଁ ଯାହାଙ୍କ ଠାରୁ ଦୃଢ଼ ଭରସାର ସହିତ ମୁଁ କିଛି ଆଶା କରିବି, କାରଣ କେହି ଜଣେ ହେଲେ ଦିବ୍ୟ ଜ୍ଞାନାଲୋକ ପ୍ରତ୍ୟକ୍ଷ କରିଥିବା ଅଥବା ଆଂଶିକ ଭାବେ ସିଦ୍ଧିଲାଭ କରିଥିବା ବ୍ୟକ୍ତିଙ୍କୁ ମୁଁ ଜାଣି ନାହିଁ । ଯେତେବେଳେ ମୁଁ କୌଣସି ଧାର୍ମିକ ଗୋଷ୍ଠୀ ଅଥବା କେନ୍ଦ୍ରରେ ଯୋଗ ଦେବା ପାଇଁ ଆଗ୍ରହୀ ହୁଏ ଏପରିକି ରାମକୃଷ୍ଣ କେନ୍ଦ୍ରରେ ଯୋଗ ଦେବାକୁ ଇଚ୍ଛା କରେ, ସେତେବେଳେ ମୁଁ ପଛେଇ ଯାଏ, କାରଣ ସେସବୁର ନିୟମ ଓ ଶୃଙ୍ଖଳା ମୋ ଜୀବନ ପ୍ରତି ଅପରିହାର୍ଯ୍ୟ ହୋଇ ଉଠିବ ଓ ଆତ୍ମାର ସ୍ୱଚ୍ଛନ୍ଦତା ଉପରେ ନିୟନ୍ତ୍ରଣ ଜାହିର କରିବ; ତାହାର ସ୍ୱତନ୍ତ୍ରତା ପାଇଁ ସହାୟକ ହେବା ପରିବର୍ତ୍ତେ ସେ ଜାହିର କରି ବସିବ । ଏବେ ଅଳ୍ପଦିନ ପାଇଁ ଆପଣଙ୍କ ଆଶ୍ରମ ସମ୍ପର୍କୀୟ ଏକ କ୍ଷୁଦ୍ର ପୁସ୍ତିକା ମୋ'ଠାରେ ଅଛି, ଏବଂ ମୁଁ ଆଶା କରିବାକୁ ସାହସ କରୁଛି ଯେ ଆପଣ ମୋତେ ଏପରି କିଛି ଯୋଗ-ଶୃଙ୍ଖଳା ବିଷୟରେ ସୂଚନା ଦେବେ ଯାହାକୁ ମୁଁ ମୁକ୍ତ ଓ ସ୍ୱଚ୍ଛନ୍ଦ ଭାବେ ନିଜ ଉପରେ ପ୍ରୟୋଗ କରିପାରିବି ଯାହା ଫଳରେ ପ୍ରଥମେ ମୋ ମଧ୍ୟରେ ଥିବା ଅହଂ ଚେତନାରୁ, ସବୁ ଜୀବମାନଙ୍କ ମଧ୍ୟରେ ଥିବା ଅହଂ-ଚେତନାରୁ ମୁଁ ମୁକ୍ତ ହୋଇ ପାରିବି, ଏବଂ ପରିଶେଷରେ ମୋ ଅନ୍ତରସ୍ଥ ପ୍ରଭୁ ଯେବେ ସମ୍ମତି ଦେବେ ସେତେବେଳେ ସେହି ପ୍ରଭୁଙ୍କ ସହିତ ଶେଷ ମିଳନର ଅନୁଭୂତି ପ୍ରାପ୍ତ କରିବି ଯେ କି ସ୍ୱୟଂ ଲୋକୋତ୍ତର ପୁରୁଷୋତ୍ତମ । ମୁଁ ଏକଥା ଜାଣିଛି ଯେ ଏହା ସମ୍ଭବ ହେବା ପୂର୍ବରୁ ପଥ ଦୀର୍ଘ ଓ କଷ୍ଟକର ହେବ, କିନ୍ତୁ ମୁଁ ଏଥିରେ ପ୍ରବେଶ କରିବାକୁ ଚାହେଁ ଏବଂ ପଥ ମଧ୍ୟରେ ପ୍ରାପ୍ତ ଚୈତିକ ସମୃଦ୍ଧି ଓ ଶକ୍ତିର ଉପଭୋଗ ପାଇଁ ଅଟକି ନ ଯାଇ ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ଯେତେଦୂର ସମ୍ଭବ ସଳଖ ପଥରେ ଓ ଶୀଘ୍ର ଶୀଘ୍ର ଯିବାକୁ ଚାହେଁ । କିନ୍ତୁ ଏହା ମଧ୍ୟ ଚାହେଁ ଯେପରି ଯାତ୍ରା ପଥରେ 'ଭଗବତ୍ କାର୍ଯ୍ୟ ପାଇଁ' ଏକ ସଚେତନ ଯନ୍ତ୍ର ହୁଏ ।

ଗୋଟିଏ ଭୟଙ୍କର ରିକ୍ତତା ମୋତେ ଗ୍ରାସ କରିଛି । ସେ ବିଷୟରେ ମୁଁ ଏବେ ସଚେତନ । ମୁଁ ମଧ୍ୟ ଏ ବିଷୟରେ ସଚେତନ ଯେ ମୋର ପ୍ରତ୍ୟେକ ବାକ୍ୟ ଓ କର୍ମ ତୁଚ୍ଛ, କାରଣ ସେସବୁ ଅନ୍ତର ମଧ୍ୟରୁ ଆତ୍ମା ଦ୍ୱାରା ଅଭିପ୍ରେତ ନୁହେଁ । ମୋର ଦୃଢ଼ ବିଶ୍ୱାସ ହୋଇଛି ଯେ ମୋର କ୍ଷୁଦ୍ର ଅହଂ-ଆତ୍ମା ଦ୍ୱାରା ଯେ କିଛି ହୋଇ ପାରିବ ସେପରି ଭ୍ରମ ଧାରଣା ଆଉ କେବେ କରିବି ନାହିଁ, ଯାହାକି କେବଳ ଉଚ୍ଚତର ଆତ୍ମାର ପରିଚାଳନାରେ ସମ୍ଭବ । ଏ ପରିସ୍ଥିତିରେ ମୁଁ ଜଣେ ପଥହରା

ନାବିକ ଯେ କି ପରିଚିତ ତଟଭୂମିକୁ ଛାଡ଼ି ଆସିଛି କିନ୍ତୁ ସେ ଯେଉଁ ଉପକୂଳକୁ ଯିବାକୁ ଚାହେଁ ସେଠାକୁ ଯିବାର ବାଟ ଜାଣିପାରୁ ନାହିଁ କାରଣ ତା' ପାଖରେ ଦିକ୍ ପରିଦର୍ଶନ ଯନ୍ତ୍ର ନାହିଁ ।

ମୁଁ ଶୁଣିଛି ଯେ ''ଶିଷ୍ୟ ପ୍ରସ୍ତୁତ ହୋଇଗଲେ ଗୁରୁ ମିଳି ଯା'ନ୍ତି'' । ମୁଁ ପ୍ରସ୍ତୁତ ହେଲିଣି କି ନାହିଁ ବା ମୁଁ ଆପଣଙ୍କ ନିର୍ଦ୍ଦେଶ ମାନି ଚଳି ପାରିବା ପାଇଁ ସକ୍ଷମ କି ନୁହେଁ ସେ ବିଷୟ ମୁଁ ଜାଣେ ନାହିଁ । କିନ୍ତୁ ମୁଁ ସର୍ବାନ୍ତଃକରଣରେ ଆଶା କରୁଛି ଯେ ସର୍ବୋତ୍ତମଙ୍କ ସହିତ ସଚେତନ ଐକ୍ୟ ପ୍ରାପ୍ତ କରିବାର ଲକ୍ଷ୍ୟରେ ପ୍ରଚେଷ୍ଟା କରିବାରେ କିଛି ମୂଲ୍ୟ ଅଛି ଓ ତାହା ମୋ ଅନ୍ତରର ଦୃଢ଼ ଆଶା । ଏ ବିଷୟ ଆପଣଙ୍କୁ କହିଲା ବେଳେ ମୁଁ ଯଥାର୍ଥରେ ଆନ୍ତରିକତାର ସହିତ କହୁଛି । ତେଣୁ ହେ ମୋର ପ୍ରିୟ ପ୍ରଭୁ, ମୁଁ ଆପଣଙ୍କୁ ପ୍ରାର୍ଥନା କରୁଛି ମୋତେ ପଥ ଦେଖାଇ ଦିଅନ୍ତୁ ଏବଂ ମୁଁ ନିଶ୍ଚୟ ନିର୍ଭୟରେ ତାକୁ ମାନି ଚଳିବାକୁ ଚେଷ୍ଟା କରିବି, କାରଣ ମୁଁ ଜାଣିଛି ଯେ ମୋର ନିଜ ଉଚ୍ଚତର ଚେତନା, ଯାହା ବିଷୟରେ ମୁଁ ଏପର୍ଯ୍ୟନ୍ତ ସଚେତନ ନୁହେଁ, ଆପଣ ହେଉଛନ୍ତି 'ତାହାରି ପ୍ରତିନିଧି' । ଯଦି ସିଦ୍ଧି ପାଇଁ ମୋର ଆକାଙ୍‌କ୍ଷା ସେପରି ଗଭୀର ଓ ଆନ୍ତରିକ ନୁହେଁ ଯେପରି ତାହା ହୋଇଥିବ ବୋଲି ମୁଁ ଭାବୁଛି, ତେବେ ଦୟାକରି ତାହାକୁ ଗଭୀରତର କରାନ୍ତୁ । ସେଥିପାଇଁ ମୋତେ କଷ୍ଟ ଭୋଗିବାକୁ ପଡ଼ିଲେ ମଧ ମୁଁ ତାକୁ କେବେ ହେଲେ ହରାଇ ବସିବାକୁ ଚାହେଁ ନାହିଁ ।

ମୁଁ ଶୁଣିଛି ଯେ ଆପଣଙ୍କର ଏପରି ଅନେକ ଶିଷ୍ୟ ଅଛନ୍ତି ଯେଉଁମାନେ ଆଶ୍ରମରେ ରହନ୍ତି ନାହିଁ । ଆପଣ କ'ଣ ଆଶ୍ରମରେ ଶିଷ୍ୟମାନଙ୍କୁ ଗ୍ରହଣ କରନ୍ତି ? ଯଦି କେବେ ସବୁକିଛି ଛାଡ଼ିବାକୁ ଓ ଆଶ୍ରମରେ ଆସି ରହିବାକୁ ମୋତେ ଆପଣ ନିର୍ଦ୍ଦେଶ ଦିଅନ୍ତି ତେବେ ମୁଁ ତାହା ନିଶ୍ଚୟ ପାଳନ କରିବି, ଭଗବାନ୍ ମୋର ସହାୟ ହେବେ ।

ମୁଁ ଆପଣଙ୍କ ଉତ୍ତରକୁ ବିନମ୍ର ଭାବେ ଅପେକ୍ଷା କରୁଛି ।

ଆପଣ ମୋ ପାଇଁ ଯାହା କଲେଣି ସେଥିପାଇଁ ମୁଁ ଅନ୍ତରର ସହିତ ଧନ୍ୟବାଦ ଜଣାଉଛି ।

ଆନ୍ତରିକତା ସହ,
ଆପଣଙ୍କର
ମାର୍ଗାରେଟ୍ ଉଡ୍‌ରୋ ଉଇଲସନ୍
(*ଶ୍ରୀଅରବିନ୍ଦ ସର୍କଲ୍*,
୪୯ତମ ସଂଖ୍ୟା, ୧୯୯୩ରୁ ଅନୂଦିତ)

**ଶ୍ରୀଅରବିନ୍ଦଙ୍କ ଉତ୍ତର**

ପଣ୍ଡିଚେରୀ
ସେପ୍‌ଟେମ୍ବର ୭, ୧୯୩୬

ପ୍ରାପ୍ତେଷୁ :
ମାର୍ଗାରେଟ୍ ଉଡ୍‌ରୋ ଉଇଲସନ୍,

ବାସ୍ତବରେ ଆଧ୍ୟାତ୍ମିକ ସତ୍ୟ ଓ ଆଧ୍ୟାତ୍ମିକ ଜୀବନ ପାଇଁ ଆସ୍ପୃହା କରିବାର ପ୍ରଥମ କାରଣ ହେଲା ଭଗବାନଙ୍କୁ ପ୍ରାପ୍ତ କରିବା; ଏହି ଜିନିଷଟି ଅନିବାର୍ଯ୍ୟ ଭାବେ ଆବଶ୍ୟକ, ଏହା ବ୍ୟତିରେକେ ଅନ୍ୟସବୁର କିଛି ମୂଲ୍ୟ ନାହିଁ । ଥରେ ଭଗବତ୍ ପ୍ରାପ୍ତି ହେଲେ ତାହାଙ୍କୁ ପ୍ରକଟ କରିବା ଅର୍ଥାତ୍ ସର୍ବ ପ୍ରଥମେ ନିଜର ବ୍ୟକ୍ତିଗତ ସୀମିତ ଚେତନାକୁ ଭଗବତ୍ ଚେତନାରେ ରୂପାନ୍ତରିତ କରିବା, ଅସୀମ ଶକ୍ତି, ଜ୍ୟୋତିଃ, ପ୍ରେମ, ଶକ୍ତି, ଆନନ୍ଦ ମଧରେ ବାସ କରିବା, ନିଜର ଯଥାର୍ଥ ସ୍ୱଭାବରେ ତାହାହିଁ ହୋଇ ଉଠିବା ଏବଂ ଫଳରେ ବ୍ୟକ୍ତିର କ୍ରିୟାଶୀଳ ସ୍ୱଭାବରେ ଏହାର ବାହକ, ଆଧାର ଓ ଯନ୍ତ୍ର ହେବା । ସ୍ଥୂଳ ଜଗତରେ ଏକତ୍ୱବୋଧର ଆଦର୍ଶକୁ କାର୍ଯ୍ୟର ପରିସର ମଧକୁ ଆଣିବା ଅଥବା ମାନବସମାଜ ପାଇଁ କାର୍ଯ୍ୟ କରିବା ହେଉଛି ସତ୍ୟର ଏକ ମାନସିକ ଭୁଲ୍ ବିଚାର — ଏହିସବୁ କଥା ଆଧ୍ୟାତ୍ମିକ ସାଧନାର ପ୍ରଥମ ଯଥାର୍ଥ ଲକ୍ଷ୍ୟ କେବେହେଲେ ହୋଇ ପାରେନା । ଆମକୁ ପ୍ରଥମେ ନିଜର ଆତ୍ମାକୁ ତଥା ଭଗବାନଙ୍କୁ ପ୍ରାପ୍ତ କରିବାକୁ ହେବ, ତାହାହେଲେ ଯାଇ ଆତ୍ମା ବା ଭଗବାନ୍ ଆମଠାରୁ କି କାର୍ଯ୍ୟ ଦାବି କରନ୍ତି ତାହା ଆମେ ଜାଣିପାରିବା । ସେପର୍ଯ୍ୟନ୍ତ ଆମର ଜୀବନ ଓ କ୍ରିୟାକଳାପ ଭଗବାନଙ୍କୁ ପ୍ରାପ୍ତ କରିବା ଦିଗରେ କେବଳ ଏକ ସହାୟକ ଅଥବା ଉପାୟ ହୋଇ ରହିବ, ଏବଂ ଏତଦ୍ ଭିନ୍ନ ଏହାର ଅନ୍ୟ କୌଣସି ଉଦ୍ଦେଶ୍ୟ ରହିବ ନାହିଁ । ଆନ୍ତର ଚେତନାରେ ଆମେ ଯେତିକି ଯେତିକି ଅଗ୍ରଗତି କରୁଥିବା ବା ଭଗବାନଙ୍କ ଆଧ୍ୟାତ୍ମିକ ସତ୍ୟର ବିକାଶ ଆମ ମଧରେ ଯେତିକି ଯେତିକି ହେଉଥିବ, ବାସ୍ତବିକ ସେତିକି ସେତିକି ଆମର ଜୀବନ ଓ କ୍ରିୟାକଳାପ ଅଧିକ ଭାବେ ତାହାରି ଠାରୁ ପ୍ରବାହିତ ହେଉଥିବ ଓ ତାହାରି ସହିତ ଅଧିକରୁ ଅଧିକ ଏକାତ୍ମତା ଲାଭ କରୁଥିବ । କିନ୍ତୁ ତାହାର ସ୍ୱରୂପ କିପରି ହେବ ସେ ବିଷୟ ପୂର୍ବରୁ ଆମର ସୀମିତ ମାନସିକ ଧାରଣାସବୁ ଦ୍ୱାରା ନିର୍ଣ୍ଣୟ କରିବାର ଅର୍ଥ ହେବ ଆମ ଅନ୍ତରରେ ଆଧ୍ୟାତ୍ମିକ ସତ୍ୟର ଅଭିବୃଦ୍ଧିରେ ବାଧା ସୃଷ୍ଟି କରିବା । ତାହାର କ୍ରମ-ଅଭିବୃଦ୍ଧି ସହିତ ଆମେ

ଦିବ୍ୟଜ୍ୟୋତିଃ ଓ ସତ୍ୟ, ଦିବ୍ୟ ଶକ୍ତି ଓ ବେଗ, ଦିବ୍ୟ ପବିତ୍ରତା ଓ ପ୍ରଶାନ୍ତି ଆମ ମଧ୍ୟରେ କାର୍ଯ୍ୟ କରୁଥିବାର ଅନୁଭବ କରିବା । ତାହା ଆମର କ୍ରିୟାକଳାପ ତଥା ଆମର ଚେତନା ଜରିଆରେ ଓ ତାହାକୁ ବ୍ୟବହାର କରି ଆମକୁ ଦିବ୍ୟ ପ୍ରତିରୂପରେ ନୂଆ କରି ଗଢ଼ିପାରିବ । ଫଳରେ ଖାଦସବୁକୁ ଅପସାରଣ କରି ତା' ସ୍ଥାନରେ ଆତ୍ମାର ଖାଣ୍ଟିସୁନା ସ୍ଥାପିତ ହେବ । ଯେତେବେଳେ ଆମ ମଧ୍ୟରେ ନିରବଚ୍ଛିନ୍ନ ଭାବେ ଭଗବତ୍ ଉପସ୍ଥିତି ଅନୁଭୂତ ହେବ ଓ ଆମର ଚେତନା ରୂପାନ୍ତରିତ ହେବ ସେତିକି ବେଳେ ଯାଇ ଆମର କହିବାର ଅଧିକାର ଆସିବ ଯେ ଆମେ ସ୍ଥୂଳ ଜଗତରେ ଭଗବତ୍ ଚେତନା ପ୍ରକଟ କରିବା ପାଇଁ ପ୍ରସ୍ତୁତ ହୋଇଛୁ । କୌଣସି ମାନସିକ ଆଦର୍ଶ ଅଥବା ମାନସିକ ନୀତିକୁ ଧରିରଖି ତାହାକୁ ଆନ୍ତର ପ୍ରକ୍ରିୟା ଉପରେ ଆରୋପ କରିବା ଫଳରେ ଆମ ପାଇଁ ଏକ ମାନସିକ ସିଦ୍ଧି ମଧ୍ୟରେ ସୀମିତ ହୋଇ ରହିଯିବା ପରି ବିପଦର ସମ୍ଭାବନା ସୃଷ୍ଟି କରେ ଅଥବା ଭଗବାନଙ୍କ ସହିତ ପୂର୍ଣ୍ଣ ଏକାତ୍ମତା ପ୍ରାପ୍ତ କରିବା ଦିଗରେ ଯଥାର୍ଥ ଅଗ୍ରଗତି ହେବା ବିଷୟରେ ଏକ ଭ୍ରାନ୍ତଧାରଣା ସୃଷ୍ଟି କରେ ବା ସେହି ଅଗ୍ରଗତି ପଥରେ ବାଧା ସୃଷ୍ଟି କରେ, ପରାତ୍ପର ପରମେଶ୍ୱରଙ୍କର ଅବାଧ ଅନ୍ତରଙ୍ଗ ଇଚ୍ଛାଶକ୍ତିର ପ୍ରବାହ ଆମ ଜୀବନରେ କାର୍ଯ୍ୟକାରୀ ହେବାରେ ମଧ୍ୟ ବାଧା ସୃଷ୍ଟି କରେ । ଏହି ପ୍ରକାର ଧାରାରେ କୌଣସି ବିଷୟକୁ ଗ୍ରହଣ କରିବା ଭୁଲ୍ କିନ୍ତୁ ଆଜିକାଲିକାର ଲୋକଙ୍କର ମନ ଏହିପରି ଧାରଣା ପୋଷଣ କରିବା ଦିଗରେ ସବୁବେଳେ ଉନ୍ମୁଖ । ଏହିପରି ଛୋଟ ଛୋଟ ବିଷୟରେ ଲିପ୍ତ ରହିବା ଫଳରେ ଅସଲ ମୂଳ ଲକ୍ଷ୍ୟରୁ ଆମେ ଅନ୍ୟ ଆଡ଼େ ମୁଖ ଫେରାଇ ନେବାର ସମ୍ଭାବନା ରହିଛି । କିନ୍ତୁ ଶାନ୍ତି ପାଇଁ ବା ଆଲୋକ ବା ଜ୍ଞାନ ପାଇଁ ଅଥବା ଦିବ୍ୟାନନ୍ଦ ପ୍ରାପ୍ତି ପାଇଁ ଭଗବାନଙ୍କୁ ଅନୁସରଣ କରିବା ତାହାଠାରୁ ବହୁଗୁଣରେ ଉତ୍ତମ । ବାହ୍ୟ ସ୍ଥୂଳ ଜୀବନ ତଥା ଆନ୍ତର ଜୀବନ ଦିବ୍ୟ-ତତ୍ତ୍ୱରେ ରୂପାନ୍ତରିତ ହେବା ଭଗବାନଙ୍କର ଯୋଜନାର ଏକ ଅଂଶବିଶେଷ, ତାହାହିଁ ତାଙ୍କର ଅଭିପ୍ରାୟ । କିନ୍ତୁ ତାହା ଆନ୍ତର ସିଦ୍ଧିର ଧାରାଠାରୁ ଆରମ୍ଭ ହେବା ଫଳରେ କେବଳ ସମ୍ଭବ ହୋଇପାରେ । ତାହା ଅନ୍ତରରୁ ବିକଶିତ ହୋଇ ବାହ୍ୟ ଦିଗରେ ଅଗ୍ରଗତି କରେ । ଯାହାକି କୌଣସି ମାନସିକ ନୀତିକୁ କାର୍ଯ୍ୟକାରୀ କରିବା ଫଳରେ ସମ୍ଭବ ହୁଏ ନାହିଁ ।

ମାନସିକ ଯାଚ୍ଞାକୁ ଏକ ଜୀବନ୍ତ ଆଧ୍ୟାତ୍ମିକ ଅନୁଭୂତିରେ ପରିବର୍ତ୍ତନ କରିବା ପାଇଁ କି ପ୍ରକାର ଅନୁଶାସନ ଆଚରଣ କରିବାକୁ ହେବ ତୁମେ ସେ ବିଷୟ ପଚାରିଛ । ପ୍ରଥମ ଆବଶ୍ୟକତା ହେଲା ତୁମ ଅନ୍ତର ମଧ୍ୟରେ ତୁମ ଚେତନା ପ୍ରତି ଏକାଗ୍ର ହେବା । ସାଧାରଣ ମଣିଷ ମନର ପୃଷ୍ଠଭାଗରେ କିଛି ଗୋଟିଏ ତତ୍ପରତା ରହିଥାଏ ଯାହାକି ବାସ୍ତବ ଆତ୍ମାକୁ ଆବରଣ କରି ରଖିଥାଏ । କିନ୍ତୁ ଏହି ପୃଷ୍ଠଭାଗର ପଶ୍ଚାତରେ ଅନ୍ୟ ଏକ ଗୁପ୍ତଚେତନା ରହିଛି ଯେଉଁଥିରେ ଆମେ ଅସଲ ଆତ୍ମା ଓ ପ୍ରକୃତିର ଏକ ବ୍ୟାପକ ଓ ଗଭୀର ସତ୍ୟ ବିଷୟରେ ସଚେତନ ହୋଇପାରୁ, ଆମେ ଆତ୍ମାର ଉପଲବ୍ଧି କରିପାରୁ ଓ ସ୍ୱଭାବର ରୂପାନ୍ତର ସାଧନ କରିପାରୁ । ଏହି ଏକାଗ୍ରତାର ଲକ୍ଷ୍ୟ ହେଲା ବାହ୍ୟ ମନର ସ୍ତରକୁ ପରିତ୍ୟାଗ କରି ଅନ୍ତରତମ ପ୍ରଦେଶରେ ବାସ କରିବାକୁ ଆରମ୍ଭ କରିବା । ଏହି ବାହ୍ୟ ଚେତନା ଛଡ଼ା ଯଥାର୍ଥ ଚେତନାର ଅନ୍ୟ ଦୁଇଟି ପ୍ରଧାନ କେନ୍ଦ୍ର ଅଛି – ଗୋଟିଏ ହେଲା ହୃତ୍‌କେନ୍ଦ୍ର ( ସ୍ଥୂଳ ହୃତ୍‌ପିଣ୍ଡ ନୁହେଁ, ବକ୍ଷସ୍ଥଳର କେନ୍ଦ୍ରରେ ଥିବା ସୂକ୍ଷ୍ମ ହୃତ୍‌କେନ୍ଦ୍ର) ଓ ଅନ୍ୟଟି ମସ୍ତକ । ହୃଦୟରେ ଏକାଗ୍ରତା ଫଳରେ ଅନ୍ତରର ଉନ୍ମୋଚନ ଘଟେ ଓ ଏହି ଆନ୍ତର ଉନ୍ମୋଚନକୁ ଅନୁସରଣ କରି ଓ ଗଭୀରତା ମଧ୍ୟକୁ ପ୍ରବେଶ କରି ବ୍ୟକ୍ତି ଆତ୍ମା ବା ଚୈତ୍ୟସତ୍ତାଙ୍କ ବିଷୟରେ ଅବଗତ ହୁଏ, ଯାହାକି ବ୍ୟକ୍ତି ମଧ୍ୟରେ ପ୍ରତିଷ୍ଠିତ ଦିବ୍ୟ-ଉପାଦାନ । ଏହି ଉନ୍ମୋଚନ ଫଳରେ ତାହା କ୍ରମେ ଆଗେଇ ଆସେ, ସ୍ୱଭାବକୁ ନିୟନ୍ତ୍ରଣ କରେ, ତାହାକୁ ବଦଳାଇ ଦିଏ ଓ ଏହାର ସମସ୍ତ ଗତିବିଧିକୁ ସତ୍ୟ ତଥା ଭଗବାନଙ୍କ ଆଡ଼କୁ ଘୂରାଇ ଦିଏ । ଯାହାକିଛି ଊର୍ଦ୍ଧ୍ୱରେ ଅଛି ତାହାକୁ ଏହାରି ମଧ୍ୟକୁ ଉତାରି ଆସିବାକୁ ଆହ୍ୱାନ କରେ; ଏହା ଭଗବତ୍ ଉପସ୍ଥିତିର ଚେତନା ଆଣି ଦିଏ ଯାହାକି ସତ୍ତାର ସର୍ବୋତ୍ତମ ଭଗବାନଙ୍କ ଠାରେ ପୂର୍ଣ୍ଣ ସମର୍ପିତ । ଆମ ଊର୍ଦ୍ଧ୍ୱରେ ଅପେକ୍ଷା କରି ରହିଥିବା ଏକ ବୃହତ୍ ଶକ୍ତି ଓ ସଚେତନତା ଆମ ପ୍ରକୃତି ମଧ୍ୟକୁ ଅବତରଣ କରି ଆସିବାକୁ ଆମନ୍ତ୍ରଣ କରେ । ହୃତ୍‌କେନ୍ଦ୍ରରେ ଏକାଗ୍ର ହୋଇ ନିଜକୁ ଭଗବାନଙ୍କଠାରେ ସମର୍ପଣ କରିବା ଓ ହୃଦୟରେ ଭଗବତ୍ ଚେତନାର ପ୍ରତିଷ୍ଠା ପାଇଁ ଏହି ଆନ୍ତର ଉନ୍ମୋଚନ ସକାଶେ ଆସ୍ପୃହା କରିବା ହେଉଛି ପ୍ରଥମ ଉପାୟ । ଏହି କାର୍ଯ୍ୟ କରାଯାଇ ପାରିଲେ ସ୍ୱାଭାବିକ ଭାବେ ସାଧନାର ଶୁଭାରମ୍ଭ ହୁଏ । ଏହାର ଫଳ ଥରେ ପ୍ରାପ୍ତ ହେଲେ ଆଧ୍ୟାତ୍ମିକ ଯାତ୍ରା ଅଧିକତର ସରଳ ଓ ନିରାପଦ ହୁଏ, ଅନ୍ୟ ଉପାୟରେ ଆରମ୍ଭ କଲେ ସେପରି ହୁଏ ନାହିଁ ।

ଅନ୍ୟ ପନ୍ଥା ହେଲା ମସ୍ତକରେ ଏକାଗ୍ର ହେବା ଯାହାକି

ମାନସିକ କେନ୍ଦ୍ର । ଯଦି ଏହା ବାହ୍ୟ ମନରେ ଶାନ୍ତି ଆଣିପାରେ ତେବେ ତାହା ଏକ ଆନ୍ତର, ବ୍ୟାପକ, ଗଭୀରତର ମନର ଉଦ୍‌ଘାଟନ କରେ । ତାହା ଆଧ୍ୟାତ୍ମିକ ଅନୁଭୂତି ଓ ଆଧ୍ୟାତ୍ମିକ ଜ୍ଞାନ ଗ୍ରହଣ କରିବା ଦିଗରେ ଅଧିକ ସମର୍ଥ ହୁଏ । କିନ୍ତୁ ଏହି କେନ୍ଦ୍ରରେ ଥରେ ଏକାଗ୍ର ହେଲେ ମନର ଊର୍ଦ୍ଧ୍ୱରେ ଥିବା ନୀରବ ମାନସିକ ଚେତନା ଦିଗରେ ବ୍ୟକ୍ତି ଉନ୍ମୁଖ ହୁଏ । କିଛିଦିନ ପରେ ବ୍ୟକ୍ତି ଅନୁଭବ କରେ ଯେ ତା'ର ଚେତନା ଊର୍ଦ୍ଧ୍ୱକୁ ଉଠିଚାଲିଛି ଏବଂ ପରିଶେଷରେ ସେ ଅନୁଭବ କରେ ଯେ ଗୋଟିଏ ଢାଙ୍କୁଣୀର ବହୁ ଊର୍ଦ୍ଧ୍ୱକୁ ସେ ଉଠି ଯାଇଛି ଯେଉଁ ଢାଙ୍କୁଣୀ ତାକୁ ଶରୀର ମଧ୍ୟରେ ଆବଦ୍ଧ କରି ରଖିଥିଲା । ସେ ମସ୍ତକର ଊର୍ଦ୍ଧ୍ୱରେ ଏକ କେନ୍ଦ୍ରର ସନ୍ଧାନ ପାଏ ଓ ସେଠାରୁ ସେ ନିଜକୁ ଅସୀମତା ମଧ୍ୟରେ ମୁକ୍ତ କରିଦିଏ । ସେଠାରେ ସେ ବିଶ୍ୱଜନୀନ ଭାଗବତ-ଚେତନା ସହିତ ସମ୍ପର୍କରେ ଆସେ ଯାହାକି ଦିବ୍ୟ ପ୍ରଶାନ୍ତି, ଦିବ୍ୟ-ଆଲୋକ, ଦିବ୍ୟ ଶକ୍ତି, ଦିବ୍ୟ ଜ୍ଞାନ ଓ ଦିବ୍ୟାନନ୍ଦ । ଏହାରି ମଧ୍ୟକୁ ପ୍ରବେଶ କରିବାକୁ, ଏହାହିଁ ହୋଇ ଯିବାକୁ ଆରମ୍ଭ କରେ । ଆହୁରି ମଧ୍ୟ ଅନୁଭବ କରେ ଯେ ଏହିସବୁ ଦିବ୍ୟତ୍ୱ ତା' ପ୍ରକୃତି ମଧ୍ୟକୁ ଅବତରଣ କରି ଆସୁଛନ୍ତି । ମନରେ ନୀରବତାର ପ୍ରତିଷ୍ଠା ପାଇଁ ଆସ୍ପୃହା କରି ଓ ଊର୍ଦ୍ଧ୍ୱରେ ଆତ୍ମା ଓ ଭଗବାନଙ୍କର ଉପଲବ୍ଧି କରିବା ପାଇଁ ଇଚ୍ଛା କରି ମସ୍ତକରେ ଏକାଗ୍ର ହୋଇ ଧ୍ୟାନ କରିବା ହେଲା ଧ୍ୟାନ କରିବାର ଦ୍ୱିତୀୟ ପଦ୍ଧତି । ଏକଥା ମନେ ରଖିବା ଅତି ତାତ୍ପର୍ଯ୍ୟପୂର୍ଣ୍ଣ ଯେ ମସ୍ତକ କେନ୍ଦ୍ରର ଚେତନାରେ ଏକାଗ୍ର ହେବା ହେଲା ତାହାର ଊର୍ଦ୍ଧ୍ୱସ୍ଥ ଚେତନା କେନ୍ଦ୍ର ଆଡ଼କୁ ଉଠିଯିବା ପାଇଁ ଏକ ପ୍ରସ୍ତୁତି; ଅନ୍ୟଥା ବ୍ୟକ୍ତି ନିଜ ମନ ମଧ୍ୟରେ ଓ ତାହାରି ଅନୁଭୂତି ମଧ୍ୟରେ ଅଟକି ରହିଯାଇପାରେ ବା ଅତି ବେଶୀରେ ଆଧ୍ୟାତ୍ମିକ ଲୋକୋତ୍ତର ଚେତନା ମଧ୍ୟକୁ ଉଠି ନଯାଇ, ସେଠାରେ ବାସ ନକରି ଊର୍ଦ୍ଧ୍ୱସ୍ଥ ସତ୍ୟର ଏକ ପ୍ରତିବିମ୍ବ ମାତ୍ର ପ୍ରାପ୍ତ କରିପାରେ । କେତେକଙ୍କ ପାଇଁ ମାନସିକ ଏକାଗ୍ରତା ସହଜ ହୋଇଥାଏ, ପୁଣି କେତେକଙ୍କ ପାଇଁ ହୃତ୍‌କେନ୍ଦ୍ରରେ ଏକାଗ୍ର ହେବା ସହଜ ବୋଧ ହୋଇଥାଏ । କେତେକ ପର୍ଯ୍ୟାୟକ୍ରମେ ଉଭୟର ଅଭ୍ୟାସ କରିବାକୁ ସକ୍ଷମ ହୋଇଥା'ନ୍ତି । କିନ୍ତୁ ବ୍ୟକ୍ତି ଯଦି ସକ୍ଷମ ହୁଏ ତେବେ ହୃତ୍‌କେନ୍ଦ୍ରରେ ଏକାଗ୍ର ହେବା ଅଧିକ ବାଞ୍ଛନୀୟ ।

ଶୃଙ୍ଖଳାର ଅନ୍ୟ ଦିଗଟି ହେଲା ବ୍ୟକ୍ତି ସ୍ୱଭାବର କ୍ରିୟା, ମନର, ଜୀବନୀ ଶକ୍ତିର ବା ପ୍ରାଣର କ୍ରିୟା ଓ ଶରୀର ସତ୍ତାର କ୍ରିୟା ସମ୍ପର୍କୀୟ ଶୃଙ୍ଖଳା । ଏ କ୍ଷେତ୍ରରେ ନୀତି ହେଲା ଆନ୍ତର ସିଦ୍ଧି ସହିତ ସ୍ୱଭାବର ଐକ୍ୟ ପ୍ରତିଷ୍ଠା କରିବା ଯାହାଫଳରେ ବ୍ୟକ୍ତି ଦୁଇ ପରସ୍ପର ବିରୋଧୀ ଚେତନା ମଧ୍ୟରେ ଦ୍ୱିଖଣ୍ଡିତ ହୋଇ ନଯାଏ । ଏଥିପାଇଁ ଅନେକ ପ୍ରକାର ଶୃଙ୍ଖଳା ବା ଧାରାର ବ୍ୟବସ୍ଥା ରହିଛି । ବ୍ୟକ୍ତି ନିଜର ସମସ୍ତ କର୍ମ ଭଗବାନଙ୍କୁ ଅର୍ପଣ କରିବ ଓ ଆନ୍ତର ପ୍ରେରଣା ପାଇବା ପାଇଁ ଓ ନିଜର ସ୍ୱଭାବକୁ ଉଚ୍ଚତର ଶକ୍ତିର ପରିଚାଳନାଧୀନ କରି ରଖିବା ପାଇଁ ଆସ୍ପୃହା କରିବ । ଯଦି ଅନ୍ତର୍ମୁଖୀ ଆତ୍ମଚେତନାର ଜାଗରଣ ହୁଏ, ଯଦି ଚୈତ୍ୟସତ୍ତା ସମ୍ମୁଖ ଭାଗକୁ ଆସିଯା'ନ୍ତି ତେବେ ଆଉ ବିଶେଷ ଅସୁବିଧା ରହେ ନାହିଁ । ତା' ସହିତ ଆସେ ଏକ ଚୈତ୍ୟ ବିବେଚନାର ଶକ୍ତି, ସବୁବେଳେ ଚୈତ୍ୟବାର୍ତ୍ତା ମିଳେ ଓ ପରିଶେଷରେ ବ୍ୟକ୍ତି ଚୈତ୍ୟସତ୍ତାଙ୍କ ଶାସନାଧୀନ ହୁଏ । ତାହା ସବୁକିଛି ଅପୂର୍ଣ୍ଣତାକୁ ପଦାରେ ପକାଇ ଦିଏ ଓ ଧୀରେ ଧୀରେ ଧୈର୍ଯ୍ୟର ସହିତ ସେସବୁକୁ ଅପସାରଣ କରେ । ଉପଯୁକ୍ତ ମାନସିକ ଓ ପ୍ରାଣିକ ବୃତ୍ତିସବୁ ଆଣିଦିଏ ଓ ଶରୀର ଚେତନାକୁ ନୂଆକରି ଗଢ଼ିତୋଳେ ମଧ୍ୟ । ଅନ୍ୟ ଏକ ପଦ୍ଧତି ହେଲା ମନ, ପ୍ରାଣ ଓ ଶରୀର ସତ୍ତାର ଗତିବୃତ୍ତିଠାରୁ ନିଜକୁ ବିଚ୍ଛିନ୍ନ କରି ପଛକୁ ଘୁଞ୍ଚି ଠିଆହେବା, ସେସବୁର କ୍ରିୟାକଳାପକୁ ବ୍ୟକ୍ତି ଉପରେ ଆରୋପ କରାଯାଇଥିବା ସାଧାରଣ ପ୍ରକୃତିର ଗୋଟିଏ ସଚରାଚର ଗଠନଧାରା ଭାବେ ଗ୍ରହଣ କରିବା । ଆମେ ଭାବିବା ଯେ ସେଗୁଡ଼ିକ ଆମ କୃତକର୍ମର ଫଳ ଭାବେ ଆମ ନିକଟକୁ ଆସିଛି, ସେସବୁ ସହିତ ଆମର ଅସଲ ଆତ୍ମାର କୌଣସି ସମ୍ପର୍କ ନାହିଁ । ଯେତିକି ଯେତିକି ଆମେ ଏହି ସାଧନାରେ ସଫଳ ହେବା, ନିଜକୁ ପୃଥକ୍ କରି ରଖିବା, ମନକୁ ତାହାର କ୍ରିୟାକଳାପକୁ ଆମର ନିଜର ନୁହେଁ ବୋଲି ଜାଣିବା, ପ୍ରାଣ ଓ ତାହାର କ୍ରିୟାକଳାପକୁ ଆମର ନିଜର ନୁହେଁ ବୋଲି ଜାଣିବା, ଶରୀର ଓ ତାହାର କ୍ରିୟାକଳାପକୁ ଆମର ନିଜର ନୁହେଁ ବୋଲି ଜାଣିବା ସେତିକି ସେତିକି ଆମେ ଆମ ଅନ୍ତରସ୍ଥ ଦିବ୍ୟସତ୍ତାଙ୍କ ବିଷୟରେ ସଚେତନ ହେବା – ଆମ ଆନ୍ତର ମନ, ଆନ୍ତର ପ୍ରାଣ, ଆନ୍ତର ଶରୀର ଚେତନା ଯାହାକି ନୀରବ, ପ୍ରଶାନ୍ତ, ନିର୍ଲିପ୍ତ, ଅନାସକ୍ତ, ତାହା ଆମ ଊର୍ଦ୍ଧ୍ୱ ଚେତନାର ଯଥାର୍ଥ ଆତ୍ମାକୁ ପ୍ରତିଫଳିତ କରେ ଓ ତାହାର ସ୍ୱଷ୍ଟ ପ୍ରତିନିଧି ହୋଇପାରେ । ଏହି ନୀରବ ଆନ୍ତର ସତ୍ତାଙ୍କ ଠାରୁ, ଯାହାକିଛିକୁ ପ୍ରତ୍ୟାଖ୍ୟାନ କରିବା ଆବଶ୍ୟକ, ତାହାର ପ୍ରତ୍ୟାଖ୍ୟାନର ସୂତ୍ରପାତ ହୁଏ, ଯାହାକୁ ବଞ୍ଚାଇ ରଖି ରୂପାନ୍ତର କରାଯାଇପାରେ ଓ କେବଳ

ତାହାକୁ ଗ୍ରହଣ କରିବା ସମ୍ଭବ ହୁଏ । ସେହି ସତ୍ତାଙ୍କଠାରୁ ପୁଣି ଆରମ୍ଭ ହୁଏ ସିଦ୍ଧି ପାଇଁ ଏକ ଅନ୍ତରତମ ଦୃଢ଼ ଇଚ୍ଛାଶକ୍ତିର ଉନ୍ମେଷ ଓ ଯାହା ପ୍ରକୃତିର ରୂପାନ୍ତର ପାଇଁ ଆବଶ୍ୟକ ତାହା କାର୍ଯ୍ୟକାରୀ କରିବା ପାଇଁ ପ୍ରତି ପଦକ୍ଷେପରେ ଭଗବତ୍ ଶକ୍ତିଙ୍କୁ ଆବାହନ କରିବା ସମ୍ଭବ ହୁଏ । ଆହୁରି ମଧ୍ୟ ଏହା ଅନ୍ତରତମ ଚୈତ୍ୟସତ୍ତାଙ୍କ ଆଡ଼କୁ ମନ, ପ୍ରାଣ ଓ ଶରୀରକୁ ଅବାଧରେ ଉନ୍ମୁକ୍ତ କରି ରଖିପାରେ, ତାଙ୍କର ପ୍ରଭାବ ତଥା ପ୍ରତ୍ୟକ୍ଷ ପରିଚାଳନାଧୀନ କରିପାରେ । ଅଧିକାଂଶ କ୍ଷେତ୍ରରେ ଏହି ଦୁଇ ପ୍ରଣାଳୀ ପ୍ରକାଶିତ ହୋଇ ଏକତ୍ର କାର୍ଯ୍ୟ କରିଥା'ନ୍ତି ଓ ଶେଷରେ ଗୋଟିଏ ମାତ୍ର ଧାରାରେ ପରିଣତ ହୋଇଯା'ନ୍ତି । କିନ୍ତୁ ପ୍ରଥମରେ ବ୍ୟକ୍ତି ଯେକୌଣସି ଗୋଟିଏ ପଦ୍ଧତି ଅନୁସରଣ କରି ସାଧନା ଆରମ୍ଭ କରିପାରନ୍ତି ଯାହା ତାଙ୍କ ପାଇଁ ସରଳ ଓ ସ୍ୱାଭାବିକ ମନେ ହେବ ।

ପରିଶେଷରେ ପ୍ରତ୍ୟେକ ଅସୁବିଧା ବେଳେ ଯେତେବେଳେ କି ଅଗ୍ରଗତି ବ୍ୟାହତ ହୁଏ ସେତେବେଳେ ଗୁରୁଙ୍କ ସାହାଯ୍ୟର ହସ୍ତକ୍ଷେପ ଫଳରେ ସିଦ୍ଧି ପାଇଁ କ'ଣ କରିବା ଆବଶ୍ୟକ ଓ କି ପ୍ରକାର ସାହାଯ୍ୟ ତତ୍କ୍ଷଣାତ୍ ଦରକାର ତାହାସବୁ ମିଳିଯାଏ ।

(ଶତବାର୍ଷିକୀ ସଂସ୍କରଣ (ଇଂରାଜୀ), ୨୩ଶ ଖଣ୍ଡ, ପୃ. ୫୧୬-୧୯)

The help of Sri Aurobindo is constant: it is for us to know how to receive it.

(CWM. Vol. 13, p. 13) – THE MOTHER

*With best compliments from :*

**SRI JAGANNATH RICE MILL**

**MAITAPUR, BALASORE (ODISHA)**

# ଶ୍ରୀଅରବିନ୍ଦଙ୍କର ଏକ ପତ୍ର

**୨୩ ଜୁନ୍, ୧୯୧୬**

ଆଧ୍ୟାତ୍ମିକ ଉନ୍ନତି ଦିଗରେ ଯେଉଁସବୁ ବାଧାବିଘ୍ନ ଭୋଗ କରିବାକୁ ହେଉଛି, ତା' ଆମ ସମସ୍ତଙ୍କୁ ମଧ୍ୟ ଭୋଗ କରିବାକୁ ହେଉଛି । ଏହି ଯୋଗରେ ଯେତେଦିନ ପର୍ଯ୍ୟନ୍ତ ଆମର ସମଗ୍ର ସତ୍ତା ଏମିତି ଭାବରେ ଗଢ଼ି ନ ଉଠିଛି ଯେ, — ଆମର ବ୍ୟକ୍ତିଗତ ପ୍ରକୃତିର କୌଣସି ନିମ୍ନମୁଖୀ ଭାବ ବା ବାହାରର ବିଶୃଙ୍ଖଳ ଜଗତର କୌଣସି ପ୍ରଭାବ କିଂବା ଏମିତି କି ଯେଉଁମାନେ ଏହି ଯୋଗମାର୍ଗରେ ଆମ ସହିତ ଘନିଷ୍ଠ ଭାବରେ ସଂଯୁକ୍ତ ସେମାନଙ୍କର ମନମିଜାଜ ଆଉ ଆମକୁ ବିଚଳିତ କରିପାରେ ନାହିଁ, ସେତେଦିନ ପର୍ଯ୍ୟନ୍ତ ଉନ୍ନତିର ସହ ସର୍ବଦା ଫେରିଯାଇ ପୁଣି ସେହି ସାଧାରଣ ମତିଗତି ଅବସ୍ଥାରେ ଯାଇ ପଡ଼ିବାକୁ ହୁଏ । ପ୍ରଚଳିତ ସମସ୍ତ ଯୋଗରେ ମଣିଷ ବିଶେଷ ଭାବରେ କୌଣସି ଗୋଟିଏ ଲକ୍ଷ୍ୟକୁ ନେଇ ଅଗ୍ରସର ହୁଏ । ତେଣୁ ସେଠାରେ ଏହି ଧରଣର ପଶ୍ଚାଦ୍‌ଗାମୀ ହେବାର ସମ୍ଭାବନା ଖୁବ୍ କମ୍ । କିନ୍ତୁ ଆମର ଏହି ଯୋଗ ଏତେ ଜଟିଳ ଓ ବହୁମୁଖୀ ଏବଂ ଏହାର ପ୍ରକାଣ୍ଡ ଆୟତନ ମଧ୍ୟରେ ଏତେ ସବୁ ବିରାଟ ଉଦ୍ଦେଶ୍ୟ ସ୍ଥାପନ ହୋଇଛି ଯେ ଯେତେଦିନ ପର୍ଯ୍ୟନ୍ତ ଆମେ କୌଣସି ଏକ ପ୍ରଚେଷ୍ଟାର ସିଦ୍ଧିରେ ଆସି ନ ପହଞ୍ଚୁଛୁ ସେତେଦିନ ପର୍ଯ୍ୟନ୍ତ ବାଧାହୀନ ଭାବରେ ଆଗେଇ ଯିବାର ଆଶା କରି ପାରିବୁ ନାହିଁ । ବିଶେଷ ଭାବରେ ଆଧ୍ୟାତ୍ମିକ ଜଗତରେ ଯେତେ ପ୍ରକାର ଶତ୍ରୁ ଶକ୍ତି ଅଛନ୍ତି ସେମାନେ ସର୍ବଦା ଆମକୁ ବାଧା ଦେବାରେ ଲାଗି ପଡ଼ିଛନ୍ତି ଏବଂ ଆମର ଯେତେ ଲାଭର ବସ୍ତୁ ତାହା ଆମଠାରୁ ଛଡ଼ାଇ ନେବାକୁ ଚେଷ୍ଟା କରୁଛନ୍ତି । ଏହାର କାରଣ ହେଉଛି ଆମ ଭିତରେ କେହି ଜଣେ ଯଦି ପୂର୍ଣ୍ଣ ସିଦ୍ଧି ଲାଭ କରେ, ତାହାହେଲେ ତାଙ୍କ ରାଜ୍ୟର ପତନ ଆରମ୍ଭ ହେଲା ବୋଲି ଜାଣ । ବସ୍ତୁତଃ ବିନା ସାହାଯ୍ୟରେ, କେବଳ ନିଜର ବ୍ୟକ୍ତିଗତ ଚେଷ୍ଟା ଦ୍ୱାରା ଆମ୍ଭେମାନେ କେବେହେଲେ ଏ ଯୋଗରେ ସଫଳକାମ ହେବାର ଆଶା କରି ପାରି ନଥା'ନ୍ତୁ । କେବଳ ଯେତିକି ପରିମାଣରେ ଆମ୍ଭେମାନେ କ୍ରମଶଃ ବେଶୀ ବେଶୀ ବିଶ୍ୱଜନନୀଙ୍କ ଚେତନାରେ ଉତ୍ତୀର୍ଣ୍ଣ ହୋଇ ତାଙ୍କ ସହିତ ସଂଯୁକ୍ତ ହୋଇପାରୁ, ସେଇ ପରିମାଣରେ ସ୍ଥାୟୀ ଭାବରେ କେତେକ ବାଧା କଟାଇ ଉଠିବାର ଆଶା କରିପାରୁ । ମୋ ନିଜର ମଧ୍ୟ ଏମିତି କେତେ ଥର ହୋଇଛି । ଯେଉଁସବୁ ଅବସ୍ଥା ସମ୍ବନ୍ଧରେ ମୋର ଧାରଣା ହୋଇ ଆସିଥିଲା ଯେ ମୁଁ ସେମାନଙ୍କୁ ନିଶ୍ଚିତ ରୂପେ ଆୟତ୍ତାଧୀନ କରିପାରିଛି, ସେଠାରୁ ପୁଣି ମୋତେ ପୂର୍ବର ଅବସ୍ଥାକୁ ଫେରି ଯିବାକୁ ପଡ଼ିଛି; ବର୍ତ୍ତମାନ ମୋ ଯୋଗର କୌଣସି ଏକ ଅଂଶ ସମ୍ବନ୍ଧରେ ଏତିକି କହିପାରେ ଯେ ତାହା ସିଦ୍ଧ ହୋଇଛି । ତଥାପି ମୁଁ ସର୍ବଦା ଗୋଟିଏ କଥା ଲକ୍ଷ୍ୟ କରି ଆସିଛି; ଯେତେବେଳେ ଏମିତି ଗୋଟିଏ ପୁରୁଣା ଅବସ୍ଥାକୁ ମୁଁ ଅତିକ୍ରମ କରି ଆସିଛି ତତ୍‌କ୍ଷଣାତ୍ ଏମିତି ଗୋଟିଏ ନୂତନ ଆଧ୍ୟାତ୍ମିକ ସାଫଲ୍ୟ ଲାଭ କରିଛି, ଯେଉଁ ଦିଗଟା ଆମର ସେଇ ଆଂଶିକ ପରିତୃପ୍ତିର ଅବସ୍ଥାକୁ ଭିଡ଼ି ରହିଥିଲେ ତାହା ବାକୀ ରହିଯାଇ ଥାଆନ୍ତା । ବିଶେଷ କରି ମୋର ଯୋଗମାର୍ଗରେ ଆଗେଇବାର ଚିତ୍ରଟି ବହୁବର୍ଷ ପୂର୍ବରୁ ମୋ ଆଖି ସାମନାରେ ଅଙ୍କା ହୋଇ ରହିଛି ବୋଲି ମୁଁ ପ୍ରତି ପଦକ୍ଷେପରେ ମୋର ଉନ୍ନତିର ସଠିକ ପରିମାପ କରିପାରେ । ବିଶେଷ କରି ଯେଉଁସବୁ କ୍ଷତି ଘଟିଛି ସେ ସମସ୍ତର ପୂରଣସ୍ୱରୂପ ସମସ୍ତଙ୍କୁ ମିଶାଇ ଯେତେଟା ଆଗେଇ ପାରିଛି ସେ ସମ୍ବନ୍ଧରେ ମୁଁ ଗୋଟିଏ ପରିଷ୍କାର ଚେତନା ମଧ୍ୟ ଲାଭ କରିଛି । ଚରମ ସିଦ୍ଧି ବର୍ତ୍ତମାନ ବହୁ ଦୂରରେ, କିନ୍ତୁ ସମ୍ମୁଖରେ ଏତେ ପ୍ରଚଣ୍ଡ ବିରୋଧ ଥିବା ସତ୍ତ୍ୱେ କିଛି ଯେ ଉନ୍ନତି ହୋଇଛି, ତାହାହିଁ ହେଉଛି ଭବିଷ୍ୟତର ପୂର୍ଣ୍ଣସିଦ୍ଧିର ପ୍ରକୃଷ୍ଟ ପ୍ରମାଣ । କେବଳ ତା'ର ସମୟ ନିର୍ଦ୍ଧାରଣର ଦାୟିତ୍ୱଟି ଆମ ହାତରେ ନାହିଁ — ତାହା ଅନ୍ୟତ୍ର । ତେଣୁ ମୁଁ ଅଧୈର୍ଯ୍ୟ ଏବଂ ଅସନ୍ତୋଷକୁ ମୋ ପାଖକୁ ଆସିବାକୁ ଦିଏ ନାହିଁ ।

ଯେଉଁ ଶକ୍ତି ମୋ ମଧ୍ୟରେ କର୍ମରତ ସେ ଆଜିକୁ ଦୀର୍ଘକାଳ ଧରି ଅଫୁରନ୍ତ ଧୈର୍ଯ୍ୟ ସହକାରେ ଏବଂ ଅବିକମ୍ପ ଇଚ୍ଛା ଶକ୍ତି ପ୍ରୟୋଗ କରି ମୋଠାରୁ ସାଧନାର ପ୍ରଥମ ଅବସ୍ଥାରେ ଯେଉଁ ବସ୍ତୁଗୁଡ଼ିକ ଦାବୀ କରି ଆସୁଛି, ତା' ହେଲା ମନ ଓ ହୃଦୟରେ ଅଖଣ୍ଡ ସମତାର ଭାବ ଓ ସତ୍ତାର ସମସ୍ତ ଅଂଶରେ ଗୋଟିଏ ସୁନିର୍ମଳ ଶୁଦ୍ଧି ଏବଂ ଅବିଚଳିତ ଶକ୍ତିର ପ୍ରତିଷ୍ଠା । ଅନ୍ୟାନ୍ୟ ଶକ୍ତିମାନଙ୍କର ଚେଷ୍ଟା ହେଲା ଏହି ପ୍ରାଥମିକ ସର୍ତ୍ତଗୁଡ଼ିକୁ ଅବହେଳା କରି କ୍ଷିପ୍ର ଗତିରେ ଆଗେଇ ଯିବା । କିନ୍ତୁ ମୋ

ଭିତରର ଶକ୍ତି ସେସବୁ ଚେଷ୍ଟାକୁ ବର୍ଜନ କରି ଚାଲିଛି, ଯେପରି ଜଣେ କାରିଗର ଧୈର୍ଯ୍ୟ ସହକାରେ ତା' କାମଟିର ଯେତେ ଦୋଷତ୍ରୁଟିସବୁ ସଂଶୋଧନ କରେ, ଠିକ୍ ସେହିପରି ଏହି ଶକ୍ତି ଥରକୁ ଥର ଫେରି ପୁଣି ଯେଉଁଗୁଡ଼ିକ କଞ୍ଚା ରହିଯାଇଛି ସେଇସବୁ ସ୍ଥାନରେ ଆସି କାମ କରୁଛି; ସେହିସବୁ ଦୁର୍ବଳ ଅଂଶକୁ ମରାମତି କରି ଚାଲିଛି । ମୋ ମତରେ ଏମାନେହିଁ ହେଲେ ବାକି ଅନ୍ୟ ସମସ୍ତର ଭିତ୍ତି, ସେମାନଙ୍କର ଅସ୍ତିତ୍ୱର ହେତୁ । ଏଗୁଡ଼ିକ ଯେତେ ସୁଦୃଢ଼ ହେଉଥିବ, ଯେତେ ବେଶୀ ପୂର୍ଣ୍ଣତା ଲାଭ କରୁଥିବ ସେତେ ବେଶୀ ଆମର ଆଧାର ନିପୁଣ ଓ ଜୀବନ୍ତ ଭାବରେ ସମସ୍ତ ବସ୍ତୁ ଓ ଆଧାର ମଧ୍ୟରେ ସେହି 'ଏକମେବଦ୍ୱିତୀୟମ୍'ର ପ୍ରତ୍ୟକ୍ଷ ଅନୁଭୂତି ଲାଭ କରି ପାରିବ — ସମସ୍ତ ଗୁଣରେ, ସମସ୍ତ ବ୍ୟକ୍ତି ମଧ୍ୟରେ, ସମସ୍ତ ବ୍ୟାପାରରେ, ସମଗ୍ର ପାର୍ଥିବ ଚେତନାରେ ଏବଂ ତା'ର ଏହି ସମସ୍ତ ଲୀଳାଖେଳାରେ ତାହା ଉପଲବ୍ଧି କରିବ । ଐକ୍ୟର ଚେତନା ଏହି ଭାବରେହିଁ ଗଢ଼ି ଉଠେ ଏବଂ ସେହି ପ୍ରତିଷ୍ଠିତ ଚେତନା ଉପରେହିଁ ଫୁଟିଉଠେ ଗଭୀର ପରିତୃପ୍ତି ଏବଂ ଐକ୍ୟର କ୍ରମ ବର୍ଦ୍ଧମାନ ଆନନ୍ଦ । ଅଥଚ ଆମର ପ୍ରକୃତି ଠିକ୍ ବସ୍ତୁଟି ପ୍ରତିହିଁ ସବୁଠାରୁ ଅଧିକ ବିମୁଖ । ଯେତେ ବିଭାଗ, ବିଚ୍ଛେଦ, ଦ୍ୱୈତ ମନୋବୃତ୍ତି, ଦୁଃଖଭୋଗ, ଅତୃପ୍ତ ଲାଳସା ଓ ଶ୍ରମ ଏହି ସମସ୍ତ ଦିଗକୁ ତା'ର ଝୁଙ୍କ ଏବଂ ଏହି ସମସ୍ତଙ୍କୁ ସେ ଜାବୁଡ଼ି ଧରି ରଖିବାକୁ ଚାହେଁ — ଦିବ୍ୟଶକ୍ତିର ବିଶାଳତା, ଆନନ୍ଦ, ଶାନ୍ତି, ସମଭାବ ପ୍ରଭୃତି ବ୍ୟାପାରରେ ନିଜକୁ ଅଭ୍ୟସ୍ତ କରିବା ତା'ପକ୍ଷରେ ବଡ଼ କଠିନ ବୋଧହୁଏ ଆଉ ବିଶେଷ କରି ଆମ ପ୍ରକୃତିର ପ୍ରାଣଗତ ଏବଂ ଦେହଗତ ପାର୍ଥିବ ଅଂଶଗୁଡ଼ିକର ତ କଥା କହିଲେ ନସରେ; ଏହିମାନେହିଁ ମନକୁ ଟାଣି ତଳକୁ ନେଇ ଯାଆନ୍ତି । ମନ ଯେତେବେଳେ ଏହି ନୂତନ ଚେତନାର ଧାରାରେ ଡାକ ଦିଏ, ଏମିତିକି ସେ ଯେତେବେଳେ ଦୀର୍ଘକାଳ ଧରି ଆନନ୍ଦରେ, ଶାନ୍ତିରେ ଏବଂ ଦିବ୍ୟ ଐକ୍ୟର ଉପଲବ୍ଧିରେ ବାସ କରୁଥାଏ, ସେତେବେଳେ ମଧ୍ୟ ଏମାନେ ତାକୁ ଟାଣି ତଳକୁ ଓହ୍ଲାଇ ଆଣନ୍ତି । ସେଇ କାରଣରୁ ବୋଧହୁଏ ଧର୍ମ ଓ ଦର୍ଶନଶାସ୍ତ୍ରଗୁଡ଼ିକରେ ଜୀବନ ଓ ଜାଗତିକ ଯେତେସବୁ ବ୍ୟାପାରକୁ ବାଦ୍ ଦେବା ପାଇଁ ତୀବ୍ର ଜିଦ୍ ଦେଖାଯାଏ । ସେସବୁକୁ ଜୟ କରିବାଠାରୁ ସେମାନଙ୍କୁ ଛାଡ଼ି ପଳାଇବାକୁହିଁ ସେମାନେ ଜୀବନର ଲକ୍ଷ୍ୟ ବୋଲି ସ୍ଥିର କରନ୍ତି । କିନ୍ତୁ ସେ ସମସ୍ତଙ୍କୁ ଜୟ କରିବାକୁହିଁ ହେବ, ସେମାନଙ୍କ ମଝିରେ ଯେଉଁସବୁ ବିଦ୍ରୋହୀ ଉପାଦାନ ଅଛି ସେଗୁଡ଼ିକୁ ଉଦ୍ଧାର କରିବାକୁ ହେବ, ରୂପାନ୍ତରିତ କରିବାକୁ ହେବ — ବର୍ଜନ କଲେ ଚଳିବ ନାହିଁ ।

ଐକ୍ୟ ଯେତେବେଳେ ଖୁବ୍ ଭଲ ଭାବରେ ପ୍ରତିଷ୍ଠିତ, ସେତେବେଳେ ଅର୍ଦ୍ଧେକ କାମ ଅର୍ଥାତ୍ ସ୍ଥିତିର ଦିଗଟି ଶେଷ ହୋଇଥାଏ । ବାକୀ ରହିଥାଏ ଅନ୍ୟ ଦିଗଟି ଅର୍ଥାତ୍ କ୍ରିୟାର ଦିଗଟି ଆଉ ସେତେବେଳେ ଆମେ ସେହି ''ଏକମ୍''ର ମଧ୍ୟରେ ପ୍ରତ୍ୟକ୍ଷ ଭାବରେ ଦେଖିବାକୁ ପାଉଁ ଈଶ୍ୱରଙ୍କୁ ଏବଂ ତାଙ୍କର ଶକ୍ତିକୁ — କୃଷ୍ଣ ଓ କାଳୀଙ୍କୁ । ଭାରତୀୟ ଧର୍ମରେ ଉଲ୍ଲିଖିତ ଏହି ଶବ୍ଦଗୁଡ଼ିକ ମୁଁ ବ୍ୟବହାର କରିଛି କେବଳ ଏମାନଙ୍କର ନାମକରଣ ପାଇଁ । ଯେଉଁ ଶକ୍ତି ଆମର ସମଗ୍ର ସତ୍ତାକୁ ଏବଂ ଆମର ପ୍ରକୃତିକୁ ଅଧିକାର କରିଅଛି ସେହିଁ ହୋଇ ଉଠନ୍ତି କାଳୀ, ବର୍ତ୍ତମାନଠାରୁ ସେ ତା'ଛଡ଼ା ଆଉ କିଛି ନୁହଁନ୍ତି । ଆଉ ଯେ ଈଶ୍ୱର ସେ ସେହି ଶକ୍ତିକୁ ବ୍ୟବହାର କରନ୍ତି, ନିର୍ଦ୍ଦେଶ ଦିଅନ୍ତି, ଏବଂ ତାଙ୍କୁ — ମୋର ନୁହେଁ — ନିଜର ଉଦ୍ଦେଶ୍ୟ ସିଦ୍ଧିର କାର୍ଯ୍ୟରେ ଲଗାଇ ମୋତେ ଆଶ୍ରୟ କରି ଆନନ୍ଦଭୋଗ କରନ୍ତି, ଯାହାକୁ କି ମୁଁ କହେ ସ୍ୱୟଂ 'ମୁଁ' । ପ୍ରକୃତରେ ଏହି 'ମୁଁ' ହେଲା ତାଙ୍କ ବିଶ୍ୱଲୀଳାର କେନ୍ଦ୍ର, ଏବଂ ତାଙ୍କରି ଖେଳରେ ଏ ଉତ୍ତର ଦେଉଛନ୍ତି; ଯେମିତି କ୍ଷୁଦ୍ର ଆତ୍ମା ବିରାଟ ଆତ୍ମାର ଆହ୍ୱାନର ଉତ୍ତର ଦିଏ, ନିଜେ ତା'ର ପ୍ରତିକୃତି ଧାରଣ କରେ; ଏହି ଭାବରେ ଶେଷ ପର୍ଯ୍ୟନ୍ତ କୃଷ୍ଣ ଓ କାଳୀ ଛଡ଼ା ଆଉ କାହାରି ଅସ୍ତିତ୍ୱ ରହେନା । ସମସ୍ତ ପ୍ରକାର ପଶ୍ଚାଦ୍‌ଗମନ ଓ ବିପରୀତ ଦିଗରେ ଚାଲିବା ସତ୍ତ୍ୱେ ଏହାହିଁ ହେଲା ଆମର ବର୍ତ୍ତମାନର ଅବସ୍ଥା । ଅବଶ୍ୟ ଏହାକୁ 'ବର୍ତ୍ତମାନ ବେଶ୍ ଉନ୍ନତ ଅବସ୍ଥାରେ ପହଞ୍ଚିଛି' ବୋଲି କୁହାଯାଇ ପାରେନା ଏବଂ ତୀବ୍ରତାର ଦିଗରୁ ମଧ୍ୟ ଏହା ସମ୍ପୂର୍ଣ୍ଣ ନୁହେଁ । ତେବେ ସାଧାରଣ ଅବସ୍ଥା ସଙ୍ଗେ ତୁଳନା କଲେ ଏହାକୁ ବେଶ୍ ଭଲ ଅବସ୍ଥା ବୋଲି କୁହାଯାଇପାରେ । ଏହା ଯେତେବେଳେ ପୂର୍ଣ୍ଣତା ପ୍ରାପ୍ତ ହେବ ସେତେବେଳେ ଆମ୍ଭେମାନେ ଆମ୍ଭମାନଙ୍କ ମଧ୍ୟରେ ତାଙ୍କର ଦିବ୍ୟଜ୍ଞାନର ଖେଳକୁ ସ୍ଥାୟୀ ଭାବରେ ପ୍ରତିଷ୍ଠିତ କରିବାର ଆଶା କରି ପାରିବୁ ଏବଂ ସେହି ଜ୍ଞାନ ସେତେବେଳେ ତାଙ୍କ ଦିବ୍ୟଶକ୍ତିର କାର୍ଯ୍ୟକୁ ପରିଚାଳିତ କରିବ । ତା'ପରର କଥା ହେଲା ଯେ ତାଙ୍କର ବିଶ୍ୱଲୀଳାର ବିଭିନ୍ନ ସ୍ତରକୁ ସମ୍ପୂର୍ଣ୍ଣ ଉଦ୍‌ଘାଟନ କରିବା ଏବଂ ଊର୍ଦ୍ଧ୍ୱରେ ସତ୍ୟଲୋକର ନିୟମର ଛନ୍ଦରେ ଏହି ଜଡ଼ରାଜ୍ୟ, ଆମର ଏହି ନର ଦେହ ଏବଂ ଏହି ବାହ୍ୟ ଜଗତକୁ ପରିଚାଳିତ କରିବା । ମୋର ପୂର୍ବ ଅଜ୍ଞାନତାରୁ ଏକାବେଳେକେ ପ୍ରାଥମିକ

ସର୍ତ୍ତଗୁଡ଼ିକ ପୂରଣ ନ କରି ଏହିସବୁ ବସ୍ତୁକୁ ଶୀଘ୍ର ଆୟତ୍ତ କରିବାକୁ ଚାହିଁଥା'ନ୍ତି । ସେଥିପାଇଁ ଅବଶ୍ୟ ଚେଷ୍ଟା କରିବାକୁ ହୋଇଥିଲା ଏବଂ ତା'ଫଳରେ ଜଡ଼ର ନାନାବିଧ ଯନ୍ତ୍ର ମଧ୍ୟ ପ୍ରୟୋଜନ ଅନୁଯାୟୀ ଗଢ଼ିଉଠିଲା; କିନ୍ତୁ ବର୍ତ୍ତମାନ ସେସମସ୍ତକୁ ମୁଁ ଅଦୂର ଭବିଷ୍ୟତରେ ସମ୍ଭାବ୍ୟ ଫଳପ୍ରସୂ ପୂର୍ବ ଅଭିଜ୍ଞତା ବୋଲି ମନେ କରେ ।

ଅତିମାନସ ସତ୍ତାର ଜ୍ୟୋତିଃ ଏବଂ ଶକ୍ତିକୁ ସ୍ଥାୟୀ ଭାବରେ ଅଧିକାର କରିବାହିଁ ହେଲା ବର୍ତ୍ତମାନର ପ୍ରଧାନ ଉଦ୍ଦେଶ୍ୟ ଏବଂ ସମସ୍ତ ଶକ୍ତି ସେହି ଦିଗରେ ନିଯୁକ୍ତ । କିନ୍ତୁ ବିଚାର ବୁଦ୍ଧିଗତ ଚିନ୍ତାର ଏବଂ ମନୋଗତ ଇଚ୍ଛାର ଯେତେ ପୁରାତନ ଅଭ୍ୟାସର ଅବଶିଷ୍ଟ ଅଂଶଗୁଡ଼ିକ ଅକ୍ଷୁଣ୍ଣ ରହିବାର ସଙ୍କଳ୍ପ ନେଇ ଏତେଥର ଆସି ଉପସ୍ଥିତ ହେଉଛି ଯେ, ତା' ଯୋଗୁଁ ଉନ୍ନତିର ପଥରେ ବାଧା ପଡୁଛି, ଅନିଶ୍ଚିତ ଫଳଲାଭ ହେଉଛି ଏବଂ ପୂର୍ବରୁ ଅଳ୍ପ ଯାହା କିଛି ଲାଭ ହୋଇଥିଲା ତା' ମଧ୍ୟ ହରାଇବାକୁ ପଡୁଛି । ଏହିସବୁ ଅନ୍ଧ, ହୀନବୁଦ୍ଧି, ଯନ୍ତ୍ରଚାଳିତବତ୍ ଶକ୍ତିଗୁଡ଼ିକ ନିଜ ନିଜର ଅନୁପଯୋଗିତା ସ୍ପଷ୍ଟ ରୂପେ ଦେଖି ମଧ୍ୟ ଏକାବେଳେକେ ସଂଶୋଧନ ପରାଙ୍ମୁଖ । ଏମାନେ ବର୍ତ୍ତମାନ ଆଉ ମୋ ମଧ୍ୟରେ ନାହାନ୍ତି; କିନ୍ତୁ ଯେତେଥର ବିଚରା ମନ ନିଜକୁ ଏକମାତ୍ର ସେହି ଅତିମାନସର ଆଲୋକ ଦିଗରେ ଏବଂ ଉର୍ଦ୍ଧ୍ୱର ଆଦେଶ ଅପେକ୍ଷାରେ ଖୋଲି ଧରିବାକୁ ଚେଷ୍ଟା କରେ, ସେତେଥର ଏମାନେ ତା'ର ଚାରିପାଖରେ ପଙ୍ଗାକୁ ପଙ୍ଗା ଆସି ଭିଡ଼ ଜମାନ୍ତି, ଆଉ ତା'ର କାନ୍ଧରେ ନିଜ ନିଜର ଯେତେସବୁ ମତଲବ ଲଦି ଦିଅନ୍ତି, ଯଦ୍ୱାରା ମନ ମଧ୍ୟରେ ଜ୍ଞାନ ଓ ଇଚ୍ଛାଶକ୍ତି ଅସ୍ପଷ୍ଟ ଭାବରେ, ବିକୃତ ଆକାରରେ, ଅଧିକାଂଶ ସମୟରେ ଭୁଲ୍ ନିର୍ଦ୍ଦେଶ ଆଣି ପହଞ୍ଚାଏ । ଅବଶ୍ୟ ବ୍ୟାପାରଟି ସମୟସାପେକ୍ଷ; ଆକ୍ରମଣର ଏହି ବେଗ କ୍ରମଶଃ ନିଶ୍ଚିତ ଭାବେ କମିଯିବ ଏବଂ ଶେଷକୁ ତା' ପ୍ରତିହତ ହେବ ନିଶ୍ଚୟ ।

(CWSA : Vol. 36, pp. 288 - 291)

ଅନୁବାଦ : ଶ୍ରୀମତୀ ଶାନ୍ତିମୟୀ ଦେବୀ ❖

ଯେଉଁମାନେ ଅନ୍ଧକାର ଶକ୍ତି ଉପରେ ଦିବ୍ୟସତ୍ୟର ଆଲୋକର ବିଜୟକୁ ସାହାଯ୍ୟ କରିବାକୁ ଚାହାନ୍ତି, ସେମାନେ ନିଜ ଗତିବୃତ୍ତି ଓ କର୍ମର ଆରମ୍ଭରେ ହେବାକୁ ଯାଉଥିବା ପ୍ରବୃତ୍ତିଗୁଡ଼ିକୁ ଯତ୍ନର ସହିତ ପର୍ଯ୍ୟବେକ୍ଷଣ କରିବା ଉଚିତ ଏବଂ କେଉଁଗୁଡ଼ିକ ଦିବ୍ୟ ସତ୍ୟରୁ ଆସୁଛି ଓ କେଉଁଗୁଡ଼ିକ ମିଥ୍ୟାଚାରରୁ ଆସୁଛି ତାହା ଭିତରେ ଥିବା ପ୍ରଭେଦକୁ ଠିକ୍ ଭାବରେ ବୁଝିବା ଉଚିତ, ଯାହାଫଳରେ ସେମାନେ ପ୍ରଥମଟିକୁ ଗ୍ରହଣ କରି ଅନ୍ୟଗୁଡ଼ିକୁ ଯେପରି ଅସ୍ୱୀକାର ଓ ପ୍ରତ୍ୟାଖ୍ୟାନ କରି ପାରିବେ ।

ଏହି ପ୍ରଭେଦଟିକୁ ଦେଖି ପାରିବା ଓ ବୁଝି ପାରିବାର ଶକ୍ତି ହେଉଛି ପାର୍ଥିବ ବାତାବରଣରେ ସତ୍ୟର ଦିବ୍ୟ ଆଲୋକ ଆଗମନର ପ୍ରଥମ ଫଳାଫଳମାନଙ୍କ ଭିତରୁ ଅନ୍ୟତମ ।

ଅବଶ୍ୟ ମିଥ୍ୟାଚାରର ପ୍ରେରଣା ଓ ପ୍ରବୃତ୍ତିଠାରୁ ଦିବ୍ୟ ସତ୍ୟର ପ୍ରେରଣା ଓ ପ୍ରବୃତ୍ତିକୁ ଠିକ୍ ଭାବରେ ଅଲଗା କରି ଦେଖିବାର ଏହି ଶକ୍ତି ଖୁବ୍ କଠିନ, ଯଦି ଦିବ୍ୟ ସତ୍ୟର ଆଲୋକ ଏହି ଯେଉଁ ଅଲଗା କରି ଦେଖିବାର ବିଶେଷ ଶକ୍ତିକୁ ନିଜ ସଙ୍ଗରେ ଆଣିଛି ତାହାକୁ ଜଣେ ଗ୍ରହଣ କରି ନଥାଏ ।

ସେ ଯାହାହେଉ, ଆରମ୍ଭରେ ସାହାଯ୍ୟ କରିବା ପାଇଁ ଜଣେ ଏହି ପଥନିର୍ଦ୍ଦେଶକାରୀ ନିୟମକୁ ଗ୍ରହଣ କରିପାରେ ଯେ ଯାହାକିଛି ଶାନ୍ତି, ବିଶ୍ୱାସ, ଆନନ୍ଦ, ସୁସଂଗତି, ପ୍ରସାର, ଏକତା ଓ ଉତ୍ତରଣକାରୀ ଅଭିବୃଦ୍ଧି ଆଣିଥାଏ, ତାହା ଆସିଥାଏ ଦିବ୍ୟ ସତ୍ୟରୁ ଏବଂ ଯାହାକିଛି ଅସ୍ଥିରତା, ସନ୍ଦେହ, ଅବିଶ୍ୱାସ, ଦୁଃଖ, ବିଭାଜନ, ସ୍ୱାର୍ଥପରତା, ସଂକୀର୍ଣ୍ଣତା, ଜଡ଼ତା, ହତୋତ୍ସାହ ଓ ନୈରାଶ୍ୟ ଆଣିଥାଏ ତାହା ସିଧାସଳଖ ଆସିଥାଏ ମିଥ୍ୟାଚାରର ଶକ୍ତିରୁ ।

*(CWM Vol. 12, p.302)* — ଶ୍ରୀମା

# ନିଜର ଭୁଲ୍‌ଗୁଡ଼ିକ ସମ୍ପର୍କରେ ସଚେତ ହେବା

## ଶ୍ରୀମା

*ପ୍ରଶ୍ନ : କର୍ମରେ ଆତ୍ମ-ନିବେଦନ ପାଇଁ ଚେଷ୍ଟା କରୁଥିବା ସହିତ ଆମେ ଯଦି ଅଚେତନ ଭାବରେ କିଛି ଭୁଲ୍ କାମ କରୁ, ତାହା ଜାଣିବୁ କିପରି ?*

ଶ୍ରୀମା : ତୁମେ ଯଦି ପୂର୍ଣ୍ଣ ଭାବରେ ଆନ୍ତରିକ ହୁଅ, ତା'ହେଲେ ଜାଣି ପାରିବ । ନିଜର ଭୁଲ୍‌ଗୁଡ଼ିକ ଜାଣି ନ ପାରିବା ବରାବର ସୂଚିତ କରେ ଆନ୍ତରିକତାରେ କେଉଁଠି ଏକ ଅଭାବ ରହିଛି । ଯେତେବେଳେ ପ୍ରାଣ ସହଯୋଗ କରିବା ପାଇଁ ସମ୍ମତ ହୁଏ (ଏହା ସ୍ୱୟଂହିଁ ଏକ ବଡ଼ ପଦକ୍ଷେପ), କାମଟି କରିବା ପାଇଁ ନିଷ୍ପତ୍ତି ନିଏ, ସେହି କାମଟି ପୂରା ଭାବରେ ସମ୍ପନ୍ନ କରିବା ପାଇଁ ନିଜର ସମସ୍ତ ପ୍ରଚେଷ୍ଟା ଓ ଶକ୍ତିକୁ ତହିଁରେ ଲଗାଇ ଦିଏ, ସେତେବେଳେ ମଧ୍ୟ ସେସବୁର ପଛରେ ଏପରି କିଛି ଲୁଚି ରହିଥାଏ – ତାହାକୁ ମୁଁ କ'ଣ କହିବି ?– ଯାହା ହେଉଛି ଏକ ପ୍ରତ୍ୟାଶା ଯେ କାମଟି ଭଲ ଭାବରେ ହୋଇଯିବ ଓ ତା'ର ଫଳାଫଳ ମଧ୍ୟ ଭଲ ହେବ । ଏବଂ ତାହାହିଁ ପୂର୍ଣ୍ଣ ଆନ୍ତରିକତା ଉପରେ ଏକ ଆବରଣ ପକାଇ ଦିଏ । କାରଣ ଏହି ପ୍ରତ୍ୟାଶାଟି ହେଉଛି ଏକ ଅହଂପୂର୍ଣ୍ଣ ଓ ବ୍ୟକ୍ତିଗତ ଜିନିଷ, ଏବଂ ତାହାହିଁ ପୂର୍ଣ୍ଣ ନିଷ୍ଠା ଓ ଆନ୍ତରିକତା ଉପରେ ଏକ ଆବରଣ ସ୍ୱରୂପ ହୁଏ । ତା'ପରେ ତୁମେ ଆଉ ଜାଣିପାର ନାହିଁ ।

କିନ୍ତୁ ଏପରିକି ନିଃସ୍ୱାର୍ଥପର କାମଟିଏ ପାଇଁ ମଧ୍ୟ ତୁମର ଆସକ୍ତି ରହିଥାଏ । ତୁମର ଏହା ବୁଝିବା ଉଚିତ । ତୁମେ ଏପରି ଏକ ଲକ୍ଷ୍ୟ ବା ଆଦର୍ଶ ପଛରେ ତୁମର ଜୀବନକୁ ଉତ୍ସର୍ଗ କରିଛ ଯାହା ଅହଂପୂର୍ଣ୍ଣ ନୁହେଁ । କିନ୍ତୁ ତଥାପି ତହିଁରେ ଅହଂଟି ବରାବର ରହିଯାଇ ଥାଏ । ତୁମର କାମ କରିବାର ଏକ ଧରଣ ରହିଥାଏ ଯାହାକି ତୁମ ନିଜର ବିଶେଷତ୍ୱ, ତୁମ ନିଜର ବ୍ୟକ୍ତିଗତ । ଏବଂ ତୁମ ଭିତରେ ଏକ ଆଶା (କାମନା କଥା ନ କହିଲେ ମଧ୍ୟ) ରହିଥାଏ ଯେ ଫଳାଫଳଟି ଏହି ପ୍ରକାରର ହେବ, ଏହି ଫଳ ଲାଭ ହେବ, କାମଟି ସମ୍ପନ୍ନ ହେବ । ଏପରିକି ଯେଉଁ କାମଟି ତୁମ ପାଇଁ ଉଦ୍ଦିଷ୍ଟ ନୁହେଁ, କିନ୍ତୁ ତୁମେ ତାହା ଗ୍ରହଣ କରିଛ, ତୁମେ ଆଶା କରିଥାଅ ଯେ ତାହା ସଫଳ ହେବ, ତୁମକୁ ସାଫଲ୍ୟ ମିଳିବ; ବ୍ୟକ୍ତିଗତ ଭାବରେ କାମଟି ତୁମର ନ ହେଲେ ମଧ୍ୟ ଯେଉଁ କାମଟି ଗ୍ରହଣ କରିଛ, ଯେଉଁ କାମଟି କରୁଛ ତାହା ସଫଳ ହେବ । ବାସ୍, ଏହାହିଁ ତୁମ ଭିତରେ ଏଇ ଧରଣର ସାମାନ୍ୟ କିଛି ଭାବ ଆଣିଦିଏ, ଏବଂ ତା' ତଳେ ରହିଥାଏ, ବେଶ୍ ଲୁଚି ରହିଥାଏ ଟିକିଏ ବକ୍ରତା, ଯାହା ଖୁବ୍ ସିଧା ନୁହେଁ, ଟିକିଏ ବଙ୍କା, ଟିକିଏ ମୋଡ଼ାମୋଡ଼ି ହୋଇ ତାହା ରହିଥାଏ । ଏବଂ ତୁମେ ତାହା ଜାଣିପାର ନାହିଁ । କିନ୍ତୁ ଯଦି ସେହି ଜିନିଷଟି ନ ଥା'ନ୍ତା – ତୁମେ ଯେତେବେଳେ ଭୁଲ୍‌ଟିଏ କରି ବସ, ଯେଉଁ କାମଟି କରିବା ତୁମର ଉଚିତ ଥିଲା ସେହି କାମଟି କରି ନ ଥାଅ, ତା'ହେଲେ ତୁମେ ନିଶ୍ଚୟ ତାହା ଜାଣି ପାରନ୍ତ । ଏବଂ ଏହି ଭୁଲ୍‌ଟି ସମ୍ପର୍କରେ ଅତି ସୁନିଶ୍ଚିତ ଓ ସୁନିର୍ଦ୍ଦିଷ୍ଟ ଭାବରେ ତୁମେ ସଚେତ ହୁଅନ୍ତ । ଏହା ଅତି ସୂକ୍ଷ୍ମ ଏକ ଗତିବୃତ୍ତି, ଗୋଟିଏ ମିଲିମିଟରର ସହସ୍ର ଭାଗରୁ ଏକ ଭାଗ ଯେପରି ସୂକ୍ଷ୍ମ ହୁଅନ୍ତା, ଏହା ସେହିପରି ସୂକ୍ଷ୍ମ, କିନ୍ତୁ ଏହି ସୂକ୍ଷ୍ମ ସଚେତନତା ତହିଁରେ ରହିଥାଏ । ତାହାହିଁ ଯଥେଷ୍ଟ ଏବଂ ତୁମେ ଜାଣ, ''ମୋର ଭୁଲ୍ ହୋଇ ଯାଇଛି ।'' କିନ୍ତୁ ଏଥିପାଇଁ ତୁମ ଭିତରେ ସେହି ଅଖଣ୍ଡ ଆନ୍ତରିକତା ଥିବା ଆବଶ୍ୟକ ଯାହାକି କୌଣସି ଭାବରେ ଆଦୌ କିଛି ଭୁଲ୍ କରିବାକୁ ଚାହିଁବ ନାହିଁ; ଭୁଲ୍ ନ କରିବା ପାଇଁ ଯେକୌଣସି ମୂଲ୍ୟ ଦେବାକୁ, ଯେକୌଣସି କାମ କରିବାକୁ ଓ ଯାହା କିଛି ତ୍ୟାଗ କରିବାକୁ ତାହା ପ୍ରସ୍ତୁତ ରହିଥିବ । କୌଣସି ପ୍ରକାର ଭ୍ରାନ୍ତି ଭିତରେ ରହିବା ଅପେକ୍ଷା, ଅନ୍ୟ ଯାହାକିଛି କରିବାକୁ ତାହା ପ୍ରସ୍ତୁତ ଥିବ । ଏଥିପାଇଁ ସମୟ ଦରକାର ଓ ଏହା ମଧ୍ୟ ଖୁବ୍ ଶ୍ରମ ସାପେକ୍ଷ । ତୁମେ ଯେତେବେଳେ କାମଟିଏ କରୁଥାଅ ସେତେବେଳେ ବରାବର ମନ ଓ ପ୍ରାଣ, ଏ ଦୁହେଁ ସେଠାରେ ଥାଆନ୍ତି ଓ ସେହି କାମଟିରୁ ବରାବର ନିଜ ପାଇଁ କିଛି ଲାଭ ଓ ଫାଇଦା ଉଠାଇବାର ମତଲବ ରଖି ଥାଆନ୍ତି । ବ୍ୟକ୍ତିଗତ ସନ୍ତୋଷ ଲାଭ, ଆନନ୍ଦ ଲାଭ, ନିଜ ସମ୍ପର୍କରେ ଏକ ଆତ୍ମ-ପ୍ରଶଂସାମୂଳକ ମତାମତର ଲାଭ ଆଦି ହୋଇଥାଏ ସେମାନଙ୍କ ଉଦ୍ଦେଶ୍ୟ । ତେଣୁ ଏହିପରି ଏକ ଅବସ୍ଥାରେ ନିଜକୁ ପ୍ରତାରିତ ନ କରିବା ଖୁବ୍ କଷ୍ଟସାଧ୍ୟ ହୋଇଥାଏ ।

(MCW, Vol. 5, pp. 54 - 55) ❖

# ବୁଦ୍ଧିର ଶାସନ ବଦଳରେ ଆଧ୍ୟାତ୍ମିକ ଚେତନାର ଶାସନ

## ଶ୍ରୀମା

[ମା' ଅରୋଭିଲ୍‌ର ପରିଚାଳନା ସଂପର୍କରେ କହିବାକୁ ଯାଇ କହିଥିଲେ, ''କୌଣସି ନିୟମ ବା ଆଇନ-କାନୁନକୁ ବାନ୍ଧି ଦିଆଯିବ ନାହିଁ । ନଗରଟିର ପଶ୍ଚାତରେ ଥିବା ଦିବ୍ୟସତ୍ୟ କ୍ରମଶଃ ପ୍ରକାଶ ପାଇଁ ଆକାର ଧାରଣ କରିବା ସଙ୍ଗରେ ଜିନିଷଗୁଡ଼ିକ ଆପେ ଆପେ ସ୍ଥିରୀକୃତ ହେବ, ଆମେ ଆଗରୁ କିଛି ସ୍ଥିର କରୁ ନାହିଁ ।'' ଏହାର ବ୍ୟାଖ୍ୟା କରି ମା' ନିମ୍ନୋକ୍ତ କଥାଗୁଡ଼ିକ କହିଥିଲେ ।]

ମୁଁ ଯାହା କହିବାକୁ ଚାହିଁଥିଲି ତା' ହେଉଛି ସାଧାରଣତଃ – ଆଜି ପର୍ଯ୍ୟନ୍ତ ସର୍ବଦା, ଏବଂ ଅଧିକରୁ ଅଧିକ ଲୋକମାନେ ସେମାନଙ୍କ ନିଜର ଧାରଣା ଓ ଆଦର୍ଶ ଅନୁଯାୟୀ ଗୁଡ଼ିଏ ମାନସିକ ନିୟମ ବାନ୍ଧି ଦିଅନ୍ତି ଓ ତାହାକୁ ପ୍ରୟୋଗ କରନ୍ତି । (ମାନସିକ ମୁଷ୍ଟି ଆଘାତ ତଳେ ପୃଥିବୀର ଅବସ୍ଥାକୁ ଦେଖାଇ ଦେବା ପାଇଁ ମା' ନିଜର ମୁଷ୍ଟି ଅବନତ କରି ଆଘାତ କଲେ) । ଏବଂ ତାହା ପୂରାପୂରି ଏକ ମିଥ୍ୟାଚାର, ଏହା ସ୍ୱେଚ୍ଛାଚାର, ଅବାସ୍ତବ ଓ ଏହାର ଫଳ ସ୍ୱରୂପ ଜିନିଷଗୁଡ଼ିକ ବିଦ୍ରୋହ କରନ୍ତି, କ୍ଷୟ ହୋଇ ଲୋପ ପାଇ ଯାଆନ୍ତି ।... ସ୍ୱୟଂ ଜୀବନର ଅନୁଭୂତି ଏହା ଯେ ନିୟମଗୁଡ଼ିକୁ ଧୀରେ ଧୀରେ କାର୍ଯ୍ୟକାରୀ କରାଇବା ଏବଂ ସେହି ନିୟମଗୁଡ଼ିକ ଯଥାସମ୍ଭବ ସୂକ୍ଷ୍ମ ଓ ଉଦାର ତଥା ପ୍ରଶସ୍ତ ହେବା ଉଚିତ, ଯାହା ଫଳରେ ସେଗୁଡ଼ିକ ବରାବର ପ୍ରଗତିଶୀଳ ହେଉଥିବ । କୌଣସି କିଛିକୁ ଅପରିବର୍ତ୍ତନୀୟ ଭାବେ ସ୍ଥିର କରିଦେବା ଉଚିତ ନୁହେଁ । ସରକାରଗୁଡ଼ିକ ଏହି ବିରାଟ ଭୁଲ୍‌ହିଁ କରିଥାଆନ୍ତି : ତୁମେ ଏକ ନିୟମ ବାନ୍ଧିଦେଲ ଏବଂ କହିଲ ତୁମ ପାଇଁ ଏହା ସ୍ଥିର ହୋଇଗଲା; ଆମେ ଏହି ନିୟମଟି ପ୍ରଣୟନ କରିଛୁ ଓ ତୁମକୁ ଏହା ମାନି ଚଳିବାକୁ ହେବ, ଏହାର ଅଧୀନରେ ରହିବାକୁ ହେବ । ତେଣୁ ଏହା ସ୍ୱାଭାବିକ ଯେ ତୁମେ ଜୀବନକୁ ପେଷି ଦଳି ଦେବାକୁ ଚାହିଁଲ, ଏହାର ଅଗ୍ରଗତି ପାଇଁ ଏକ ବିରାଟ ବାଧା ସୃଷ୍ଟି କଲ । ପ୍ରକୃତରେ ସ୍ୱୟଂ ଜୀବନହିଁ ଆଲୋକ, ଚେତନା ଓ ଶକ୍ତି ଦିଗରେ ଅଧିକରୁ ଅଧିକ ବିକଶିତ ହୋଇ ଆଗେଇ ଚାଲିବା ଉଚିତ । ଯେତେବେଳେ ଧୀରେ ଧୀରେ ଏହା ଶାସନର ନିୟମଗୁଡ଼ିକୁ ପ୍ରତିଷ୍ଠିତ କରିବ, ସେଗୁଡ଼ିକ ଯେତେ ଅଧିକ ଉଦାର ଓ ସାଧାରଣ ହୁଏ ସେଥିପାଇଁ ଦୃଷ୍ଟିଦେବ, ଯାହାଫଳରେ ସେହି ନିୟମଗୁଡ଼ିକ ଅତ୍ୟନ୍ତ ନମନୀୟ ଓ ପରିବର୍ତ୍ତନଧର୍ମୀ ହୋଇ ପାରୁଥିବ, ଏବଂ ଆବଶ୍ୟକତା ଓ ଅଭ୍ୟାସଗୁଡ଼ିକ ଯେତେ ଶୀଘ୍ର ବଦଳୁଥାଏ, ସେଇ ଅନୁଯାୟୀ ସେହି ନିୟମଗୁଡ଼ିକ ମଧ୍ୟ ପରିବର୍ତ୍ତିତ ହେଉଥିବ ।

*(ମା' କିଛି ସମୟ ନୀରବ ରହିଲେ)*

ଶେଷରେ ସମସ୍ୟାଟି ପ୍ରାୟ ଏଇଠି ପହଞ୍ଚିଛି ଯେ ବୁଦ୍ଧି ଦ୍ୱାରା ଚାଳିତ ମାନସିକ ଶାସନ ବଦଳରେ ଆଧ୍ୟାତ୍ମିକ ଚେତନା ଦ୍ୱାରା ଚାଳିତ ଏକ ଶାସନର ପ୍ରତିଷ୍ଠା ।

ଏହା ବେଶ୍ ଏକ ଆଗ୍ରହଜନକ ଅନୁଭୂତି : କିପରି ସେଇ ସମାନ କ୍ରିୟା, ସମାନ କର୍ମ, ସମାନ ପର୍ଯ୍ୟବେକ୍ଷଣ, ଦୂର ଓ ନିକଟର ପରିସ୍ଥିତି ସହ ସେଇ ସମାନ ସଂପର୍କସବୁ ବୁଦ୍ଧିର ମାଧ୍ୟମରେ ମନରେ ସ୍ଥାନ ପାଏ ଏବଂ ଅନୁଭୂତିର ମାଧ୍ୟମରେ ଚେତନାରେ ସ୍ଥାନ ପାଏ । ଏବଂ ବର୍ତ୍ତମାନ ଏହି ଶରୀର ତାହାହିଁ ଶିଖୁଛି, ବୁଦ୍ଧିଚାଳିତ ମନର ଶାସନ ସ୍ଥାନରେ ଚେତନା-ଚାଳିତ ଆଧ୍ୟାତ୍ମିକ ଶାସନର ପ୍ରତିଷ୍ଠା । ଏହା ଆଣି ଦେଉଛି, (ବାହାରକୁ କିଛି ଦେଖାଯାଇ ନ ପାରେ, ତୁମେ ହୁଏତ ଏହା ଲକ୍ଷ୍ୟ କରି ନ ପାର) କିନ୍ତୁ ଏହା ଏକ ବିରାଟ ପାର୍ଥକ୍ୟ ଆଣି ଦେଉଛି, ଏତେ ଅଧିକ ପାର୍ଥକ୍ୟ ଯେ ଏହା ଶରୀରର ସମ୍ଭାବନାସବୁକୁ ଶହେଗୁଣ ବଢ଼ାଇ ଦେଉଛି... ।

ଯେତେବେଳେ ଶରୀର ନାନା ନିୟମର ଅଧୀନରେ ଚଳୁଥାଏ, ଏହି ନିୟମଗୁଡ଼ିକ ଯେତେ ପ୍ରଶସ୍ତ ବା ଯେତେ ବୋଧଗମ୍ୟ ହେଲେ ବି ଶରୀରଟି ସେହିସବୁ ନିୟମର କ୍ରୀତଦାସ ହୋଇ ରହିଥାଏ ଏବଂ ଏହାର ସମ୍ଭାବନାଗୁଡ଼ିକ ସେହି ନିୟମ-ସବୁ ଦ୍ୱାରା ସୀମିତ ହୋଇ ରହିଥାଏ । କିନ୍ତୁ ଯେତେବେଳେ ଏହା ଅଧ୍ୟାତ୍ମ-ଚେତନା ଦ୍ୱାରା ପରିଚାଳିତ ହୁଏ, ସେତେବେଳେ ଏହା ଏକ ଅତୁଳନୀୟ ସମ୍ଭାବନା ଓ ନମନୀୟତା ଲାଭ କରେ । ଏବଂ ଏହାହିଁ, ଏହାକୁ ନିଜର ପରମାୟୁ ବଢ଼ାଇବାର ସାମର୍ଥ୍ୟ, ଏହାର ସ୍ଥାୟିତ୍ୱ ଓ ଜୀବନକାଳକୁ ଦୀର୍ଘ କରିବାର ସାମର୍ଥ୍ୟ

ଆଣିଦେବ । ଏହାର ଅର୍ଥ ହେଉଛି ମନର ବୁଦ୍ଧିଗତ ଶାସନ ସ୍ଥାନରେ ଅଧ୍ୟାତ୍ମ-ଚେତନାର ଏକ ଶାସନକୁ ପ୍ରତିଷ୍ଠା କରିବା, ସେହି ଚେତନା ସେହି ଦିବ୍ୟ ଚେତନାର ଶାସନ । ବାହାରୁ ଦେଖିଲେ କିଛି ବଡ଼ ଗୋଟାଏ ପାର୍ଥକ୍ୟ ଦେଖାଯିବ ନାହିଁ, କିନ୍ତୁ... ଏହାହିଁ ହେଉଛି ମୋର ଅନୁଭୂତି (କାରଣ ବର୍ତ୍ତମାନ ମୋର ଶରୀର ଆଉ ବୁଦ୍ଧିଗତ ମନକୁ ମାନି ଚଳୁ ନାହିଁ, ଆଦୌ ନୁହେଁ – ଏପରିକି ଏହା ବୁଝିପାରୁ ନାହିଁ ତାହା କିପରି ହୋଇଥାଏ) କିନ୍ତୁ ଅଧିକରୁ ଅଧିକ, ଉତ୍ତମରୁ ଆହୁରି ଉତ୍ତମ ରୂପେ ଏହା ଚେତନାର ପରିଚାଳନାଗୁଡ଼ିକୁ, ତାହାର ତାଗିଦା ଓ ନିର୍ଦ୍ଦେଶଗୁଡ଼ିକୁ ଅନୁସରଣ କରୁଛି । ଏବଂ ସେତେବେଳେ ଏହା ଦେଖୁଛି, ପ୍ରାୟ ପ୍ରତ୍ୟେକ ମିନିଟରେ, ଏହା କେତେ ବଡ଼ ପାର୍ଥକ୍ୟ ଆଣି ଦେଉଛି... ଉଦାହରଣ ସ୍ୱରୂପ, ସମୟ ତା'ର ମୂଲ୍ୟ ହରାଇଛି,– ଏହାର ସ୍ଥିରୀକୃତ ମୂଲ୍ୟମାନ ହରାଇ ବସିଛି । ଠିକ୍ ସମାନ ସେଇ ଏକା ଜିନିଷଟିକୁ ଖୁବ୍ କମ୍ ସମୟରେ ବା ଦୀର୍ଘ ସମୟରେ କରାଯାଇପାରେ । ପ୍ରୟୋଜନୀୟତା ତା'ର କର୍ତ୍ତୃତ୍ୱ ହରାଇ ବସିଛି । ଜଣେ ନିଜକୁ ସହଜରେ ଗୋଟିଏ ଜିନିଷ ସହ ବା ଅନ୍ୟ ଜିନିଷଟି ସହ ଖାପ ଖୁଆଇ ନେଇପାରେ । ସମସ୍ତ ନିୟମ, ଯେଉଁ ନିୟମଗୁଡ଼ିକ ବିଶ୍ୱ ପ୍ରକୃତିର ନିୟମ ହୋଇଥିଲା, ସେଗୁଡ଼ିକ ସେମାନଙ୍କର ସମଗ୍ର ବିନ୍ୟାସ ବା ପ୍ରବଣତା ହରାଇ ବସିଛନ୍ତି ବୋଲି କୁହାଯାଇ ପାରେ; ଏହା ଆଉ ଆଗ ପରି ହୋଇ ରହି ନାହିଁ । ଯଦି ଏଗୁଡ଼ିକ ସବୁ ସମୟରେ ଦିବ୍ୟ ଚେତନାର ପ୍ରଭାବ ପ୍ରତି,– ସର୍ବଜ୍ଞତାସଂପନ୍ନ ଦିବ୍ୟ ଚେତନା ପ୍ରତି ନମନୀୟ, ମନୋଯୋଗୀ ଓ ଉତ୍ତରକ୍ଷମ ହୋଇ ରହନ୍ତି ଓ ଏକ ଅସାଧାରଣ ନମନୀୟତା ନେଇ ତାହାର କ୍ରିୟାସବୁ ଭିତର ଦେଇ ଆଗେଇ ଯାଆନ୍ତି, ତେବେ ତାହାହିଁ ଯଥେଷ୍ଟ ହେବ ।

ଏହା ଏପରି ଏକ ଆବିଷ୍କାର ଯାହା ଅଧିକରୁ ଅଧିକ ହୋଇ ଚାଲିଛି । ଏହା ବିସ୍ମୟକର, ଏହା ଏକ ବିସ୍ମୟକର ଆବିଷ୍କାର ।

ସମସ୍ତ ବାଧବାଧକତା ଉପରେ ଏହା ଏକ କ୍ରମବର୍ଦ୍ଧିଷ୍ଣୁ ବିଜୟ । ଏହି ଭାବରେ ବିଶ୍ୱ ପ୍ରକୃତିର ସମସ୍ତ ନିୟମ, ସ୍ୱାଭାବିକ ଭାବରେ ସମସ୍ତ ମାନବୀୟ ନିୟମ, ସମସ୍ତ ଅଭ୍ୟାସ, ସମସ୍ତ ଅନୁଶାସନ, ସବୁକିଛି ନମନୀୟ ହୋଇଯାଏ, ଶେଷରେ ଆଉ ସେଗୁଡ଼ିକର କୌଣସି ଅସ୍ତିତ୍ୱ ରହେ ନାହିଁ । ତଥାପି ଜଣେ ଏକ ନିୟମିତ ଛନ୍ଦକୁ ବଜାୟ ରଖିପାରେ ଯାହାକି କାମଟିକୁ ଆହୁରି ସହଜ କରିଦେବ – ଏହା ନମନୀୟତାର ବିରୋଧୀ ନୁହେଁ । କିନ୍ତୁ ଏହା ହେଉଛି କାମଟି କରିବା ବେଳେ, କୌଣସି କିଛିକୁ ଖାପଖୁଆଇ ଗ୍ରହଣ କରିବା ବେଳେ ଏକ ନମନୀୟତା, ଯାହା ଆସି ସବୁକିଛିର ପରିବର୍ତ୍ତନ କରିଦିଏ । ସ୍ୱାସ୍ଥ୍ୟ ଦୃଷ୍ଟିରୁ, ସ୍ୱାସ୍ଥ୍ୟରକ୍ଷା ଦୃଷ୍ଟିରୁ, ସଂଗଠନ ଦୃଷ୍ଟିରୁ, ଅନ୍ୟମାନଙ୍କ ସହ ସଂପର୍କ ରଖିବା ଦୃଷ୍ଟିରୁ, ଏହା କେବଳ ନିଜର ମୁଣ୍ଡ ଠିକ୍ ରଖି ଆକ୍ରମଣାତ୍ମକ, ଉଗ୍ରଭାବକୁ ଯେ ହରାଇ ବସିଛି (କାରଣ ଉଗ୍ର ଆକ୍ରମଣାତ୍ମକ ଭାବର ଅନୁପ୍ରବେଶ ସଂପର୍କରେ ମଥା ଠିକ୍ ରଖି ଧୀର, ଶାନ୍ତ, ସ୍ଥିର ଓ ପ୍ରକୃତିସ୍ଥ ରହି ପାରିଲେ ତାହାହିଁ ଯଥେଷ୍ଟ) ଖାଲି ସେତିକି ନୁହେଁ, ଏହା ମଧ୍ୟ ନିଜର ଅଲଂଘ୍ୟ କର୍ତ୍ତୃତ୍ୱବୋଧ ଓ ଆଦେଶ ବ୍ୟଞ୍ଜକ ନିୟମ ଓ ଅନୁଶାସନବୋଧକୁ ମଧ୍ୟ ହରାଇଛି, ଏଗୁଡ଼ିକ ସବୁ ଚାଲିଯାଇଛି ।

ତେଣୁ ଜଣେ ଦେଖେ ଯେ ଏହି ପ୍ରଣାଳୀଟି ଯେତେ ଅଧିକରୁ ଅଧିକ ତ୍ରୁଟିହୀନ ପୂର୍ଣ୍ଣତା ଦିଗରେ ଆଗେଇ ଯିବ – ପୂର୍ଣ୍ଣତା ଅର୍ଥ ସେହି ପୂର୍ଣ୍ଣାଙ୍ଗତା, ସମଗ୍ରତା, ଯାହା କୌଣସି କିଛିକୁ ମଧ୍ୟ ପଛରେ ଛାଡ଼ି ଯାଏ ନାହିଁ – ସେତେ ଅଧିକ ଭାବରେ ଏହା ନିଶ୍ଚିତ ରୂପେ ଓ ଅନିବାର୍ଯ୍ୟ ଭାବରେ ହୋଇ ଉଠିବ ମୃତ୍ୟୁ ଉପରେ ବିଜୟ । ଏପରି ନୁହେଁ ଯେ ଦେହକୋଷର ଯେଉଁ ବିଲୋପ ଫଳରେ ମୃତ୍ୟୁ ଆସେ, ତାହା ଆଉ ରହିବ ନାହିଁ, କିନ୍ତୁ ଏହା ରହିବ ଯେତେବେଳେ ଏହାର ପ୍ରୟୋଜନ ପଡ଼ିବ; ବର୍ତ୍ତମାନ ଯେପରି ଏହା ଏକ ଅଲଂଘ୍ୟ ନିୟମ ହୋଇ ରହିଛି, ସେପରି ନ ରହି ଏହା ରହିବ ପ୍ରୟୋଜନ ବେଳେ ଏକ ଆବଶ୍ୟକ ପ୍ରଣାଳୀ ରୂପେ ।

ସର୍ବୋପରି, ଏହାର ଅର୍ଥ ହେଉଛି ମନ ଯେଉଁ ଜିନିଷଗୁଡ଼ିକୁ କଠୋର, ଅଲଂଘ୍ୟ ଓ ପ୍ରାୟ ଅପରାଜେୟ ନିୟମ ରୂପେ ଆଣି ଦେଇଥିଲା ସେଗୁଡ଼ିକର ସମାପ୍ତି ଘଟିବ । ସହଜ ଭାବରେ କଥାଟି ଏହିପରି, ସର୍ବୋଚ୍ଚ ଶକ୍ତିକୁ ହସ୍ତାନ୍ତର କରି ପରମ ଦିବ୍ୟ ଚେତନା ହାତରେ ଅର୍ପଣ କରିଦେବା ।

ସମ୍ଭବତଃ ଯେତେବେଳେ ପ୍ରାଚୀନ ଦ୍ରଷ୍ଟାମାନେ ପ୍ରକୃତିର ଶକ୍ତିକୁ ପୁରୁଷ ହାତରେ ପ୍ରତ୍ୟର୍ପଣ କରିବା, ବିଶ୍ୱ ପ୍ରକୃତି ଠାରୁ ଶକ୍ତିକୁ ହସ୍ତାନ୍ତର କରି ପୁରୁଷ ହାତରେ ପ୍ରଦାନ କରିବା କଥା କହୁଥିଲେ, ସେମାନେ ତାହା ଏହି ଅର୍ଥରେହିଁ କହୁଥିଲେ । ବୋଧହୁଏ ସେମାନେ ଏହି ଭାବରେହିଁ ଏହି ବିଷୟଟିକୁ ବ୍ୟକ୍ତ କରୁଥିଲେ ।

(Bulletin, February, 1968, pp. 83-87)

ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ :

# ବନ୍ଦେ ମାତରମ୍

## ଶ୍ରୀଅରବିନ୍ଦ

### ''ଷ୍ଟେଟ୍‌ସ୍‌ମ୍ୟାନ୍'' ମୁଖା ଖୋଲି ଦେଇଛି

ଆମେ ଜାଣି ପାରୁନୁ ଯେଉଁ ଖବର କାଗଜ ନିଜକୁ 'ଭାରତ ବନ୍ଧୁ' ବୋଲି ମନେ ମନେ ବିଚାର କରେ ଆଉ ଗତାନୁଗତିକତା ଭିତରେ ପଡ଼ି ନୀତିବାନ୍ ସାଜିଛି ଉଦାରବାଦର ମୁଖାପିନ୍ଧି, ସେ କାହିଁକି ହଠାତ୍ ତା'ର ଅସଲ ଭାବନାଗୁଡ଼ାକ ସେମିତି ଛାଡ଼ିଦେଲା, ଅବାଧରେ ସେମାନେ ପଦାକୁ ବାହାରି ଆସିଲେ ଗଲା ବୁଧବାର ଦିନ । ତା'ର ମନୋଭାବ ଗତ କିଛିକାଳ ଧରି ନିହାତି ଦ୍ୱୈତାର୍ଥବୋଧକ ହୋଇ ରହିଛି । ପୂର୍ବବଙ୍ଗରେ ଗଣ୍ଡଗୋଳ ଯେତେବେଳେ ଚରମ ଅବସ୍ଥାରେ ପହଞ୍ଚି ଥିଲା ଏହି 'ଭାରତ ବନ୍ଧୁ' ଜଣକ ଭାରତବର୍ଷର ଘଟଣାବଳୀ ସମ୍ପର୍କରେ ଏକ କଠୋର ନୀରବତା ଅବଲମ୍ବନପୂର୍ବକ ଓ ୟୁରୋପୀୟ ନୀତି ସଂକ୍ରାନ୍ତରେ ବଡ଼ ବଡ଼ ପ୍ରଶ୍ନଗୁଡ଼ିକୁ ଦିନ ଦିନ ଧରି ବିଧିବଦ୍ଧ ଭାବରେ ନାପସନ୍ଦ କରି ଚାଲିଥିଲା, ଠିକ୍ ଲେଭିଟେ (Levite) (ହିବ୍ରୁ ଦଳର ଜଣେ ସଭ୍ୟ) ଯେମିତି ଚୋରମାନଙ୍କ ଦ୍ୱାରା କ୍ଷତବିକ୍ଷତ ପଥିକଟିକୁ ଦେଖି ନିଜ ମୁହଁ ଆଡ଼େଇ ଚାଲି ଯାଇଥିଲେ । ଲଜପତ୍ ରାୟଙ୍କର ନିର୍ବାସନ ଦିନଠୁ ସେ ତା'ର ସମ୍ବେଦନଭରା ଦରଦୀ ସ୍ୱରକୁ ଅକ୍ଷୁଣ୍ଣ ରଖିବା ଦିଗରେ ଧ୍ୟାନ ଦେବାଟାକୁ କ୍ରମେ ଊଣା କରି କରି ଶେଷକୁ ୧୫ ତାରିଖ ଦିନ ହଠାତ୍ ନିରଙ୍କୁଶ କ୍ଷମତାର ସମର୍ଥକ ସାଜିବା ସହିତ କୌଣସି ଗୋଟିଏ ଚିନ୍ତାଧାରା କିଂବା ଗୋଟିଏ ନୀତିର ବଶବର୍ତ୍ତୀ ହୋଇ ନୁହେଁ କିନ୍ତୁ ଜଣେ ଏଭଳି ସ୍ୱାର୍ଥାନ୍ୱେଷୀ ରାଜନୀତିଜ୍ଞଙ୍କର ବ୍ୟକ୍ତିଗତ ଅଭାବ ଅଭିଯୋଗର ମୁଖପାତ୍ର ରୂପେ ଆବିର୍ଭୂତ ହୋଇ ପଡ଼ିଲା ଯାହାଙ୍କର ପ୍ରଭାବ ବ୍ୟର୍ଥତାରେ ନିଷ୍ପ୍ରଭ ପଡ଼ି ଯାଇଛି, କାରଣ ସେ ନିର୍ଭୀକ ଓ ଅନାସକ୍ତ ଦେଶଭକ୍ତିର ନୂଆ ଦାବୀକୁ ପୂରଣ କରିପାରି ନାହାନ୍ତି । ଏକ ଉଦାରଚେତା ଖବର କାଗଜ ବୋଲି ନିଜକୁ ଘୋଷଣା କରି 'ଷ୍ଟେଟ୍‌ସ୍‌ମ୍ୟାନ୍' ସ୍ୱେଚ୍ଛାଚାରୀ କାନୁନ ସପକ୍ଷରେ ଯୁକ୍ତି ଉପସ୍ଥାପିତ କରିଛି ଯାହାର ଶରବ୍ୟ ହୋଇ ଲଜପତ୍ ରାୟଙ୍କୁ ନିର୍ବାସନ ଭୋଗିବାକୁ ପଡ଼ିଲା, — ସେ କାନୁନ ଉଦାରବାଦ ଭିତରେ ଥିବା ସକଳ ମୌଳିକ ନିୟମର ବିରୋଧୀ । ଭାରତରେ ଅମଲାତାନ୍ତ୍ରିକ ଶାସନର କୋହଳ ମତିଗତି ଓ ବଦାନ୍ୟତାର ପ୍ରମାଣସ୍ୱରୂପ 'ଷ୍ଟେଟ୍‌ସ୍‌ମ୍ୟାନ୍' ଅଧ୍ୟାଦେଶର ବଳ ପ୍ରୟୋଗ (Coercian Ordinance) ସପକ୍ଷରେ ଯୁକ୍ତି ବାଢ଼ିଛି । ନିଜକୁ ଭାରତର ଜଣେ ବନ୍ଧୁ ବୋଲି ଅଭିହିତ କରି ଭାରତବର୍ଷରେ ଥିବା ନିଜ ସାଥୀ ସହୋଦରଙ୍କ ଠାରୁ, କଂଗ୍ରେସର ବ୍ରିଟିଶ କମିଟି ଠାରୁ ସମ୍ପର୍କକୁ ଛିନ୍ନ କରିବା ପାଇଁ କୌଣସି ସଂଶୟକୁ ସ୍ଥାନ ଦେଇନି ଏବଂ ସେମାନେ ଯେ ଭୁଲ୍ ତଥ୍ୟଯୁକ୍ତ, ନଗଣ୍ୟ ଏକଥା କହି ବିଦ୍ରୁପ କରିଛି । ଏହିପରି ଅସାଧାରଣ ଢଙ୍ଗରେ କଂଗ୍ରେସକୁ, କଂଗ୍ରେସର ନୀତି ନିୟମକୁ ଓ ବନ୍ଧୁମାନଙ୍କୁ ପ୍ରତ୍ୟାଖ୍ୟାନ କରି ସାରିଲା ପରେ ଏହା ତଥାପି ନିର୍ଭର ଆଶ୍ୱାସନା ଦେଇଛି ନରମପନ୍ଥୀ ଦଳର ମାର୍ଗଦର୍ଶକ, ଦାର୍ଶନିକ ଓ ବନ୍ଧୁ ଭାବରେ ନିଜକୁ ଉପସ୍ଥାପିତ କରିବାକୁ ଆଉ ଲାଲା ଲଜପତ୍ ରାୟଙ୍କ ପ୍ରତି ନିଆ ଯାଇଥିବା କାର୍ଯ୍ୟାନୁଷ୍ଠାନ ଉପରେ ସରକାରଙ୍କୁ ସମର୍ଥନ ଜ୍ଞାପନ କରିବାକୁ ।

ଉଦାରବାଦ ଏକ ସର୍ବୋତ୍ତମ କାର୍ଯ୍ୟ ବୋଲି ଅଭିହିତ କରି ନିର୍ବାସନ ସପକ୍ଷରେ ଷ୍ଟେଟ୍‌ସ୍‌ମ୍ୟାନ୍ ଯେଉଁସବୁ ଯୁକ୍ତି ଆଗତ କରିଛି, ସତରେ ତାହା ହେଉଛି ଅସାଧାରଣ କିସମର । ପ୍ରଥମତଃ ନିର୍ବାସନ ଶବ୍ଦଟି ''କର୍ଣ୍ଣକୁହରରେ ଯେମିତି ଗୁଞ୍ଜରିତ ହୁଏ ବାସ୍ତବିକ ସେଭଳି ଖରାପ ନୁହେଁ ।'' କାରଣ, ''ତଥାକଥିତ ନିର୍ବାସିତମାନଙ୍କର ଭାଗ୍ୟ ଯଥେଷ୍ଟ ପରିମାଣରେ ଆନନ୍ଦଦାୟକ ସାଧାରଣ କାରାଗାର ଭିତରେ ଥିବା ଅପରାଧୀର ଭାଗ୍ୟ ଅପେକ୍ଷା'' । କି ଚମତ୍କାର କଥା ! ଜଣେ ବ୍ୟକ୍ତିଙ୍କ ବିରୋଧରେ କୌଣସି ଅଭିଯୋଗର ସଠିକ୍ ଚିତ୍ର ନଥାଇ ତାଙ୍କୁ ଗିରଫ କରାଯାଇଛି, ତା' ପୁଣି ଅଦାଲତର ବିନା ବିଚାରରେ, ନିଜ ପକ୍ଷରୁ ଲଢ଼ିବା ପାଇଁ କୌଣସି ସୁଯୋଗ ତାଙ୍କୁ ନଦେଇ, ହଠାତ୍ ତାଙ୍କ ପରିବାର ଓ ଜ୍ଞାତି ପରିଜନଙ୍କଠାରୁ, ତାଙ୍କ ମାତୃଭୂମିରୁ, ତାଙ୍କ ଧର୍ମ କାର୍ଯ୍ୟରୁ, ସମାଜରୁ ଏବଂ ତାଙ୍କ ଦେଶରୁ ତାଙ୍କୁ ବିଚ୍ଛିନ୍ନ କରି ଆଉ ସୁଦୂରସ୍ଥ ଏକ ଦୁର୍ଗର ନିର୍ଜନ କାରାବାସ ଭିତରକୁ ତାଙ୍କୁ ଅପସାରିତ କରି ନେଇ; ତଥାପି ଅପରାଧୀ ପାଇଁ ବ୍ୟବସ୍ଥା ଥିବା ଶାସ୍ତିର ଅଂଶସ୍ୱରୂପ ଜଣେ ଅସାଧାରଣ ଅପରାଧୀ ପ୍ରତିଦିନ ଯେଉଁ ଉତ୍ପୀଡ଼ନ ଓ ଲାଞ୍ଛନାର ସମ୍ମୁଖୀନ

ହୁଏ ମି. ତିଳକଙ୍କୁ ସେମିତି କିଛି ଆଚରଣ ପ୍ରଦର୍ଶିତ କରା ଯାଇନି, ତେଣୁ ଏହାକୁ ବ୍ରିଟିଶ ଶାସନତନ୍ତ୍ରର କୋହଳ ନୀତି ବୋଲି ଭାବି ଏହି ଉଲ୍ଲେଖନୀୟ ଉଦାରବାଦୀ ମୁଖପତ୍ରଟି ଆନନ୍ଦର ଆତିଶଯ୍ୟରେ ଅଧୀର ହୋଇ ଉଠିଛି । ଏହାର ଟିପ୍ପଣୀ ଅନୁସାରେ ଅନ୍ୟାୟ ଓ ମନୋମୁଖୀ ଅତ୍ୟାଚାର ଏକ ପ୍ରଶଂସନୀୟ ବ୍ୟାପାର ବୋଲି ଧରି ନିଆଯାଏ ଯେତେଦିନ ଧରି ପ୍ରତିହିଂସା ପରାୟଣ ନିଷ୍ଠୁରତା ଏହା ସାଥିରେ ତାଳ ଦେଇ ନ ଚାଲିଛି । ଆମର ମନେ ପଡୁଛି ଗୋଟିଏ ଆଙ୍ଗ୍ଲୋ-ଭାରତୀୟ ପ୍ରେସର ପତ୍ରକାର ମି. ତିଳକଙ୍କୁ ଦଣ୍ଡାଦେଶ ସମୟରେ ମରହଟ୍ଟାମାନଙ୍କୁ ସାକ୍ଷାତ୍ କରି ବ୍ରିଟିଶ ସରକାରର କୋହଳ ନୀତିକୁ ପ୍ରଶଂସା କରିବା ପାଇଁ ପ୍ରବର୍ତ୍ତାଇ ଥିଲେ, କାରଣ ତାଙ୍କ ପ୍ରତି ଏ ସରକାର ଯେଉଁଭଳି ଆଚରଣ ପ୍ରଦର୍ଶନ କରିଥିଲା ଠିକ୍ ଯାହା ଜଣେ ଗୁରୁତର ଅପରାଧରେ ଦୋଷୀ ସାବ୍ୟସ୍ତ ସାଧାରଣ ବ୍ୟକ୍ତିଙ୍କ ପ୍ରତି କରାଯାଏ, କୌଣସି ଶାଣିତ ଅସ୍ତ୍ରରେ ବିଦ୍ଧ କରିବା କିଂବା ଖଣ୍ଡ ବିଖଣ୍ଡିତ କରି କାଟିବା ପରିବର୍ତ୍ତେ । 'ଷ୍ଟେଟ୍ସ୍‌ମ୍ୟାନ୍' ସେଇ ମନୋଭାବ ଧରି ଲେଖିଛି ।

ନିର୍ବାସନ ସପକ୍ଷରେ ଦ୍ୱିତୀୟ ଯୁକ୍ତିଟି ହେଲା ଏଇ ଗିରଫଦାରୀରେ ରାଜ୍ୟର କୌଣସି କାର୍ଯ୍ୟାନୁଷ୍ଠାନ ସମ୍ପୃକ୍ତ ନୁହେଁ, ଏହା କେବଳ ପୌରପାଳିକା ଆଇନ (Municipal Law)ର ଗୋଟିଏ ସଂକ୍ଷିପ୍ତ କାରବାର ମାତ୍ର । ଏହି ନିରର୍ଥକ କଥାକୁ ନେଇ ଯେ କ'ଣ କରାଯିବ କିଂବା ପୌରପାଳିକାର ଆଇନ (Municipal Law) ବା ରାଜ୍ୟ ଦ୍ୱାରା ଗୋଟିଏ କାର୍ଯ୍ୟାନୁଷ୍ଠାନ କହିଲେ 'ଷ୍ଟେଟ୍ସ୍‌ମ୍ୟାନ୍' ଯେ କ'ଣ ବୁଝେ ସେକଥା ଆମେ ଜାଣିନୁ । ପୌରପାଳିକାର ଆଇନ କହିଲେ ହୁଏତ ନଗରପାଳିକାଗୁଡ଼ିକୁ ନିୟନ୍ତ୍ରଣ କରୁଥିବା ଆଇନ-କାନୁନଗୁଡ଼ିକ ବୋଲି ଧରି ନିଆଯାଇପାରେ, କିନ୍ତୁ ଆମର ଅନୁମାନ ଲଜପତ୍ ରାୟଙ୍କୁ ଯିଏ ନିର୍ବାସିତ କରିଥିଲା ତାହା ଲାହୋରର ନଗରପାଳିକା ନୁହେଁ; କିଂବା ଏହା ହୁଏତ ସାଧାରଣ ଆଇନ ଓ ନିୟନ୍ତ୍ରଣ ବ୍ୟବସ୍ଥା ହୋଇ ଥାଇପାରେ ଯାହା ଦ୍ୱାରା ସ୍ଥାନୀୟ କର୍ତ୍ତୃପକ୍ଷବୃନ୍ଦ ସ୍ଥାନୀୟ ପ୍ରଶାସନ ପାଇଁ ଏବଂ ଶାନ୍ତି ବଜାୟ ରଖିବା ପାଇଁ ବନ୍ଦୋବସ୍ତ କରିଥା'ନ୍ତି । କିନ୍ତୁ ଏ କ୍ଷେତ୍ରରେ ସାଧାରଣ ଆଇନର ଊର୍ଦ୍ଧ୍ୱରେ ଗୋଟିଏ ଅସାଧାରଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଯାହା ପାଇଁ ଭାରତ ସରକାରଙ୍କର ଏବଂ ରାଜ୍ୟ ସଚିବଙ୍କର ଅନୁମୋଦନ ଆବଶ୍ୟକ ହୁଏ, ଯହିଁରେ ଜଣେ ରାଜନୈତିକ ନେତାଙ୍କୁ ରହସ୍ୟାବୃତ୍ତ ରାଜନୈତିକ କାରଣବଶତଃ ଗିରଫ କରାଯାଏ ଆଉ ବିନା ବିଚାରରେ ନିର୍ବାସିତ କରାଯାଏ । ତେବେ ବି ଏହା ହେଉଛି ଏକ ପୌର ଆଇନ କିନ୍ତୁ ରାଜ୍ୟର କାର୍ଯ୍ୟାନୁଷ୍ଠାନ ନୁହେଁ ! ଏବଂ ଯେହେତୁ ଏହା ହେଉଛି ପୌର ଆଇନ, ଏହା ବିରୋଧରେ କ'ଣ କେହି ପ୍ରତିବାଦ କରିବା ଦରକାର ନାହିଁ ! 'ଷ୍ଟେଟ୍ସ୍‌ମ୍ୟାନ୍'ର ମତ ଅନୁସାରେ ସ୍ପଷ୍ଟତଃ ରାଜ୍ୟର କାର୍ଯ୍ୟାନୁଷ୍ଠାନ ଏକ ଅବୈଧ କାର୍ଯ୍ୟାନୁଷ୍ଠାନ ଯାହାକୁ ଅନ୍ତର୍ଭୁକ୍ତ କରିବା ପାଇଁ କୌଣସି ବିଧିବଦ୍ଧ ଆଇନ ନାହିଁ । ଗୋଟିଏ କାର୍ଯ୍ୟ ଯେତେ ମାତ୍ରାରେ ଉତ୍ପୀଡ଼କ ହେଲେ ମଧ୍ୟ ଯଦି ଏକ ବିଧିବଦ୍ଧ କାନୁନର ବ୍ୟବସ୍ଥା ବଳରେ ତାକୁ ସୁରକ୍ଷାପ୍ରଦାନ କରାଯାଏ ତା'ହେଲେ ଭାରତୀୟମାନେ କୌଣସି ଅଭିଯୋଗ ନକରି ଏହାକୁ ମହାନ୍ ଏକ କୋହଳ ନୀତିର କାର୍ଯ୍ୟ ହିସାବରେ ବରଦାସ୍ତ କରି ନେବାଟା ଉଚିତ ହେବ । ତା'ହେଲେ ଆଉ ଥରେ ଲକ୍ଷ୍ୟ କରନ୍ତୁ ଭାରତର ଏହି ବନ୍ଧୁଙ୍କର ବନ୍ଧୁପଣିଆ ଏବଂ ଏହି ଉଦାର ମତବାଦୀ ଉଦାରତାକୁ ।

ତୃତୀୟ ଯୁକ୍ତିଟି ହେଲା, ''ସାଧାରଣ ୟୁରୋପୀୟ ସରକାର ତୁଳନାରେ ଭାରତବର୍ଷରେ ପ୍ରଶାସନିକ କର୍ତ୍ତୃପକ୍ଷଙ୍କର ଏହି କାର୍ଯ୍ୟାନୁଷ୍ଠାନ ସ୍ୱୟଂ ଏକ କୋହଳ ମନୋବୃତ୍ତିର କାର୍ଯ୍ୟ'' । ଯଦି ଏହା ଅପେକ୍ଷା ଆହୁରି କଦର୍ଯ୍ୟ ଅନ୍ୟ ଗୋଟିଏ ଅତ୍ୟାଚାରର ଦୃଷ୍ଟାନ୍ତ ଏହା ନିର୍ଣ୍ଣୟ କରିପାରେ ତା'ହେଲେ ଏଇ ଅତ୍ୟାଚାରଟି ତେଣୁ ନ୍ୟାୟସଙ୍ଗତ ବୋଲି ଧରି ନେବାକୁ ହେବ । ଆସନ୍ତୁ ତେବେ 'ଷ୍ଟେଟ୍ସ୍‌ମାନ୍'କୁ ସ୍ମରଣ କରେଇ ଦେବା ଯେ ଫରାସୀ ଓ ଜର୍ମାନୀର ଶାସନତନ୍ତ୍ରଗୁଡ଼ିକ ହେଉଛନ୍ତି ଜନସାଧାରଣଙ୍କ ଇଚ୍ଛାରେ ଗଠିତ ସରକାର ଆଉ ସେମାନେ ଗ୍ରହଣ କରୁଥିବା ପଦକ୍ଷେପଗୁଡ଼ିକର ଭୟଙ୍କର କଠୋରତା ମଧ୍ୟ ଦେଇ ସେମାନେ ସେମାନଙ୍କ ପଶ୍ଚାତରେ ଧରି ରଖିଛନ୍ତି ଜନସମର୍ଥନକୁ । ଏବଂ ମଧ୍ୟଯୁଗୀୟ ଏକଛତ୍ରବାଦର ଏକ ସ୍ମାରକୀ ହିସାବରେ ବିନା ବିଚାରରେ ଜଣକୁ ଯଦି ଦଣ୍ଡ ଦିଆଯାଏ ସେଥିରେ ଫରାସୀ ଓ ବର୍ଲିନ୍ ପୁଲିସ ବ୍ୟବସ୍ଥାର କିଛି ଯାଏ ଆସେନା, ଯାହାର ନଜିର କୌଣସି ଆଧୁନିକ ଏବଂ ସଭ୍ୟ ସରକାର ପାଖରେ ଦେଖିବାକୁ ମିଳେ କି ?

ସ୍ୱେଚ୍ଛାଚାରୀ ଶାସନ ସପକ୍ଷରେ ଏଇ ସ୍ୱତନ୍ତ୍ର ଓକିଲାତିର ପ୍ରକୃତ କାରଣ ପ୍ରକାଶ ପାଇଛି ଲେଖାଟିର ପରବର୍ତ୍ତୀ ଭାଗରେ । ''ନରମପନ୍ଥୀମାନେ ଉପେକ୍ଷିତ ହୋଇ ରହିବାର ଯୋଗ୍ୟ, ଯେଉଁ ନବାଗତମାନେ ପାହୁଣ୍ଡକୁ ଜବରଦସ୍ତି ଠେଲିବା ପାଇଁ

ଚାହୁଁଛନ୍ତି ସେମାନଙ୍କ ମନରୁ ଏଇ ନରମପନ୍ଥୀମାନଙ୍କର ଉପକାରଗୁଡ଼ିକ ପାଶୋର ହୋଇଯିବା କଥା ।'' ''ସାମ୍ବାଦିକତାର ଅଧୀନରେ ସୁଦୀର୍ଘ ଏକ ପ୍ରଶିକ୍ଷଣ, ଆଇନ ଶାସ୍ତ୍ରର ରହଣିଆ ବାସ୍ନା ଆସୁଥିବା ଜୀର୍ଣ୍ଣ ପୃଷ୍ଠାର ପଂକ୍ତିଗୁଡ଼ିକରେ ଥକାମରା ଅନ୍ୱେଷଣ, ଏଗୁଡ଼ିକ ହେଉଛି ପ୍ରମୁଖ ଓ ଏକମାତ୍ର ଉପାୟ ଯାହା ବଳରେ କ୍ଷମତା ତଥା ପ୍ରତିପତ୍ତିକୁ ହାସଲ କରା-ଯାଇପାରେ ।'' ଏଇ ଅଭିଜ୍ଞତାରୁ ପ୍ରକୃତ ଝାମେଲାଟା କେଉଁଠି ରହିଛି ଜଣା ପଡ଼ିଯାଏ । କିଏ ଏଇ ସାମ୍ବାଦିକତାର ଶିକ୍ଷାର୍ଥୀ ଯାହାକୁ ତରୁଣ ଓ ଚରମ ମତବାଦର ପତ୍ରିକାଗୁଡ଼ିକ ନାକଚ କରି ଦେଇଛନ୍ତି ? ସ୍ପଷ୍ଟ ରୂପେ ଦେଖିବାକୁ ଗଲେ ସ୍ୱୟଂ 'ଷ୍ଟେଟ୍‌ସ୍‌ମ୍ୟାନ୍' ନିଜେ । ଆଇନର ପୂତିଗନ୍ଧମୟ ଗଳି ଭିତରେ କିଏ ସେ ଥକାମରା ହୋଇ ପଡୁଥିବା ଅନୁସନ୍ଧିତ୍ସୁ ଜଣକ ଯିଏ ଜାହିର କରି ଚାଲିଛି କେବଳ ଆଇନଜୀବୀମାନଙ୍କର କିଂବା ଧରାଯାଉ ଆଇନ ପରାମର୍ଶଦାତାମାନଙ୍କର ସବୁ ପ୍ରକାର ଅଧିକାର ରହିଛି ରାଜନୈତିକ ନେତା ହେବା ପାଇଁ ଆଉ ଏଇ ନୂତନ ଆନ୍ଦୋଳନ ଦ୍ୱାରା କାହାର ''ସୁନାମ''ରେ ଆଞ୍ଚ ଲାଗି ଯାଇଛି – ଯଦି ତା'ର ''ଭାଗ୍ୟଲକ୍ଷ୍ମୀ''କୁ କେହି ଛୁଇଁ ନାହାନ୍ତି ? ବର୍ତ୍ତମାନ ବେଶ୍ ପରିଷ୍କାର ହୋଇଗଲା ଯେ ଏତେଦିନ ଧରି ଯେଉଁ ଅଭିସନ୍ଧି 'ଷ୍ଟେଟ୍‌ସ୍‌ମ୍ୟାନ୍'କୁ କାର୍ଯ୍ୟରେ ପ୍ରବୃତ୍ତ କରି ରଖିଥିଲା ତାହା କୌଣସି ଉଦାରବାଦୀର ଭାବପ୍ରବଣତା ନୁହେଁ କିଂବା କୌଣସି ଉନ୍ନତ ମାନର ଆଦର୍ଶ ନୁହେଁ କିନ୍ତୁ ତା'ର ନିଜ ସ୍ୱାର୍ଥ ଓ ପ୍ରତିପତ୍ତି । ଯେହେତୁ ସେଇ ସ୍ୱାର୍ଥରେ ତା'ର ଆଘାତ ଲାଗିଗଲା ଏବଂ ସ୍ୱଦେଶୀବାଦର ଓ ଦୃଢ଼ ଆତ୍ମପ୍ରତ୍ୟୟର କ୍ରମବର୍ଦ୍ଧିଷ୍ଣୁ ଉଚ୍ଛ୍ୱାସରେ ସେଇ ପ୍ରତିପତ୍ତିକୁ ଭୟ ଗ୍ରାସି ପକେଇଲା, ତେଣୁ ଆମର ଏଇ ବନ୍ଧୁଙ୍କ ମିଜାଜଟା ଦିନକୁ ଦିନ ଶେଷ ପର୍ଯ୍ୟନ୍ତ କଦର୍ଯ୍ୟରୁ ଅତି କଦର୍ଯ୍ୟ ହେବାରେ ଲାଗିଥିଲା ଯେତେବେଳେ ଶେଷକୁ ସେ ତାଙ୍କ ଉଦାରବାଦୀ ଆଦର୍ଶଗୁଡ଼ିକୁ ଜଳାଞ୍ଜଳି ଦେଇ ଶାସନତନ୍ତ୍ରର ଅଗ୍ରଣୀ ହୋଇ ଉଠିଲେ ।

ଏହିପରି ଗୋଟିଏ କୌତୂହଳୋଦ୍ଦୀପକ ଆକ୍ଷେପ ଭିତରେ ଲେଖାଟିର ପରିସମାପ୍ତି ଘଟିଛି, ଯାହାର ଶ୍ରୀଯୁକ୍ତ ସୁରେନ୍ଦ୍ର ନାଥ ବାନାର୍ଜୀ ଶରବ୍ୟ ହୋଇଥିବାର ମନେ ହୁଏ । ''ହିଂସାତ୍ମକ ଭାଷଣମାନ, ବିସ୍ଫୋରକ ଲେଖାଗୁଡ଼ିକ, ଗୋଟିଏ ଆଇନଗତ କାର୍ଯ୍ୟାନୁଷ୍ଠାନ, ଚମତ୍କାର ଢଙ୍ଗରେ ପ୍ରତିପକ୍ଷର ଏକ ନିଷ୍ଫଳ ଯୁକ୍ତି, ପ୍ରତିନିଧି ସଂସଦ (House of Commons)ରେ ଭୁଲ୍ ସୂଚନା ପ୍ରାପ୍ତ ଫାଲତୁ ସଙ୍ଗଠନଗୁଡ଼ିକ ଦ୍ୱାରା ଉତ୍ଥାପିତ ପ୍ରଶ୍ନମାନ, କାରାଗାର, ମୃତ୍ୟୁ, ସୁନାମ ଓ ସୌଭାଗ୍ୟ, ଅପକୀର୍ତ୍ତି, ସମସ୍ତ ଖବରକାଗଜରେ ପ୍ରକାଶିତ ଅନୁଚ୍ଛେଦଗୁଡ଼ିକ, ପାର୍ଲାମେଣ୍ଟରେ ଗୋଟିଏ ଆସନ ଥାଇପାରେ – ଏସବୁଥିରେ ଆଧୁନିକ ରାଜନୈତିକ ଦୁରାଚାରୀ (Political Rake)ର ପ୍ରଗତି ସମ୍ପର୍କରେ କୌତୁକିଆ ଚିତ୍ର ଆମ ପାଖରେ ମୋଟାମୋଟି ନାହିଁ ।'' ଆମକୁ କୁହାଯାଇଛି ମୋଟାମୋଟି ଏହା ଏକ କୌତୁକିଆ ଚିତ୍ର ନୁହେଁ; ଅନ୍ୟ କଥାରେ କହିଲେ ପାର୍ଲାମେଣ୍ଟରେ ଗୋଟିଏ ସମ୍ଭାବିତ ଆସନ ସମ୍ପର୍କରେ ଶେଷ ସୂଚନାକୁ ବାଦ୍ ଦେଇ ଅବଶିଷ୍ଟତକ ଆସିଛି ଜୀବନର ବୃତ୍ତାନ୍ତ ଭିତରୁ; ତା'ହେଲେ ଶ୍ରୀଯୁକ୍ତ ସୁରେନ୍ଦ୍ରନାଥଙ୍କୁ ଛାଡ଼ି ଦେଲେ ଆଉ କାହା କ୍ଷେତ୍ରରେ ଏହା ପ୍ରଯୁଜ୍ୟ ହୋଇପାରେ ? କାରଣ ନିଶ୍ଚିତ ରୂପେ (Obviously) ନୂଆ ବିଚାରଧାରାର କୌଣସି ନେତାଙ୍କ ପ୍ରତି ଏହା ଉଦ୍ଦିଷ୍ଟ ନୁହେଁ, ଯେହେତୁ ନୂତନ ବିଚାରଧାରାର କେହି ହେଲେ ନୂଆ ନେତା ପାର୍ଲାମେଣ୍ଟରେ ଏକ ଆସନ ପାଇଁ ଆକାଂକ୍ଷା ପୋଷଣ କରିବେ ନାହିଁ । ତଥାପି ଏଇ ବଦ୍‌ମିଜାଜର ଆକ୍ଷେପ ପରେ ପରେ 'ଷ୍ଟେଟ୍‌ସ୍‌ମ୍ୟାନ୍'ର ଗତକାଲି ପୁଣି ଥରେ ମୁହଁ ଥିଲା ଶ୍ରୀଯୁକ୍ତ ସୁରେନ୍ଦ୍ରନାଥଙ୍କ ପୃଷ୍ଠପୋଷକ ଓ ପରାମର୍ଶଦାତା ହିସାବରେ ଆସି ଆବିର୍ଭୂତ ହେବାକୁ ଏବଂ ଲାଲା ଲଜପତ୍ ରାୟଙ୍କ ପ୍ରତି ରହିଥିବା ତାଙ୍କର ବ୍ୟକ୍ତିଗତ ବନ୍ଧୁତ୍ୱର ଓ ସମ୍ମାନର ଅନୁଭୂତିଗୁଡ଼ିକୁ, ତାଙ୍କର ନୀତିନିୟମକୁ, ତାଙ୍କର ଦେଶପ୍ରେମକୁ, ଜଣେ ରାଜନୈତିକ ପୁରୋଧା ଭାବେ ତାଙ୍କର ସୁଖ୍ୟାତିକୁ ଆଉ ସର୍ବସାଧାରଣଙ୍କ ଗହଣରେ ତାଙ୍କ ପ୍ରଭାବକୁ ତ୍ୟାଗ କରିବା ସକାଶେ ତାଙ୍କୁ ଉପଦେଶ ଦେବା ପାଇଁ ଯାହା ଦ୍ୱାରା ସେ ଜନ୍ ମୋର୍ଲେଙ୍କର ଏବଂ 'ଷ୍ଟେଟ୍‌ସ୍‌ମ୍ୟାନ୍'ର ଅନୁମୋଦନ ଲାଭ କରି ପାରିବେ ।

ଏହାଠାରୁ ଆହୁରି ଅଧିକ ପରିପୂର୍ଣ୍ଣଭାବେ ମୁଖାଟିକୁ ଯେ ଖୋଲି ଦିଆଯାଇ ପାରେ, ସେକଥା କଳ୍ପନାର ବାହାରେ । 'ଷ୍ଟେଟ୍‌ସ୍‌ମ୍ୟାନ୍' ଖାଲି ଯେ ନୂଆ ବିଚାରଧାରା ଉପରେ ଚଢ଼ାଉ କରିଛି ତା' ନୁହେଁ, – ସେଥିରେ କିଛି ନୂତନତା ନାହିଁ – କିନ୍ତୁ ଖାଲି ଚକା ଚକା ଭଉଁରୀ ଖେଳି ଗୋଟିକ ପରେ ଗୋଟିଏ ତା'ର ନିଜ ସହଯୋଗୀମାନଙ୍କୁ ଛିନ୍ନଭିନ୍ନ କରିବାରେ ଲାଗିଛି, ଶ୍ରୀଯୁକ୍ତ ସୁରେନ୍ଦ୍ରନାଥଙ୍କୁ, ବ୍ରିଟିଶ କମିଟିକୁ, ପାର୍ଲାମେଣ୍ଟସ୍ଥ ଭାରତର ବନ୍ଧୁମାନଙ୍କୁ, ସକଳ ଉଦାର ଚିନ୍ତାଧାରା ଓ ଆଦର୍ଶକୁ ପରିତ୍ୟାଗ କରି ଦେଇଛି, ଯାହାକିଛି ଛଳକପଟତାକୁ କାଢ଼ି ଫିଙ୍ଗି ଦେଇଛି, ଆଉ ନିଜର ନଗ୍ନ ଓ ନିର୍ଲଜ୍ଜ ରୂପ ନେଇ ବର୍ତ୍ତମାନ

ସେ ଦଣ୍ଡାୟମାନ । ଆମେ 'ଷ୍ଟେଟ୍‌ସ୍‌ମ୍ୟାନ୍'ର ଦୁର୍ବିଷହ ସଉଦାରେ ସାମିଲ ଥିବା ସକଳ ବଙ୍ଗ ଗ୍ରାହକମାନଙ୍କୁ 'ବନ୍ଧୁତା'ର ଏଇ ନିଦର୍ଶନ ପାଇଁ ସୁପାରିଶ କରୁଛୁ ଏବଂ ସେମାନଙ୍କୁ ପରାମର୍ଶ ଛଳରେ କହି ରଖୁଛୁ ହୁଏତ ଏପରି ସନ୍ଦିଗ୍ଧ ସ୍ପଷ୍ଟବାଦୀତାର ଗୋଟିଏ ପକ୍କା ବେପାରୀକୁ ପୃଷ୍ଠପୋଷକତା ପ୍ରଦାନ କରିବାରୁ ନିଜକୁ ବିରତ ରଖନ୍ତୁ କିଂବା ସେମାନେ ଗଣି ଦେଉଥିବା ମୂଲ୍ୟ ଅନୁପାତରେ ସଉଦାଟି ସେହିପରି ଉପଯୁକ୍ତ ଡାଙ୍ଗାରେ ସେମାନଙ୍କୁ ମିଳିବା ଉଚିତ ବୋଲି ଅଡ଼ି ବସନ୍ତୁ ।

## ସ୍ୱୟଂ ଅଦ୍ୱିତୀୟ

ମି. ମୋର୍ଲେଙ୍କ ଋଷନୀତି (Russian Policy)କୁ ସମର୍ଥନ ଜ୍ଞାପନ କରିବା ଉଦ୍ଦେଶ୍ୟରେ କାରଣଗୁଡ଼ିକର ସନ୍ଧାନ କରିବାକୁ ଯାଇ – ଚାଲନ୍ତୁ କହିବା କାରଣଗୁଡ଼ିକ କିନ୍ତୁ କୈଫିୟତ ନୁହେଁ – 'ମର୍ଣ୍ଣିଂ ଲିଡର୍' ଆବିଷ୍କାର କରିଛି ଯେ ଭାରତର ପ୍ରସଙ୍ଗଟି ହେଉଛି ସମ୍ପୂର୍ଣ୍ଣ ଭିନ୍ନ, ନିହାତି ଏକ ସ୍ୱତନ୍ତ୍ର ବିଷୟ ଯାହା ଅନେକ ସଦ୍‌ଗୁଣକୁ ଭିତ୍ତି କରି ଦଣ୍ଡାୟମାନ ହୋଇଛି ଆଉ ଯାହା ପ୍ରତି ସାଧାରଣ ନୀତି ନିୟମମାନ ପ୍ରଯୁଜ୍ୟ ହୋଇପାରିବ ନାହିଁ । 'ମର୍ଣ୍ଣିଂ ଲିଡର୍' ତା' ନିଜର ବିଚଳିତ ଭାବକୁ ଯଦି ଗୋପନ ରଖିବାକୁ ଚାହୁଁଥାଏ ତେବେ ଲାଟିନ୍ ଭାଷାର ଆଶ୍ରୟ ନେବା ଉଚିତ ହୋଇ ନଥା'ନ୍ତା । ସମଗ୍ର ଭାରତବର୍ଷ, ତଦନୁରୂପ ନରମପନ୍ଥୀ ଓ ଚରମପନ୍ଥୀ ସମସ୍ତେ ବର୍ତ୍ତମାନ ହୃଦୟଙ୍ଗମ କରିବାକୁ ଆରମ୍ଭ କଲେଣି ଯେ ୱେଷ୍ଟମିନିଷ୍ଟର୍‌ରେ ଆଉ ନିର୍ବାଚନ ପ୍ରଚାର କାର୍ଯ୍ୟକ୍ରମରେ ଯେଉଁ ଉଦାରବାଦର, ନୀତି ଆଦର୍ଶଗୁଡ଼ିକର ଆବୃତ୍ତି ଚାଲିଛି ତାହା ଭାରତ ପାଇଁ ପ୍ରଯୁଜ୍ୟ ହେବା ଲାଗି ଉଦ୍ଦିଷ୍ଟ ନୁହେଁ । ସେସବୁ ଇଂଲଣ୍ଡ ଓ ଉପନିବେଶମାନଙ୍କ ପ୍ରତି ପ୍ରଯୁଜ୍ୟ ହୋଇପାରେ କିନ୍ତୁ ଗୋଟିଏ ରାଷ୍ଟ୍ର ପରାଧୀନ ହୋଇ ଥିବାରୁ ତା' ପାଇଁ ସେସବୁ ନିଃସନ୍ଦେହରେ ଅନୁପଯୋଗୀ, ଯେଉଁଠି ଶ୍ୱେତାଙ୍ଗ ମଣିଷର ଏକଚ୍ଛତ୍ର ଆଧିପତ୍ୟକୁ ବଜାୟ ରଖିବାକୁ ପଡୁଛି, ଯେହେତୁ ଏହାକୁ ହାସଲ କରାଯାଇଥିଲା ସକଳ ମୌଳିକ ଆଦର୍ଶ ଓ ସକଳ ନୈତିକତାର ମୂଲ୍ୟକୁ ବଳି ଦେଇ । ଏମିତି ଦିନେ ମଧ୍ୟ ଆୟର୍ଲାଣ୍ଡ ଅଦ୍ୱିତୀୟ ହୋଇ ରହିଗଲା ସେପର୍ଯ୍ୟନ୍ତ, ଯେତେବେଳେ ଦୈନନ୍ଦିନ ଜୀବିକା ସହିତ ଅନ୍ୟ ସମୟରେ ଠିକାରେ ଛୋଟ ଛୋଟ କାର୍ଯ୍ୟ କରିବା ଦ୍ୱାରା ଯୁକ୍ତରାଷ୍ଟ୍ର ଆମେରିକା ଏବଂ ଆୟର୍ଲାଣ୍ଡରେ ଆଇରିସ୍‌ମାନଙ୍କୁ ନେଇ ଗଢ଼ି ଉଠିଥିବା ବୈପ୍ଳବିକ ଜାତୀୟବାଦୀ ସଙ୍ଗଠନର ଫେନିୟବାଦ (Fenianism) ଦ୍ୱାରା, ଡିନାମାଇଟ୍ ଆଉ ଶାନ୍ତିପୂର୍ଣ୍ଣ ପ୍ରତିରୋଧ ଦ୍ୱାରା କୌଣସି ପ୍ରକାରେ ପ୍ରଗତିର ସକଳ ବାଧାବନ୍ଧନକୁ ସେ ଛିନ୍ନ କରି ନିଜକୁ ଅନ୍ୟ ରାଷ୍ଟ୍ରମାନଙ୍କ ସହିତ ସମକକ୍ଷ କରି ପାରିଥିଲା । ହଁ, ଭାରତ କ୍ଷେତ୍ରରେ କିନ୍ତୁ ଘଟଣା ସମ୍ପୂର୍ଣ୍ଣ ଭିନ୍ନ । ଇଂଲଣ୍ଡରେ ରାଜନୀତି ହେଉଛି ଦଳମାନଙ୍କର ପ୍ରଶ୍ନ । ଭାରତରେ ରାଜନୀତି ହେଲା ଆଦର୍ଶଗୁଡ଼ିକର ଏବଂ ପାରସ୍ପରିକ ଧ୍ୱଂସ ସାଧନ କରୁଥିବା ଶକ୍ତିମାନଙ୍କର ସଂଘର୍ଷ, – ପ୍ରଶାସନିକ ନୀତି ସହିତ ଗଣତାନ୍ତ୍ରିକ ନୀତିର, ସାମ୍ରାଜ୍ୟବାଦର ବିଦେଶୀ ଶକ୍ତି ସହିତ ଜାତୀୟତାବାଦୀ ସ୍ୱଦେଶୀ ଶକ୍ତିର ସଂଘର୍ଷ । ଆମମାନଙ୍କର ଶାସକବର୍ଗଙ୍କ ସହିତ ଆମ ସମ୍ପର୍କ ରକ୍ଷକ ଓ ରକ୍ଷିତର ସମ୍ପର୍କ ନୁହେଁ, କିନ୍ତୁ ତାହା ହେଉଛି ଏକ ଖାଦକ ଓ ଖାଦ୍ୟର ସମ୍ପର୍କ । ଯେହେତୁ ଗୋଟିଏ ବାଘ ଓ ଗୋଟିଏ ମଣିଷ ଏକତ୍ର ଗୋଟିଏ ଘେରା ଭିତରେ ନିବାସ କରିପାରିବେ ନାହିଁ, ଠିକ୍ ସେମିତି ଭାରତୀୟ ଜାତୀୟବାଦ ଏବଂ ଶାସନତାନ୍ତ୍ରିକ ଏକଚ୍ଛତ୍ରବାଦ ପରସ୍ପର ମଧ୍ୟରେ ଭାରତକୁ ବିଭାଜ୍ୟ କରି ପାରିବେ ନାହିଁ କିଂବା ଶାନ୍ତିରେ ଏକାଠି ରହି ପାରିବେ ନାହିଁ । ସେମାନଙ୍କ ମଧ୍ୟରୁ ଯେମିତି ହେଲେ ଜଣକୁ ସେ ସ୍ଥାନ ଛାଡ଼ି ଚାଲି ଯିବାକୁ ହେବ ।

[ବନ୍ଦେ ମାତରମ୍, ମେ ୧୭,୧୯୦୭]

(କ୍ରମଶଃ)

ଅନୁବାଦ : ଶ୍ରୀ ଉମେଶ ପ୍ରସାଦ ପଟ୍ଟନାୟକ ❖

ଏକାଗ୍ରତା ତଥା ମା'ଙ୍କ ସ୍ମରଣ ଓ ନିଜକୁ ଆମ ସହ ସଂଯୁକ୍ତ କରି ରଖିବା ନିମନ୍ତେ ଚେତନାକୁ ସଜାଗ ରଖିବା ଲାଗି ପ୍ରତିଦିନ ତୁମକୁ କିଛି ସମୟ ପୃଥକ୍ କରି ରଖିବାକୁ ହେବ ।

– ଶ୍ରୀଅରବିନ୍ଦ

## ବେଦରହସ୍ୟ - (ତୃତୀୟ ଭାଗ), ଅତ୍ରିଋଷିଗଣଙ୍କ ସୂକ୍ତମାଳା

# ରହସ୍ୟବାଦୀମାନଙ୍କ ସିଦ୍ଧାନ୍ତ

### ଶ୍ରୀଅରବିନ୍ଦ

**ପୂର୍ବସଂଖ୍ୟାର ଅନୁକ୍ରମେ :**

ବୈଦିକ ଦେବଗଣ ହେଉଛନ୍ତି 'ବିଶ୍ୱଦେବ'ଙ୍କର ବିଭିନ୍ନ ନାମ ପ୍ରଭାବ ତଥା ବ୍ୟକ୍ତିତ୍ୱର ପରିଚାୟକ ଏବଂ ସେମାନେ 'ଦିବ୍ୟ ପୁରୁଷ'ଙ୍କ ବିଭାବର ପ୍ରତିନିଧିତ୍ୱ କରନ୍ତି । ସେମାନେ ବିଶ୍ୱକୁ ବ୍ୟକ୍ତ କରି ସେଥିରେ ନିଜକୁ ଅଭିବ୍ୟକ୍ତ କରନ୍ତି । 'ଆଲୋକ'ର ଏହି ଶିଶୁଗଣ, 'ଅନନ୍ତ'ର ଏହି ସନ୍ତାନଗଣ ମାନବର ଆତ୍ମାରେ ମାନବର ଭ୍ରାତା ଓ ସଖା ରୂପେ ବିଦିତ ତଥା ଏମାନେ ସେମାନଙ୍କ ସହାୟତା ପାଇଁ ଇଚ୍ଛୁକ, ସେମାନଙ୍କ ମଧ୍ୟରେ ଏମାନେ ସ୍ୱୟଂ ବିକଶିତ ହେବା ସଙ୍ଗେ ସଙ୍ଗେ ସେମାନଙ୍କୁ ବିକଶିତ କରିବା ମଧ୍ୟ ଏମାନଙ୍କ ଅଭିପ୍ରାୟ ଯାହା ଫଳରେ ଦେବଗଣ ନିଜର ଆଲୋକ, ଶକ୍ତି ଓ ସୌନ୍ଦର୍ଯ୍ୟ ଦ୍ୱାରା ଇହଲୋକକୁ ଅଧିକାର କରିପାରିବେ । ଦିବ୍ୟ ସାହଚର୍ଯ୍ୟ ଓ ପାରସ୍ପରିକତା ନିମନ୍ତେ ବୈଦିକ ଦେବଗଣ ମନୁଷ୍ୟକୁ ଆହ୍ୱାନ କରନ୍ତି; ନିଜ ଉଜ୍ଜ୍ୱଳ ଭ୍ରାତୃତ୍ୱ ପ୍ରତି ତାକୁ ଆକୃଷ୍ଟ ତଥା ଉତ୍ତୋଳିତ କରନ୍ତି, 'ଅନ୍ଧକାର' ଓ 'ବିଭେଦ'ର ସନ୍ତାନଗଣଙ୍କ ବିରୋଧରେ ତା'ର ଯୋଗଦାନକୁ ସ୍ୱାଗତ କରନ୍ତି ଏବଂ ନିଜ ସାଧନଗୁଡ଼ିକୁ ବି ତାକୁ ଅର୍ପଣ କରନ୍ତି । ଏହାର ପ୍ରତିବଦଳରେ ମାନବ ନିଜ ଯଜ୍ଞକୁ ଦେବଗଣଙ୍କୁ ଆବାହନ କରେ, ନିଜର କ୍ଷିପ୍ରତା ଓ ସାମର୍ଥ୍ୟଗୁଡ଼ିକୁ, ତା'ର ଶୁଦ୍ଧତା ଓ ମାଧୁର୍ଯ୍ୟଗୁଡ଼ିକୁ,– ଭାସ୍ୱର 'ଗୋ'ର ଦୁଗ୍ଧ ଓ ଲବଣୀ, ସେହି 'ଆନନ୍ଦ-ପାଦପ'ର ପରିଷ୍କୃତ ରସ (ସୋମରସ), ସେହି 'ଯଜ୍ଞ'ର ସେହି 'ଅଶ୍ୱ', ସେହି ଅପୂପ (ପିଷ୍ଟକ), ଆସବ ପ୍ରଭୃତିକୁ ଆହୁତି ଦେଇଥାଏ, 'ଭାଗବତ ମନ'ର ପ୍ରଭାମୟ ତୀବ୍ରଗାମୀ ଘୋଡ଼ାମାନଙ୍କ ନିମନ୍ତେ ଶସ୍ୟ ଦାନ କରିଥାଏ । ମନୁଷ୍ୟ ସେମାନଙ୍କୁ ନିଜ ସତ୍ତା ମଧ୍ୟରେ ଗ୍ରହଣ କରେ ଏବଂ ସେମାନଙ୍କ ଦାନଗୁଡ଼ିକୁ ନିଜ ଜୀବନ ମଧ୍ୟରେ ସ୍ଥାନ ଦିଏ, ସ୍ତୁତିପାଠ ଓ ସୁରା ସମର୍ପଣ ଦ୍ୱାରା ସେ ନିଜ ମଧ୍ୟରେ ତାଙ୍କୁ ପରିପୋଷଣ କରେ ଓ ସେମାନଙ୍କ ମହାନ୍ ଓ ଉଜ୍ଜ୍ୱଳ ଦେବତ୍ୱକୁ ଅକ୍ଷୁଣ୍ଣ ଭାବେ ଗଢ଼େ – ବେଦର ଉକ୍ତିରେ ଅଛି, ଜଣେ କମାର ଯେପରି ଲୌହବସ୍ତୁକୁ ଗଢ଼େ, ସେହିପରି ।

ଏହି ସମସ୍ତ ବୈଦିକ ରୂପକଳ୍ପର ଚାବି ଆମକୁ ଥରେ ମିଳିଗଲେ ଏହାକୁ ବୁଝିବା ଆମ ପାଇଁ ସହଜ ହୋଇଯାଏ, କିନ୍ତୁ ଏହାକୁ ରୂପକଳ୍ପ ମାତ୍ର ବୋଲି ବୁଝିଲେ ଭୁଲ୍ ହେବ । ଦେବଗଣ ତଥାକଥିତ କାଳ୍ପନିକ ଧାରଣାର କାବ୍ୟିକ ବ୍ୟକ୍ତି-ରୂପ ମାତ୍ର ନୁହନ୍ତି, ଅଥବା 'ପ୍ରକୃତି'ର ମନସ୍ତାତ୍ତ୍ୱିକ ତଥା ଭୌତିକ କ୍ରିୟାବଳି ନୁହନ୍ତି । ବୈଦିକ ଋଷିଙ୍କ ପକ୍ଷରେ ଏମାନେ ଜୀବନ୍ତ ବାସ୍ତବ ସତ୍ତା; ମାନବାତ୍ମା ଯେଉଁସବୁ ଦଶା ଦେଇ ଗତି କରୁଛି ତାହା ବୈଶ୍ୱ ସଂଘର୍ଷର ନିଦର୍ଶନ, ଏହା କେବଳ ବୈଚାରିକ ସିଦ୍ଧାନ୍ତର ତଥା ପ୍ରବୃତ୍ତିଗତ ସଂଘର୍ଷ ନୁହେଁ ପରନ୍ତୁ ବୈଶ୍ୱ 'ଶକ୍ତି' ଗଣଙ୍କର, ସେମାନେ ଏସବୁର ପଶ୍ଚାତରେ ରହି ବଳ ଦେଉଥା'ନ୍ତି ଓ ରୂପ ଦେଉଥା'ନ୍ତି । ଏମାନେ ହେଉଛନ୍ତି ଦେବଗଣ ଓ ଦାନବଗଣ । ସେହି ସମାନ ବାସ୍ତବ ନାଟକ ସେହି ସମାନ ପାତ୍ରଙ୍କ ଦ୍ୱାରା ବିଶ୍ୱ-ରଙ୍ଗମଞ୍ଚରେ ତଥା ବ୍ୟକ୍ତି-ଆତ୍ମା ମଧ୍ୟରେ ଅଭିନୀତ ହେବାରେ ଲାଗିଛି ।

କେଉଁ ଦେବତାମାନଙ୍କୁ ଯଜ୍ଞାହୁତି ଦିଆଯିବ ? କାହାକୁ ଆବାହନ କରାହେବ ଯିଏ ଏହି ବର୍ଦ୍ଧନଶୀଳ ଦେବତ୍ୱକୁ ମାନବସତ୍ତା ମଧ୍ୟରେ ଅଭିବ୍ୟକ୍ତ ଓ ସୁରକ୍ଷିତ ରଖିପାରିବେ ?

**ଅଗ୍ନି** ପ୍ରଥମ, କାରଣ ତାଙ୍କ ବ୍ୟତୀତ ଆତ୍ମ-ବେଦୀ ଉପରେ ଯଜ୍ଞାନଳ ପ୍ରଜ୍ୱଳିତ ହୋଇପାରିବ ନାହିଁ । ଏହି ଅଗ୍ନିଦେବ ହେଉଛନ୍ତି ଦିବ୍ୟସଂକଳ୍ପର ସପ୍ତଜିହ୍ୱାତ୍ମିକା ଶକ୍ତି, ଜ୍ଞାନମୂଳକ ଭଗବତ୍ ଶକ୍ତି । ଏହି ସଚେତନ ତଥା ଶକ୍ତିଶାଳୀ ସଂକଳ୍ପ ଆମର ମୃତ୍ୟୁନିୟତ ଜୀବନରେ ଅମର ଅତିଥି, ଏ ଜଣେ ନୈଷ୍ଠିକ ପୁରୋହିତ ଓ ଦିବ୍ୟ କର୍ମୀ, ମର୍ତ୍ତ୍ୟ ଓ ସ୍ୱର୍ଗ ମଧ୍ୟରେ ଏ ହେଉଛନ୍ତି ମଧ୍ୟସ୍ଥ । ଉଚ୍ଚତର ମହାଶକ୍ତିମାନଙ୍କ ଉଦ୍ଦେଶ୍ୟରେ ଆମେ ଯାହା ଅର୍ପଣ କରୁ (ଆହୁତି ଦେଉ) ସେସବୁକୁ ଏ ସେମାନଙ୍କ ନିକଟକୁ ବହନ କରି ନିଅନ୍ତି ଏବଂ ପ୍ରତିଦାନରେ ସେମାନଙ୍କଠାରୁ ଆମର ମାନବତ୍ୱ ମଧ୍ୟକୁ ବହନ କରି ଆଣନ୍ତି ସେମାନଙ୍କର ଶକ୍ତି, ଆଲୋକ ଓ ଆନନ୍ଦ ।

**ଇନ୍ଦ୍ର** ହେଉଛନ୍ତି ଦ୍ୱିତୀୟ ଦିବ୍ୟଶକ୍ତିମାନ୍ ଦେବତା, ଶୁଦ୍ଧ ଜୀବନର ଶକ୍ତି, ଯେ କି 'ଭଗବତ୍ ମାନସ' ରୂପେ ସ୍ୱୟଂ ଅଭିବ୍ୟକ୍ତ । ଅଗ୍ନି ଯେପରି ଏ ଦିଗରେ ଜ୍ଞାନଶକ୍ତିର ଗୋଟିଏ

ଧ୍ରୁବ ରୂପେ ପୃଥିବୀରୁ ଦ୍ୟୌ ଦିଗରେ ନିଜର ଶକ୍ତିସ୍ରୋତକୁ ପ୍ରେରଣ କରନ୍ତି, ଇନ୍ଦ୍ର ସେହିପରି ଅନ୍ୟ ଦିଗରେ ଶକ୍ତିସମ୍ପିତ ଜ୍ୟୋତିଃପ୍ରଧାନ ଧ୍ରୁବ ରୂପେ ଦ୍ୟୌରୁ ଧରଣୀବକ୍ଷକୁ ଅବତରଣ କରି ଆସନ୍ତି । ସେ ତାଙ୍କର କିରଣମୟ ଅଶ୍ୱମାନଙ୍କ ସହିତ ଜଣେ ବିଜୟୀ ବୀର ଭଳି ଆମରି ଜଗତ୍ ମଧ୍ୟକୁ ଆସନ୍ତି ଏବଂ ତାଙ୍କର ବିଦ୍ୟୁନ୍ମୟ ବଜ୍ରାଘାତରେ ତମସ୍ ଓ ଦୈତ୍ୟ (ବିଭାଜନକାରୀ)କୁ ବିନାଶ କରନ୍ତି, ଜୀବନଦାୟୀ ସ୍ୱର୍ଗୀୟ ବାରିଧାରାଗୁଡ଼ିକୁ ବର୍ଷଣ କରନ୍ତି, ସଂବୋଧିରୂପିଣୀ ଶୁନୀର ପଦାଙ୍କ ଅନୁସରଣ କରି କରି ହୃତ ବା ଗୁହାୟିତ ଜ୍ଞାନାଲୋକଗୁଡ଼ିକୁ (ଗାଈମାନଙ୍କୁ) ସେ ଆବିଷ୍କାର କରନ୍ତି, ଆମର ମାନସ-ସ୍ୱର୍ଗର ସତ୍ୟସୂର୍ଯ୍ୟକୁ ବହୁ ଉଚ୍ଚକୁ ଉନ୍ନୀତ କରନ୍ତି ।

**ସୂର୍ଯ୍ୟ** ହେଉଛନ୍ତି ସେହି ପରମ ସତ୍ୟର ସ୍ୱାମୀ, ଅର୍ଥାତ୍, ସତ୍ତାର ସତ୍ୟ, ଜ୍ଞାନର ସତ୍ୟ, ପଦ୍ଧତି ଓ କର୍ମର, ଚେଷ୍ଟା ଓ ବ୍ୟାପାର ତଥା ସତ୍ୟର ଦେବତା । ତେଣୁ ସେ ହେଉଛନ୍ତି ସକଳ ବସ୍ତୁର ସବିତା ଅଥବା ଅଧିକ ସ୍ପଷ୍ଟଭାବେ କହିଲେ ସକଳ ବସ୍ତୁର ପ୍ରକାଶକ,– କାରଣ ସୃଷ୍ଟି ହେଉଛି ଏକ ପ୍ରକଟନ, ପରମ ସତ୍ୟ ଓ ପରମ ସଂକଳ୍ପ ଦ୍ୱାରା ଏକ ଅଭିବ୍ୟକ୍ତି,– ଏବଂ ସେ ହେଉଛନ୍ତି ଆମ ଆତ୍ମାର ଜନକ, ପୋଷକ ଓ ଦୀପକ । ଯେଉଁ ଭାସ୍ୱର ଜ୍ଞାନଜ୍ୟୋତିଃକୁ ଆମେ ପାଇବାକୁ ଆଗ୍ରହ କରୁ ତାହା ହେଉଛି ଏହି 'ସୂର୍ଯ୍ୟ'ଙ୍କର ଗାଈଯୂଥ । ଦିବ୍ୟ 'ଉଷା'ର ସୁନିର୍ଦ୍ଦିଷ୍ଟ ପଥ ଧରି ସେ ଆମ ନିକଟକୁ ଆସନ୍ତି ଏବଂ ପରମାନନ୍ଦମୟ ସୃଷ୍ଟିର ଅଭିବ୍ୟକ୍ତି ପର୍ଯ୍ୟନ୍ତ ସେ ପ୍ରତିଦିନ ଗୋଟିଏ ପରେ ଗୋଟିଏ ରାତ୍ରି କବଳିତ ଜଗତକୁ ଆମ ମଧ୍ୟରେ ମୁକ୍ତ କରନ୍ତି ଓ ଅଭିବ୍ୟକ୍ତ କରିଚାଲନ୍ତି ।

**ସୋମ** ହେଉଛନ୍ତି ସେହି ଆନନ୍ଦର ପ୍ରତିନିଧିତ୍ୱ କରୁଥିବା ଦେବ । ପୃଥିବୀର ସକଳ ବିକାଶ ମଧ୍ୟରେ ସତ୍ତାକୁ ସଜୀବ କରି ରଖିଥିବା ଜଳଧାରାଗୁଡ଼ିକ ଭିତରେ ତାଙ୍କରି ସ୍ୱର୍ଗୀୟ ଉଲ୍ଲାସ ପୂରି ରହିଛି; ଏପରିକି ଇହଜୀବନରେ ଆମର ଦୈହିକ ସତ୍ତାରେ ତାଙ୍କରି ଅମରତ୍ୱ-ସମ୍ପାଦକ ରସଗୁଡ଼ିକ ରହିଛନ୍ତି, ସେଗୁଡ଼ିକୁ ନିଷ୍କାସିତ କରି ସବୁ ଦେବତାଙ୍କୁ ଆହୁତି ଦେବାକୁ ହେବ; କାରଣ, ସେହି ଶକ୍ତି ବଳରେ ସେମାନେ ଆମ ମଧ୍ୟରେ ବୃଦ୍ଧିଲାଭ କରିବେ ଓ ବିଜେତା ହେବେ ।

ଉପରୋକ୍ତ ପ୍ରତ୍ୟେକ ଦେବତା ହେଉଛନ୍ତି ଆଦି ଦେବତା ଓ ସେମାନେ ଅନ୍ୟ ଦେବତାଙ୍କ ସହିତ ସମ୍ବନ୍ଧିତ ଏବଂ ସେମାନେ ଏହି ଆଦିଦେବତାମାନଙ୍କଠାରୁ ଉତ୍ପନ୍ନ କାର୍ଯ୍ୟଗୁଡ଼ିକୁ ପୂର୍ଣ୍ଣ କରନ୍ତି । ଯଥା : ଆମ ମର୍ତ୍ତ୍ୟ-ପ୍ରକୃତିରେ ସତ୍ୟ-ସୂର୍ଯ୍ୟ ଯଦି ସ୍ଥିରଭାବେ ନିଜକୁ ପ୍ରତିଷ୍ଠିତ କରିବେ ତେବେ ସେଥିପାଇଁ କେତେଗୁଡ଼ିଏ ପ୍ରସ୍ତୁତି ଏକାନ୍ତ ଆବଶ୍ୟକ; ସକଳ ପାପ ଓ କୁଟିଳ ସ୍ୱଭାବ ମିଥ୍ୟାକୁ ଧ୍ୱଂସ କରି ଦେଉଥିବା ଏକ ବିରାଟ ଶୁଦ୍ଧି ଓ ସୁସ୍ପଷ୍ଟ ବିସ୍ତୃତି ଆବଶ୍ୟକ – ଏ ହେଉଛନ୍ତି **ବରୁଣ**; ଆମର ସକଳ ଚିନ୍ତା, କର୍ମ ଓ ପ୍ରବେଗ ମଧ୍ୟରେ ସଂଗତି ପ୍ରତିଷ୍ଠା ଦିଗରେ ଆମକୁ ଚଳାଇ ନେଉଥିବା ଓ ତାହାରିହିଁ ପ୍ରତିଷ୍ଠା କରୁଥିବା ପ୍ରେମ ଓ ସମଗ୍ରବୋଧର ଏକ ଜ୍ୱଳନ୍ତ ସାମର୍ଥ୍ୟ ଆବଶ୍ୟକ – ଏ ହେଉଛନ୍ତି **ମିତ୍ର**; ସ୍ପଷ୍ଟ ବିବେଚନଶୀଳ ଅଭୀପ୍ସା ଓ ପ୍ରଚେଷ୍ଟାର ଏକ ଅମର ପରାକ୍ରମ ଆବଶ୍ୟକ – ଏ ହେଉଛନ୍ତି **ଅର୍ଯ୍ୟମନ୍**; ପାପ, ପ୍ରମାଦ ଓ ଦୁଃଖର ଦୁଃସ୍ୱପ୍ନକୁ ଦୂର କରି ସକଳ ବସ୍ତୁକୁ ତା' ନିଜ ସ୍ଥାନରେ ଭୋଗ କରିବାର ଏକ ସୁକର ସହଜ ଅବସ୍ଥା ଆବଶ୍ୟକ – ଏହାଙ୍କୁ **ଭଗ** କୁହାଯାଏ । ସତ୍ୟସୂର୍ଯ୍ୟଙ୍କର ଏ ହେଉଛନ୍ତି ଚତୁଃଶକ୍ତି ।

ସୋମଦେବଙ୍କର ସମୁଦାୟ ଆନନ୍ଦ ଆମ ପ୍ରକୃତିରେ ଉପଯୁକ୍ତ ରୂପେ ପ୍ରତିଷ୍ଠିତ ହେବା ନିମନ୍ତେ ମନ, ପ୍ରାଣ ଓ ଶରୀରରେ ଅନୁକୂଳ, ଜ୍ଞାନଦୀପ୍ତ ଓ ଅବିକଳ ଅବସ୍ଥାର ଆବଶ୍ୟକତା ରହିଛି । ଆମକୁ ଏହି ଅବସ୍ଥା ପ୍ରାପ୍ତ କରାନ୍ତି ଯମଜ **ଅଶ୍ୱିନୌ** (ଅଶ୍ୱିନୀ ଭ୍ରାତୃଦ୍ୱୟ); ଏ ଦୁହେଁ ଆଲୋକର କନ୍ୟା ସହ ବିବାହ ବନ୍ଧନରେ ଜଡ଼ିତ । ମଧୁପାୟୀ, ଯଥାର୍ଥ ପରିତୃପ୍ତି-ପ୍ରଦାୟକ, ବିକଳାଙ୍ଗତା ତଥା ବ୍ୟାଧିର ଚିକିତ୍ସକ ଏ ଦୁହେଁ ଆମର ଜ୍ଞାନଭାଗ ଓ କର୍ମଭାଗକୁ ଅଧିକାର କରନ୍ତି ଏବଂ ଆମର ମାନସିକ, ପ୍ରାଣିକ ଓ ଦୈହିକ ସତ୍ତାକୁ ଏକ ସହଜ ଓ ଜୟଶୀଳ ଉତ୍ତରଣ ନିମନ୍ତେ ପ୍ରସ୍ତୁତ କରନ୍ତି ।

ମନଃକଳ୍ପିତ ରୂପଗୁଡ଼ିକୁ ଗଠନ କରିବା କାର୍ଯ୍ୟରେ ଦିବ୍ୟମନରୂପୀ ଇନ୍ଦ୍ରଙ୍କର ସହାୟକଗଣ ତଥା ଶିଳ୍ପୀଗଣ ହେଉଛନ୍ତି **ଋଭୁ** – ଏମାନେ ହେଉଛନ୍ତି ମାନବୀୟ ଶକ୍ତିଚୟ ଯେଉଁମାନେ କି କର୍ମଯଜ୍ଞ ଦ୍ୱାରା ଏବଂ ସତ୍ୟସୂର୍ଯ୍ୟଙ୍କର ଉଚ୍ଚଲୋକକୁ ସେମାନଙ୍କ କୃତିତ୍ୱପୂର୍ଣ୍ଣ ଆରୋହଣ ଦ୍ୱାରା ଅମରତ୍ୱକୁ ପ୍ରାପ୍ତ ହୋଇଛନ୍ତି ଏବଂ ସେମାନଙ୍କ ସିଦ୍ଧିଗୁଡ଼ିକୁ ଅନ୍ୟମାନେ ଯେପରି ପାଇପାରିବେ ସେଥିପାଇଁ ସେମାନେ ମାନବଜାତିକୁ ପ୍ରସ୍ତୁତ କରାନ୍ତି । ଏମାନେ ମନ ଦ୍ୱାରା ଗଠନ କରନ୍ତି ଇନ୍ଦ୍ରଙ୍କ ଅଶ୍ୱମାନଙ୍କୁ, ଅଶ୍ୱିନଦ୍ୱୟଙ୍କର ରଥକୁ, ଦେବଗଣଙ୍କର ଆୟୁଧସବୁକୁ, ଅଭିଯାନ ଓ ସଂଗ୍ରାମ ପାଇଁ ସମସ୍ତ ସରଞ୍ଜାମକୁ ।

କିନ୍ତୁ ସତ୍ୟାଲୋକପ୍ରଦାତା ବୃତ୍ରଘାତୀ ଇନ୍ଦ୍ର **ମରୁଦ୍‌ଗଣ**ଙ୍କ ଶକ୍ତିରେ ବଳାନ୍ୱିତ, ଏମାନେ ହେଉଛନ୍ତି ସଂକଳ୍ପ ଓ ସ୍ନାୟବିକ ବା ପ୍ରାଣିକ ଶକ୍ତିରାଜି ଯେଉଁମାନେ ଚିନ୍ତାର ଆଲୋକ ଓ ଆତ୍ମ-ଅଭିବ୍ୟକ୍ତିର ଭାଷାକୁ ପ୍ରାପ୍ତ ହୋଇଛନ୍ତି । ପଶ୍ଚାତରେ ଥାଇ ଏମାନେ ସକଳ ଚିନ୍ତା ଓ ବାକ୍ୟର ପ୍ରେରଣା ଦିଅନ୍ତି ଏବଂ ପରମ ଚେତନାର ଜ୍ୟୋତିଃ, ସତ୍ୟ ଓ ଆନନ୍ଦ ଲାଭ ପାଇଁ ଏମାନେ ଯୁଦ୍ଧ କରନ୍ତି ।

ଆହୁରି ମଧ୍ୟ ଦେବୀ ଶକ୍ତିମାନଙ୍କ ବିଷୟ ବେଦରେ ରହିଛି; କାରଣ 'ଦେବ' (ପରମ ପ୍ରଭୁ) ପୁରୁଷ ଏବଂ ସ୍ତ୍ରୀ ଉଭୟ, ଏବଂ ଦେବତାମାନେ ମଧ୍ୟ ହୁଏତ କର୍ମସଂପାଦକ ଆତ୍ମାଗଣ ନଚେତ୍ ସହିଷ୍ଣୁ କର୍ମକର୍ତ୍ତାଗଣ ତଥା ବିଧି-ବ୍ୟବସ୍ଥା-ସମ୍ପାଦିକା ଶକ୍ତିମାନେ । ଦେବଗଣଙ୍କର ଜନନୀ ଆଦି-ଅନ୍ତ-ରହିତା **ଅଦିତି** ହେଉଛନ୍ତି ଏମାନଙ୍କ ଭିତରେ ପ୍ରଥମା; ଏବଂ, ଏହାପରେ ସତ୍ୟଚେତନାର ପଞ୍ଚଶକ୍ତି ମଧ୍ୟ ଅଛନ୍ତି, ଯଥା : **ମହୀ** ବା **ଭାରତୀ**, ଏ ହେଉଛନ୍ତି ମହାବାକ୍, ଯେ କି ଭଗବାନଙ୍କଠାରୁ ଉତ୍ସାରିତ ସକଳ ବସ୍ତୁକୁ ଆଣି ଦିଅନ୍ତି,– **ଇଳା**, ପରମ ସତ୍ୟର ବଳିଷ୍ଠ ପ୍ରାରମ୍ଭିକ ବାକ୍ ଯେ କି ଆମକୁ କର୍ମଷ୍ଠ, ସକ୍ରିୟ ଅନ୍ତର୍ଦୃଷ୍ଟି ପ୍ରଦାନ କରନ୍ତି; **ସରସ୍ୱତୀ** ହେଉଛନ୍ତି ସତ୍ୟର ପ୍ରବହମାନା ଧାରା ଏବଂ ସତ୍ୟପ୍ରେରଣାର ବାକ୍; **ସରମା** ହେଉଛନ୍ତି ସଂବୋଧି, ସ୍ୱର୍ଗର ଶୁନୀ, ଅବଚେତନାର ଗୁହା ମଧ୍ୟକୁ ଅନୁପ୍ରବେଶ କରି ସେଠାରେ ସଂଗୁପ୍ତ ଜ୍ଞାନାଲୋକକୁ ଯିଏ ଆବିଷ୍କାର କରନ୍ତି; **ଦକ୍ଷିଣା**, ଏହାଙ୍କ କାର୍ଯ୍ୟ ହେଉଛି ନିର୍ଭୁଲ୍ ବିବେଚନା କରିବା, କର୍ମ ଓ ସମର୍ପଣ (ଆହୁତି)କୁ ଦେବଗଣଙ୍କ ଉଦ୍ଦେଶ୍ୟରେ ବିନିଯୋଗ କରିବା ଏବଂ ଯଜ୍ଞରେ ପ୍ରତ୍ୟେକ ଦେବତାଙ୍କୁ ସେମାନଙ୍କ ଭାଗକୁ ବିତରଣ କରିବା । ଏତଦ୍‌ବ୍ୟତୀତ ପ୍ରତ୍ୟେକ ଦେବଙ୍କର ଶକ୍ତି-ସ୍ୱରୂପା ଜଣେ ଜଣେ ଦେବୀ ରହିଛନ୍ତି ।

ସକଳ କର୍ମ ଓ ସଂଗ୍ରାମ ଓ ଉତ୍ତରଣ, ଏସବୁର ସହାୟକ ରୂପେ ଅଛନ୍ତି ଆମର ପିତୃରୂପୀ ସ୍ୱର୍ଗ ଏବଂ ମାତୃରୂପିଣୀ ଧରଣୀ, ଏ ଦୁହେଁ ମଧ୍ୟ ଦେବଗଣଙ୍କର ଜନକ-ଜନନୀ, ଏବଂ ମାନସିକ ଓ ଚୈତ୍ୟିକ ଏବଂ ଦୈହିକ ଚେତନାକୁ ଯଥାକ୍ରମେ ଏକାନ୍ତଭାବେ ପୁଷ୍ଟିବର୍ଦ୍ଧନ କରନ୍ତି । ଏମାନଙ୍କର ବ୍ୟାପକ ଓ ମୁକ୍ତ କ୍ରିୟା ଉପରେ ଆମର ସାଫଲ୍ୟ ନିର୍ଭର କରେ । ପ୍ରାଣଦେବତା **ବାୟୁଦେବ** ଅନ୍ତରୀକ୍ଷରେ ଅର୍ଥାତ୍ ପ୍ରାଣଲୋକରେ ଏମାନଙ୍କ ମଧ୍ୟରେ ସଂଯୋଗ ରକ୍ଷା କରନ୍ତି । ଆହୁରି ଅନ୍ୟ ଦେବତାମାନେ ମଧ୍ୟ ଅଛନ୍ତି, ଯଥା : **ପର୍ଜନ୍ୟ**, ସ୍ୱର୍ଗର ବାରିକୁ ଏ ବର୍ଷଣ କରନ୍ତି; **ଦଧିକ୍ରାବ୍‌ଣ**, ଏ ହେଉଛନ୍ତି ଦିବ୍ୟ ଯୁଦ୍ଧାଶ୍ୱ, ଅଗ୍ନିଙ୍କର ଏକ ଶକ୍ତି; **ଅହିର୍ବୃଧ୍ନ**, ଆଧାର ବା ଭୂତଳଗୁଡ଼ିକର ରକ୍ଷକ ମହାସର୍ପ, ରହସ୍ୟମୟ ଡ୍ରାଗନ୍; **ତ୍ରିତ ଆପ୍ତ୍ୟ**, ଆମର ତ୍ରିବିଧ ସତ୍ତାକୁ ସତ୍ତାର ତୃତୀୟ ସ୍ତରରେ ଆଣି ପୂର୍ଣ୍ଣତା ପ୍ରଦାନ କରନ୍ତି । ଏତଦ୍‌ଭିନ୍ନ ଆହୁରି ବହୁ ଦେବତା ମଧ୍ୟ ଅଛନ୍ତି ।

ଆମର ପୂର୍ଣ୍ଣତା ଲାଭ ନିମନ୍ତେ ଏହି ସମସ୍ତ ଦେବତାଙ୍କର ବିକାଶ ଆବଶ୍ୟକ । ଏବଂ ଆମ ସତ୍ତାର ପ୍ରତ୍ୟେକ ସ୍ତରରେ ଏହି ପୂର୍ଣ୍ଣତା ପ୍ରାପ୍ତି ମଧ୍ୟ ଅନିବାର୍ଯ୍ୟ । ଯଥା : ପୃଥିବୀର ବିସ୍ତୃତି ମଧ୍ୟରେ ପୂର୍ଣ୍ଣତା, ଏଠାରେ ପୃଥିବୀ ହେଉଛି ଆମର ଅନ୍ନମୟ ସତ୍ତା ଏବଂ ଅନ୍ନମୟ ଚେତନା; ପ୍ରାଣିକ ବେଗ, କର୍ମ ଓ ଭୋଗରେ ତଥା ସ୍ନାୟବିକ ସ୍ପନ୍ଦନରେ ଥିବା ପୂର୍ଣ୍ଣଶକ୍ତିରେ ପୂର୍ଣ୍ଣତା, ଯାହାକୁ ବେଦରେ ଅଶ୍ୱ ସହ ତୁଳନା କରି କୁହାଯାଇଛି ଯେ ଆମର ପ୍ରୟାସକୁ ଆଗକୁ ବହିନେବା ପାଇଁ ତାଙ୍କୁ ସମ୍ମୁଖକୁ ଆଣିବାକୁ ହେବ; ଭାବପ୍ରବଣ ହୃଦୟର ଯଥାର୍ଥ ହର୍ଷ ମଧ୍ୟରେ ଏବଂ ଆମର ବୌଦ୍ଧିକ ଏବଂ ମନସ୍ତାତ୍ତ୍ୱିକ ସତ୍ତା ସ୍ୱରୂପ ମନୋବୁଦ୍ଧିର ସମୁଜ୍ଜ୍ୱଳ ତେଜ ଓ ଶୁଦ୍ଧତାରେ ପୂର୍ଣ୍ଣତା ଲାଭ କରିବା ଆବଶ୍ୟକ; ଆମର ସମଗ୍ର ଜୀବନକୁ ରୂପାନ୍ତର କରିବାକୁ ଆଗମନ କରୁଥିବା ଅତିମାନସିକ 'ଆଲୋକ'– ବେଦରେ ଏହାର ପ୍ରତୀକରୂପେ ଉଷା, ସୂର୍ଯ୍ୟ ଓ କିରଣମୟୀ ଗୋମାତା ପ୍ରଭୃତିଙ୍କୁ ବ୍ୟବହାର କରାଯାଇଛି – ଏଥିରେ ବି ପୂର୍ଣ୍ଣତା ଲାଭ କରିବାକୁ ହେବ; କାରଣ ଏହିପରିଭାବେ ଆମକୁ 'ସତ୍ୟ'ର ଅଧିକାର ପ୍ରାପ୍ତ ହୋଇଥାଏ, 'ସତ୍ୟ' ଦ୍ୱାରା 'ଆନନ୍ଦ'ର ବିପୁଳ ତରଙ୍ଗ ଉଦ୍‌ଗତ ହୋଇଥାଏ, 'ଆନନ୍ଦ' ମଧ୍ୟରେ ରହିଛି ସର୍ବୋଚ୍ଚ ସତ୍ତାର ଅନନ୍ତ 'ଚେତନା' ।

ତିନି ମହାଦେବ, ପୁରାଣପ୍ରସିଦ୍ଧ ଆଦି ତ୍ରିଦେବ, ପରମ ଦେବଙ୍କର ସର୍ବବୃହତ୍ ଶକ୍ତିତ୍ରୟ, ଏହି ବିକାଶ ଓ ଊର୍ଦ୍ଧ୍ୱମୁଖୀ ବିବର୍ତ୍ତନକୁ ସମ୍ଭବ କରନ୍ତି; ସେମାନେ ସେମାନଙ୍କର ବୃହତ୍ କର୍ମଧାରାରେ ଓ ମୂଳ ଶକ୍ତିଗୁଡ଼ିକର ଆଧାର ଉପରେ ବ୍ରହ୍ମାଣ୍ଡର ଏହି ସମସ୍ତ ଜଟିଳତାକୁ ଧାରଣ କରିଛନ୍ତି । **ବ୍ରହ୍ମଣସ୍ପତି** ହେଉଛନ୍ତି ପରମ ସୃଷ୍ଟିକର୍ତ୍ତା; ବାଣୀ ଦ୍ୱାରା, ନିଜର ରବ ଦ୍ୱାରା ସେ ସୃଷ୍ଟି କରନ୍ତି,– ଅର୍ଥାତ୍, ସେ ପ୍ରକାଶ କରନ୍ତି, ଅଚେତନାର ଅନ୍ଧକାର ମଧ୍ୟରୁ ସେ ପ୍ରକାଶକୁ ଆଣନ୍ତି ସକଳ ବସ୍ତୁର ଅସ୍ତିତ୍ୱକୁ, ସଚେତନ ଜ୍ଞାନକୁ, ଜୀବନର ଗତିସଂଚାରକୁ ଏବଂ ପରିଣାମତଃ ରୂପ

ନିଏ ସ୍ଥୂଳ ଆକାର । **ରୁଦ୍ର** ହେଉଛନ୍ତି ପ୍ରଚଣ୍ଡ, ପରମ ଦୟାଳୁ, ମହାଶକ୍ତିମାନ୍ ଦେବତା, ଦୃଢ଼ ପ୍ରତିଷ୍ଠ ହେବା ପାଇଁ ସ୍ୱୟଂ ଜୀବନ ଯେଉଁ ସଂଗ୍ରାମ କରୁଛି ସେଥିରେ ସେ ବିଦ୍ୟମାନ; ସେ ହେଉଛନ୍ତି ଅସ୍ତ୍ରଶସ୍ତ୍ରସମନ୍ୱିତ କ୍ରୋଧୀ ଓ କଲ୍ୟାଣକାରୀ ଭଗବତ୍ ଶକ୍ତି, ସେ ସୃଷ୍ଟିକୁ ଊର୍ଦ୍ଧ୍ୱଦିଗରେ ଉତ୍ତୋଳିତ ହେବାକୁ ବାଧ କରନ୍ତି, ଯାହାସବୁ ଏଥିରେ ବିରୋଧୀ ସେଗୁଡ଼ିକର ବିନାଶ କରନ୍ତି, ଯାହାସବୁ ଏଥିରେ ପ୍ରମାଦ ଘଟାନ୍ତି ଓ ବାଧା ଦିଅନ୍ତି ସେମାନଙ୍କ ଉପରେ ସେ ପ୍ରହାର କରନ୍ତି; ଯେଉଁମାନେ କ୍ଷତବିକ୍ଷତ, ବେଦନା-ପୀଡ଼ିତ, ନିଜ ଉପରେ ହୋଇଥିବା ଅତ୍ୟାଚାର ହେତୁ ଯେଉଁମାନେ ଅଭିଯୋଗ କରନ୍ତି ଓ ଏହାଙ୍କ ଶରଣକୁ ଆସନ୍ତି, ଏ ସମସ୍ତଙ୍କର ଦୁଃଖକୁ ସେ ଦୂର କରି ପ୍ରତିକାର ବିଧାନ କରିଥା'ନ୍ତି । **ବିଷ୍ଣୁ** ହେଉଛନ୍ତି ବିଶାଳ, ପ୍ରବେଶନଶୀଳ-ଗତିଯୁକ୍ତ ଦେବ ଯେ କି ତ୍ରିପଦରେ ଏହି ସକଳ ଭୁବନକୁ ଧାରଣ କରିଛନ୍ତି; ଆମର ସୀମିତ ମର୍ତ୍ତ୍ୟ ଚେତନାରେ ଇନ୍ଦ୍ରଙ୍କର କର୍ମ ପାଇଁ ବିସ୍ତୃତ ସ୍ଥାନ ସେ ନିର୍ମାଣ କରନ୍ତି; ତାଙ୍କରି ଦ୍ୱାରା ଓ ତାଙ୍କରି ସହିତ ଆମେ ତାଙ୍କ ସର୍ବୋଚ୍ଚ ଆସ୍ଥାନକୁ ଉନ୍ନୀତ ହୋଇପାରୁ, ଏବଂ ସେଠାରେ ଆମେ ଦେଖିବାକୁ ପାଉ ଦିବ୍ୟ ସଖା, ଦିବ୍ୟପ୍ରେମିକ, ପରମ ସୁଖଦାତା ପ୍ରଭୁ ଆମକୁ ଅପେକ୍ଷା କରିଛନ୍ତି ।

ସଂସାରର ଘନାନ୍ଧକାରମୟ ଅଚେତନା-ସମୁଦ୍ରରୁ ରୂପ ଧାରଣ କରିଥିବା ଆମର ଏହି ପୃଥିବୀ ସ୍ୱର୍ଗାଭିମୁଖେ ଏହାର ଉନ୍ନତ ରଚନାଗୁଡ଼ିକୁ ଓ ଉତ୍ତରଣଶୀଳ ଶିଖରଗୁଡ଼ିକୁ ତୋଳିବାରେ ଲାଗିଛି; ମନଃସ୍ୱର୍ଗର ସ୍ୱକୀୟ ସଂରଚନାମାନ ରହିଛି, ମେଘମାଳା (ପର୍ଜନ୍ୟ) ବର୍ଷଣ କରନ୍ତି ସେମାନଙ୍କର ବିଦ୍ୟୁତ୍ ଓ ଜୀବନ-ବାରିଧାରାଗୁଡ଼ିକୁ; ଶୁଦ୍ଧତା ଓ ମଧୁରୂପକ ଝର ନିମ୍ନର ଅବଚେତନା-ସମୁଦ୍ରରୁ ଉତ୍ଥିତ ହୋଇ ଉପରିସ୍ଥ ଅତିଚେତନାର ସମୁଦ୍ରରେ ମିଳିତ ହେବାର ଅଭିଳାଷରେ ଆରୋହଣ କରିଚାଲିଛି; ଏବଂ ଉପରୁ ସେହି ସମୁଦ୍ରଟି ଆଲୋକ, ସତ୍ୟ ଓ ଆନନ୍ଦରୂପକ ସରିତ୍‌ମାନଙ୍କୁ ନିମ୍ନକୁ ଏପରିକି ଆମର ଶାରୀରସତ୍ତା ମଧ୍ୟକୁ ପ୍ରେରଣ କରେ । ଏହିପରି ଭାବେ ସ୍ଥୂଳପ୍ରକୃତିର ପ୍ରତୀକ ମଧ୍ୟରେ ବୈଦିକ କବିମାନେ ଆମର ଆଧ୍ୟାତ୍ମିକ ଉତ୍ତରଣର ସୂକ୍ତଗୁଡ଼ିକୁ ଗାୟନ କରିଛନ୍ତି ।

ଋଷିମାନଙ୍କ ଦ୍ୱାରା ଅର୍ଥାତ୍ ମାନବଜାତିର **ପୂର୍ବପୁରୁଷ**ଙ୍କ ଦ୍ୱାରା ସେହି ଉତ୍ତରଣ ସଂପନ୍ନ ହୋଇସାରିଛି, ଏବଂ ଏହିସବୁ ମହାନ୍ ପୂର୍ବଜମାନଙ୍କର ଆତ୍ମା ସେମାନଙ୍କର ସନ୍ତାନମାନଙ୍କୁ ଏବେ ମଧ୍ୟ ସେହି ଉତ୍ତରଣରେ ସହାୟତା ପ୍ରଦାନ କରୁଛି; କାରଣ, ନବୀନ ଉଷାମାନେ ଅତୀତ ଉଷାର ପୁନରାବୃତ୍ତି କରୁଛନ୍ତି ଏବଂ ଭବିଷ୍ୟତର ଉଷାଗୁଡ଼ିକ ସହିତ ସମ୍ମିଳିତ ହେବା ପାଇଁ ଆଲୋକ ମଧ୍ୟରେ ସେମାନେ ଆଗକୁ ଝୁଙ୍କି ରହିଥା'ନ୍ତି । **କଣ୍ୱ, କୁସ, ଅତ୍ରି, କକ୍ଷିବାନ୍, ଗୋତମ, ଶୁନଃଶେପ** ପ୍ରଭୃତି ଋଷିଗଣ ନିର୍ଦ୍ଦିଷ୍ଟ କେତେକ ଆଧ୍ୟାତ୍ମିକ ବିଜୟର ଗୋଟିଏ ଗୋଟିଏ ଆଦର୍ଶରେ ପରିଣତ ହୋଇଛନ୍ତି ଏବଂ ମାନବ-ସଭ୍ୟତାର ଅଭିଜ୍ଞତା ମଧ୍ୟରେ ସେହି ବିଜୟର ଯେ ବାରଂବାର ପୁନରାବୃତ୍ତି ଘଟିବ ସେହି ପ୍ରଚୋଦନାକୁ ସେମାନେ ବହନ କରୁଛନ୍ତି । ସପ୍ତର୍ଷିଗଣ ଅର୍ଥାତ୍ ଅଙ୍ଗିରସମାନେ ଏବେ ମଧ୍ୟ ତଥା ଚିରକାଳ ଅପେକ୍ଷମାଣ, ମନ୍ତ୍ରପାଠ ପାଇଁ ସେମାନେ ଏବେ ମଧ୍ୟ ପ୍ରସ୍ତୁତ ଯାହାଫଳରେ ଆବରଣର ଗୁହାଟି ବିଦୀର୍ଣ୍ଣ ହୋଇଯିବ, ହୃତ ଗାଈମାନଙ୍କୁ ଆମେ ପୁଣି ଫେରିପାଇବୁ, ପ୍ରଚ୍ଛନ୍ନ **ସୂର୍ଯ୍ୟ** ପୁନରାବିଷ୍କୃତ ହେବେ । ଏହିପରି ଭାବେ ଆତ୍ମା ହେଉଛି ସହାୟକ ଓ ବାଧକମାନଙ୍କ ମଧ୍ୟରେ, ମିତ୍ର ଓ ଶତ୍ରୁମାନଙ୍କ ମଧ୍ୟରେ, ଏକ ଯୁଦ୍ଧକ୍ଷେତ୍ର । ପ୍ରାଣବାନ୍ ଓ ପ୍ରାଚୁର୍ଯ୍ୟରେ ଭରପୂର ଏ ସବୁକିଛି ସ୍ୱ ସ୍ୱ ରୂପ ନେଇ ବିଦ୍ୟମାନ, ସଚେତନ ଓ ସକ୍ରିୟ । ଯଜ୍ଞ ଦ୍ୱାରା ଓ ମନ୍ତ୍ର ଦ୍ୱାରା ଆମେ ଆମ ନିଜ ପାଇଁ ସୃଷ୍ଟିକରୁ ଜ୍ଞାନଦୀପ୍ତ ଦ୍ରଷ୍ଟାମାନଙ୍କୁ, ଆମ ପକ୍ଷରେ ଯୁଦ୍ଧ କରିବା ପାଇଁ ବୀରମାନଙ୍କୁ, କର୍ମସନ୍ତାନମାନଙ୍କୁ । ଋଷିଗଣ ଓ ଦେବଗଣ ଆମ ପାଇଁ ଆମର କିରଣରୂପିଣୀ ଗାଈମାନଙ୍କୁ ଖୋଜି ଦିଅନ୍ତି; ଋଭୁଗଣ ମନ ଦ୍ୱାରା ଦେବଗଣଙ୍କ ରଥଗୁଡ଼ିକୁ ଓ ସେମାନଙ୍କର ଅଶ୍ୱମାନଙ୍କୁ ଓ ସେମାନଙ୍କ ଚକ୍‌ମକ୍ ଆୟୁଧ ତଥା ଅସ୍ତ୍ରଶସ୍ତ୍ରଗୁଡ଼ିକୁ ପ୍ରସ୍ତୁତ କରାନ୍ତି । ଆମର ଜୀବନ ହେଉଛି ଏକ ଅଶ୍ୱ, ସେ ରବ କରି ଓ ଲମ୍ଫ ଦେଇ ଆମକୁ ବହିନେଇ ଚାଲିଛି ଆଗକୁ ଆଗକୁ ଏବଂ ଊର୍ଦ୍ଧ୍ୱ ଦିଗରେ; ଏହାର ଶକ୍ତିମାନେ ହେଲେ ଦ୍ରୁତଗାମୀ ଘୋଟକଗଣ ଓ ବୃହତ୍ ପକ୍ଷଯୁକ୍ତ ମାନସିକ ମୁକ୍ତଶକ୍ତି-ସ୍ୱରୂପ ବିହଙ୍ଗମଗଣ; ଏହି ମନୋମୟ ସତ୍ତା ବା ଏହି ଆତ୍ମା ହେଉଛି ଊର୍ଦ୍ଧ୍ୱଲକ୍ଷ୍ୟରେ ଉଡ୍‌ଡୀନ 'ହଂସ' ବା 'ଶ୍ୟେନ' ଯେ କି ଶତ ଲୌହପ୍ରାଚୀରକୁ ଭାଙ୍ଗି ବାହାରି ଆସେ ଓ ଈର୍ଷାଳୁ ରକ୍ଷୀମାନଙ୍କ କବଳରୁ 'ସୋମ'-ମଦିରା ରୂପକ ଆନନ୍ଦର ସମୃଦ୍ଧିକୁ ଉଦ୍ଧାର କରେ । ହୃଦୟର ଗୁପ୍ତ ଗହ୍ୱର ମଧ୍ୟରୁ ଉତ୍ଥିତ ଦେବତ୍ୱାଭିମୁଖୀ ଯେକୌଣସି ଆଲୋକିତ ଚିନ୍ତା ହେଉଛି ଜଣେ ଜଣେ ପୁରୋହିତ ବା ସ୍ରଷ୍ଟା ଏବଂ ଜ୍ଞାନମୟ ଉପଲବ୍ଧି ଓ ଶକ୍ତିଶାଳୀ ସିଦ୍ଧିର

ଦିବ୍ୟସୂକ୍ତଗୁଡ଼ିକୁ ସେମାନେ ଗାନ କରନ୍ତି । ପରମ ସତ୍ୟର ଜାଜ୍ୱଳ ସୁବର୍ଣ୍ଣକୁ ଲାଭ କରିବା ଆମର ଇଚ୍ଛା; ସ୍ୱର୍ଗୀୟ ନିଧିଲାଭ ଆଶାରେ ଆମେ ଲୋଲୁପ ।

ମଣିଷର ଆତ୍ମା ହେଉଛି ବିଭିନ୍ନ ସତ୍ତାରେ ପୂର୍ଣ୍ଣ ଏକ ଜଗତ୍, ଏକ ରାଜ୍ୟ ଯେଉଁଠି ଚରମ ବିଜୟ ଲାଭ ନିମନ୍ତେ ସାହାଯ୍ୟ ବା ବାଧା ଦେବା ପାଇଁ ଉଭୟ ସେନା ମଧ୍ୟରେ ସଂଘର୍ଷ ଚାଲିଛି, ଏହା ଏକ ଗୃହ, ଯେଉଁଠି ଦେବଗଣ ଆମର ଅତିଥି, ଏବଂ ଅସୁରଗଣ ନିରନ୍ତର ଉଦ୍ୟମ କରୁଛନ୍ତି ତାକୁ ଅଧିକାର କରିବା ପାଇଁ; ଏହାର ଶକ୍ତିଗୁଡ଼ିକର ପୂର୍ଣ୍ଣତା, ଏହାର ସତ୍ତାର ବିସ୍ତୃତି (ବର୍ହି) ଇତ୍ୟାଦି ଯଜ୍ଞର ଆସନଟିଏ ସୃଷ୍ଟି କରେ ଯାହାକି ଦିବ୍ୟ କର୍ମାନୁଷ୍ଠାନ ନିମନ୍ତେ ଆସ୍ତୀର୍ଣ୍ଣ, ସୁସଜ୍ଜିତ ଓ ପୂତ ।

ବେଦର କେତୋଟି ମୁଖ୍ୟ ପ୍ରତୀକର ରହସ୍ୟ ଏହିପରି ଏବଂ ଆମ ପୂର୍ବପୁରୁଷମାନଙ୍କ ଶିକ୍ଷାର ଏହା ହେଉଛି ଅତି ସଂକ୍ଷିପ୍ତ ଓ ଅଳ୍ପ କେତେକ ଦିଗ୍‌ଦର୍ଶକ ସୂଚନା । ଋଗ୍‌ବେଦକୁ ଏହି ଭାବେ ବୁଝିଲେ ତାହା ଆଉ ଅସ୍ପଷ୍ଟ, ଅସଂଲଗ୍ନ ଏବଂ ବର୍ବରସୁଲଭ ଗୀତଗୁଚ୍ଛ ହୋଇ ରହିବ ନାହିଁ ବରଂ ମନୁଷ୍ୟଜାତିର ଉଚ୍ଚ ଆସ୍ପୃହାର ଦିବ୍ୟସଂଗୀତ ରୂପେ ପ୍ରତୀତ ହେବ; ଏହାର ମନ୍ତ୍ରପାଠଗୁଡ଼ିକ ହେଉଛି ଆତ୍ମାର ଅମର-ଆରୋହଣ-ପଥର ଏକ ଲଳିତ ମହାକାବ୍ୟ ।

ଏଠାରେ ଅତି କମ୍‌ରେ ଏତିକି; ପ୍ରାଚୀନ ବିଜ୍ଞାନ, ଲୁପ୍ତ ବିଦ୍ୟା, ପୁରାତନ ମନୋଭୌତିକ ପରମ୍ପରାର ଉତ୍ସ ରୂପେ ବେଦରେ ଆଉ ଯାହାକିଛି ରହିଛି ସେଗୁଡ଼ିକୁ ଆବିଷ୍କାର କରିବାକୁ ଅପେକ୍ଷା ରହିଲା ।

(କ୍ରମଶଃ)

[ଶ୍ରୀଅରବିନ୍ଦଙ୍କ CWSA, Vol. 15, '*The Secret of the Veda'*, Part - III, **(*Hymns of the Atris, The Doctrine of the Mystics*)**, pp. 379-384 ]

ଅନୁବାଦ : ଶ୍ରୀ ମଧୁସୂଦନ ମହାପାତ୍ର

Sri Aurobindo shows us the way towards a glorious future.
(CWM Vol. 13, p. 19) – The Mother

*With best compliments from* :

**AUM SWASTIK FOODS**

**MAITAPUR, BALASORE, ODISHA**

# ''ସମଗ୍ର ଜୀବନହିଁ ଯୋଗ''

## ଶ୍ରୀ ମନୋଜ ଦାସ

*[୨୦୧୪ ସେପ୍ଟେମ୍ବର ୨୭ ତାରିଖ ଦିନ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଜାତିସଂଘ ଅଧିବେଶନରେ ବିଶ୍ୱ ସଭ୍ୟତାକୁ ଭାରତର ମହତ୍ତମ ଅବଦାନ ଯୋଗର ତାତ୍ପର୍ଯ୍ୟ ଆଜିର ବିକ୍ଷୁବ୍ଧ ପୃଥିବୀ ହୃଦୟଙ୍ଗମ କରିବାର ଆବଶ୍ୟକତା ସମ୍ପର୍କରେ କହିବା ଉତ୍ତାରୁ ଡିସେମ୍ବର ୧୧ ଅଧିବେଶନରେ ଜାତିସଂଘ ପ୍ରତି ବର୍ଷ ଜୁନ୍ ୨୧ ତାରିଖକୁ ଆନ୍ତର୍ଜାତିକ ଯୋଗ ଦିବସ ରୂପେ ପାଳନ କରିବାର ପ୍ରସ୍ତାବ ଗ୍ରହଣ କରିଥିଲା । ତାତ୍ପର୍ଯ୍ୟପୂର୍ଣ୍ଣ କଥା ହେଲା ୧୭୫ଟି ଦେଶ ସମବେତ ଭାବେ ପ୍ରସ୍ତାବଟି ଉପସ୍ଥାପନ କରିଥିଲେ ।]*

ଗତ ଶତାବ୍ଦୀର ଦ୍ୱିତୀୟ ଦଶକର କଥା । ଜଣେ ଜ୍ଞାନ-ପିପାସୁ ଇଂରେଜ ପଲ୍ ବ୍ରାଣ୍ଟନ୍ ଭାରତବର୍ଷ ଭ୍ରମଣ କରି ଏ ଦେଶର ଆଧ୍ୟାତ୍ମିକ ଐଶ୍ୱର୍ଯ୍ୟର ସନ୍ଧାନରେ ବ୍ରତୀ ଥା'ନ୍ତି । ଏକାଧିକ ଗ୍ରନ୍ଥରେ ସେ ତାଙ୍କ ଅଭିଜ୍ଞତା ଲିପିବଦ୍ଧ କରିଛନ୍ତି । ତନ୍ମଧ୍ୟରେ ବିଶେଷ ଜନପ୍ରିୟ ହେଲା 'A Search in Secret India' ('ସଂଗୋପନ ଭାରତରେ ଏକ ସନ୍ଧାନ') ।

ତ୍ରିଚିନ୍ନାପଲ୍ଲିଠାରେ ସେ ଭେଟିଛନ୍ତି ତାଙ୍କର ଜଣେ ଦେଶବାସୀଙ୍କୁ । ସେ ଇଂରେଜ ଭଦ୍ରଲୋକଟି ସେତେବେଳକୁ ଭାରତରେ କୋଡ଼ିଏ ବର୍ଷ ଅତିବାହିତ କରି ସାରିଥା'ନ୍ତି ।

କଥାବାର୍ତ୍ତା ଭିତରେ ବ୍ରାଣ୍ଟନ୍ ତାଙ୍କୁ ପଚାରିଲେ, ''ତୁମେ କେବେ କୌଣସି ଯୋଗୀଙ୍କୁ ଭେଟିଛ ?''

ଭଦ୍ରଲୋକ କିଛିକ୍ଷଣ ଶୂନ୍ୟ ଦୃଷ୍ଟିରେ ଅନାଇ ରହି ତା'ପରେ କଲେ ଏହି ପ୍ରତିପ୍ରଶ୍ନ, ''ଯୋଗୀ ? ସେଗୁଡ଼ିକ କ'ଣ ? ଏକ ପ୍ରକାର ଜାନୁଆର୍ ?''

ଉପରୋକ୍ତ ବହିର ଭୂମିକାରେ ବ୍ରାଣ୍ଟନ୍ ଲେଖିଥିଲେ, ହଜାର ହଜାର ଇଂରେଜ ଭାରତରେ ରହିଛନ୍ତି; କେତେ ପୁଣି ଆସୁଛନ୍ତି, ଯାଉଛନ୍ତି । ଅଥଚ ଏ ଦେଶରୁ ତାଙ୍କ ଦେଶକୁ ଯାଉଥିବା ଜାହାଜ ଭର୍ତ୍ତି ମଣିମୁକ୍ତା ତୁଳନାରେ ଦିନେ ଯାହା ବହୁ ଅଧିକ ମୂଲ୍ୟବାନ୍ ବୋଲି ପରିଗଣିତ ହେବ, କେହି ତାହାର ସନ୍ଧାନ ନେଇ ନାହାନ୍ତି । ଯୋଗବିତ୍‌ମାନଙ୍କ ସନ୍ଧାନରେ କ୍ୱଚିତ୍ କେହି ବାହାରନ୍ତି ।

(Thousands of Englishman live in India and hundreds visit it each year. Yet few know anything of what may one day prove more worthy to the world than even the prized pearls and valuable stones which ships bring us from India. Fewer still have taken the trouble to go out of their way to find the adepts in Yoga.)

ପଲ୍ ବ୍ରାଣ୍ଟନ୍‌ଙ୍କର ଏ ଭବିଷ୍ୟଦ୍‌ବାଣୀ-ସୂଚକ ପର୍ଯ୍ୟବେକ୍ଷଣ ଆଜି ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ ମନେହୁଏ ।

### ଯୋଗର ପଟଭୂମି : ବିଯୋଗ

ଯୋଗର ସାଧାରଣ ବୁଦ୍ଧିସମ୍ମତ ବ୍ୟାଖ୍ୟା ହେଲା, ଏଭଳି କୌଣସି ଶକ୍ତିଠାରୁ ଆମର ବିଯୋଗ ଘଟିଛି, ଯାହା ସହ ଯୋଗ ସ୍ଥାପନ ଏକାନ୍ତ ଆବଶ୍ୟକ । ଶ୍ରୀଅରବିନ୍ଦଙ୍କ ଭାଷାରେ ଭଗବାନଙ୍କ ସହ ସମ୍ପର୍କ ସ୍ଥାପନ ହେଲା ଯୋଗ – ଯାହା ଆମର ପରମ ଲକ୍ଷ୍ୟ ଏବଂ ମହତ୍ତମ ଆବଶ୍ୟକତା । (To enter into relations with God is Yoga, the Supreme object and the noblest utility.)

ସାଧାରଣ ଅର୍ଥରେ ଆମେ ଯେଉଁ ଆଦର୍ଶକୁ ଭଗବାନଙ୍କ ସହ ସଂଯୋଗ ବୋଲି କହୁଛୁ, ପ୍ରଗାଢ଼ ଅର୍ଥରେ ତାହା ଆମ ନିଜ ଅନ୍ତରାତ୍ମା ଅଥବା ପ୍ରକୃତସତ୍ତା ସହ ସଂଯୋଗ । ଭଗବାନଙ୍କଠାରୁ ଆମ ବିଚ୍ୟୁତିର ପରିଣତି ସ୍ୱରୂପ ଆମ ଚେତନାର ବହିରାଂଶ ଅହଂବୋଧରେ ପରିଣତ ହୋଇଛି । ଯେଉଁ ସାଧାରଣ ବିଚାର ବୁଦ୍ଧି, ଧ୍ୟାନଧାରଣା, ଭଲ-ମନ୍ଦ ଜ୍ଞାନ, ହର୍ଷ-ବିଷାଦ, ମାନ-ସମ୍ମାନବୋଧ, ଭାବପ୍ରବଣତା, ପ୍ରେମ ଓ ଘୃଣା, ଉଚ୍ଚାଭିଳାଷ ଏବଂ ଆଶା-ହତାଶା ଭଳି ଭାବମାନ ଆମ ଦୈନନ୍ଦିନ ଗତାନୁଗତିକ ଜୀବନର ଅଭିଜ୍ଞତା, ସେସମସ୍ତ ଆମ ଅହଂର ଅନ୍ତର୍ଭୁକ୍ତ । ଏହି ବହୁମୁଖୀ, ବହୁରଙ୍ଗୀ, ବହୁରୂପୀ ସ୍ଥୂଳ

ଚେତନାର ଅତଳରେ ବିଦ୍ୟମାନ ଦିବ୍ୟ-ଜ୍ୟୋତିଃର ଅନିର୍ବାଣ ଶିଖା – ଆମର ଆତ୍ମା । ସଚ୍ଚା ଯୋଗୀର ଆଭିମୁଖ୍ୟ ତାହାରି ସହିତ ସଂଯୋଗ ସ୍ଥାପନ କରି ତାହାରି ଦିଗ୍‌ଦର୍ଶନରେ ନିଜକୁ ପରିଚାଳିତ କରିବା – ପ୍ରାୟତଃ ଭ୍ରାନ୍ତ ଏବଂ ମଧ୍ୟେ ମଧ୍ୟେ ଉଦ୍‌ଭ୍ରାନ୍ତ ଅହଂ ଦ୍ୱାରା ନୁହେଁ ।

ଯୋଗର ଏହି ଆଧ୍ୟାତ୍ମିକ ସାରକଥା ବୁଝିଲେ ମଧ୍ୟ ତଦନୁସାରେ ସାଧନା କରିବା ସହଜ ନୁହେଁ ବୋଲି ମନେହେବ । ସହଜ ବା କଠିନ, କେତେଦୂର ସହଜ ବା କେତେଦୂର କଠିନ, ଏଭଳି ପ୍ରଶ୍ନର ଧରାବନ୍ଧା ଉତ୍ତର ନାହିଁ । ଜଣେ ବ୍ୟକ୍ତିର ଆନ୍ତରିକତା, ଧୈର୍ଯ୍ୟ, ଜୀବନର ଲକ୍ଷ୍ୟ ଜାଣିବା ଦିଗରେ ତା'ର ସନ୍ଧିତ୍ସାର ଗଭୀରତା, ନିଜ ଅହଂର ପ୍ରଭାବରୁ ମୁକ୍ତ ହେବା ନିମନ୍ତେ ଆବଶ୍ୟକ ଯେଉଁ ଆତ୍ମ-ଅନୁଶୀଳନ-ଶକ୍ତି ଏବଂ ବିନୟବୋଧ, ଜଣକ ଭିତରେ ସେସବୁ ଗୁଣ କେତେ ଦୂର ବିକାଶ ଲାଭ କରିଛି, ତାହାରି ଉପରେ ଏଭଳି ପ୍ରଶ୍ନର ଉତ୍ତର ନିର୍ଭର କରେ ।

## ସମଗ୍ର ଜୀବନହିଁ ଯୋଗ

ସମଗ୍ର ଜୀବନହିଁ ଯୋଗ (All life is Yoga) ଶ୍ରୀଅରବିନ୍ଦଙ୍କ 'ଯୋଗ ସମନ୍ୱୟ' (The Synthesis of Yoga) ଗ୍ରନ୍ଥର ଉପ-ଶିରୋନାମା । ଅଚେତନ ଭାବରେ ସମସ୍ତେ କ୍ରମାଗତ ଭାବରେ, ଜନ୍ମ ପରେ ଜନ୍ମ ନାନାଦି ଅଭିଜ୍ଞତା ଅର୍ଜନ କରି ନିଜ ନିଜ ଚେତନାକୁ ସମୃଦ୍ଧ କରି ଚାଲିଛନ୍ତି । ଜୀବନରେ ଯେତେ ଯାହା ଘଟେ, ଯେତେ ସୁଖକର ଅଥବା ବିୟୋଗାନ୍ତକ ଅନୁଭବ ଆସେ, ସେସବୁର ନିର୍ଯାସ ଆମ ଚେତନାର ମର୍ମସ୍ଥଳରେ ସଞ୍ଚିତ ହୋଇ ରହେ । ସାଧାରଣତଃ ଆମେ ବହୁ ଧରଣର ଭୁଲ୍ ମୂଲ୍ୟବୋଧ ଦ୍ୱାରା ପରିଚାଳିତ ହୋଇଥାଉ । ସେସବୁର ପୃଷ୍ଠପୋଷକ ଆମର ଅଜ୍ଞାନତା ଏବଂ ଅହଂ । ଯେତେବେଳେ ଆମ ଅହଂ ଉପରେ ଗୋଟାଏ ଧକ୍କା ବସିଯାଏ ସେତେବେଳେ ଆମେ ବିଦ୍ରୋହ କରୁ, ଉତ୍‌କ୍ଷିପ୍ତ ହେଉ । ଯିଏ ନିଜ ଚେତନାର ପ୍ରଗତି ପଥରେ ପଥିକ, ସିଏ ସେଭଳି ପ୍ରତିକ୍ରିୟାରୁ କ୍ଷାନ୍ତ ରହି ନମ୍ର ଭାବରେ ସେ ଅଭିଜ୍ଞତାରୁ ଯେଉଁ ଶିକ୍ଷା ଆହରଣ କରିବା କଥା ତାହା କରେ । ଅହଂ ଉପରେ ପ୍ରତିଟି ଧକ୍କା ଏକ ଆଶୀର୍ବାଦ ।

ଜୀବନରେ ଏଭଳି କୌଣସି ପରିସ୍ଥିତି ଥାଇ ନପାରେ, ଏଭଳି କୌଣସି ମୁହୂର୍ତ୍ତ ଥାଇ ନପାରେ, ଯାହା ଭଗବାନଙ୍କ ଆୟତ୍ତ ବାହାରେ । ଯେତେବେଳେ ଆମେ ଯଦି ନିଜ ଅହଂର କାରାଗାର ଭିତରୁ ବାହାରି ଆସି ଏ ଜୀବନ, ଏ ବିଶ୍ୱ ବ୍ରହ୍ମାଣ୍ଡ, ମହାକାଳର ଗତିସ୍ରୋତରେ ଘଟି ଚାଲିଥିବା କେତେ ଚମତ୍କାର, କେତେ ଭୀଷଣ, କେତେ ଅପ୍ରତ୍ୟାଶିତ ଘଟଣାମାନ ଉପରେ ଦୃଷ୍ଟିପାତ କରିବୁ, ତେବେ ଦୁଇଟି କଥା ସ୍ପଷ୍ଟ ହେବ । ପ୍ରଥମତଃ, ଆମ ବ୍ୟକ୍ତିଗତ ସୁଖ-ଦୁଃଖ, ମାନ-ଅଭିମାନ କେଡ଼େ ତୁଚ୍ଛ ବ୍ୟାପାର । ଦ୍ୱିତୀୟରେ ଏକ ଅକଳନୀୟ ମହାଶକ୍ତିର ଭୂମିକା ରହିଛି ଯାବତୀୟ ସରବ, ନୀରବ, ପ୍ରଚଣ୍ଡ ଓ ନଗଣ୍ୟ ଘଟଣା ଭିତରେ । ଗୋଟାଏ ଘାସ ଫୁଲର ପ୍ରସ୍ଫୁଟନ ପଶ୍ଚାତରେ ସେ ମହାଶକ୍ତି ତା'ର ଯେତିକି ପ୍ରତିଭାର ଉପଯୋଗ କରିଛି, ହିମାଳୟ ନିର୍ମାଣରେ ମଧ୍ୟ ସେତିକି କରିଛି ।

ସେହି ମହାଶକ୍ତି ପାଖରେ ସମର୍ପଣ, ଆମ ଜୀବନର ଦାୟିତ୍ୱ ନେବା ନିମନ୍ତେ ସେ ଶକ୍ତିର ଆବାହନ ହେଲା ଯଜ୍ଞର ଅର୍ଥ : ତୀବ୍ର, ପବିତ୍ର, ଜ୍ୟୋତିଷ୍ମାନ୍ ଅଗ୍ନିଶିଖା ଊର୍ଦ୍ଧ୍ୱାୟିତ ହେବା ପ୍ରାୟେ ଯୋଗୀର ଆସ୍ପୃହା ସେହି ମହାଶକ୍ତି ଉଦ୍ଦେଶ୍ୟରେ ଊର୍ଦ୍ଧ୍ୱାୟିତ ହେଉଥାଏ । ସ୍ଥୂଳ ଯଜ୍ଞାନୁଷ୍ଠାନ, ଯାଗ ତା'ର ପ୍ରତୀକ । ପ୍ରକୃତ ଯଜ୍ଞ ଆମ ଚେତନାରେ ଅନୁଷ୍ଠିତ ହେବା ଚାହି ।

ମହତ୍ତମ ଯୋଗଶାସ୍ତ୍ର ଗୀତା ଆମକୁ ଦେଖାଇଛି, ଯେତେବେଳେ ଏହି ସମର୍ପଣ ସମ୍ଭବପର ହୁଏ ସେତେବେଳେ ଯୁଦ୍ଧକ୍ଷେତ୍ର ଭଳି ଭୟାବହ ପରିସ୍ଥିତି ମଧ୍ୟ ଯୋଗ କ୍ଷେତ୍ରରେ ପରିଣତ ହୋଇପାରେ । ଏହାଠାରୁ ବଡ଼ ଆଶ୍ୱାସନା ଓ ପ୍ରତିଶ୍ରୁତି କ'ଣ ଥାଇପାରେ ?

## ଯୋଗର ବହୁ ବିଚିତ୍ର ଧାରା

ଏ ସୃଷ୍ଟିର ଅନ୍ୟତମ ଚାରିତ୍ରିକ ବିଶେଷତ୍ୱ ହେଲା ଏହାର ବିଭିନ୍ନତା, ଏହାର ବୈଚିତ୍ର୍ୟ । ଯୋଗର ଚରମ ଲକ୍ଷ୍ୟ ଏକ ହେଲେ ମଧ୍ୟ ଜଣେ ସାଧକ ନିଜର ସ୍ୱଭାବ ଅନୁସାରେ ହୁଏତ ଭକ୍ତିମାର୍ଗରେ, ନତୁବା ଜ୍ଞାନମାର୍ଗରେ, ନତୁବା କର୍ମମାର୍ଗରେ ଯାଇପାରେ । କିନ୍ତୁ ଜଣକ ଭିତରେ ଭକ୍ତି ଓ ପ୍ରେମଭାବର ଆଧିକ୍ୟ ଯୋଗୁଁ ସେ ଭକ୍ତିଯୋଗ ବା ପ୍ରେମଯୋଗର ସାଧକ ହେଲେ ମଧ୍ୟ ଜ୍ଞାନଯୋଗ ବା କର୍ମଯୋଗର ସାଧନାରୁ ବିଚ୍ଛିନ୍ନ ରହିବାର ହେତୁ ନାହିଁ । ବରଂ

ସେ ବିଚ୍ଛିନ୍ନତା ଅସ୍ୱାଭାବିକ । ଜଣେ ଯଦି ଭଗବାନଙ୍କୁ ଭଲ ପାଉଥିବ, ତେବେ ବଳେ ବଳେ ଭଗବାନଙ୍କ ସମ୍ପର୍କରେ ତା' ଚେତନାରେ ହେବ ଜ୍ଞାନର ଉଦୟ । ଯେତେବେଳେ ସେହି ଜ୍ଞାନ ତାକୁ ଦେଖାଇ ଦେବ ଯେ ଏ ସମଗ୍ର ସୃଷ୍ଟି ଭଗବାନଙ୍କରହିଁ ଏକ କର୍ମଧାରା, ସେତେବେଳେ ସେ ଆଉ ନିଜକୁ ନିଜ କର୍ମର ନିୟନ୍ତ୍ରକ ବୋଲି ମନେ କରିପାରିବ ନାହିଁ । ହୁଏତ ସେ ନିଜ କର୍ମକୁ ଭଗବାନଙ୍କୁ ସମର୍ପଣ କରୁଥିବ, ନତୁବା ଆପଣାଛାଏଁ ତା' କର୍ମ ଅଖିଳ ଦିବ୍ୟକର୍ମଧାରାରେ ସାମିଲ ହୋଇଯିବା ସେ ଅନୁଭବ କରିବ । ନିଜ ଅଜାଣତରେ ସେ କରିବ କର୍ମଯୋଗ ।

ଭିନ୍ନ ଭିନ୍ନ ମୁଖ୍ୟ ଯୋଗଧାରା ପରସ୍ପରର ପରିପୂରକ । ଜଣେ ସାଧକ ସେସବୁ ଭିତରେ ସଚେତନ ସମନ୍ୱୟ ସାଧନ କରିପାରିବ । ଏହାହିଁ ଶ୍ରୀଅରବିନ୍ଦଙ୍କ ''ଯୋଗ ସମନ୍ୱୟ''ଗ୍ରନ୍ଥର ପ୍ରତିପାଦ୍ୟ ବିଷୟ ।

ପ୍ରତି ମୁଖ୍ୟ ଯୋଗଧାରା ଭିତରେ ପୁଣି କାଳକ୍ରମେ ଦେଖା ଦେଇଛନ୍ତି ଅସଂଖ୍ୟ ଉପଧାରା । ଜଣେ ଜଣେ ଯୋଗୀଙ୍କ ବ୍ୟକ୍ତିଗତ ଅତୀନ୍ଦ୍ରିୟ ଅଭିଜ୍ଞତାକୁ ତାଙ୍କ ଅନୁରକ୍ତ ସାଧକମାନେ ଅନୁସରଣ କରିବାକୁ ଯାଇ ଭିନ୍ନ ଉପଧାରା ଅନୁସରଣ କରୁଥିବା ସାଧକମାନଙ୍କୁ ଅଜ୍ଞାନ ମନେକରି ନିଜ ଅଜ୍ଞାନତାରହିଁ ପରିଚୟ ଦେଇଥା'ନ୍ତି । ସୃଷ୍ଟ ହୁଏ ମତାନୈକ୍ୟ, ସେଥିରୁ ଆସେ ମତ-ସଂଘର୍ଷ । ନିଜ ନିଜ ପନ୍ଥାର ସମର୍ଥନରେ ପ୍ରସ୍ତୁତ କରାଯାଏ ନାନାଦି ଯୁକ୍ତି । ସେହି ଯୁକ୍ତିର ପ୍ରାବଲ୍ୟ ଭିତରେ ସତ୍ୟ ନିପୀଡ଼ିତ ହୋଇ ଦୂରକୁ ପଳାଇ ଯାଏ । ଯୋଗ ଏବଂ ଆଧ୍ୟାତ୍ମିକତାର ଇତିହାସରେ ଏ ବିଡ଼ମ୍ବନାର ଦୈର୍ଘ୍ୟ କମ୍ ନୁହେଁ ।

ବିଡ଼ମ୍ବନା ସହ୍ୟ କରାଯାଇପାରେ । କିନ୍ତୁ ଇଚ୍ଛାକୃତ ବିକୃତି ଅସହନୀୟ । ଅବଶ୍ୟ ପ୍ରତ୍ୟେକ ଆଦର୍ଶ ଏବଂ ପ୍ରତ୍ୟେକ ସତ୍ୟର ବିକୃତ ପରିବେଷଣ ଅନିବାର୍ଯ୍ୟ । କେବେ କେବେ ସେ ବିକୃତି ଅଜ୍ଞାନତା ଏବଂ ଅହଂପ୍ରସୂତ ହୋଇଥାଏ । କିନ୍ତୁ କେବେ କେବେ ତାହା ଧୂର୍ତ୍ତମାନଙ୍କ କୃତି ହୋଇଥାଏ ମଧ୍ୟ ।

ବହୁ ବର୍ଷ ତଳେ ମୁମ୍ବାଇର ମାଲାବାର ହିଲ୍‌ରୁ ମେରିନ୍‌ଡ୍ରାଇଭକୁ ଅବତରଣ କଲାବେଳେ ଗୋଟାଏ ବୃହଦାକାର ପ୍ରତିଷ୍ଠାନର ନାମ ଦେଖିବାକୁ ମିଳିଥିଲା : Yoga and Massage Parlour (ଯୋଗ ଏବଂ ମାଲିସଖାନା) ! ଯୋଗ ଶବ୍ଦର ଏ ଅମର୍ଯ୍ୟାଦାରେ ବିଷାଦ ଅନୁଭବ କରିଥିଲି । କିନ୍ତୁ ପରେ କାଲିଫର୍ଣ୍ଣିଆ ସମୁଦ୍ର ତଟେ ତଟେ ବିସ୍ତୀର୍ଣ୍ଣ ମୁଲକ ବ୍ୟାପୀ 'ଯୋଗ'ଶବ୍ଦର ଅବାରିତ ପ୍ରୟୋଗର ଯେଉଁ ନମୁନାମାନ ଦେଖାଗଲା, ସେଥିରେ ସେ ବିଷାଦ ବିଦ୍ରୋହରେ ପରିଣତ ହେଲା, ଅବଶ୍ୟ ନିଷ୍ଫଳ ବିଦ୍ରୋହ । ପଢ଼ିବାକୁ ମିଳିଥିଲା ଏମନ୍ତ ବିଚିତ୍ର ବିଜ୍ଞାପନ : Cosmic Cushion ! କେତେ ଶହ ଡଲାର ଦେଇ ସେ ଆସନ ଖଣ୍ଡିକ କିଣି ତହିଁ ଉପରେ ଚକାପାରି ବସିଗଲେ ଆପଣ ମହାଜାଗତିକ ଚେତନାର ଅଧିକାରୀ ହୋଇ ପାରିବେ । ଆଉ ଏକ ନମୁନା : Achieve Nirvana through telephone ! ଘରେ ବସି, ଏକ ବିଶେଷ ପରିମାଣ ଅର୍ଥ ଦେଇ ଫୋନ୍ ମାଧ୍ୟମରେ ନିର୍ବାଣ ଲଭିବାର ସୁଯୋଗ ନିଅନ୍ତୁ !

## ସାମୂହିକ ଯୋଗାଭ୍ୟାସ ସମ୍ଭବ କି ?

ଏହା ଏକ ବିଶେଷ ପ୍ରଶ୍ନ । ସନ୍ଧାନୀ ମାତ୍ରେ ଆଧ୍ୟାତ୍ମିକ ଅର୍ଥରେ ଅଭୀପ୍ସୁ ନୁହନ୍ତି । ଅନେକେ କୌତୂହଳୀ ମାତ୍ର । କିଏ ସ୍ୱଧର୍ମର କେଉଁ ସ୍ତରରେ ରହିଛି, ଯୋଗ ଦିଗରେ କାହାର କେତେ ଦୂର ପ୍ରସ୍ତୁତି ରହିଛି, କାହାର କେତେ ରହସ୍ୟ ଜାଣିବାର ଅଧିକାର ରହିଛି, ଏକମାତ୍ର ଜଣେ ଦକ୍ଷ ଗୁରୁହିଁ ନିଜ ଅନୁଗତ ଶିଷ୍ୟବର୍ଗଙ୍କୁ ପରୀକ୍ଷା କରି ତାହା ନିର୍ଣ୍ଣୟ କରି ପାରୁଥିଲେ ।

ତେବେ ଏହା ପ୍ରକୃତ ଯୋଗାଭ୍ୟାସ ସମ୍ପର୍କରେ ପ୍ରଯୁଜ୍ୟ । ହଠଯୋଗ ଅନ୍ତର୍ଭୁକ୍ତ ଆସନ, ପ୍ରାଣାୟାମଠାରୁ ଧ୍ୟାନ ସୋପାନ ଯାଏ ଏହା ପ୍ରଯୁଜ୍ୟ ନୁହେଁ । ହାରାହାରି ସୁସ୍ଥ ଚେତନା ସମ୍ବଳିତ ଯେକୌଣସି ବ୍ୟକ୍ତି ଆଗ୍ରହାନ୍ୱିତ ହେଲେ ଏ ତିନୋଟି ଉପାଦେୟ ଶୃଙ୍ଖଳା ଅଭ୍ୟାସ କରିପାରନ୍ତି । ପ୍ରଥମ ଦୁଇଟି ଦ୍ୱାରା ଦେହ ଏବଂ ପ୍ରାଣିକ ଚେତନା ଭିତରେ ସଂହତି ସ୍ଥାପନର ସମ୍ଭାବନା ଥାଏ ଏବଂ ଏହା ସହ ଧ୍ୟାନାଭ୍ୟାସ କଲେ ମାନସିକ ଏକାଗ୍ରତାର ବିକାଶ ହୁଏ ।

ହଠଯୋଗ ପ୍ରକୃତ ଯୋଗ ନିମନ୍ତେ ସହାୟକ ହୋଇପାରେ । କିନ୍ତୁ ପ୍ରକୃତ ଯୋଗ ଏକ ନିରନ୍ତର ଚେତନାଗତ ଶୃଙ୍ଖଳା । ବିନା ହଠଯୋଗରେ ପ୍ରକୃତ ଯୋଗାଭ୍ୟାସ ନିଶ୍ଚିତ ଭାବେ ଚାଲୁ ରହିପାରେ ।

ସମ୍ପ୍ରତି କେତେଜଣ ଆଧୁନିକ ଗୁରୁ ହଠଯୋଗର ଦୁଇ ପ୍ରାଥମିକ ନିୟମ (ଆସନ ଓ ପ୍ରାଣାୟାମ) ସହ ଧ୍ୟାନ ଏବଂ କେତେକ ମନସ୍ତାତ୍ତ୍ୱିକ ଶୃଙ୍ଖଳାର ସମାବେଶ ଯୋଗେ ଏକ ଏକ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଛନ୍ତି । ସାମୂହିକ ଭାବରେ ସେସବୁ ବେଶ୍ ହିତକାରୀ । ଜୀବନଧାରଣ ଶୈଳୀରେ

ଅପେକ୍ଷାକୃତ ଉନ୍ନତ ଶୃଙ୍ଖଳା ବିକଶିତ କରିବାର ସମ୍ଭାବନା ସେସବୁ କାର୍ଯ୍ୟକ୍ରମରେ ନିହିତ । ବିଶେଷତଃ ଛାତ୍ରଛାତ୍ରୀଙ୍କ ନିମନ୍ତେ ସେସବୁ ସ୍ୱାଗତଯୋଗ୍ୟ ସୁଯୋଗ ବୋଲି କହିବାକୁ ହେବ ।

ତେବେ କୌଣସି କୌଣସି ସଂସ୍ଥା ଯୋଗ ନାମବାହିତ କାର୍ଯ୍ୟକ୍ରମକୁ ବ୍ୟବସାୟିକ ଉଦ୍ଦେଶ୍ୟରେ ପ୍ରୟୋଗ କରି ଅନେକ ମହତ୍ ଉଚ୍ଚାରଣୀର ବିକଳ ବ୍ୟାଖ୍ୟା କରିବାର ଉଦାହରଣ ମଧ୍ୟ ରହିଛି । ଏହାର ଗୋଟାଏ ମାତ୍ର ଦୃଷ୍ଟାନ୍ତ ଦେଉଛି । ''ବ୍ୟବସାୟରେ ଗୀତାର ଭୂମିକା'', ''ଶାସନ ଶୃଙ୍ଖଳାରେ ଯୋଗ'' ଭଳି ବେଶ୍ କେତେକ କାର୍ଯ୍ୟକ୍ରମ ଏବଂ ଲେଖାରେ ପ୍ରାୟତଃ ''ଯୋଗଃକର୍ମସୁ କୌଶଳମ୍'' (ଗୀତା; ୨ୟ ଅଧ୍ୟାୟ, ଅ :୫୦) ଅଭିବ୍ୟକ୍ତିକୁ କାମଦାମରେ ବିଚକ୍ଷଣତା ପ୍ରଦର୍ଶନ ବୋଲି ଅର୍ଥ କରାଯାଏ । 'କୌଶଳମ୍'କୁ ପ୍ରଚଳିତ ଅର୍ଥରେ କୌଶଳ ଏବଂ ଇଂରାଜୀରେ 'cleverness' ବୋଲି ମଧ୍ୟ ଅର୍ଥ କରାଯାଇଛି । ଗୀତାର ସାମଗ୍ରିକ ଆଭିମୁଖ୍ୟ ଚେତନାରେ ନରଖି ଆଂଶିକ ଶ୍ଳୋକର ଏଭଳି ବ୍ୟାଖ୍ୟା ଅନଧିକାର ଚର୍ଚ୍ଚା । ସଂପୃକ୍ତ ଶ୍ଳୋକରେ 'କୌଶଳମ୍' କର୍ମପ୍ରତି ଆସକ୍ତି ଏବଂ ତଜ୍ଜନିତ ବନ୍ଧନରୁ ମୁକ୍ତିର ଉପାୟ ନିର୍ଦ୍ଦେଶ କରୁଛି ।

କର୍ମରେ ବିଚକ୍ଷଣତା ସର୍ବଦା ଉତ୍ତମ; କିନ୍ତୁ ତାହା କର୍ମଯୋଗରେ ପରିଣତ ହୁଏ ଯଦି କର୍ମୀ ତାକୁ ଭଗବାନଙ୍କ ଆୟୁଧ ଭାବରେ ସମାଧା କରୁଥିବ ଅଥବା ନିରନ୍ତର ତାହା ଭଗବାନଙ୍କୁ ସମର୍ପଣ କରୁଥିବ ।

ଆଲୋକିତ ଚେତନାସମ୍ପନ୍ନ ଜଣେ ସଂସାରଧର୍ମୀ ମଣିଷ ପାଇଁ ବାସ୍ତବିକ ସମଗ୍ର ଜୀବନହିଁ ଯୋଗ ହୋଇପାରେ । ଅନେକ ସମୟରେ ବାସ୍ତବ ଜୀବନରୁ ଅବସର ନେଇ ସନ୍ନ୍ୟାସ ଧର୍ମ ପାଳନକୁ ଯୋଗସହ ବନ୍ଧନୀଭୁକ୍ତ କରାଯାଏ । ତାହା ଠିକ୍ ନୁହେଁ । ସନ୍ନ୍ୟାସ ଧର୍ମର ମହତ୍ତ୍ୱକୁ ଏଠାରେ ଆଲୋଚନା ଭିତରକୁ ଅଣାଯାଉ ନାହିଁ । ଯୋଗ କିନ୍ତୁ ଜୀବନରୁ ଅବସର ନୁହେଁ, ତାହା ଜୀବନର ଭାଗବତ ପୂର୍ଣ୍ଣତା ନିମନ୍ତେ ଉଦ୍ଦିଷ୍ଟ । ଜୀବନର ଯେକୌଣସି କର୍ମ ଯୋଗରେ ପରିଣତ ହୋଇପାରେ ।

ଏକ କାହାଣୀ ମାଧ୍ୟମରେ ପରିବେଷଣ କରୁଛି ଏ ତତ୍ତ୍ୱ :

'କୋଣାର୍କ'ର ନିର୍ମାଣ ଚାଲିଥାଏ । ରାଜା ନରସିଂହ ଦେବ ମଧ୍ୟେ ମଧ୍ୟେ ଜଣେ ସାଧାରଣ ନାଗରିକର ଛଦ୍ମବେଶରେ କାର୍ଯ୍ୟ ତଦାରଖ କରୁଥା'ନ୍ତି ।

ଠାଏଁ କିଛି କିଛି ଦୂରରେ ଚାରିଜଣ ଶ୍ରମିକ ପଥର ମସୃଣ କରିବାରେ ଲାଗିଥା'ନ୍ତି । ରାଜା ଯାଇ ପ୍ରଥମ ଜଣକ ପଛରେ ଠିଆ ହୋଇ ପଚାରିଲେ, ''କ'ଣ କରୁଛ ?'' ଲୋକଟି ବିରକ୍ତ ହୋଇ କହିଲା, ''ଆଖିକୁ ଦେଖାଯାଉ ନାହିଁ କି ବାବୁ ? ମୁଁ ଡେଇଁଛି ନା ନାଚକୁଦ କରୁଛି ବୋଲି ମନେ ହେଲା କି ? ମୁଁ ପଥର କାଟୁଛି !''

ରାଜା ଯାଇ ଦ୍ୱିତୀୟ ଶ୍ରମିକ ପଛରେ ଠିଆ ହୋଇ ପଚାରିଲେ, ''କ'ଣ କରୁଛ, ବାବୁ !''

''କ'ଣ ଆଉ କରନ୍ତି ! ଜୀବିକା ଅର୍ଜନ କରୁଛି !'' ସେ ଦେଲା ଉତ୍ତର ।

ତୃତୀୟ ଜଣକ ରାଜାଙ୍କ ପ୍ରଶ୍ନର ଉତ୍ତରରେ କହିଲା, ''ମୁଁ ରାଜାଜ୍ଞା ପାଳନ କରୁଛି !''

ରାଜା କିନ୍ତୁ ଚତୁର୍ଥ ଜଣକୁ ଏକହିଁ ପ୍ରଶ୍ନ ପଚାରନ୍ତେ, ସେ ଶ୍ରଦ୍ଧାପ୍ଲୁତ କଣ୍ଠରେ ଉତ୍ତର ଦେଲା, ''ମୋର କେଡ଼େ ସୌଭାଗ୍ୟ ! ମୁଁ ଏଠାରେ ସୂର୍ଯ୍ୟଦେବଙ୍କ ଅଭିଷେକ ଦିଗରେ ମୋର ସାମାନ୍ୟ ଅବଦାନ ଦେଉଛି !''

କହିବା ବାହୁଲ୍ୟ, ସେ ମଧ୍ୟ ପଥର କାଟୁଛି, ଜୀବିକା ଅର୍ଜନ କରୁଛି, ରାଜାଜ୍ଞାପାଳନ କରୁଛି, କିନ୍ତୁ ନିଜର ଚେତନାଗତ ଆଭିମୁଖ୍ୟର ଆଶୀର୍ବାଦରେ ଲୋକଟି ସେସମସ୍ତ କରିବା ଭିତରେହିଁ ଯୋଗ-ସାଧନା କରୁଛି; ଯେହେତୁ ସେ ନିଜ ଶ୍ରମକୁ ମହତ୍ତମ ଲକ୍ଷ୍ୟ ସହିତ ସଂଯୁକ୍ତ କରି କର୍ମ କରୁଛି । ❖

ଭଗବାନଙ୍କ ସହ ସମ୍ପର୍କ ସ୍ଥାପନ ହେଉଛି ଯୋଗ — ଯାହା ହେଲା ପରମ ଲକ୍ଷ୍ୟ ଏବଂ ମହତ୍ତମ ଆବଶ୍ୟକତା ।

— ଶ୍ରୀଅରବିନ୍ଦ

# ଅଧିକାର ନା କର୍ତ୍ତବ୍ୟ

## ଶ୍ରୀ ନଳିନୀକାନ୍ତ ଗୁପ୍ତ

ଆଜିକାଲି ପ୍ରାୟ ସମସ୍ତେ ଚାହାନ୍ତି, ପ୍ରତ୍ୟେକ ବ୍ୟକ୍ତି ଚାହେଁ ନିଜର ଅଧିକାର – ତାହା ବ୍ୟଷ୍ଟି ହିସାବରେ ହେଉ ଅବା ସମଷ୍ଟି ହିସାବରେ ହେଉ ।

ପ୍ରତ୍ୟେକ ମଣିଷ, ମଣିଷର ବିଭିନ୍ନ ସମ୍ପ୍ରଦାୟ – ଶ୍ରେଣୀ, ଜାତି, ଦଳ – ଅଥବା ସମବାୟର ସମବାୟ – ନେଶନ୍, ପ୍ରତ୍ୟେକ ଆପଣା ଆପଣା ଦାବି ଆଦାୟ କରିବାର ଚେଷ୍ଟାରେ ଲାଗି ପଡ଼ିଛନ୍ତି । ଲୋକେ ଆଜିକାଲି ମନେକରନ୍ତି ଜୀବନର, ସଜୀବତାର, ସାର୍ଥକତାର ପରିଚୟ ଏଇ ଭଳି ହେବା ଉଚିତ ଅର୍ଥାତ୍ ସ୍ୱୀୟ ଅଧିକାରର ଦାବି ଉପସ୍ଥାପନ କରିବା ।

ପ୍ରତ୍ୟେକେ ଚାହାନ୍ତି ବଞ୍ଚି ରହିବାକୁ, ଭୋଗ କରିବାକୁ, କିଛି ନା କିଛି ଉପାୟରେ ବର୍ତ୍ତି ରହିବାକୁ । ପୁଷ୍ଟ, ସମୃଦ୍ଧ ହେବାକୁ – ଅର୍ଥାତ୍ ପ୍ରତିଟି ବ୍ୟକ୍ତିବିଶେଷ ହେଉଛନ୍ତି ମୂର୍ତ୍ତିମାନ କ୍ଷୁଧା । ଯାହାର ଏହା ନାହିଁ, ତା'ର ତ ସ୍ୱାଭାବିକ ଦରକାର, ଯାହାର ଅଛି ସେ ଚାହେଁ ଆହୁରି ବେଶୀ, ଆହୁରି ଅଧିକ ।

କିନ୍ତୁ ମଣିଷ ଆଗରେ ସାର୍ଥକ ଜୀବନ ନିମନ୍ତେ କେବଳ ଯେ ଏଇ ଗୋଟିଏ ପଥ ରହିଛି, ତା' ନୁହେଁ; ଚିରକାଳ ଧରି ସର୍ବତ୍ର ଏହା ଚାଲି ଆସୁଥିଲା ତା' ବି ନୁହେଁ, – ବିଶେଷ କରି ଆମ ଦେଶରେ ଏହା ନଥିଲା କହିଲେ ଚଳେ । ଏ ଧାରାଟି ଆଧୁନିକତାର ଧାରା, ଏଇଟି ଇଉରୋପର ପଦ୍ଧତି, ଯାହାକୁ ଆମେ ମାନ୍ୟତା ଦେଉଛୁ ।

ପ୍ରାଚୀନ ଯୁଗରେ ପ୍ରାଚ୍ୟଦେଶମାନଙ୍କରେ ଏ ପ୍ରକାର ଚଳଣି ନଥିଲା, ଅନ୍ୟ ପ୍ରକାର ଥିଲା । ମନୁଷ୍ୟ ଥିଲା କର୍ତ୍ତବ୍ୟ-ପରାୟଣ, ଜୀବନର ସାର୍ଥକତା ଅଧିକାର ଭୋଗରେ ନଥିଲା, ଥିଲା କର୍ତ୍ତବ୍ୟ ସମ୍ପାଦନରେ । ମୁଁ ଦେଖିବି ନାହିଁ ଯେ ମୋର କ'ଣ ପ୍ରାପ୍ୟ ଥିଲା ଦାବି ହିସାବରେ, କେଉଁଥିରେ କେତେ ଅଧିକାର, ବରଂ ମୁଁ ଦେଖିବି ମୋର କରଣୀୟ କ'ଣ । ବ୍ୟଷ୍ଟି ଛଡ଼ା ବି ସମାଜର ଯେତେ ପ୍ରକାର ଗୋଷ୍ଠୀ – ଜନ୍ମ ହିସାବରେ, କର୍ମ ହିସାବରେ, ଶିକ୍ଷା ହିସାବରେ, ଦୀକ୍ଷା ହିସାବରେ, ପଦ ହିସାବରେ, ଅର୍ଥ ମର୍ଯ୍ୟାଦା ହିସାବରେ – କେହି ବି ନିଜର ଅଧିକାର ନେଇ ଉନ୍ମତ୍ତ ହେବେ ନାହିଁ, ପ୍ରତ୍ୟେକେ ଧୀର-ସ୍ଥିରଭାବେ ନିଯୁକ୍ତ ରହିବେ ଆପଣା କର୍ତ୍ତବ୍ୟ ନିର୍ଣ୍ଣୟରେ ଓ କର୍ତ୍ତବ୍ୟ ସମ୍ପାଦନରେ । ତା'ହେଲେ ସମାଜ ହେବ ନିଟୋଳ ଭାବେ ପୂର୍ଣ୍ଣ ।

ଏଇ କର୍ତ୍ତବ୍ୟବୋଧ ଯେତେବେଳେ ମଣିଷ ମନରେ ନଥାଏ ଅବା ତା' ଭିତରୁ ଲୋପ ପାଇଯାଇଥାଏ, ସେଇ ସମୟରେ ସେ ଉଠି ଠିଆ ହୁଏ ଅଧିକାରବୋଧକୁ ଆଶ୍ରୟ କରିଥିବା ଦମ୍ଭରେ । ଫଳରେ ଦେଖାଦିଏ – ପ୍ରତିଯୋଗିତା, ଦ୍ୱନ୍ଦ୍ୱ ଓ ସଂଘର୍ଷ, ଶେଷରେ ବିଶୃଙ୍ଖଳା ଓ ବିନଷ୍ଟି । ଏଇ ପଥଟା ରାଜସିକ, ଆସୁରିକ ପନ୍ଥା । ଆପଣାର କଲ୍ୟାଣ ଚାହୁଁଥିବା ବ୍ୟକ୍ତିକୁ ବା ସମଷ୍ଟିକୁ ଏ ପଥରୁ ନିବୃତ୍ତ ହେବାକୁ ପଡ଼ିବ । ଏ କାମଟା ଜମା ଅସମ୍ଭବ ନୁହେଁ । ଅଧିକାରବୋଧର ସ୍ପୃହାକୁ ଛାଡ଼ି ଦେଲେ ଆଉ ଯେ ବଳବତ୍ତର ପ୍ରେରଣା ନାହିଁ ମଣିଷ ପାଇଁ – ସେକଥା ଆମେ ସ୍ୱୀକାର କରୁ ନାହୁଁ ।

ଫରାସୀ ବିପ୍ଳବରେ ମନ୍ତ୍ର ଥିଲା ''ମଣିଷର ଅଧିକାର'' (Rights of Man), ତା'ଠାରୁ ମାଜିନିଙ୍କର ମନ୍ତ୍ର ''ମଣିଷର କର୍ତ୍ତବ୍ୟ'' (Duties of Man) ମହତ୍ତର ଓ ଶ୍ରେୟସ୍କର ।

ପ୍ରାଚୀନ କାଳରେ, ବିଶେଷ ଭାବେ ପ୍ରାଚ୍ୟ ଦେଶ ସମୂହରେ ରାଷ୍ଟ୍ରଗଠନର ଏଇ ନୀତି (ବ୍ୟକ୍ତିଗତ ଶିକ୍ଷା-ଦୀକ୍ଷାରେ)ହିଁ ଥିଲା ଶିକ୍ଷାର ମୂଳଭିତ୍ତି । ତେବେ କର୍ତ୍ତବ୍ୟର ଆଉ ଏକ ନାମ ଥିଲା, ସୁନ୍ଦର ସେ ନାମ – ଧର୍ମ, ସ୍ୱ-ଧର୍ମ । କିନ୍ତୁ ତା' ଅର୍ଥ ନିଜ ପ୍ରକୃତିକୁ ଜାଣିବା । ବାହ୍ୟ ସ୍ଥୂଳ ପ୍ରକୃତିର କଥା କୁହାଯାଉ ନାହିଁ, ଅନ୍ତର ପ୍ରକୃତି – ଅନ୍ତରାତ୍ମାର ପ୍ରକୃତି, ତା' ଅର୍ଥ ସ୍ୱଭାବକୁ (ସ୍ୱ-ଭାବ) ଜାଣିବା ଓ ସେଇ ସ୍ୱଭାବର ଜ୍ଞାନରେ ତଥା ପ୍ରେରଣାରେ କର୍ମ କରିଯିବା । ଏଇ ଯେଉଁ ସ୍ୱଭାବ ନିୟତ କର୍ମ, ଏହାର ଅନ୍ୟ ନାମ ଧର୍ମାନୁଗତ କର୍ମ ।

ପ୍ରତ୍ୟେକେ – ବ୍ୟକ୍ତି ହିସାବରେ ହେଉ ଅବା ଗୋଷ୍ଠୀ ହିସାବରେ ହେଉ ନିଜର ଧର୍ମ ପାଳନ କଲେ ମାନବ ସମାଜ ମଧ୍ୟ ଏକ ନୂଆ ରୂପ ପାଇବ । ସେଇଟି ଶ୍ରେଣୀ ସଂଘର୍ଷ ବା ବ୍ୟଷ୍ଟି ସଂଘର୍ଷକୁ ଭିତ୍ତି କରି ଠିଆ ହେବ ନାହିଁ । ଠିଆ ହେବ ସମବାୟ ଭାବନା ଉପରେ, ଗଢ଼ା ହେବ ସେଇ ଧାରାରେ ।

ଯୁଯୁତ୍ସୁ ଶ୍ରେଣୀର ଯେଉଁ ସ୍ୱାଧିକାର ବୋଧ, ସେଇଟିର ବ୍ୟବହାର ଦ୍ୱାରା ଏହା ସମ୍ଭବ ନୁହେଁ । ମଣିଷ ଭିତରେ, ତା'ର ବିଭିନ୍ନ ଶ୍ରେଣୀ ଭିତରେ ଜାଗ୍ରତ୍ କରିବାକୁ ହେବ ତା'ର ବିଶିଷ୍ଟ ସ୍ୱଧର୍ମ ଚେତନା ଓ ସ୍ୱଧର୍ମ ପ୍ରେରଣା ।

*

ଏକଥା ସତ୍ୟ ଯେ କର୍ତ୍ତବ୍ୟବୋଧ କେବଳ ଗୋଟିଏ ପକ୍ଷରେ ରହିଲେ ଚଳିବ ନାହିଁ, ସମସ୍ତଙ୍କ କ୍ଷେତ୍ରରେ ସମସ୍ତଙ୍କ ପକ୍ଷରୁ ଏହା ରହିଲେ ସିନା କାର୍ଯ୍ୟକାରୀ ହୋଇପାରିବ ! ସମାଜର ଅଙ୍ଗେ ଅଙ୍ଗେ ଅର୍ଥାତ୍ ପ୍ରତିଟି ଅଙ୍ଗରେ ଏଇ ବୋଧଟିକୁ ଜଗାଇବାକୁ ହେବ, ଏହାର ଅନୁପ୍ରେରଣାରେହିଁ ସେସବୁ ଅଗ୍ରସର ହେବେ । ଏହାର ପ୍ରଭାବରେହିଁ ସମାଜ ଲାଭ କରିବ ଏକ ଅଖଣ୍ଡ ପରିପୂର୍ଣ୍ଣତା, ଏକ ସାମଞ୍ଜସ୍ୟର ଜୀବନଧାରା ବା ପ୍ରଣାଳୀ । ସୁତରାଂ, ସମାଜକୁ ଯଦି ଆମେ ଏଇ ଭାବ ନେଇ ପ୍ରଭାବିତ କରିବା, ଏଇ ବାତାବରଣରେ ଓତପ୍ରୋତ ହୋଇ ତାହାକୁ ଠିଆ କରି ପାରିବା, ତା'ହେଲେ ଦେଖିବା ସମାଜର ଛୋଟ ବଡ଼ ପ୍ରତ୍ୟେକଟି ଅଙ୍ଗ ସମଗ୍ରର ଧର୍ମକୁ ଗ୍ରହଣ କରିବେ, ସେ ଅନୁଯାୟୀ ଆପଣା ଆପଣା ବିଶିଷ୍ଟ ଧର୍ମ ଅର୍ଜନ ବି କରିବେ, ପାଳନ କରିବେ ମଧ୍ୟ । ତା'ପରେ ସମାଜ ବା ସମୂହ ହୋଇ ଉଠିବ ଏକ ଜୀବନ୍ତ ପରିପୂର୍ଣ୍ଣ ଜୀବଦେହ । ସମାଜର ଯଥାର୍ଥ ରୂପହିଁ ପ୍ରକୃତରେ ଏଇ ଭଳି ପୂରା ଗୋଟାଏ ଜୀବଦେହ ।

ସୁସ୍ଥ ସମୃଦ୍ଧ ସମାଜ ଅନେକଗୁଡ଼ିଏ ଗୋଷ୍ଠୀର ତଥା ଶ୍ରେଣୀର ସମବାୟ । ଏଥିରେ କେତେ ସମ୍ପ୍ରଦାୟ – ରାଜ୍ୟ ଓ ରାଜପରିଷଦ, ଅଭିଜାତ, ଧନିକ, ଯୋଦ୍ଧୃ, ମଧ୍ୟବିତ୍ତ, କୃଷକ-ଶ୍ରମିକ ଆଦି କେତେ ସମ୍ପ୍ରଦାୟର ସ୍ଥାନ ଏଥିରେ ରହିଛି । ଯେତେବେଳେ ଗୋଟିଏ ସମ୍ପ୍ରଦାୟ ବା ଶ୍ରେଣୀ ବା ଗୋଷ୍ଠୀ ସର୍ବେସର୍ବା ହୋଇ ମୁଣ୍ଡ ଟେକେ ଅବା ଗୋଟିଏ ଅଙ୍ଗର ଅତିପୁଷ୍ଟି ହେବାକୁ ଲାଗେ, ସେତେବେଳେ ସମାଜର ସମଗ୍ର ଜୀବନୀ-ଶକ୍ତି ନିୟୋଜିତ ହୁଏ ସେଇ ଦିଗରେ ଏବଂ ଫଳସ୍ୱରୂପ ସମାଜରେ ଆସେ ଅସୁସ୍ଥତା । ହୁଏତ ରାଜା ବା ରାଜପରିଷଦ କିଂବା ଅନ୍ୟ କୌଣସି ଗୋଷ୍ଠୀ ନିଜସ୍ୱ ପ୍ରଭୁତ୍ୱ ସ୍ଥାପନ କରିବାକୁ ବସିପଡ଼େ (ଅନ୍ୟ ଗୋଷ୍ଠୀ ବା ଗୋଷ୍ଠୀମାନଙ୍କ ବିରୋଧରେ); ଏହାକୁ ନେଇ ସାମାଜିକ ସ୍ତରରେ ପୀଡ଼ା ସୃଷ୍ଟି ହୁଏ ଏବଂ ପରିଶେଷରେ ବ୍ୟର୍ଥତା ଓ ବିଶୃଙ୍ଖଳାରେ ଯାଇ ପହଞ୍ଚିଯାଏ । ପୂରା ସମାଜ ଆଉ ଅଖଣ୍ଡ ପ୍ରତିଷ୍ଠାନ ହୋଇ ରହେ ନାହିଁ ।

ଆମେ ଏକଥା ବି କହିବାକୁ ଯାଉ ନାହୁଁ ଯେ ଅତୀତରେ ଯେଉଁ ଭଳି ଶ୍ରେଣୀ ବିଭାଗ ରହିଥିଲା ଅବା ବର୍ତ୍ତମାନ ବି ଯେଉଁ ଶ୍ରେଣୀ ବିଭାଗ ରହିଛି, ଭାବୀକାଳରେ ସେଇଭଳି ଅବିକଳ ରହିବ । ଅବଶ୍ୟ ସ୍ତର ବିଭାଗ ବା ଶ୍ରେଣୀ ବିଭାଗ ରହିବ ନିଶ୍ଚୟ; ଆମେ ଚାହୁଁ ସେ ବିଭାଗ ସୃଷ୍ଟ ହେବ ବା ନିୟନ୍ତ୍ରିତ ହେବ ଏକ ଊର୍ଦ୍ଧ୍ୱତର ଓ ଗଭୀରତର ବିଧାନର ଅନୁକ୍ରମରେ ।

ଜନ୍ମରୁ ସବୁ ମନୁଷ୍ୟ ସମାନ ଅବା ଜନ୍ମରୁହିଁ ସବୁ ମଣିଷ ସ୍ୱାଧୀନ, ଏଇ ଯେଉଁ ମନ୍ତ୍ରଟି ପରବର୍ତ୍ତୀ ଯୁଗରେ ଦିଆଗଲା, ପ୍ରଥମରୁ ତାହା ମୂଳରେ ଅଧିକାର ଦାବିରୁ ଉଦ୍ଭବ ହୋଇ ନଥିଲା; ସମସ୍ତ ମନୁଷ୍ୟ ସ୍ୱରୂପତଃ ଭଗବାନ୍, ଏଇ ସତ୍ୟଟି ଉପରେହିଁ ତାହା ଯେତିକି ପ୍ରତିଷ୍ଠିତ ସେତିକି ସେ ଯଥାର୍ଥରେ ସମାନ – ସେଥିରେ ଦାବି ବା ଅଧିକାରର ପ୍ରଶ୍ନ ନାହିଁ । କଥାଟି ହେଉଛି ସେ ତତ୍ତ୍ୱଟି ତତ୍ତ୍ୱମସି ('ତତ୍ ତ୍ୱମସି') ମନ୍ତ୍ର ଦ୍ୱାରା ପ୍ରଚାଳିତ ହୋଇଛି – ଏକ ବୃହତ୍ତର ଓ ମହତ୍ତର ମନ୍ତ୍ରର ଅନୁଗତ ହୋଇ ।

ମାନବର ସାମ୍ୟ, ସ୍ୱାଧୀନତା ଓ ସୌଭ୍ରାତୃତ୍ୱ ଆଦି ଗୁଣ ତା'ର ଭାଗବତ ସତ୍ତା ଭିତରେ, ଏଇ ସତ୍ତାଟି ଯେ ମଣିଷ ପାଇଁ ଅତି ଦୂରରେ ଅନଧିଗମ୍ୟ ଅବସ୍ଥାରେ ବା ସନ୍ଦେହର ବିଷୟ ହୋଇ ରହିଛି, ଏକଥା କହିଲେ ଚଳିବ ନାହିଁ । ମାନବଜାତିର ଉଦ୍ଧାର ପାଇଁ ଏଇ ଗୋଟିଏ ମାତ୍ର ପଥ ଉନ୍ମୁକ୍ତ । ପୂର୍ବରୁ ଅନ୍ୟାନ୍ୟ ପଥ ବହୁତ ଦେଖାହୋଇ ସାରିଛି, ସେଗୁଡ଼ିକ ପଥ ନୁହେଁ ବିପଥ ।

ଭାରତର ଜାଗରଣ ଏଇ ପଥ ନିର୍ଦ୍ଦେଶ କରିବା ଉଦ୍ଦେଶ୍ୟରେ; ଆଗେ ସେ ନିଜେ ଏଥିରେ ଚାଲି, ସିଦ୍ଧି ଆଣି ଜଗତ୍-ସଂସାରକୁ ଏଇ ପଥରେ ଚଳାଇ ନେବ – ଏହାହିଁ ତା'ର ବ୍ରତ । ଅନ୍ୟଥା ଭାରତର ସ୍ୱାଧୀନତା ତଥା ସମୃଦ୍ଧିର ବିଶେଷ କିଛି ଅର୍ଥ ନାହିଁ । ତା' ନହେଲେ ତାକୁ ଆଉ ପାଞ୍ଚୋଟି ଜାତି ଭଳି (ନେଶନ୍) 'ସର୍ବଭୁକ୍' ହୋଇ ରହିବାକୁ ପଡ଼ିବ, ନହେଲେ 'ଭୁକ୍ତ' ହୋଇ ଜୀବନଯାପନ କରିବାକୁ ହେବ । ବର୍ତ୍ତମାନର ଜାଗରଣ ପଛରେ ଏଇ 'ସର୍ବଭୁକ୍' ବା 'ଭୁକ୍ତ'– ଏ ଦୁଇଟି ଜିନିଷ ରହିଛି ।

ଭାରତର ସାମାଜିକ, ରାଷ୍ଟ୍ରନୀତିକ ସବୁ ବ୍ୟବସ୍ଥାହିଁ ଏଇ ମହାବ୍ରତର ପ୍ରୟୋଜନ ଅନୁସାରେ ଗଢ଼ି ତୋଳିବାକୁ ହେବ । ନେତା, ଦିଗ୍‌ଦର୍ଶକ, ଅଗ୍ରଣୀ ବୋଲି ଯାହାଙ୍କୁ ଆମେ କହିଥାଉ ସେମାନଙ୍କର ଦାୟିତ୍ୱ ଆଜି ବିପୁଳ, ସେମାନେ ହେବେ ନବଯୁଗର ବିଧାତା, ଭବିଷ୍ୟ କାଳ-ପୁରୁଷର ହାତରେ ସେମାନେ ହେବେ ସହାୟକ ଯନ୍ତ୍ର, ପ୍ରତିରୋଧୀ ହେବେ ନାହିଁ । ଅର୍ଥାତ୍ ଭାବୀ କାଳପୁରୁଷ ସେମାନଙ୍କର ସହାୟତା ନେଇ ନୂତନ ମାନବସମାଜ ଗଠନ କରିବ ।

(ରଚନାବଳି-୮ମ ଖଣ୍ଡ,'ଆଲୋର୍ ପଥେ'ରୁ ଗୃହୀତ)

ଅନୁବାଦ : କୃଷ୍ଣାଦେବୀ

# ବିବର୍ତ୍ତନର ଗତିଧାରା

## ଶ୍ରୀ ପ୍ରପତ୍ତି

ବିବର୍ତ୍ତନର ଗତିଧାରା ସର୍ବଦା ବଙ୍କାଟଙ୍କା, କୁଟିଳ ଓ ଜଟିଳ । ଏହି ଗତିଧାରାକୁ କଚ୍ଛପର ଗତି ସଙ୍ଗେ ତୁଳନା କରାଯାଇ ପାରେ । ଲକ୍ଷ ଲକ୍ଷ, କୋଟି କୋଟି ବର୍ଷ ଧରି ଏହି ଗତି ଚାଲିଛି । ସେଥିରେ ତିନୋଟି ସ୍ତର ପ୍ରକାଶ ହୋଇଛି । ଏହି ସ୍ତରଗୁଡ଼ିକ ହେଲା ବିବର୍ତ୍ତନର ତିନୋଟି ଗ୍ରନ୍ଥି (knots of evolution) । ଏହାର ପ୍ରତ୍ୟେକ ସ୍ତରରେ ଏକ ମୌଳିକ ତଥା ଗୁଣାତ୍ମକ ପରିବର୍ତ୍ତନ ହୋଇଛି । ବିବର୍ତ୍ତନର ମୂଳରେ ରହିଛି ନିଶ୍ଚେତନା (Inconscient) । ଏହି ନିଶ୍ଚେତନାର ସ୍ତରରେ ଚେତନାର ପୂର୍ଣ୍ଣ ବିଲୁପ୍ତି ଘଟିଛି । ଏହା ଘୋର ଅନ୍ଧକାରମୟ ନିଥର ପ୍ରଦେଶ । ଏହାରି ମଧ୍ୟରୁ ଏକ ଚେତନାର ଚାପ କ୍ରମେ ବିବର୍ତ୍ତନର ଧାରା ରୂପେ ଅଗ୍ରସର ହୋଇଛି । ଏହି ବିବର୍ତ୍ତନର ଅନ୍ତଃସ୍ଥଳରେ ରହିଛି ଏକ ଅସ୍ପଷ୍ଟ ବିକ୍ଷୁବ୍ଧ ବିପର୍ଯ୍ୟୟଗତ ଚେତନା । ଏହାର ପ୍ରକାଶର ସର୍ବପ୍ରଥମ ସ୍ତର ହେଲା ଜଡ଼ (Matter) । ଏହି ଜଡ଼ ଏହି ପୃଥିବୀରେ ବିବର୍ତ୍ତନର ପ୍ରାଥମିକ ସ୍ତର ରୂପେ ଆସ୍ଥାନ ଜମେଇ ରହିଛି । ଯଦିଓ ଏହା ନିଶ୍ଚେତନାର ଗର୍ଭରୁ ଉଦ୍ଭୂତ ହୋଇଛି ତଥାପି ଏହା ମଧ୍ୟରେ ରହିଛି ଏକ ଚେତନା । ଏହାର ପୁନର୍ବିକାଶ ଘଟିଛି – ଚେତନାର ଅନ୍ୟ ଏକ ସ୍ତରରେ, ପ୍ରାଣର ଅଭ୍ୟୁଦୟ ଫଳରେ । ପ୍ରାଣହିଁ ବିବର୍ତ୍ତନର ଦ୍ୱିତୀୟ ମୌଳିକ ସ୍ତର । ପ୍ରାଣ-ଭୂମିରୁ ପ୍ରାଣ ଅବତରଣ କରିଛି ଏବଂ ଜଡ଼ ମଧ୍ୟରେ ଯେଉଁ ପ୍ରାଣ ସୁଷୁପ୍ତ ଓ ନିଦ୍ରିତ ଥିଲା ତାହାକୁ ଖୋଲି ଦେଇଛି । କିନ୍ତୁ ଏହି ଜଡ଼କୁ ଆଶ୍ରୟ କରି ପ୍ରାଣର ପ୍ରତିଷ୍ଠା ହୋଇଛି । ବିବର୍ତ୍ତନର ତୃତୀୟ ସ୍ତରରେ ଆଉ ଗୋଟିଏ ଗୁଣାତ୍ମକ ଓ ମୌଳିକ ଚେତନା ଦେଖାଦେଲା । ତାହା ହେଲା ମନୋମୟ ଚେତନା । ଏହି ଚେତନା ମନୋଭୂମିରୁ ଅବତରଣ କରି ପ୍ରାଣ ମଧ୍ୟରେ ଥିବା ଅସ୍ପଷ୍ଟ, ଅବିକଶିତ ଓ ଅର୍ଦ୍ଧଜାଗ୍ରତ୍ ମନକୁ ଖୋଲି ଦେଇଛି । ଏହି ତ୍ରିବିଧ ସ୍ତରଗୁଡ଼ିକୁ ଧାରଣ କରି ମଣିଷଜାତିର ଆବିର୍ଭାବ ହୋଇଛି । ସୁତରାଂ ଆମେମାନେ କହିପାରିବା ଯେ ପ୍ରତ୍ୟକ୍ଷ ରୂପେ ବିବର୍ତ୍ତନର ଧାରାରେ ତିନୋଟି ମୌଳିକ ସ୍ତର ଫୁଟିଉଠିଛି – ଜଡ଼, ପ୍ରାଣ ଓ ମନ । ବର୍ତ୍ତମାନ ପ୍ରଶ୍ନ ହେଉଛି ଏହି ସ୍ତରରେ ବିବର୍ତ୍ତନର ଧାରା ଅଟକି ଯିବ କି ? ମନର ବିକାଶହିଁ ଚେତନାର ସର୍ବୋତ୍କୃଷ୍ଟ ସ୍ତର କି ? ଏହିଠାରେ ଚେତନାର ପୂର୍ଣ୍ଣ ବିକାଶ ଘଟିଛି କି ? ଯଦି ତାହାହିଁ ସତ୍ୟ ହୁଏ ତାହା ହେଲେ ଏ ସୃଷ୍ଟି ସଂପୂର୍ଣ୍ଣତା ପ୍ରାପ୍ତ ହୋଇଛି ବୋଲି କୁହାଯାଇ ପାରିବ । କିନ୍ତୁ ଏହା କଦାପି ସେପରି ନୁହେଁ । ମନ, ଚେତନାର ପରିପୂର୍ଣ୍ଣ ବିକାଶ ନୁହେଁ । କାରଣ ଚେତନା ଏହି ସ୍ତରରେ ଖଣ୍ଡିତ, ସଂକୀର୍ଣ୍ଣ ଓ ଅର୍ଦ୍ଧବିକଶିତ ହୋଇରହିଛି । ଏହି ଚେତନାରେ ପୂର୍ଣ୍ଣ ଜ୍ୟୋତିର୍ମୟତା, ଅଖଣ୍ଡ ଜ୍ଞାନର ପ୍ରକାଶ ଘଟି ନାହିଁ । ସୁତରାଂ ଯେଉଁ ବିବର୍ତ୍ତନର ଧାରା ଜଡ଼ ଓ ପ୍ରାଣକୁ ଅତିକ୍ରମ କରି ମନୋମୟ ସ୍ତରରେ ପହଞ୍ଚିଛି ତାହା ସେହି ସ୍ତରରେ ଅଟକି ନଯାଇ ଆଗକୁ ଚାଲିବାକୁ ଚାହେଁ । ପ୍ରକୃତିର ବିବର୍ତ୍ତନର ଧାରା କଦାପି ଏହି ସ୍ତରରେ ରହିଯିବ ନାହିଁ । ଏକଥା କୁହାଯାଇପାରେ ଯେ ମନୋମୟ ସ୍ତରରୁ ବିବର୍ତ୍ତନର ଧାରା କିଛି ପରିମାଣରେ ସଚେତନତା ପ୍ରାପ୍ତ ହୋଇଛି । ଯେଉଁ ବିବର୍ତ୍ତନର ଧାରା ବହୁ ଜଟିଳ ଓ କୁଟିଳ ପଥଦେଇ ଗତି କରି ଆସିଛି ତାହା ମନୋମୟ ସ୍ତରରେ ସଚେତନ ହୋଇ ଅଗ୍ରସର ହେବାକୁ ଚାହେଁ । ପୂର୍ବରୁ ଏହି ବିବର୍ତ୍ତନର ଧାରା ଅଚେତନ ଭାବେ କୋଟି କୋଟି ବର୍ଷ ଧରି ଚାଲିଥିଲା । ଏହି ବିବର୍ତ୍ତନ ମଧ୍ୟ ସଂଘଟିତ ହୋଇଥିଲା ପ୍ରକୃତିର ନିଜସ୍ୱ ବୃତ୍ତି ଉପରେ । କିନ୍ତୁ ବର୍ତ୍ତମାନ ମନୁଷ୍ୟ ମଧ୍ୟଦେଇ ତାହା ସଚେତନତା ପ୍ରାପ୍ତ ହୋଇଥିବାରୁ ମନୁଷ୍ୟ ଇଚ୍ଛାକଲେ କୋଟି କୋଟି ବର୍ଷର ପ୍ରାକୃତିକ ବିବର୍ତ୍ତନକୁ ଅଳ୍ପ କେତେ ବର୍ଷରେ ଅଗ୍ରଗତିର ପଥରେ ନେଇଯାଇ ପାରେ । ସୁତରାଂ ମାନବିକ ସ୍ତରରେ ବିବର୍ତ୍ତନର ଧାରା ସ୍ୱ-ନିୟନ୍ତ୍ରିତ ଏବଂ ସ୍ୱୟଂ ପରିଚାଳିତ (self controlled and self directed) ହୋଇପାରିଛି ।

ବର୍ତ୍ତମାନ ପୃଥିବୀରେ ଯେଉଁ ସଂକଟ ଦେଖା ଦେଇଛି ତାହାହିଁ ବିବର୍ତ୍ତନଗତ ସଂକଟ । ମଣିଷ ଚେତନାର ଊର୍ଦ୍ଧ୍ୱାୟନ ଗତି ହେବ ଏବଂ ଚେତନା ଚତୁର୍ଥ ସ୍ତରକୁ ଆରୋହଣ କରିବ । ଯେହେତୁ ମନୁଷ୍ୟର ସହଯୋଗ ବିନା ଏହି କାର୍ଯ୍ୟ ହୋଇପାରିବ ନାହିଁ ସେଥିପାଇଁ ଏକ ବିଶ୍ୱବ୍ୟାପୀ ବିକ୍ଷୋଭ ଦେଖାଦେଇଛି । ପ୍ରକୃତିର ବିବର୍ତ୍ତନକୁ ତ୍ୱରାନ୍ୱିତ, କ୍ଷିପ୍ର, ସରଳ ଓ ସହଜ କରାଯାଇ ପାରେ । ଏହାହିଁ ବିବର୍ତ୍ତନର ଆହ୍ୱାନ (challange of evolution) । ଚେତନାର ଯେଉଁ ଭୂମି ଉନ୍ମୁକ୍ତ ହେବାକୁ ଅପେକ୍ଷା କରି ରହିଛି ତାହାହେଲା ଚତୁର୍ଥ ଭୂମି । ପ୍ରତ୍ୟେକ ସ୍ତରରେ ଯେଉଁ ଗୁଣାତ୍ମକ

ମୌଳିକ ପରିବର୍ତ୍ତନ ଅତୀତରେ ଦେଖାଯାଇଛି ସେହିପରି ଏହି ଚତୁର୍ଥ ସ୍ତରରେ ମଧ୍ୟ ଏକ ଅତି ମୌଳିକ ଓ ଗୁଣାତ୍ମକ ପରିବର୍ତ୍ତନ ଦେଖାଦେବ । ଏହା ଅବଶ୍ୟମ୍ଭାବୀ ଓ ଅନିବାର୍ଯ୍ୟ ।

ଏହି ଚତୁର୍ଥ ଭୂମିର ଉନ୍ମୋଚନ ଦ୍ୱାର ରୂପେ ଯେଉଁ ମୌଳିକ ପରିବର୍ତ୍ତନ ଦେଖାଦେବ ତାହାର ପରିଣାମ ସ୍ୱରୂପ ମଣିଷ ଜୀବନଧାରାର ଆମୂଳଚୂଳ ପରିବର୍ତ୍ତନ ହେବ । ସୁତରାଂ ବର୍ତ୍ତମାନ ଯେଉଁ ସମସ୍ୟା ଦେଖାଦେଇଛି ତାହା ଚେତନାର ସମସ୍ୟା ।

ଏହିପରି ଏକ ବିଶାଳ, ମହାନ୍, ପୂର୍ଣ୍ଣ ଚୈତନ୍ୟମୟ, ପୂର୍ଣ୍ଣ ଜ୍ଞାନମୟ ଚେତନାକୁ ଶ୍ରୀଅରବିନ୍ଦ ପୃଥିବୀପୃଷ୍ଠରେ ଅବତରଣ କରାଇ ମାନବଜାତିର ଆଶୁ ପରିଣାମକୁ କ୍ଷିପ୍ରତର ଏବଂ ଦ୍ରୁତତର କରିଛନ୍ତି । ମନୁଷ୍ୟ ଇଚ୍ଛା କଲେ ଏବଂ ଏପରି ଇଚ୍ଛା କରିବାକୁ ବାଧ୍ୟ ହେବ ବର୍ତ୍ତମାନର ସଂକଟର ସମାଧାନ କରିବାରେ । ଚତୁର୍ଥ ଭୂମି ହେଉଛି ଦିବ୍ୟଭୂମି, ଆତ୍ମାର ଭୂମି, ଚୈତ୍ୟପୁରୁଷଙ୍କର ଭୂମି । ଏହି ଭୂମି ମଣିଷ ହୃଦୟରେ ମଧ୍ୟ ରହିଛି । ଏହି ଭୂମିରେ ଜ୍ଞାନ, ଶକ୍ତି, ସୌନ୍ଦର୍ଯ୍ୟ ଓ ପ୍ରେମ ସ୍ୱାଭାବିକ ରୂପେ ବିଦ୍ୟମାନ । ଯେପର୍ଯ୍ୟନ୍ତ ମନୁଷ୍ୟ ଏହି ସ୍ତରକୁ ପ୍ରାପ୍ତ ନହୋଇଛି ସେପର୍ଯ୍ୟନ୍ତ ସେ ନାନା ଦୁଃଖ, କଷ୍ଟ, ବିପଦ ଓ ବିପର୍ଯ୍ୟୟ, ହତାଶ ଓ ନୈରାଶ୍ୟ ମଧ୍ୟଦେଇ ଗତି କରିବ । ଚେତନାର ଏହି ରୂପାନ୍ତରହିଁ ଚତୁର୍ଥ ଭୂମିକୁ ଉଠିଯିବାରେ ସାହାଯ୍ୟ କରିବ । ଏଥିପାଇଁ ଏହାକୁହିଁ Yoga of transformation ବୋଲି କୁହାଯାଏ ।

**ଯୋଗହିଁ ନବଜନ୍ମ :**

All yoga in its essence is a new birth. ଚେତନାର ନବଜନ୍ମର ଅର୍ଥ ମନୁଷ୍ୟ ବର୍ତ୍ତମାନ ଯେଉଁ ଚେତନାରେ ରହିଛି ସେହି ଚେତନାକୁ ଅତିକ୍ରମ କରି ଆଉ ଏକ ଚେତନା ସ୍ତରରେ ଉପନୀତ ହେବ । ବର୍ତ୍ତମାନର ଚେତନା ହେଲା ଖଣ୍ଡିତ, ସଂକୀର୍ଣ୍ଣ, ଅହଂଯୁକ୍ତ ତଥା ସଂଘର୍ଷମୂଳକ । ଯେତେଦିନ ପର୍ଯ୍ୟନ୍ତ ମନୁଷ୍ୟ ଏହି ସ୍ତରରେ ରହିଛି ସେତେଦିନ ପର୍ଯ୍ୟନ୍ତ ଦୁଃଖ, କଷ୍ଟ, ଅଶାନ୍ତି ଓ ସଂଘର୍ଷ ତଥା ନାନା ବାଧା, ବିବାଦ ଓ କଳହ ଲାଗି ରହିଥିବ । କେହି କେହି ମନେକରନ୍ତି ମନୁଷ୍ୟର ବାହ୍ୟ ଜୀବନର ପରିବର୍ତ୍ତନ ଘଟିଲେ ମନୁଷ୍ୟ ସୁଖ ଶାନ୍ତିରେ ରହିପାରିବ; କିନ୍ତୁ ଏହା ସମ୍ଭବ ନୁହେଁ । ମନୁଷ୍ୟ ଯେଉଁଠି ଅଛି ସେଇଠି ରହିବ ଅଥଚ ଏକ ସମୃଦ୍ଧ ସମାଜ (Affluent), ଏକ ଜନମଙ୍ଗଳ ରାଷ୍ଟ୍ର ଗଠନ କରିବ ବା ରାମରାଜ୍ୟ ବା ସ୍ୱର୍ଗରାଜ୍ୟ ପ୍ରତିଷ୍ଠା କରିବ, ଏହା କଦାପି ସମ୍ଭବ ନୁହେଁ । ବର୍ତ୍ତମାନର ଡାକରା ହେଉଛି ଏକ ଗଭୀରତର, ବିଶାଳତର ଓ ବ୍ୟାପକ ପରିବର୍ତ୍ତନ ପାଇଁ । ଏହି ପରିବର୍ତ୍ତନ ଦ୍ୱାରା ବହୁ ଜିନିଷ ଧ୍ୱଂସ ପ୍ରାପ୍ତ ହେବ । ମଣିଷ ଜୀବନ ବହୁ ଆକୁଳତାରେ ଓ ବ୍ୟାକୁଳତାରେ ପରିପୂର୍ଣ୍ଣ ହୋଇଉଠିବ । ଚତୁର୍ଦ୍ଦିଗରେ ଦେଖାଦେବ ଏକ ପ୍ରଜ୍ୱଳନ । ମନୁଷ୍ୟ ଯେତେ ଚେଷ୍ଟା କଲେ ବି ଯଦି ଠିକ୍ ରାସ୍ତା ନଧରେ ତେବେ ପୋଡ଼ାଜଳା ମଧ୍ୟରେ ମୃତ୍ୟୁହିଁ ସାର ହେବ । ସେଥିପାଇଁ ଶ୍ରୀମା'ଙ୍କ ଭାଷାରେ ''Blessed are those who take a leap towards the future.'' ଅର୍ଥାତ୍ ସେହିମାନେହିଁ ଆଶୀର୍ବାଦ ଯୋଗ୍ୟ ଯେଉଁମାନେ ଭବିଷ୍ୟତ୍ ଅଭିମୁଖରେ ଲମ୍ଫ ଦିଅନ୍ତି । ଏହି ଲମ୍ଫ-ପ୍ରଦାନର ଅର୍ଥ ହେଲା ଚେତନାର ଗୋଟିଏ ସ୍ତରରୁ ଆଉ ଗୋଟିଏ ସ୍ତରକୁ ଚାଲିଯିବା । ଭବିଷ୍ୟତ୍ ଯେପରି ଅନ୍ଧକାରମୟ ଏବଂ ଦୁର୍ଦ୍ଦିନରେ ପୂର୍ଣ୍ଣ ଭଳି ମନେ ହେଉଛି ତାହା ଯଥାର୍ଥରେ ଠିକ୍ ସେପରି ନୁହେଁ । ଧୀରେ ଧୀରେ ଏହି ସଂକଟ ଭୟଙ୍କର ଓ ଅବସାଦପୂର୍ଣ୍ଣ ବୋଲି ବୋଧ ହେବ । କିନ୍ତୁ ଆମେମାନେ ଯଦି ଆମମାନଙ୍କର ମନୋଭାବକୁ ପରିବର୍ତ୍ତନ କରିବା ଏବଂ ଏହି ସତ୍ୟର ଅଭିମୁଖୀ ହେବା ପାଇଁ ଦୃଢ଼ ସଂକଳ୍ପବଦ୍ଧ ହେବା — ଏହାକୁ ଜୀବନରେ କାର୍ଯ୍ୟକାରୀ କରାଇବା ପାଇଁ ବଦ୍ଧପରିକର ହେବା ତେବେ ବର୍ତ୍ତମାନ ଯେଉଁ ଦୁଃସ୍ଥିତି, ବିଷାଦ ଓ ଭୟ ଦେଖାଦେଇଛି ତାହା ଦୂର ହେବ । ❖

ଶ୍ରୀଅରବିନ୍ଦ ପରମଙ୍କର ଏକ ପ୍ରକାଶ ଯିଏକି ପୃଥିବୀପୃଷ୍ଠକୁ ଆସିଥିଲେ ଏକ ନୂତନ ମାନବଜାତି ଓ ଏକ ନୂତନ ଅତିମାନସ ଜଗତର ଅଭିବ୍ୟକ୍ତି ସଂପର୍କରେ ଘୋଷଣା କରିବାକୁ ।
ଆସ ଆମେମାନେ ସମସ୍ତ ଆନ୍ତରିକତା ଓ ଆଗ୍ରହର ସହ ସେଥିଲାଗି ନିଜକୁ ପ୍ରସ୍ତୁତ କରିବା ।

— ଶ୍ରୀମା

# ଅଦ୍ୱୈତ

## ଶ୍ରୀଅରବିନ୍ଦ

ତଖ୍ତ-ଇ-ସୋଲମନ୍‌ର ଗିରିପଥେ ଚାଲୁଥିଲି ମୁହିଁ
ଯେଉଁଠି ରହିଛି ଉଭା ଶଙ୍କରାଚାର୍ଯ୍ୟଙ୍କର କ୍ଷୁଦ୍ର ଦେବାଳୟ
ଏକା, ଏକ କାଳର ଉପାନ୍ତ ସନାତନ-ଅଭିମୁଖୀ ହୋଇ
ଉଲଙ୍ଗ ଶିଖର ପରେ ଅନ୍ତ କରି ଧରଣୀର ଅସାର ପ୍ରଣୟ ।

ନିରାକାର ନିର୍ଜନତା କରିଥିଲା ମୋତେ ସମାଚ୍ଛନ୍ନ :
ସବୁ ହୋଇ ଯାଇଥିଲା ଅବଜ୍ଞାତ ଏକ ନାମାତୀତ,
ଅସମ୍ଭୂତ ଅଦ୍ୱୟ ସଦ୍‌ବସ୍ତୁ ଏକ ବିଶ୍ୱ-ବିବସନ,
ଅସୀମ ତଥା ଅତଳ ଚିରଦିନ ଅଟଳ-ଅଚ୍ୟୁତ ।

ପରମ ସ୍ତବ୍ଧତା ଏକ ଥିଲା ଯାହା ପରମ ପୁରୁଷଙ୍କର ଏକମାତ୍ର ବାଣୀ
ଅଜ୍ଞାତ ଆରମ୍ଭି ଆଉ ଅବାଣୀ ସମାପ୍ତି
କ୍ଷଣଦୃଷ୍ଟ, କ୍ଷଣଶ୍ରୁତ ସବୁଥିରେ ବିଲୟନ ଆଣି,
ଅନଧିଗମ୍ୟ ଶିଖରେ କରଇ ରାଜୁତି,

ନିଃସଙ୍ଗ ସ୍ଥିରତା ଏବଂ ଶୂନ୍ୟମୟ ପ୍ରଶାନ୍ତି ଅକ୍ଷର
ନିର୍ବାକ୍ କଞ୍ଚୁକ ପରେ ପ୍ରକୃତିର ରହସ୍ୟ ସର୍ବର ।

[ଶ୍ରୀଅରବିନ୍ଦଙ୍କ ରଚିତ '**Adwaita**'
କବିତାର ଭାଷାନ୍ତର]
ଅନୁବାଦ : ଶ୍ରୀ ରବୀନ୍ଦ୍ର କୁମାର ପାଢ଼ୀ ✤

୧୯୦୩ରେ ବରୋଦାର ମହାରାଜାଙ୍କ ସହ ଶ୍ରୀଅରବିନ୍ଦ କାଶ୍ମୀର ଭ୍ରମଣରେ ଯାଇଥିଲେ । ସେଠାକାର ଶଙ୍କରାଚାର୍ଯ୍ୟ ପର୍ବତ ଶିଖରରେ ଅବସ୍ଥିତ ମନ୍ଦିର ଦର୍ଶନ କରିବା ଅବସରରେ ତାଙ୍କର 'ଶୂନ୍ୟ ଅନନ୍ତ'ଙ୍କର ଅନୁଭୂତି ହୋଇଥିଲା । ଏହି ଅନୁଭୂତି ସମ୍ବନ୍ଧେ ଶ୍ରୀଅରବିନ୍ଦ ଉଲ୍ଲେଖ କରିଛନ୍ତି : ''ପର୍ବତ ଶିଖରରେ ଦଣ୍ଡାୟମାନ ହୋଇ ଜଣେ ଉନ୍ମୁକ୍ତ ବିସ୍ତୀର୍ଣ୍ଣତା, ବ୍ୟାପ୍ତି, ବିଶ୍ୱ ପ୍ରକୃତିର ଏକ ଅଜ୍ଞାତ ବିଶାଳତାର ଝଲକ ପାଇଥାଏ ବା ମାନସିକ ଭାବରେ ଅନୁଭବ କରିଥାଏ । ଏହାପରେ ହଠାତ୍ ଆସେ ଏକ ସ୍ପର୍ଶ । ଏକ ଅପ୍ରତ୍ୟାଶିତ ସତ୍ୟର ପ୍ରକାଶ, ଏକ ପ୍ରବାହ । ଫଳରେ ମାନସିକ ଅନୁଭୂତି ଆଧ୍ୟାତ୍ମିକ ଉପଲବ୍ଧିରେ ରୂପାୟିତ ହୁଏ ଏବଂ ଜଣେ ପୂର୍ଣ୍ଣମାତ୍ରାରେ ଶୂନ୍ୟ ଅନନ୍ତଙ୍କ ଦ୍ୱାରା ଅଧିକୃତ ହୋଇଉଠେ ।'' ପରବର୍ତ୍ତୀ ସମୟରେ ତଖ୍ତ-ଇ-ସୋଲମନ୍‌ରେ ହୋଇଥିବା ଅନୁଭୂତିକୁ ଶ୍ରୀଅରବିନ୍ଦ ତାଙ୍କର 'Adwaita' କବିତାରେ ଲିପିବଦ୍ଧ କରିଛନ୍ତି ।

# ସଙ୍ଗଠନର ମୂଳତତ୍ତ୍ୱ

## ଶ୍ରୀମା

ଅସଂଖ୍ୟ ସମିତି ଗଢ଼ି ଉଠେ, ପୁଣି ପ୍ରାୟ ଦେଖୁ ଦେଖୁ ମିଳାଇ ଯାଏ । ଏ ବିଷୟରେ ସେଦିନ କହିଥିଲି ଯେ ଏଇ ଦ୍ରୁତ ମୃତ୍ୟୁର କାରଣ ହେଉଛି ସମିତିଗୁଡ଼ିକର ଗଠନ ମଧ୍ୟରେ ସ୍ୱଧର୍ମ ବିରୋଧୀ ମାମୁଲି କେତେକ ଜିନିଷ ଆସି ପହଞ୍ଚିଯାଏ । ବସ୍ତୁତଃ ସେସବୁ ଗଠିତ ହୋଇଥାଏ ଏକ ବା ଏକାଧିକ ବ୍ୟକ୍ତିର ଚିନ୍ତାପ୍ରସୂତ କିଛି ଆଦର୍ଶର ରୂପକୁ ଅନୁସରଣ କରି – ଏପରି ଗୋଟାଏ ସାଧାରଣ ମୂଳସୂତ୍ର ଅନୁଯାୟୀ ଯାହା ଅନେକ ସମୟରେ ତତ୍ତ୍ୱ ହିସାବରେ ସୁନ୍ଦର ହେଲେ ମଧ୍ୟ ବ୍ୟକ୍ତି ବୈଶିଷ୍ଟ୍ୟକୁ ଗଣନା ମଧ୍ୟରେ ଆଣେ ନାହିଁ, ଅଥଚ ଏହି ବ୍ୟକ୍ତିମାନେହିଁ ସେମାନଙ୍କର ସବୁ ବାଧା ଓ ଦୁର୍ବଳତାକୁ ନେଇ ସେଇ ସମିତିର ଅଙ୍ଗରେ ଯେପରି ଗୋଟିଏ ଗୋଟିଏ ଜୀବନ୍ତ କୋଷ ହୋଇ ରହିବେ ।

କୌଣସି ବ୍ୟକ୍ତି ଅଥବା ଜନସମଷ୍ଟିକୁ ତା'ର ସ୍ୱଧର୍ମ ବିରୋଧୀ ରୂପ ଦେବା ମୋ ପାଖରେ ଏକ ଅସମ୍ଭବ ଜିନିଷ ବୋଲି ମନେ ହୁଏ । ଯେଉଁସବୁ ଉପାଦାନରେ ସେ ଗଠିତ ସେଗୁଡ଼ିକର ଗୁଣର ଠିକ୍ ପରିମାପରେ ଯେଉଁ ପ୍ରକାର ବହିଃପ୍ରକାଶ ହେବ, ରୂପ ମଧ୍ୟ ହେବ ଠିକ୍ ସେଇ ପ୍ରକାରର ।

ସଙ୍ଗଠନର ଏଇ ମୂଳତତ୍ତ୍ୱଟିକୁ ଅବହେଳା କରା ହୋଇଥାଏ ବୋଲି ହିଁ ଗୋଟାକ ପରେ ଗୋଟାଏ – ଏହିପରି ଅସଂଖ୍ୟ ଦଳ ଦେଖାଦିଏ, ପୁଣି ସବୁଯାକ ଅଚିରେ ଲୋପ ପାଏ । କାରଣ ଜୀବନ୍ତ ପ୍ରାଣୀ ପରି ସ୍ୱାଭାବିକ କ୍ରମବୃଦ୍ଧି, କ୍ରମୋନ୍ନତି ଏବଂ କ୍ରମବିକାଶର ପଥରେ ନ ଯାଇ ସେସବୁ କେତେଗୁଡ଼ିଏ ମିଶ୍ରବସ୍ତୁର ଅସାର ପିଣ୍ଡ ହୋଇ ଠିଆ ହୁଅନ୍ତି; ସେମାନଙ୍କର କ୍ରମୋନ୍ନତିର କୌଣସି ସମ୍ଭାବନା ନାହିଁ ।

ଆମ୍ଭେମାନେ ସ୍ଥିର କରିଅଛୁ ଏଇ ମୂଳସୂତ୍ର ଉପରେ ଦୃଷ୍ଟି ରଖି ଆମେ ଚାଲିବୁ ଏବଂ ଆମ୍ଭମାନଙ୍କର ଏଇ କ୍ଷୁଦ୍ର ଜଟିଳ ଜୀବନ କି ପ୍ରକାରେ ଚାଲିବ ସେ ବିଷୟରେ ଆଗତୁରା କୌଣସି ନିୟମକାନୁନ ବାନ୍ଧି ଦେବା ଦିଗରୁ ସଯତ୍ନରେ ବିରତ ରହିବୁ । ସଙ୍ଗଠନଟି ଏବେ ବି ଜନ୍ମ ହୋଇ ନାହିଁ, ଜନ୍ମ-ଲକ୍ଷଣ ମଧ୍ୟ ଦେଖା ଦେଇଛି କି ନା ସନ୍ଦେହ; ତାହା ଆପଣାଛାଏଁ ଆକାର ଗ୍ରହଣ କରୁ, ନିୟମ ମଧ୍ୟରେ ବନ୍ଦୀ ହେବା ପୂର୍ବରୁ ଧୀରେ ଧୀରେ ନିଜକୁ ଖୋଲି ଧରୁ ।

ଆମ୍ଭମାନଙ୍କ ସଭାକୁ ତେଣୁ ଗୋଟାଏ ପୂର୍ବ ନିର୍ଦ୍ଦିଷ୍ଟ ପରିକଳ୍ପନା ଅଥବା ଆମ ଭିତରୁ କୌଣସି ଜଣକର କିଂବା ସମସ୍ତଙ୍କର ମିଳିତ ଆଦର୍ଶ ଅନୁଯାୟୀ ବିଧିବଦ୍ଧ ଭାବରେ ଗଢ଼ି ତୋଳିବା ମୋ ମତରେ ମାରାତ୍ମକ ବ୍ୟାପାର, ଏହିପରି ଭାବରେ ଯାହା ସୃଷ୍ଟି ହୁଏ ତାହା ମତବାଦ ଦେଇ ଗଢ଼ା ହୋଇଥିବା କୃତ୍ରିମ ଆକାର ମାତ୍ର; ଯେଉଁସବୁ ପ୍ରତିଷ୍ଠାନ ସେଗୁଡ଼ିକର ପ୍ରତ୍ୟେକଟି ସଭ୍ୟର ବିଚିତ୍ର ପ୍ରବୃତ୍ତିକୁ ଏକତ୍ର ସଂଗ୍ରଥିତ କରି ସ୍ୱତଃସ୍ଫୂର୍ତ୍ତ ଭାବରେ ବଢ଼ି ଉଠେ ଏହା ସେସବୁ ଅପେକ୍ଷା କ୍ଷୀଣଜୀବୀ ।

ଆମ୍ଭମାନଙ୍କର ସମିତିକୁ ହେବାକୁ ପଡ଼ିବ କ୍ରମୋନ୍ନତିଶୀଳ – ଦୀର୍ଘାୟୁ ହେବାର ସର୍ତ୍ତ ସେହିଠାରେ । ତାହା ସମ୍ଭବ ହେବ ଯଦି ପ୍ରତ୍ୟେକଙ୍କୁ ଆଗେଇ ଯିବାକୁ ସମିତି ସୁଯୋଗ ଦେଇପାରେ ।

ପ୍ରକୃତରେ ଆମେ ଯଦି ଚାହୁଁ ସମିତିମାନଙ୍କର ଉନ୍ନତି ଆହୁରି ଗଭୀର ହେଉ ଏବଂ ଆନ୍ତରିକ ହେଉ, ମାତ୍ର ତାହା ନିର୍ଭର କରୁଛି ଆମରି ଉପରେ । ଆମେ ପ୍ରତ୍ୟେକେ ଯଦି ଏଠାରେ ଅଧିକ ବୃଦ୍ଧି ପାଇଁ ଜ୍ୱଳନ୍ତ ଅଭୀପ୍ସା ନେଇ ଆସୁ, ତା'ହେଲେ ଏପରି ଗୋଟିଏ ଶାନ୍ତ ଅନ୍ତର୍ମୁଖୀ ପରିବେଶ ସୃଷ୍ଟ ହେବ । ସେଇଟିକୁ ଧର୍ମଭାବାଚ୍ଛନ୍ନ ବୋଲି କହିବି, ଯାହା ଆମର ସମ୍ପୂର୍ଣ୍ଣତା ସାଧନ ନିମିତ୍ତ ଏକାନ୍ତ ଅନୁକୂଳ ହେବ ।

ବାକ୍ୟବ୍ୟୟ ଅପେକ୍ଷା ଆଧ୍ୟାତ୍ମିକ ପରିବେଶ ବେଳେ ବେଳେ ବେଶୀ ସାହାଯ୍ୟ କରେ, ଚିନ୍ତା ସୁନ୍ଦରତମ ହେଲେ ମଧ୍ୟ ଆଗେଇ ଯିବାରେ କିଛି ବି ସାହାଯ୍ୟ କରିପାରେ ନାହିଁ ଯଦି ଅନ୍ତରରେ ଆମେ ସେ ଚିନ୍ତାକୁ ଉର୍ଦ୍ଧ୍ୱତର ଅନୁଭବ, ଯଥାଯଥ ସମ୍ବେଦନ ଓ ମହତ୍ତମ କର୍ମ ମଧ୍ୟରେ ରୂପାୟିତ ନକରୁ । ସୁତରାଂ ଆମ ସମିତିର ଉନ୍ନତି ନିମନ୍ତେ ଆମ୍ଭମାନଙ୍କର ଉନ୍ନତି ଏକାନ୍ତ ପ୍ରୟୋଜନ ।

ଆସ ଆମ୍ଭେମାନେ ଏକତାବଦ୍ଧ ହେବା, ଆସ ଆମ୍ଭମାନଙ୍କ ମଧ୍ୟରେ ଯେଉଁ ଭାଗବତ ସତ୍ତା ରହିଛି ତା' ସହିତ ଆମ ଚେତନାକୁ ସଂଯୁକ୍ତ କରିବା, ତାହା ହୋଇ ପାରିଲେ ଆମ ସମିତି ଐକ୍ୟବଦ୍ଧ ହେବ । ଆସ ଆମର ବୁଦ୍ଧିବୃତ୍ତି ଆଦିକୁ

ଉଜ୍ଜ୍ୱଳ ଉଦ୍ଭାସିତ କରିବା, ତା'ହେଲେ ଆମ ସମିତି ମଧ୍ୟ ପ୍ରକାଶ କରିବ ସେଇ ଆଲୋକ । ଏକ ନୈର୍ବ୍ୟକ୍ତିକ ପ୍ରେମ ଆମର ସମସ୍ତ ସତ୍ତାକୁ ଅଧିକାର କରୁ, ସେପରି ହୋଇ ପାରିଲେ ଆମ ସମିତି ମଧ୍ୟ ବିକିରଣ କରିବ ପ୍ରେମ । ଆହୁରି ଆସ ଆମ ନିଜ ମଧ୍ୟରେ ଶୃଙ୍ଖଳା ସ୍ଥାପନ କରିବା, ତା' ଯଦି ହୁଏ ଆମ ସମିତି ଆପଣାଛାଏ ଶୃଙ୍ଖଳାବଦ୍ଧ ହୋଇ ଉଠିବ, ସେଥିପାଇଁ କୌଣସି ପ୍ରକାର ଅନ୍ୟାୟ ବଳ ପ୍ରୟୋଗ ଦରକାର ହେବ ନାହିଁ ।

ଗୋଟାଏ କଥାରେ, ଏଇ ପୃଥିବୀରେ ଆମେ ଯେଉଁ ସମଷ୍ଟି ଜୀବନ ସୃଷ୍ଟି କରିବାକୁ ଇଚ୍ଛା କରୁ, ଆସ ଆମ୍ଭେମାନେ ପ୍ରତ୍ୟେକେ ତାହାର ଗୋଟିଏ ଗୋଟିଏ ଜୀବନ୍ତ କୋଷ ହୋଇ ଉଠିବା । ଆଉ ଏକଥା ଆମେ ଯେପରି ନଭୁଲିବା ଯେ ସମବେତ ସତ୍ତାର ମୂଲ୍ୟ, ତା'ର କର୍ମ ଏବଂ ବିଶ୍ୱସଙ୍ଗତି ମଧ୍ୟରେ ତାହାର ପ୍ରୟୋଜନୀୟତା ନିର୍ଭର କରୁଛି ଠିକ୍ ତା'ର ଏଇ ପ୍ରତ୍ୟେକଟି କୋଷର ଗୁଣ ଉପରେ ।

(୪ ଜୁନ୍, ୧୯୧୨)

## ଆମ୍ଭମାନଙ୍କର କରଣୀୟ କର୍ମ କ'ଣ ?

ଆମର ପ୍ରତ୍ୟେକଙ୍କ ପାଇଁ ରହିଛି ଏକ ନିର୍ଦ୍ଦିଷ୍ଟ କାମ, ଏକ ବିଶେଷ ଭୂମିକା, ଏକ ଶୂନ୍ୟ ସ୍ଥାନ ଯାହା ଆମ ଛଡ଼ା ଆଉ କେହି ପୂର୍ଣ୍ଣ କରିପାରିବେ ନାହିଁ ।

ତେବେ ଏ କାମ ଆମର ଗଭୀରତମ, ନିବିଡ଼ତମ ସତ୍ତାର ବାହ୍ୟିକ ପ୍ରକାଶ ଓ ଅଭିବ୍ୟକ୍ତି, ତା'ର ସ୍ଥାୟୀ ରୂପ କ'ଣ ହେବ, ତାହା ଶେଷରେ ଆମେ ଜାଣି ପାରୁ କେବଳ ସେତେବେଳେ, ଯେତେବେଳେ ଭିତରର ଏଇ ଗଭୀରତା ବିଷୟରେ ଆମେ ସଚେତ ହୋଇପାରିବୁ ।

ଠିକ୍ ଏଇ ଜିନିଷଟି କେବେ କେବେ ହୋଇଥାଏ, ଯେତେବେଳେ ଚେତନାର ଏକ ଧର୍ମାନ୍ତର ଘଟେ । ଯେଉଁ ମୁହୂର୍ତ୍ତରେ ରୂପାନ୍ତରକାରୀ ଆଲୋକ ଆମ ଦୃଷ୍ଟିର ଗୋଚର ହୁଏ ଏବଂ ଆମେ ତା' ପାଖରେ ନିଜକୁ ଅବାଧରେ ଦେଇ ଦେଉ, ସେତିକି ବେଳେ ଅତର୍କିତ ଭାବରେ ଆମେ ବେଶ୍ ସ୍ପଷ୍ଟ ରୂପେ ବୁଝିପାରୁ, କେଉଁଥି ପାଇଁ ଆମ୍ଭେମାନେ ଜନ୍ମ ନେଇ ଅଛୁ, ପୃଥିବୀରେ ଆମ ଜୀବନର ଉଦ୍ଦେଶ୍ୟ ବା କ'ଣ ?

ତେବେ ଏଇ ଧରଣର ଆଲୋକର ଆବିର୍ଭାବ ସୁଲଭ ନୁହେଁ । ଆମ ଭିତରେ ଅନେକ ପ୍ରୟାସ, ପରମ୍ପରା ତଥା ଆନ୍ତର ମନୋଭାବ ଉପରେ ଏହା ନିର୍ଭର କରେ ! ଭିତରର ଏଇ ମନୋଭାବ, ଏଇ ସମସ୍ତ ଆନ୍ତର-ଅବସ୍ଥା ଲାଭ କରିବାକୁ ହେଲେ ଏବଂ ଧରି ରଖିବାକୁ ହେଲେ ବହୁତ ସର୍ତ୍ତ ମଧ୍ୟରେ ଅନ୍ତତଃ ଏଇ ଗୋଟିଏ ସର୍ତ୍ତ ପୂରଣ କରିବା ବିଶେଷ ପ୍ରୟୋଜନ – ପ୍ରତିଦିନ ଆମର କିଛି ସମୟ ନିଃସ୍ୱାର୍ଥପର କାମରେ ବ୍ୟୟ କରିବାକୁ ହେବ । ପରର ସେବା ଉଦ୍ଦେଶ୍ୟରେ ପ୍ରତ୍ୟହ ଆମକୁ କିଛି କାମ କରିବାକୁ ହେବ । ଯେତେଦିନ ଯାଏଁ ଆମେ ଜାଣି ନ ପାରିଛେ କେଉଁ ବିଶେଷ କାମ ପାଇଁ ଆମ୍ଭେମାନେ ଆସିଅଛୁ ସେତେଦିନ ଯାଏଁ ଏହିପରି ଅନ୍ୟ ଏକ ସାମୟିକ କାମ ଖୋଜି ନେବାକୁ ହେବ ଯାହା ଆମ୍ଭମାନଙ୍କର ବର୍ତ୍ତମାନର କ୍ଷମତା ଓ ସଦିଚ୍ଛା ପ୍ରକାଶର ସର୍ବୋତ୍କୃଷ୍ଟ ଉପାୟ ହେବ ।

ଏଇ କାମରେ ତା'ହେଲେ ଆମେ ଯତ୍ନ ଓ ଅଧ୍ୟବସାୟ ସହିତ ବ୍ୟାପୃତ ହେବା, ଯଦିଓ ଜାଣୁ ଏହା ସାମୟିକ ଏକ ଅବସ୍ଥା ମାତ୍ର, ଏବଂ ଏହାରି ଭିତର ଦେଇ ଆମର ଆଦର୍ଶ ଓ ଶକ୍ତିର କ୍ରମବିକାଶ ଫଳରେ ଦିନେ ଆମେ ପରିଷ୍କାର ଦେଖି ପାରିବା ଆମର କରଣୀୟ କାମଟି କ'ଣ । ଆମେ ନିଜ ସହିତ ଜଡ଼ିତ କରି ସବୁ ଜିନିଷକୁ ଦେଖିବାର ଅଭ୍ୟାସ ଯେତିକି ଛାଡ଼ି ଦେଇ ପାରିବା, ଯେତିକି ଗଭୀରତର ପ୍ରୀତି ଦେଇ ମଣିଷ ଓ ପୃଥିବୀର ସେବାରେ ନିଜକୁ କି ଭାବରେ ଅଧିକ ନିଃଶେଷ କରି ଦେଇ ଦେବାକୁ ହୁଏ ତାହା ଜାଣି ପାରିବା, ଆମ ଆଖି ଆଗରେ ଦିଗନ୍ତ ସେତିକି ପ୍ରସାରିତ ହୋଇଛି ବୋଲି ଦେଖି ପାରିବା । ଦେଖି ପାରିବା ଆମର କାମ କ୍ରମୋନ୍ନତିର ଏକ ସରଳ ଧାରା ଅନୁସରଣ କରି ଚାଲିଛି, ପୁଣି ସେଇ ଧାରା ନିୟନ୍ତ୍ରିତ ହୁଏ ଆମର ବିଶେଷ ମନୋଭାବଟି ଦ୍ୱାରା ।

ଆମର ଭବିଷ୍ୟତ୍ କର୍ମର ସଠିକ୍ ରୂପଟିକୁ ବୁଝି ପାରିବା ପୂର୍ବରୁ ଯେଉଁସବୁ କାମରେ ଆମେ କ୍ରମାନ୍ୱୟରେ ବ୍ୟାପୃତ ରହିବୁ, ସେଗୁଡ଼ିକର ଗତି ଓ ଧର୍ମ ହେବ ସେହି ଏକ ଧାରାକୁ ଅନୁସରଣ କରି ଯାହା ଆମର ସ୍ୱଭାବ, ଆମର ପ୍ରକୃତି ଓ ଆମର ଭିତରର ବ୍ୟକ୍ତିଗତ ଛନ୍ଦର ସ୍ୱତଃସ୍ଫୂର୍ତ୍ତ ପ୍ରକାଶ ହେବ ।

ଏଇ ଯେଉଁ ଧାରା, ଏଇ ଯେଉଁ ବିଶେଷ ଗତି ତାହା ଆବିଷ୍କାର କରିବାକୁ ହେବ ସ୍ୱାଭାବିକ ଭାବରେ, ବ୍ୟକ୍ତିଗତ ରୁଚିର ସାହାଯ୍ୟରେ, ସ୍ୱାଧୀନ ନିର୍ବାଚନର ଫଳ ହେତୁ, ସେଥିରେ ବାହାରୁ କିଛି ଚାପ ଦିଆଯାଇ ନଥିବ ବା ତହିଁରେ ସ୍ୱାର୍ଥର ପ୍ରଭାବ ପଡ଼ି ନଥିବ । ଯୋଗ୍ୟତା ଅନୁପାତରେ କାମ ପସନ୍ଦ କରି ନପାରିବା ହେତୁ ଅନେକଙ୍କୁ ସାଧାରଣତଃ ଗାଳିମନ୍ଦ ସହିବାକୁ ପଡ଼ିଥାଏ । ଏହିଠାରେ ରହିଛି ବୁଝିବାରେ ସାମାନ୍ୟ ଭୁଲ୍ ।

ଯେଉଁମାନେ ସ୍ୱାଧୀନ ଇଚ୍ଛାରେ ନିଜର ପସନ୍ଦ ଅନୁଯାୟୀ କାମ ବାଛି ନେଇଛନ୍ତି ସେମାନଙ୍କ ଦିଗରୁ ଭୁଲ୍ ହୋଇଛି ବୋଲି ମୁଁ କହୁ ନାହିଁ; ସେ କାର୍ଯ୍ୟଟି ନିଶ୍ଚୟ ତାଙ୍କର ନିଜସ୍ୱ ସ୍ୱଭାବର ବାହ୍ୟ ପ୍ରକାଶ । ତେବେ ସେ ଯେତେବେଳେ ପ୍ରଥମ ଚେଷ୍ଟାରେହିଁ କାର୍ଯ୍ୟ ସିଦ୍ଧି ଚାହେଁ ସମଗ୍ର ଭାବରେ – କାର୍ଯ୍ୟର ଗଭୀରତା ଦିଗରୁ, ବିଶେଷ କରି ବାହ୍ୟ ବିସ୍ତାର ଦିଗରୁ, ସେତିକିବେଳେ ଯାଇ ତା'ର ଭୁଲ୍ ହୁଏ । ସେ ଭୁଲିଯାଏ ଯେ ତା' ନିଜର ଅସମ୍ପୂର୍ଣ୍ଣତା ହେତୁହିଁ ତା'ର କର୍ମର ଧାରଣା ଅପୂର୍ଣ୍ଣ । ସୁତରାଂ ବୁଦ୍ଧିମାନ୍‌ର କାମ ହେବ ସେ କ'ଣ କରିବାକୁ ଚାହେଁ ଓ ତା' ସଙ୍ଗେ ଆପାତତଃ ସେ କ'ଣ କରିବାକୁ ସମର୍ଥ, ସେଇ ପ୍ରତ୍ୟକ୍ଷ ଓ ବାସ୍ତବ ଜ୍ଞାନଟିକୁ ଲାଭ କରିବା ।

ଏଇ ଦୁଇଟି ବିଷୟ ପ୍ରତି ଲକ୍ଷ୍ୟ ରଖିଲେ ସମୟ ବୃଥା ନଷ୍ଟ ନକରି ଏବଂ ଶକ୍ତି ଅପଚୟ ନକରି ସେଇ ଅସଲ କାମଟି କରାଯାଇ ପାରିବ ।

ତେବେ ଅଳ୍ପ ଲୋକ ଏତିକି ସ୍ୱଚ୍ଛ ଦୃଷ୍ଟି ଓ ଜ୍ଞାନ ନେଇ କାର୍ଯ୍ୟ କରନ୍ତି, ପଥସନ୍ଧାନୀ ପ୍ରାୟଶଃ ଏଇ ଦୁଇ ଭ୍ରମର ଗୋଟିଏ ନା ଗୋଟିଏ ପର୍ଯ୍ୟାୟରେ ପଡ଼ନ୍ତି । ନିଜର ଆକାଂକ୍ଷାକୁ ସେ ବାସ୍ତବ ସତ୍ୟ ବୋଲି ମନେ କରେ; ଅର୍ଥାତ୍ ନିଜର ଶକ୍ତି ଓ ଯୋଗ୍ୟତା ସମ୍ବନ୍ଧରେ ଆଗତୁରା ସିଦ୍ଧାନ୍ତ କରି ନେଇ ବସେ, ମନେ କରେ – କୌଣସି ଗୋଟିଏ ବିଶେଷ ଦାୟିତ୍ୱ, ବିଶେଷ ସ୍ଥାନ ଏବେ ହିଁ ଗ୍ରହଣ କରିବାକୁ ସେ ଉପଯୁକ୍ତ ହୋଇ ସାରିଛି, ଅଥଚ ସେଇଟିକୁ ସୁଚାରୁ ରୂପେ ସମ୍ପାଦନ କରିବାକୁ ହେଲେ ବହୁ ବର୍ଷର ନିୟମିତ ତଥା ଅବିଚ୍ଛିନ୍ନ ପ୍ରୟାସ ଦରକାର ।

ଅଥବା ନିଜର ସୁପ୍ତ ଶକ୍ତି ବିଷୟରେ ଭୁଲ୍ ସିଦ୍ଧାନ୍ତ କରେ ସେ, ଗଭୀର ଆସ୍ପୃହା ଥିବା ସତ୍ତ୍ୱେ ସ୍ୱେଚ୍ଛାରେ ନିଜକୁ ଆପଣା ଯୋଗ୍ୟତା ତୁଳନାରେ ବହୁ ଛୋଟ କୌଣସି କାମ ଭିତରେ ବନ୍ଦୀ କରି ରଖେ – ସେହି କାର୍ଯ୍ୟଟି ଧୀରେ ଧୀରେ ତା'ର ଭିତରର ଆଲୋକଟିକୁ ଲିଭାଇ ଦିଏ, ଏପରି ଆଲୋକ ଯାହା ଅନ୍ୟ ଉପରେ ତା'ର କିରଣ ବିଛାଡ଼ି ଦେଇ ପାରିଥା'ନ୍ତା ।

ପ୍ରଥମେ ପ୍ରଥମେ ଏଇ ସମସ୍ତ ଉଠାଣିର ଭିତର ଦେଇ ଦେଖି ଶୁଣି ଚାଲିବା ଓ ସାମ୍ୟର ମଧ୍ୟବର୍ତ୍ତୀ ପଥଟିକୁ ଆବିଷ୍କାର କରିବା କଠିନ । ତେବେ ଗୋଟିଏ ନିର୍ଭୁଲ ଦିଗ୍‌ଦର୍ଶନର ଯନ୍ତ୍ରଟିଏ ରହିଛି ଯାହା ସାହାଯ୍ୟରେ ଆମେ ଏହି କାମ କରିପାରୁ ।

ଯାହାକିଛି ଆମେ କରୁ ତା'ର ଉଦ୍ଦେଶ୍ୟ ଯେପରି ନିଜର ବାହାଦୁରି ପ୍ରଚାର କରିବା ପାଇଁ ନହୁଏ । ଯେତେବେଳେ ଲକ୍ଷ୍ୟ ହୋଇଥାଏ ଯଶଃ, ଖ୍ୟାତି, ସମସାମୟିକମାନଙ୍କଠାରୁ ପ୍ରଶଂସା ଲାଭ କରିବା; ସେତେବେଳେହିଁ ଏସବୁ ନିକଟରେ ନିଜକୁ ଅନେକାଂଶରେ ବିକି ଦେବା ପରି ଘଟିଥାଏ । ଏବଂ ଆତ୍ମପ୍ରଶଂସା ପାଇଁ ବ୍ୟସ୍ତ ହୋଇ ଉଠିଲେ, ନିଜେ ଆମେ ପ୍ରକୃତରେ ଯାହା ନୋହୁଁ, ନିଜକୁ ଆମେ ତାହାହିଁ ଭାବି ବସୁ, ଭିତରର ଆଦର୍ଶକୁ ଆଚ୍ଛନ୍ନ କରି ପକାଇବାରେ ଏହାଠାରୁ ବଳି କରାମତି ଆଉ କାହାର ନାହିଁ ।

ପ୍ରତ୍ୟକ୍ଷରେ ବା ପରୋକ୍ଷରେ ଏକଥା କେବେ ବି ଯେପରି ନ କହୁ, ''ମୁଁ ବଡ଼ଲୋକ ହେବାକୁ ଚାହେଁ, ସେଥିପାଇଁ କେଉଁ କାର୍ଯ୍ୟଟି ହେବ ଅନୁକୂଳ ?'' ବରଂ ଯେପରି କହୁ, ''ଏପରି କିଛି ଏକ କାର୍ଯ୍ୟ ରହିଛି ଯାହା ସମସ୍ତଙ୍କ ଅପେକ୍ଷା ମୁଁ ଭଲ ଭାବରେ କରି ପାରିବି, କାରଣ ସମସ୍ତଙ୍କ ମଧ୍ୟରେ ଯେଉଁ ଭାଗବତ ଶକ୍ତି ରହିଛି, ପ୍ରତ୍ୟେକଟି ବ୍ୟକ୍ତି ତାହାର ହିଁ ଏକ ଏକ ପ୍ରକାଶ । ସେଇ କାମହିଁ, ତାହା ଯେତେ ଛୋଟ ହେଉ ବା ସାମାନ୍ୟ ହେଉ ତାହାହିଁ ମୋର ବ୍ରତ; ସେଇଟିକୁ ଆବିଷ୍କାର କରିବା ପାଇଁ ମୁଁ ମୋର ରୁଚି, ପ୍ରବୃତ୍ତି, ପସନ୍ଦ ଅପସନ୍ଦ ଆଦିକୁ ପର୍ଯ୍ୟବେକ୍ଷଣ କରୁଛି, ବିଶ୍ଳେଷଣ କରୁଛି ଏବଂ ସେହି କାମ ମୁଁ କରିବି ଗୋଟାଏ ପଟେ ଅତି ବିନୟ ଓ ଅନ୍ୟ ପଟେ ଅହଂକାରକୁ ବର୍ଜନ କରି । ଏ କାମ ମୁଁ କରିଯିବି ଯେପରି ଭାବରେ ମୁଁ ଶ୍ୱାସ ପ୍ରଶ୍ୱାସ ନିଏ, ଯେପରି ଭାବରେ ଫୁଲର ସୁଗନ୍ଧ ଅନାୟାସରେ ଖେଳେଇ ଦିଏ ସ୍ୱଭାବ ଗୁଣରେ; କାହିଁକି ନା ଅନ୍ୟ ଭାବରେ କରିବା ମୋ ପକ୍ଷେ ଯେ ଅସମ୍ଭବ !''

ଯେଉଁ କ୍ଷଣରେ ଆମେ ସବୁ ପ୍ରକାର ଅହମାତ୍ମକ ବାସନା, ସବୁ ବ୍ୟକ୍ତିଗତ ଏବଂ ସ୍ୱାର୍ଥମୟ ଉଦ୍ଦେଶ୍ୟ ଦୂର କରି ପାରିଅଛୁ – ତାହା ଯଦି କ୍ଷଣକ ପାଇଁ ମଧ୍ୟ ହୁଏ, ସେଇ ମୁହୂର୍ତ୍ତରେ ନିଜକୁ ଆମେ ଢାଳି ଦେଇ ପାରୁ ଏଇ ଅନ୍ତରର ସ୍ୱତଃସ୍ଫୂର୍ତ୍ତ ପ୍ରବାହ ପାଖରେ, ଏଇ ଗଭୀର ପ୍ରେରଣା ପାଖରେ, ଯାହାର ସହାୟତାରେ ଆମେ ମୁକ୍ତ ହୋଇ ପାରିବୁ ବିଶ୍ୱର ଜୀବନ୍ତ ଏବଂ କ୍ରମୋନ୍ନତ ଶକ୍ତିଧାରାଗୁଡ଼ିକ ସହିତ ।

ଆମର କାମ ବିଷୟରେ ଧାରଣା ଆମର ନିଜର ପୂର୍ଣ୍ଣତା ଅନୁପାତରେ ପୂର୍ଣ୍ଣତର ହୋଇ ଉଠିବ । ଏଇ ପୂର୍ଣ୍ଣତାର ସିଦ୍ଧି ନିମନ୍ତେ ଆମେ କୌଣସି ପ୍ରୟାସକୁ ବି ଅବହେଳା କରିବା ନାହିଁ । ତେବେ ଆମର କର୍ମ ଯେପରି ନିରନ୍ତର ଅଧିକରୁ ଅଧିକତର ଆନନ୍ଦମୟ, ସ୍ୱତଃସ୍ଫୂର୍ତ୍ତ ହୋଇ ଉଠେ – ନିର୍ମଳ ଝରଣାରୁ ଉତ୍ସାରିତ ଜଳଧାରା ପରି !

(CWM. Vol. II, pp. 51 -54)

অন্তরাল জগত্ :

# ସୂକ୍ଷ୍ମଦର୍ଶନ

## (ଶ୍ରୀମା'ଙ୍କ ସହ ଏକ କଥୋପକଥନ)

*ପ୍ରଶ୍ନ : ସ୍ୱପ୍ନବିହୀନ ନିଦ୍ରାର ସ୍ୱରୂପ କ'ଣ ?*

**ଶ୍ରୀମା :** ସାଧାରଣତଃ ତୁମେ ଯାହାକୁ ସ୍ୱପ୍ନହୀନ ନିଦ୍ରା ବୋଲି କହିଥାଅ ସେ କ୍ଷେତ୍ରରେ ଦୁଇଟି ଜିନିଷରୁ ଗୋଟିଏ ଘଟିଥାଏ । ହୁଏତ ତୁମେ ଯାହା ସ୍ୱପ୍ନ ଦେଖିଥିଲ ତାହା ସଂପୂର୍ଣ୍ଣ ଭୁଲିଯାଅ କିଂବା ତୁମେ ଏପରି ଏକ ଅଚେତନତା ଭିତରେ ପଡ଼ିଯାଇଥିଲ ଯାହା ପ୍ରାୟ ମୃତ୍ୟୁ ସଦୃଶ – ମୃତ୍ୟୁର ଏକ ସ୍ୱାଦ । କିନ୍ତୁ ଏପରି ଏକ ନିଦ୍ରାର ସମ୍ଭାବନା ଅଛି ଯେଉଁଥିରେ ତୁମ ସତ୍ତାର ସମଗ୍ର ଅଂଶରେ ଏକ ପୂର୍ଣ୍ଣ ନିରବତା, ନିଶ୍ଚଳତା ଓ ପ୍ରଶାନ୍ତି ଭିତରକୁ ପ୍ରବେଶ କର ଏବଂ ତୁମର ଚେତନା ସଚ୍ଚିଦାନନ୍ଦ ଭିତରେ ଲୀନ ହୋଇଯାଏ । ତୁମେ ତାହାକୁ ଠିକ୍ ନିଦ୍ରା ବୋଲି କହିପାରିବ ନାହିଁ, କାରଣ ଏହା ଅତ୍ୟନ୍ତ ସଚେତ ରହିଥାଏ । ସେହି ଅବସ୍ଥାରେ ତୁମେ ମାତ୍ର କେଇ ମିନିଟ ରହିପାର, କିନ୍ତୁ ତାହା ତୁମକୁ ଘଣ୍ଟା ଘଣ୍ଟା ଧରି ହେଉଥିବା ସାଧାରଣ ନିଦ୍ରା ଅପେକ୍ଷା ଅନେକ ଅଧିକ ବିଶ୍ରାନ୍ତି ଓ ସ୍ଫୂର୍ତ୍ତି ଆଣିଦିଏ । ତୁମେ ଆକସ୍ମିକ ଭାବରେ ଏହା ପାଇପାରିବ ନାହିଁ, ଏଥିପାଇଁ ଦୀର୍ଘକାଳ ବ୍ୟାପୀ ଶିକ୍ଷା ବା ତାଲିମ ଆବଶ୍ୟକ ।

*ପ୍ରଶ୍ନ : ଏହା କିପରି ଘଟେ ଯେ ଆମେ ସ୍ୱପ୍ନରେ ଯେଉଁ ଲୋକମାନଙ୍କୁ ଭେଟୁ ଓ ଜାଣୁ, ପରେ ବାହ୍ୟଜଗତରେ ସେମାନଙ୍କ ସଙ୍ଗରେ ଭେଟ ହୁଏ ଓ ସେମାନଙ୍କ ସମ୍ବନ୍ଧରେ ଜାଣିବାକୁ ପାଉ ?*

**ଶ୍ରୀମା :** ମାନସିକ ଓ ପ୍ରାଣିକ ଜଗତରେ କେତେକ ଲୋକଙ୍କ ଭିତରେ ରହିଥିବା ମେଳ ବା ନିକଟ ସଂପର୍କହିଁ ଏହାର କାରଣ ଯାହାକି ସେମାନଙ୍କୁ ଆକର୍ଷଣ କରି ଯୋଗାଯୋଗ କରାଏ । ଅନେକ ସମୟରେ ପୃଥିବୀପୃଷ୍ଠରେ ଦେଖାସାକ୍ଷାତ୍ ହେବା ପୂର୍ବରୁ ସେମାନେ ଏହିସବୁ ସୂକ୍ଷ୍ମଜଗତରେ ପରସ୍ପରକୁ ଭେଟିଥାଆନ୍ତି । ସେହି ମାନସିକ ଓ ପ୍ରାଣିକ ଜଗତରେ ସେମାନେ ମିଳିତ ହୋଇପାରନ୍ତି, ପରସ୍ପର ସହିତ କଥାବାର୍ତ୍ତା ଓ ଭାବବିନିମୟ କରିପାରନ୍ତି, ପୃଥିବୀପୃଷ୍ଠରେ ଯେଉଁସବୁ ସମ୍ବନ୍ଧ ରଖାଯାଇପାରେ, ସେହି ସମସ୍ତ ସମ୍ବନ୍ଧ ସେ ଜଗତରେ ମଧ୍ୟ ରଖାଯାଇପାରେ । କେତେକେ ଏହି ସମ୍ବନ୍ଧ ବିଷୟରେ ଜାଣିଥାଆନ୍ତି ଆଉ କେତେକେ ଏସଂପର୍କରେ କିଛି ଜାଣି ନଥା'ନ୍ତି । କେତେକ ବ୍ୟକ୍ତି, କହିବାକୁ ଗଲେ ପ୍ରାୟ ଅଧିକାଂଶ ବ୍ୟକ୍ତି ନିଜର ଆନ୍ତରସତ୍ତା ସଂପର୍କରେ ଓ ଆନ୍ତର ଭାବ ବିନିମୟ ବା ଆଦାନ-ପ୍ରଦାନ ସଂପର୍କରେ କିଛି ଜାଣି ନଥା'ନ୍ତି, କିନ୍ତୁ ତଥାପି ଏପରି ଘଟେ ଯେ ବାହ୍ୟ ଜଗତରେ କୌଣସି ଅଚିହ୍ନା ନୂତନ ବ୍ୟକ୍ତିକୁ ଦେଖିଲେ ମନେହୁଏ ଯେପରିକି ସେ ତୁମର ଖୁବ୍ ଜଣାଶୁଣା ଓ ଖୁବ୍ ପରିଚିତ ଲୋକ ।

*ପ୍ରଶ୍ନ : କୌଣସି ମିଥ୍ୟା-ସୂକ୍ଷ୍ମଦର୍ଶନ ହେବା କେତେଦୂର ସମ୍ଭବ ?*

**ଶ୍ରୀମା :** ଏପରି ଅନେକ ସୂକ୍ଷ୍ମଦର୍ଶନ ହୋଇପାରେ ଯାହାକୁ ତା'ର ବାହ୍ୟ ରୂପରେ ମିଥ୍ୟାଦର୍ଶନ ବୋଲି କୁହାଯାଇ ପାରେ । ଉଦାହରଣସ୍ୱରୂପ ଶତସହସ୍ର ସଂଖ୍ୟାରେ ଏପରି ଲୋକ ଅଛନ୍ତି ଯେଉଁମାନେ କହନ୍ତି ଯେ ସେମାନେ ଯିଶୁଖ୍ରୀଷ୍ଟଙ୍କର ଦର୍ଶନ ପାଇଛନ୍ତି । କିନ୍ତୁ ତହିଁ ଭିତରୁ ଯେଉଁମାନେ ପ୍ରକୃତରେ ଖ୍ରୀଷ୍ଟଙ୍କୁ ଦର୍ଶନ କରିଥିବେ ସେମାନଙ୍କ ସଂଖ୍ୟା ଡଜନକରୁ କମ୍ ହେବ । ଏବଂ ଏପରିକି ସେମାନେ ପ୍ରକୃତରେ କ'ଣ ଦର୍ଶନ କରିଛନ୍ତି ତାହା ମଧ୍ୟ ବିଚାର ସାପେକ୍ଷ । ଅନ୍ୟମାନେ ଯାହା ଦେଖିଥା'ନ୍ତି ତାହା ଏକ କିରଣଛଟା ହୋଇ ପାରିଥାଏ, ବା ଏକ ଚିନ୍ତା ହୋଇ ପାରିଥାଏ ବା ଏପରିକି ମନର ସ୍ମରଣରେ ଆସିଥିବା ଏକ ପ୍ରତିକୃତି ହୋଇ ପାରିଥାଏ । ଆଉ ମଧ୍ୟ ଏପରି ଅନେକ ଲୋକ ଅଛନ୍ତି ଯେଉଁମାନଙ୍କର ଖ୍ରୀଷ୍ଟଙ୍କ ସଂପର୍କରେ ଦୃଢ଼ ବିଶ୍ୱାସ ଅଛି ଏବଂ ସେମାନଙ୍କର ଯେତେବେଳେ ଏକ ସୂକ୍ଷ୍ମଦର୍ଶନ ହୁଏ ଯାହାକି କୌଣସି ଶକ୍ତି ବା ସତ୍ତାର ସୂକ୍ଷ୍ମଦର୍ଶନ ବା ସ୍ମୃତିପଥରେ ଉଦିତ ହେଉଥିବା କୌଣସି ପ୍ରତିକୃତିର ସୂକ୍ଷ୍ମଦର୍ଶନ ଏବଂ ଅତ୍ୟନ୍ତ ଉଜ୍ଜ୍ୱଳ ଓ ଆଲୋକମୟ ହୋଇ ତାହା ଯଦି ସେମାନଙ୍କ ଭିତରେ ଏକ ଗଭୀର ଛାପ ରଖିଯାଏ ତେବେ ସେମାନେ ତାହାକୁ ଖ୍ରୀଷ୍ଟଙ୍କ ଦର୍ଶନ ବୋଲି ଭାବନ୍ତି । ସେମାନେ ଏପରି କିଛି ଦେଖିଥାଆନ୍ତି ଯାହାକି ଅତିପ୍ରାକୃତ, ପାରଲୌକିକ ଜଗତର ଅନ୍ତର୍ଗତ ଏବଂ ତାହା ସେମାନଙ୍କର ଭିତରେ ଭୟ, ବିସ୍ମୟ ବା ଆନନ୍ଦର ଏକ ଭାବାବେଗ ସୃଷ୍ଟି କରିଥାଏ; ଏବଂ ଯେହେତୁ ସେମାନଙ୍କର

ଖ୍ରୀଷ୍ଟଙ୍କ ସଂପର୍କରେ ଦୃଢ଼ ବିଶ୍ୱାସ ଥାଏ ସେମାନେ ଆଉ କିଛି ନ ଭାବି କହନ୍ତି ଖ୍ରୀଷ୍ଟହିଁ ତାଙ୍କୁ ଦର୍ଶନ ଦେଇଥିଲେ । କିନ୍ତୁ ଠିକ୍ ସେହି ସମାନ ଧରଣର ଅନୁଭୂତି ବା ସୂକ୍ଷ୍ମଦର୍ଶନ ଯଦି ହିନ୍ଦୁ ବା ଇସଲାମ ବା ଅନ୍ୟ କୌଣସି ଧର୍ମରେ ବିଶ୍ୱାସ କରୁଥିବା ଲୋକର ହୁଏ ତେବେ ତାହା ଭିନ୍ନ ଏକ ନାମ ଓ ରୂପ ଗ୍ରହଣ କରିବ । ଯେଉଁ ଜିନିଷଟି ସଂପର୍କରେ ସୂକ୍ଷ୍ମଦର୍ଶନ ବା ଅନୁଭୂତି ଆସିଲା, ତାହା ମୂଳତଃ ସମାନ ହୋଇପାରେ; କିନ୍ତୁ ଦେଖିବା ଲୋକର ମନର ବିଭିନ୍ନ ଗଠନ ଅନୁସାରେ ତାହା ବିଭିନ୍ନ ରୂପରେ ଗଠିତ ହୁଏ । କେବଳ ଯେଉଁମାନେ ବିଶ୍ୱାସ, ପୂର୍ବକଳ୍ପିତ ଧାରଣା, ଧର୍ମମତ ଓ ପରମ୍ପରା ଆଦିର ଊର୍ଦ୍ଧ୍ୱକୁ ଉଠିଯାଇଥିବେ, ସେହିମାନେ କହିପାରିବେ ଜିନିଷଟି ପ୍ରକୃତରେ କ'ଣ ଥିଲା । ସୂକ୍ଷ୍ମଦର୍ଶନରେ ତୁମେ କ'ଣ ଦେଖିଲ, ତାହା ଠିକ୍ ଭାବରେ ଜାଣିବାକୁ ହେଲେ ତୁମକୁ ସମସ୍ତ ପ୍ରକାର ମାନସିକ ଗଠନରୁ ମୁକ୍ତ ରହିବାକୁ ହେବ ଏବଂ ସ୍ଥାନ ଓ କାଳର ପ୍ରଭାବକୁ ବାଦ୍ ଦେବାକୁ ହେବ ।

ଆଧ୍ୟାତ୍ମିକ ଅନୁଭୂତିର ଅର୍ଥ ହେଉଛି ନିଜ ଭିତରେ (ବା ବାହାରେ, ସେହି ଜଗତରେ ଉଭୟଟି ସମାନ ଜିନିଷ) ଭଗବାନଙ୍କ ସଙ୍ଗେ ସଂପର୍କ ସ୍ଥାପନ । ଏବଂ ଏହା ଏପରି ଏକ ଅନୁଭୂତି ଯାହାକି ସବୁଦେଶରେ, ସବୁଲୋକଙ୍କ ଭିତରେ, ଏବଂ ଏପରିକି ସବୁ ଯୁଗରେ, ସେହି ସମାନ ଅନୁଭୂତି । ତୁମେ ଯଦି ଭଗବାନଙ୍କ ଦର୍ଶନ ପାଅ ତେବେ ସର୍ବଦା ଓ ସର୍ବତ୍ର ତୁମେ ତାଙ୍କୁ ସେହି ସମାନ ଭାବରେହିଁ ଭେଟିଥାଅ । ପାର୍ଥକ୍ୟଟି ଆସିଥାଏ କାରଣ ସେହି ଅନୁଭୂତି ଓ ତା'ର ରୂପାୟିତ ପ୍ରକାଶ ଭିତରେ ଏକ ଅତଳ ବ୍ୟବଧାନ ରହିଥାଏ । ତୁମେ ଆଧ୍ୟାତ୍ମିକ ଅନୁଭୂତିଟିକୁ ସର୍ବଦା ନିଜ ଆନ୍ତର ଚେତନାରେ ପ୍ରତ୍ୟକ୍ଷ ଭାବରେ ପାଇଥାଅ, କିନ୍ତୁ ଯେତେବେଳେ ତୁମ ବାହ୍ୟଚେତନାରେ ତାହା ଅନୂଦିତ ହୋଇ ରୂପ ନିଏ, ସେତେବେଳେ ତୁମର ଶିକ୍ଷା, ବିଶ୍ୱାସ ଓ ମନର ପୂର୍ବଗଠନ ଅନୁଯାୟୀ ତୁମେ ତାହାର ସଂଜ୍ଞା ନିରୂପଣ କର । କେବଳ ଗୋଟିଏ ସତ୍ୟ ରହିଛି, ଗୋଟିଏ ବାସ୍ତବତା ରହିଛି, କିନ୍ତୁ ଯେଉଁ ରୂପ ଭିତର ଦେଇ ଏହାକୁ ପ୍ରକାଶ କରାଯାଏ ତାହା ବହୁଧା ଭିନ୍ନ ହୋଇପାରେ ।

*ପ୍ରଶ୍ନ : 'ଜୋଆନ୍ ଅଫ୍ ଆର୍କ'ଙ୍କ ସୂକ୍ଷ୍ମ ଦର୍ଶନ କେଉଁ ଧରଣର ଥିଲା ?*

**ଶ୍ରୀମା :** 'ଜୋଆନ୍ ଅଫ୍ ଆର୍କ' ସ୍ପଷ୍ଟତଃ ସେହିସବୁ ସତ୍ତାମାନଙ୍କ ସହ ସଂଯୋଗ ରଖିଥିଲେ, ଯେଉଁମାନେ, ଆମେ ଯାହାକୁ ଦେବତାମାନଙ୍କ ଜଗତ୍ ବୋଲି କହୁ (ବା କ୍ୟାଥଲିକ୍‌ମାନେ ଯାହାକୁ ମହାତ୍ମାମାନଙ୍କ ଜଗତ୍ ବୋଲି କୁହନ୍ତି, ଯଦିଓ ଏହା ଠିକ୍ ସେହି ସମାନ ଜଗତ୍ ନୁହେଁ) ତାହାର ଅନ୍ତର୍ଗତ । ସେ ଯେଉଁ ସତ୍ତାମାନଙ୍କୁ ଦେଖୁଥିଲେ ତାଙ୍କୁ ସେ ଆର୍କ ଏଞ୍ଜେଲ୍‌ସ ବୋଲି କହୁଥିଲେ । ଏହି ସତ୍ତାମାନେ ଶ୍ରୀଅରବିନ୍ଦଙ୍କ କଥିତ ଅଧିମାନସ ଜଗତର ଅନ୍ତର୍ଗତ, ଯେଉଁ ଜଗତଟି ଊର୍ଦ୍ଧ୍ୱମାନସ ଓ ଅତିମାନସର ମଧ୍ୟବର୍ତ୍ତୀ ସ୍ତରରେ ଅବସ୍ଥିତ । ଏହି ଜଗତଟି ହେଉଛି ସ୍ରଷ୍ଟାମାନଙ୍କର ଜଗତ୍ ।

ଯେଉଁ ଦୁଇଟି ସତ୍ତା ସର୍ବଦା 'ଜୋଆନ୍ ଅଫ୍ ଆର୍କ'ଙ୍କ ଆଗରେ ଆବିର୍ଭୂତ ହେଉଥିଲେ ଓ ତାଙ୍କ ସହ କଥାବାର୍ତ୍ତା କରୁଥିଲେ, ଯଦି ଜଣେ ଭାରତୀୟ ସେହି ସତ୍ତାଦ୍ୱୟଙ୍କୁ ଦେଖି-ଥାଆନ୍ତେ ତେବେ ତାଙ୍କ ପାଇଁ ସେମାନଙ୍କ ରୂପ ଓ ଆକୃତି ଭିନ୍ନ ପ୍ରକାରର ହୋଇଥାଆନ୍ତା, କାରଣ ସୂକ୍ଷ୍ମଦର୍ଶନ ସମୟରେ ଜଣେ ତା'ର ନିଜ ମନର ରୂପ ଗଠନଟିକୁ ପ୍ରକ୍ଷେପ କରିଥାଏ । ତୁମେ ଯେଉଁ ରୂପ ଦେଖିବା ପାଇଁ ଆଶା କରୁଥାଅ, ତୁମେ ଦେଖୁଥିବା ବିଷୟ ଉପରେ ସେହି ରୂପଟିକୁହିଁ ପ୍ରକ୍ଷେପ କରିଥାଅ । ଯଦି ସେହି ଗୋଟିଏ ସମାନ ସତ୍ତା, ସେହି ଏକ ସମୟରେ ଖ୍ରୀଷ୍ଟିଆନ, ବୌଦ୍ଧ, ହିନ୍ଦୁ ଓ ସିନ୍ତୋବାଦୀମାନେ ଏକତ୍ରିତ ହୋଇଥିବା ଏକ ଦଳ ଆଗରେ ଆବିର୍ଭୂତ ହୁଏ, ତେବେ ସେମାନେ ସେହି ସତ୍ତାକୁ ଭିନ୍ନ ଭିନ୍ନ ନାମରେ ନାମିତ କରିବେ । ସେହି ସତ୍ତାର ରୂପ ଓ ଆକୃତି ସଂପର୍କରେ ପ୍ରତ୍ୟେକେ ଯେଉଁ ବର୍ଣ୍ଣନା କରିବେ, ତା'ର ରୂପ ଏମିତି ବା ତା' ରୂପ ସେମିତି ବୋଲି, ସେଗୁଡ଼ିକ ପରସ୍ପରଠାରୁ ସଂପୂର୍ଣ୍ଣ ଭିନ୍ନ ହେବ, ଅଥଚ ଆବିର୍ଭାବଟି ହୋଇଥିଲା ସେହି ଏକ ଓ ସମାନ ସତ୍ତାର । ତୁମେ ଭାରତରେ ଯେଉଁ ଭଗବତୀ ଦିବ୍ୟଜନନୀଙ୍କ ଦର୍ଶନ ପାଇବ, ଠିକ୍ ତାହାଙ୍କୁହିଁ କ୍ୟାଥଲିକ୍‌ମାନେ କହିବେ ଭର୍ଜିନ୍ ମେରୀ ବୋଲି ଏବଂ ଜାପାନୀମାନେ କହିବେ କରୁଣାର ଦେବୀ କ୍ୱାନନ ବୋଲି, ଏବଂ ଅନ୍ୟମାନେ ତାଙ୍କୁ ଅନ୍ୟ ନାମରେ ଅଭିହିତ କରିବେ ।

ଶକ୍ତି ଓ କ୍ଷମତା ବରାବର ସେହି ଏକହିଁ, କିନ୍ତୁ ଭିନ୍ନ ଭିନ୍ନ ବିଶ୍ୱାସର ଅବଲମ୍ବୀମାନେ ତାହାର ଯେଉଁ ପ୍ରତିକୃତି ବା ରୂପ ଗଠନ କରନ୍ତି ତାହା ଭିନ୍ନ ଭିନ୍ନ ହୋଇଥାଏ ।

(CWM : Vol. 3, pp. 16 -18) ✜

ସାଧନା-ପରମ୍ପରା :

# ଉତ୍କଳୀୟ ବୈଷ୍ଣବଗଣଙ୍କ ଦୃଷ୍ଟିରେ ଶ୍ରୀକୃଷ୍ଣ-ଲୀଳାତତ୍ତ୍ୱ

[ଉତ୍କଳୀୟ ବୈଷ୍ଣବମାନେ ଶ୍ରୀକୃଷ୍ଣଙ୍କ ନିତ୍ୟ ଲୀଳାର ଯେଉଁ ବିଶେଷ ତତ୍ତ୍ୱସବୁକୁ ଅବଲମ୍ବନ କରି ନିଜ ସାଧନାରେ ଅଗ୍ରସର ହୋଇଥିଲେ ତାହାର କିଞ୍ଚିତ୍ ଆଭାସ ମହାମହୋପାଧ୍ୟାୟ ଡକ୍ଟର ଗୋପୀନାଥ କବିରାଜ, ପଦ୍ମବିଭୂଷଣଙ୍କ ରଚିତ 'ଶ୍ରୀକୃଷ୍ଣ ପ୍ରସଙ୍ଗ' ପୁସ୍ତକରୁ ଗୃହୀତ ଓ ଅନୂଦିତ ହୋଇ ପ୍ରଦତ୍ତ ହେଲା । – ସଂପାଦକ]

ଉତ୍କଳୀୟ ବୈଷ୍ଣବଗଣ, ବିଶେଷତଃ ଯେଉଁମାନେ ଚୈତନ୍ୟ ମହାପ୍ରଭୁଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଭାବରାଜ୍ୟରେ ପ୍ରବେଶ କରିଥିଲେ, ଶ୍ରୀକୃଷ୍ଣ ଏବଂ ନିତ୍ୟଲୀଳାତତ୍ତ୍ୱ ସଂପର୍କରେ ନାନା ବିଶ୍ଳେଷଣ କରିଯାଇଛନ୍ତି । ସେମାନଙ୍କର ସିଦ୍ଧାନ୍ତ ଓ ବଙ୍ଗୀୟ ବୈଷ୍ଣବଗଣଙ୍କ ସିଦ୍ଧାନ୍ତ ସର୍ବାଂଶରେ ଅଭିନ୍ନ ନୁହେଁ । ବିଶେଷ ଆଲୋଚନା କରିଲେ ଦେଖାଯିବ ଯେ ତାନ୍ତ୍ରିକ ସାଧନାର ଅନେକ ଗୁହ୍ୟ ରହସ୍ୟ ଉତ୍କଳୀୟ ବୈଷ୍ଣବଗଣଙ୍କ ସିଦ୍ଧାନ୍ତରେ ଆତ୍ମପ୍ରକାଶ କରିଛି ।

ମହାପୁରୁଷ ଯଶୋବନ୍ତ ଦାସ ପ୍ରେମଭକ୍ତିର ଆଲୋଚନା ପ୍ରସଙ୍ଗରେ ଶ୍ରୀକୃଷ୍ଣତତ୍ତ୍ୱ, ରାଧାତତ୍ତ୍ୱ, ଯୁଗଳ ରହସ୍ୟ, ଯୋଗମାୟା ତତ୍ତ୍ୱ ଏବଂ ନିତ୍ୟ ଲୀଳାର ବୈଶିଷ୍ଟ୍ୟ ସୁଚାରୁ ରୂପେ ବର୍ଣ୍ଣନା କରିଛନ୍ତି । ସେ କହନ୍ତି – ସୃଷ୍ଟିର ଆଦିରେ ଏକମାତ୍ର ଭଗବାନହିଁ ଥିଲେ – ସେତେବେଳେ ଚତୁର୍ଦ୍ଦିଗ ଶୂନ୍ୟମୟ ଥିଲା । ବସ୍ତୁତଃ ଶୂନ୍ୟର ଆବିର୍ଭାବ ମହାଶୂନ୍ୟ ରୂପ ଭଗବତ୍ ଜ୍ୟୋତିଃରୁହିଁ ହୋଇଥାଏ । ଏହି ଭାବରେ ଭଗବତ୍ ସତ୍ତା ଚିନ୍ମଣ୍ଡଳ ମଧ୍ୟରେ ବିରାଜମାନ ହୋଇ ରହିଥାଏ । ଭଗବତ୍ ସ୍ୱରୂପ ଅକ୍ଷରର ଅତୀତ ବୋଲି ନିରାକାର ଚିନ୍ମୟ । 'ମୁଁ' ଭାବଟି ଶୂନ୍ୟ ମଧ୍ୟରେ ବୁଦ୍‌ବୁଦ ପରି ଉତ୍ଥିତ ହୁଏ । ସୃଷ୍ଟିର ଇଚ୍ଛା ଉଦିତ ହୋଇଥିବା ପୂର୍ବରୁ ଆତ୍ମା ଯୋଗଯୁକ୍ତ ଅବସ୍ଥାରେ ଆତ୍ମାରାମ ସ୍ୱରୂପରେ ଅବସ୍ଥିତ ଥାଆନ୍ତି । କିନ୍ତୁ ଯେଉଁ ମୁହୂର୍ତ୍ତରେ ସୃଷ୍ଟିର ବାସନା ଫୁଟି ଉଠେ ସେହି ମୁହୂର୍ତ୍ତରେହିଁ ନିର୍ଗୁଣ ଭଗବତ୍ ସତ୍ତାଙ୍କ ମଧ୍ୟରେ ପ୍ରକୃତିର ଆଭିର୍ଭାବ ହୁଏ । ଏହି ପ୍ରକୃତି ପଞ୍ଚକଳା ବିଶିଷ୍ଟ । ସେହି ପଞ୍ଚକଳାର ନାମ – ଊର୍ମି, ଧୂର୍ମୀ, ଜ୍ୟୋତିଃ, ଜ୍ୱାଳା ଓ ବିନ୍ଦୁ । ପ୍ରକୃତି ହେଲା ଚିତ୍ ଓ ଅଚିତ୍‌ର ମିଶ୍ରଣ । କଳା ପାଞ୍ଚଟିର ବର୍ଣ୍ଣ ପୃଥକ୍ ପୃଥକ୍ । ଅର୍ଥାତ୍ ଊର୍ମିକଳାର ବର୍ଣ୍ଣ ଶ୍ୱେତ, ବେଦ ଋକ୍ । ଧୂର୍ମୀ କଳାର ବର୍ଣ୍ଣ ପୀତ, ବେଦ ଯଜୁ । ଜ୍ୟୋତିଃ କଳାର ବର୍ଣ୍ଣ ଲୋହିତ, ବେଦ ସାମ । ଜ୍ୱାଳା କଳାର ବର୍ଣ୍ଣ କୁଙ୍କୁମବତ୍, ବେଦ ଅଥର୍ବ । ବିନ୍ଦୁ କଳାର ବର୍ଣ୍ଣ ଶ୍ୟାମ ଓ ବେଦ ଶିଶୁ । ଏହିମାନେ ପଞ୍ଚମ ବେଦର ମୂଳ ସ୍ୱରୂପ । ଏହି ପାଞ୍ଚ କଳା କାରଣ ସଲିଳରେ ପତିତ ହେଲେ ଯୋଗମାୟାଙ୍କର ଆବିର୍ଭାବ ହୁଏ । ଯୋଗମାୟା ବିଶ୍ୱ ମଧ୍ୟରେ ଭଗବାନଙ୍କ ଲୀଳା ଯୋଜନା କରିଥାଆନ୍ତି । ଏ ହେଉଛନ୍ତି ସୃଷ୍ଟିର ମୂଳ । ଭକ୍ତ ସଂପ୍ରଦାୟ ଏହାଙ୍କୁ ଆଦିଶକ୍ତି ଅର୍ଦ୍ଧମାତ୍ରା ବୋଲି ବର୍ଣ୍ଣନା କରିଥାଆନ୍ତି ।

ଯୋଗମାୟାଙ୍କ ଆବିର୍ଭାବ ପରେ କମଳରୂପୀ କାଳପୁରୁଷଙ୍କ ଉତ୍ପତ୍ତି ହୁଏ । ଏହି କାଳରୂପୀ କମଳଟି କାରଣ ସମୁଦ୍ରରେ ସ୍ଥିର ହୋଇ ରହି ନ ପାରିବା ହେତୁ ଯୋଗମାୟା ଅଥବା ଅର୍ଦ୍ଧମାତ୍ରା ନିଜ ଅଙ୍ଗରୁ ଓଁକାର ଉତ୍ପାଦନ କରନ୍ତି । ଓଁର ଉପରିଭାଗ ଅର୍ଥାତ୍ ନାଦ ଓ ବିନ୍ଦୁ ଅର୍ଦ୍ଧମାତ୍ରା ସହିତ ସଂସୃଷ୍ଟ ଏବଂ ଏହାହିଁ ବ୍ରଜଲୀଳା ନାମରେ ଅଭିହିତ । ଏହି ବ୍ରଜଲୀଳା ଜ୍ୟୋତିର୍ଲିଙ୍ଗ । ଏହି ଜ୍ୟୋତିର୍ଲିଙ୍ଗ ଓ ଅର୍ଦ୍ଧମାତ୍ରା ଯୁକ୍ତ ହୋଇ ସୃଷ୍ଟିର ବିକାଶ କରିଥାଆନ୍ତି । ଏହି ଜ୍ୟୋତିର୍ଲିଙ୍ଗଙ୍କୁହିଁ କେହି କେହି ବିରାଟ ବୋଲି ନିର୍ଦ୍ଦେଶ କରିଥାଆନ୍ତି । ସମୟ ଓ ସ୍ଥଳ ବିଶେଷରେ ଏହି ଅନନ୍ତ ବା ଶେଷଦେବ ବଳଭଦ୍ର ନାମରେ ଅଭିହିତ । ଯୋଗମାୟା ଶକ୍ତି ରୂପରେ ମଧ୍ୟସ୍ଥାନ ଅଧିକାର କରିଥାଆନ୍ତି । ଯୋଗମାୟା ଓ ଜ୍ୟୋତିର୍ଲିଙ୍ଗ ଆଦିପ୍ରକୃତି ଓ ଆଦିପୁରୁଷ ରୂପେ ପରିଣାମ ପ୍ରାପ୍ତ ହୁଅନ୍ତି । ଯୋଗମାୟା ବା ଅର୍ଦ୍ଧମାତ୍ରା ସହିତ ବିନ୍ଦୁର ଯୋଗହିଁ ପ୍ରଣବ ଅଥବା ଓଁକାର । ପୂର୍ବୋକ୍ତ ବିନ୍ଦୁ ବ୍ରହ୍ମସ୍ୱରୂପରେ ଅଣାକାରରେ ଅବସ୍ଥିତ ବୋଲି ବୁଝିବାକୁ ହେବ । ଭଗବାନ୍ ପ୍ରକୃତି ଭିତରେ ସ୍ୱୟଂ ପ୍ରବେଶ କରି କ୍ରମଭେଦ ଅନୁସାରେ ବିଭିନ୍ନ ନାମ ଧାରଣ କରିଥାଆନ୍ତି । ଏକମାତ୍ର ନିଜର ପ୍ରକୃତିହିଁ ପ୍ରକୃତି ପଦବାଚ୍ୟ ଯୋଗମାୟା ଏହାଙ୍କରହିଁ ଶକ୍ତି । ଯେଉଁ ଜ୍ୟୋତିର୍ଲିଙ୍ଗ ଯୋଗମାୟାରେ ରତ ଅଛନ୍ତି ସେ ମଧ୍ୟ ତାହାହିଁ । ବିନ୍ଦୁ ମଧ୍ୟରେ ଅଣକ୍ଷର ବ୍ରହ୍ମ ଅଣାକାର

ରୂପରେ ଅବସ୍ଥିତ ରହିଛନ୍ତି । ସେ ସ୍ୱର୍ଣ୍ଣାକୃତି ବିଶିଷ୍ଟ ଅନନ୍ତ ବିନ୍ଦୁ ଭିତରୁହିଁ ଆବିର୍ଭୂତ ହୁଅନ୍ତି । ଅନନ୍ତଙ୍କୁହିଁ ସୁଷୁମ୍ନା ନାଡ଼ି ବୋଲି ବର୍ଣ୍ଣନା କରାହୁଏ । ଏହି ନାଡ଼ିର ଧ୍ୟାନରୁ ଶିଶୁ ବେଦର ଉପଲବ୍ଧି ହୁଏ । ଅର୍ଥାତ୍ ନିସ୍ତ୍ରୈଗୁଣ ଲୋକରେ ସ୍ଥିତି ଲାଭ ହୁଏ ।

ଉତ୍କଳୀୟ ବୈଷ୍ଣବଗଣ କହନ୍ତି ଯେ ମହାମାୟା ନିଜର ଆବିର୍ଭାବର ରହସ୍ୟ ଜାଣିବାକୁ ଇଚ୍ଛାକରି ଶୂନ୍ୟକୁ ଦୃଷ୍ଟିପାତ କରିବା ମାତ୍ରେ ଦେଖିବାକୁ ପାଇଲେ ଯେ ଜ୍ୟୋତିଃ, ଅଗ୍ନି, ହିମ ଓ ବିନ୍ଦୁ ତା'ପରକୁ ତା'ପର ଭାବରେ ଅବସ୍ଥିତ । ଏହି ସ୍ଥାନରେ ଶୂନ୍ୟ ବ୍ରହ୍ମ ନିଜର ମହିମାରେ ବିରାଜମାନ ଶୂନ୍ୟ ଭିତରୁ ଉର୍ମି, ଧୂର୍ମୀ, ଜ୍ୟୋତିଃ ଓ ଜ୍ୱାଳା ସହିତ ମହାରସ ନିରନ୍ତର ଝରିବାକୁ ଲାଗିଲା । ଏହି ରସ ପାନ କରି ମହାମାୟାଙ୍କର ଗର୍ଭସଞ୍ଚାର ହେଲା । ଦୁଇ ହାତରେ ଦୁଇ ଅଞ୍ଜଳି ପାନ କରିବା ଫଳରେ ବାମ ଭାଗରେ ସ୍ତ୍ରୀ ଓ ଦକ୍ଷିଣ ଭାଗରେ ପୁରୁଷଙ୍କର ଆବିର୍ଭାବ ହେଲା । ଭଗବାନ୍ ସ୍ୱପ୍ରକୃତିର ଶକ୍ତିରୂପିଣୀ ଯୋଗମାୟାରେ ନିଜ କଳା ସହିତ ପ୍ରବେଶ କରି ଜୀବ ଓ ପରମ ନାମକ ଦୁଇଟି ମୂର୍ତ୍ତି ଧାରଣ କଲେ । ଏହି ଦୁଇ ମୂର୍ତ୍ତିର ନାମ ରାଧା ଓ କୃଷ୍ଣ । ଏହି ଯୁଗଳାଙ୍ଗ ଶିଶୁମୂର୍ତ୍ତି ଭୂମିରେ ପତିତ ହୋଇ ପ୍ରାଣଶୂନ୍ୟ ହୋଇଗଲେ । ଯୋଗଯୁକ୍ତ ଅବସ୍ଥାରେ ଅବସ୍ଥାନହିଁ ଏହି ରୂପକର ତାତ୍ପର୍ଯ୍ୟ ବୋଲି ମନେ ହୁଏ । ଏହି ସ୍ଥଳେ ବିଦ୍ୟା ଓ ଅବିଦ୍ୟା ଶକ୍ତିମୟୀ ଏବଂ ଚିତ୍ ଓ ଅଚିତ୍ ଉପାଦାନମୟୀ ରୂପେ ପରିକଳ୍ପନା କରାଯାଇଛି । ଅଚିତ୍ ଭାବର ପ୍ରବଳତା ସମୟରେ ଯୋଗମାୟା ଅବିଦ୍ୟାମୟୀ । ସେତେବେଳେ ସେ ଗର୍ଭ ଉପରେ ଚାପ ଦେବା ଫଳରେ ଗର୍ଭ ଅକାଳରେ ଭୂପତିତ ହୁଏ ଓ ଶିଶୁ ଭିତରୁ ପ୍ରାଣ ବହିର୍ଗତ ହୁଏ । ଏହାହିଁ ଯୋଗଯୁକ୍ତ ଅବସ୍ଥାର ସୂଚନା । ଏହାପରେ ଯୋଗମାୟା ଭଗବାନଙ୍କ ନିକଟରେ ଯୁକ୍ତ ସ୍ୱରୂପରେ ଲୀଳାର ଅଭିଳାଷ ପ୍ରକାଶ କଲେ । ସେତେବେଳେ ଲୀଳାର ଉପଯୋଗୀ ଶକ୍ତି ପିଣ୍ଡରେ ଖେଳିବାକୁ ଲାଗିଲା । ସେହି ସମୟରୁ ସେ ଲୀଳାମୟୀ ହେଲେ । ଜୀବ ଓ ପରମଙ୍କ ମଧ୍ୟରେ ସର୍ବଦା ଚିତ୍‌କୁ ନେଇ ଖେଳା ଚାଲିଛି । ଏହି ଦୁଇ ମୂର୍ତ୍ତି ରାଧା ଓ କୃଷ୍ଣ ରାମ-ନାମ ଧାରଣ କରନ୍ତି । ନିକଟରେ ଷୋଳଟି ଶକ୍ତିର ପ୍ରକାଶ ହୁଏ । ସେହି ସକଳ ଶକ୍ତିର ନାମ ହେଲା – ଶ୍ରୀ, ଭୂ, କୀର୍ତ୍ତି, ଇଳା, ଲୀଳା, କାନ୍ତି, ବିଦ୍ୟା, ବିମଳା, ଉତ୍କର୍ଷିଣୀ, ଜ୍ଞାନା, କ୍ରିୟା, ଯୋଗା, ପ୍ରଭା, ମତ୍ତା, ଈଶାନା ଓ ଅନୁଗ୍ରହା । ହଂସ ଓ ପରମହଂସ ରୂପୀ ଜୀବ ଓ ପରମ ସେଠାରେ ବିରାଜମାନ ଥାଆନ୍ତି । ଯୋଗମାୟା ଆଶ୍ରିତ ହୋଇ ଜୀବ ଓ ପରମ ଅର୍ଥାତ୍ ରାଧା ଓ କୃଷ୍ଣଙ୍କ ନିତ୍ୟଲୀଳା ଚାଲିଛି ।

ବିନ୍ଦୁରୁ ଉତ୍ପନ୍ନ ପରବ୍ରହ୍ମ ଶ୍ରୀକୃଷ୍ଣହିଁ 'ମ'କାର, ଏହା ଶ୍ୟାମବର୍ଣ୍ଣ । 'ରା' ହେଲେ ରାଧା ଅର୍ଥାତ୍ ଜୀବ । ଏହା ଚାରିକଳାରୁ ଉତ୍ପନ୍ନ ଏବଂ ଏହାଙ୍କର ବର୍ଣ୍ଣ ଶ୍ୱେତ । ଉର୍ମି ପ୍ରଭୃତି ଚାରିକଳାରୁ ଜୀବରୂପୀ ରାଧା ଉତ୍ପନ୍ନ ହୁଅନ୍ତି ଏବଂ ବିନ୍ଦୁରୁ ପରବ୍ରହ୍ମରୂପୀ ଶ୍ରୀକୃଷ୍ଣ ଆବିର୍ଭୂତ ହୁଅନ୍ତି । ଜୀବ ଯେଉଁ ସମୟରେ ପରମଙ୍କ ସହିତ ସମାଧିରେ ମଗ୍ନ ଥାଏ ସେତେବେଳେ ତାହା ମରା ଅର୍ଥାତ୍ ଲୀଳାଶୂନ୍ୟ ଅବସ୍ଥାରେ ବିଦ୍ୟମାନ ଥାଏ । ପକ୍ଷାନ୍ତରେ ଯେତେବେଳେ ଉଭୟଙ୍କ ମଧ୍ୟରେ ଲୀଳାର ବାସନା ଜାଗି ଉଠେ ସେତେବେଳେ ତାହା ରାମ-ନାମରେ ଆତ୍ମ ପ୍ରକାଶ କରେ । ଲୀଳାମୟ ଅବସ୍ଥାର ମହତ୍ତ୍ୱ ଉପଲବ୍ଧି କରି ଯେଉଁମାନେ ଆତ୍ମପ୍ରସାଦ ଲାଭ କରନ୍ତି ସେମାନେ ମୁକ୍ତିର ଅଧିକାରୀ । ସେମାନଙ୍କୁ କୌଣସି ପାପ କେବେହେଲେ ସ୍ପର୍ଶ କରେ ନାହିଁ ।... ...

## (୨)

ଉତ୍କଳୀୟ ବୈଷ୍ଣବଗଣଙ୍କର ଲୀଳାଧାମର ବିବରଣ ପୁରୁଷୋତ୍ତମ-ତାପନୀର ବର୍ଣ୍ଣନା ଅନୁରୂପ । ଦିବାକର, ବଳରାମ ପ୍ରଭୃତି ନିଜ ନିଜର ଭାବ କେନ୍ଦ୍ରରୁ ଏହି ମୂଳବର୍ଣ୍ଣନାର ପ୍ରତିଧ୍ୱନି କରିଛନ୍ତି । ତାପନୀ ଶ୍ରୁତିରେ ଅଛି ଯେ ଶୂନ୍ୟ ମଣ୍ଡଳରେ ନିରାଲମ୍ବ ଭାବରେ ବୈକୁଣ୍ଠ ଅବସ୍ଥିତ । ସେଠାରେ ସାଯୁଜ୍ୟ ଅବସ୍ଥାରେ ପଦ୍ମାସନରେ ଭଗବତ୍ ଧ୍ୟାନରେ ନିରତ ଶେଷଦେବ ରହିଛନ୍ତି, ତାଙ୍କର ମସ୍ତକରେ ସହସ୍ର ଫଣା ବିରାଜ କରୁଅଛି । ଏହି ଫଣାର ଉପରେ ବିଷ୍ଣୁଲୋକ ଅଥବା ବୈକୁଣ୍ଠ ସ୍ଥାପିତ । ତାହା ଉପରେ ସୁଦର୍ଶନ ଚକ୍ର ଅତି ଉଜ୍ଜ୍ୱଳ ତେଜଃ ଏବଂ ତୀବ୍ରବେଗ ସହକାରେ ନିରନ୍ତର ଘୂର୍ଣ୍ଣିତ ହେଉଥାଏ । ସୁଦର୍ଶନ ଉପରେ ଶ୍ରୀକୃଷ୍ଣଙ୍କ ମୁଖ୍ୟ ସ୍ଥାନ ଗୋକୁଳ ଶୋଭା ପାଉଅଛି । ଏହାରହିଁ ଅନ୍ୟ ନାମ ମାଥୁର ମଣ୍ଡଳ । ଏହା ଅତି ବିଶାଳ ସ୍ଥାନ । ଏହାର ଚାରିଦିଗ ସୁଧା-ସମୁଦ୍ର ଦ୍ୱାରା ବେଷ୍ଟିତ । ଏଠାରେ ଅଷ୍ଟଦଳ କମଳ ମଧ୍ୟରେ ମଣିପୀଠ ଉପରେ ପରକୁ ପର ୭ଟି ଆବରଣ ରହିଛି ।

ଏହି ଯେଉଁ ନିତ୍ୟଧାମରେ ଜୀବ ଓ ପରମଙ୍କର ଲୀଳା ବିହାର, ଏହାକୁହିଁ ରାମ-ନାମ କୁହାଯାଏ । ପୂର୍ବବର୍ଣ୍ଣିତ ଜୀବ ଓ ପରମ ମାନବ ଦେହକୁ ଆଶ୍ରୟ କରି ଅବସ୍ଥିତ ଅଛନ୍ତି ।

ଏହାର ଗୋଟିଏ ପରାବସ୍ଥା ରହିଛି – ତାହାର ନାମ ଅଣକ୍ଷର । କହିବା ବାହୁଲ୍ୟ, ଏହା ଅକ୍ଷରର ଅତୀତ ହେଲେ ମଧ୍ୟ ନିରାକାର ନୁହେଁ । ସକଳର ଶେଷରେ ନିରାକାର ବା ମହାଶୂନ୍ୟ । ଏହି ସ୍ଥାନରୁ ସୁଧା ବର୍ଷଣ ପରି ନିରନ୍ତର ନାମାମୃତ କ୍ଷରିତ ହେଉଥାଏ । ଏହାହିଁ ଚିରନ୍ତନର ମୂଳସ୍ଥାନ ।

ପ୍ରଥମେ ଭଗବାନଙ୍କ ହୁଙ୍କାର ଭିତରୁ ଓଁକାରର ଉତ୍ପତ୍ତି ହୁଏ । ଅର୍ଥାତ୍ ନିଃଶବ୍ଦରୁ ଶବ୍ଦର ଆବିର୍ଭାବ । ଏହି ଏକାକ୍ଷର ଓଁକାର ଶିଶୁବେଦ ନାମରେ ପ୍ରସିଦ୍ଧ । ଏହା ତ୍ରିବେଦର ମୂଳଭୂତ ଓ ଅନାଦି ଅକ୍ଷର ସ୍ୱରୂପ । ଏହି ସ୍ଥାନରୁ ରା-ମ ଏହି ଦୁଇଟି ଅକ୍ଷରର ଉତ୍ପତ୍ତି । ଏହାର ପରବର୍ତ୍ତୀ ଅବସ୍ଥାରେ ତ୍ରିକୋଣ ପ୍ରକଟିତ ହୁଏ । ତ୍ରିକୋଣ ହେଉଛି ତ୍ରିତତ୍ତ୍ୱ ବା ତତ୍ତ୍ୱତ୍ରୟର ନାମାନ୍ତର । ରାମ ଶବ୍ଦରେ ରାଧା, କୃଷ୍ଣ ଓ ତ୍ରିତତ୍ତ୍ୱ ଶବ୍ଦରେ ଜୀବ ପରମବ୍ରହ୍ମ, ହରେ ରାମ କୃଷ୍ଣ, ପରାରମା କାମ ବୀଜ, ବ୍ରହ୍ମା-ବିଷ୍ଣୁ-ମହେଶ୍ୱର, ଗୁରୁ-ଶିଷ୍ୟ-ଭଗବାନ୍, କୃଷ୍ଣ-ରାଧା-ଚନ୍ଦ୍ରାବଳୀ ଏବଂ ଜଗନ୍ନାଥ-ବଳରାମ-ସୁଭଦ୍ରା ବୋଲି ଜାଣିବାକୁ ହେବ । ଏହି ହରେ-ରାମ-କୃଷ୍ଣ ଛଅ ଅକ୍ଷରରୁ ଅଷ୍ଟକୋଣ ବା ଅଷ୍ଟ ଅକ୍ଷର ଉଦ୍ଭୂତ ହୁଏ । ଏହି ଅଷ୍ଟ ଅକ୍ଷର ଚାରିଟି ତତ୍ତ୍ୱ ବୀଜ ବା ନାମକୁ ବୁଝାଏ । ଏହିଥିରୁହିଁ 'ହରେ ରାମ ହରେ ରାମ ରାମ ରାମ ହରେ ହରେ' ଏହି ଷୋଳ ଅକ୍ଷର ଜାତ ହୁଏ । ସର୍ବଶେଷରେ ଏହି ଷୋଳ ଅକ୍ଷରରୁ 'ହରେ ରାମ ହରେ ରାମ ରାମ ରାମ ହରେ ହରେ' ଏବଂ 'ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ' ଏହି ଷୋଳ ନାମ ୩୨ ଅକ୍ଷର ଉତ୍ପନ୍ନ ହୁଏ ।

ଯଶୋବନ୍ତ କହିଛନ୍ତି ଯେ ପ୍ରେମ ଭକ୍ତି ଭିନ୍ନ ଭଗବତ୍ ପ୍ରାପ୍ତି ଅସମ୍ଭବ । ତାଙ୍କ ମତରେ ଚାରି ପ୍ରକାର ଭକ୍ତି ମଧ୍ୟରେ ପ୍ରେମ-ଭକ୍ତିହିଁ ଶ୍ରେଷ୍ଠ । ନବଧା ଭକ୍ତି ମଧ୍ୟରେ ବି ପ୍ରେମ-ଭକ୍ତିର ସ୍ଥାନ ସର୍ବୋଚ୍ଚ । ପ୍ରେମ-ଷୋଡ଼ଶୀର ମନ୍ତ୍ର ପ୍ରେମ-ଭକ୍ତି ସାଧନାର ଦ୍ୱାର ସ୍ୱରୂପ । ଏହି ପ୍ରେମ-ଷୋଡ଼ଶୀର କଥା ଯଶୋବନ୍ତ ମଧ୍ୟ କହିଛନ୍ତି ଏବଂ ଦିବାକର ଦାସ ମଧ୍ୟ ବିଶେଷ ରୂପେ ବର୍ଣ୍ଣନା କରିଛନ୍ତି । ପ୍ରେମ-ଭକ୍ତିର ଅଧିକାର ଲାଭ କରିବାକୁ ହେଲେ ରାଧା ଭାବରେ ଭଜନ ଏକାନ୍ତ ଆବଶ୍ୟକ ।

ପ୍ରେମ-ଭକ୍ତି ବ୍ରହ୍ମଗୀତାର ଚତୁର୍ଥ ଅଧ୍ୟାୟରେ ରହିଛି ଯେ ନିରାକାର ଶୂନ୍ୟରୂପୀ ଭଗବାନଙ୍କଠାରୁ ଗଗନର ପ୍ରକାଶ । ଗଗନରୁ ଜଳ ଅଥବା କାରଣ ବାରି ଆବିର୍ଭୂତ ହୋଇଥାଏ । ଏହିଥିରୁ ଭଗବାନ୍ ନିଜେ ସୃଷ୍ଟ ହୋଇ ଆଦିମୂଳ ନାମରେ ପ୍ରକଟିତ ହୁଅନ୍ତି । ଗୋଲୋକରେ କାମ ବୀଜ ଅଙ୍ଗରେ ଧାରଣ କରି ଏକାର୍ଣ୍ଣବ ସ୍ଥାନରେ ସେ ଅବସ୍ଥାନ କରନ୍ତି । ଏହି ଭୂମିର ଚାରି ପାର୍ଶ୍ୱରେ ଚାରି ବେଦ ଓ ମଧ୍ୟରେ କାଳିନ୍ଦୀ ହ୍ରଦ । ଗୋଲୋକବାସୀ ଆଦିପୁରୁଷ ଭଗବାନଙ୍କ ଅଙ୍ଗରୁ ପ୍ରକୃତିର ଉଦ୍ଭବ ହୁଏ । ସେତେବେଳେ ଏହି ଦୁଇଟି ଅର୍ଥାତ୍ ଆଦିପୁରୁଷ ଭଗବାନ୍ ଏବଂ ତତ୍ପ୍ରସୂତ ପ୍ରକୃତି ଦୁଇ ଅକ୍ଷରର ବୀଜ ରୂପେ ପରିଣତ ହୁଅନ୍ତି ଏବଂ କୃଷ୍ଣ ଓ ରାଧା ନାମରେ ପ୍ରସିଦ୍ଧି ଲାଭ କରନ୍ତି । ରାମ-ନାମର ଅର୍ଥ ରାଧାକୃଷ୍ଣ । କାମ ବୀଜ ଓ ରଜଃ ଏହି ଦୁଇଟି ମୂଳ । ଏହିମାନେହିଁ ସଂସାରର ମାତାପିତା । ଏହି ଦୁଇଟିର ସମ୍ମେଳନରୁ ବିରାଟର ଆବିର୍ଭାବ ହୁଏ – ଏହାହିଁ ଲଜ୍ଜାବୀଜ । ବିରାଟର ମସ୍ତକରେ ରାଧା-କୃଷ୍ଣ ବିରାଜ କରନ୍ତି । ବିରାଟ ଭିତରୁ ଜୀବ ଉତ୍ପନ୍ନ ହୁଏ, ଯାହାର ନାମ ଚନ୍ଦ୍ରାବଳୀ ଓ ଯାହା କୃଷ୍ଣ ସଙ୍ଗେ ଅବସ୍ଥାନ କରେ । ସେତେବେଳେ କୃଷ୍ଣ, ରାଧା ଓ ଚନ୍ଦ୍ରାବଳୀ ତିନି ରୂପରେ ନୃତ୍ୟ ଚାଲିଥାଏ । ଏଠାରେ ଚନ୍ଦ୍ରାବଳୀ ଗୋଟିଏ ବିଶିଷ୍ଟ ବୀଜର ନାମ । ଚନ୍ଦ୍ରାବଳୀ ପ୍ରେମ ରୂପା ହୋଇ ପ୍ରେମ କାଳିନ୍ଦୀ ନାମରେ ପରିଚିତ ହୁଅନ୍ତି ଓ ତାହାର ଜଳ ଷଟ୍ ଶକ୍ତିରୂପେ ପରକୁ ପର ଛଅଟି ଏକାକ୍ଷରୀ ବୀଜ ରୂପେ ପ୍ରକାଶିତ ହୁଅନ୍ତି ।... ... ।

ପ୍ରଣବ ବ୍ରହ୍ମ ନିରାକାର ରୂପୀ, ତାହା ଅର୍ଦ୍ଧମାତ୍ରାର ଶିରୋଦେଶରେ ଅବସ୍ଥିତ । ଉଭୟହିଁ ଓଁକାରର ବ୍ରହ୍ମରୂପ – ଏହାହିଁ ଶୂନ୍ୟପୁରୀରେ ବିନ୍ଦୁରୂପେ ପ୍ରକାଶିତ ।

ଏହି ସମସ୍ତ ସଂକ୍ଷିପ୍ତ ବର୍ଣ୍ଣନାରୁ ଉତ୍କଳୀୟ ବୈଷ୍ଣବ-ଗଣଙ୍କର ରାଧାକୃଷ୍ଣ ତତ୍ତ୍ୱର ରହସ୍ୟ ସଂପର୍କରେ ଏକ ଧାରଣା ମିଳିପାରେ । ... ଉତ୍କଳୀୟ ବୈଷ୍ଣବଗଣଙ୍କର ପରିଭାଷା ମଧ୍ୟରେ କୌଣସି କୌଣସି ସ୍ଥାନରେ ନାଥ ଯୋଗୀମାନଙ୍କର, କୌଣସି କୌଣସି ସ୍ଥାନରେ ବଜ୍ର ଓ କାଳ ଚକ୍ରଯାନୀ ବୌଦ୍ଧମାନଙ୍କର ଏବଂ କୌଣସି କୌଣସି ସ୍ଥାନରେ ବୌଦ୍ଧ ଓ ବୈଷ୍ଣବ ସହଜ ମାର୍ଗର ସିଦ୍ଧାନ୍ତ ସଙ୍ଗରେ କିଛି କିଛି ସମ୍ବନ୍ଧ ଦେଖିବାକୁ ମିଳେ । ଏଥିରୁ ବୁଝାଯାଏ ଯେ ମଧ୍ୟଯୁଗରେ ବିଭିନ୍ନ ସଂପ୍ରଦାୟର ଉପାସକ ଓ ଯୋଗିଗଣ କୃଷ୍ଣତତ୍ତ୍ୱର ଓ ନିତ୍ୟ ଲୀଳାର ରହସ୍ୟ ଉଦ୍‌ଘାଟନ ପାଇଁ ନିଜ ନିଜର ସାଧନା ଶକ୍ତି ଓ ପ୍ରତିଭା ଦ୍ୱାରା ଯଥାସାଧ୍ୟ ଚେଷ୍ଟା କରିଥିଲେ । ❖

## ସଂପାଦକୀୟ ....

ଶ୍ରୀଅରବିନ୍ଦ ତାଙ୍କର ଜଣେ ଶିଷ୍ୟଙ୍କୁ ଏକ ପତ୍ରରେ ଲେଖିଥିଲେ :

''କାଳର ପ୍ରାରମ୍ଭରୁ ଭାରତ ପରି ଇଉରୋପ ଓ ଆଫ୍ରିକାର ଗୂଢ଼ ବିଦ୍ୟାବିତ୍‌ମାନଙ୍କୁ ଏହା ଜଣାଥିଲା ଯେ ଯେଉଁଠି ଯୋଗ ବା ଯଜ୍ଞର ଅନୁଷ୍ଠାନ ହୁଏ ସେଠାରେ ତାହାକୁ ଯେକୌଣସି ଉପାୟରେ ନଷ୍ଟ କରିବାକୁ ବିରୋଧୀ ଶକ୍ତିମାନେ ଏକତ୍ରିତ ହୁଅନ୍ତି । ଏହା ମଧ୍ୟ ଜଣା ଯେ ଗୋଟିଏ ନିମ୍ନ ପ୍ରକୃତି ରହିଛି ଏବଂ ଏକ ଉଚ୍ଚତର ଆଧ୍ୟାତ୍ମିକ ପ୍ରକୃତି ରହିଛି ଏବଂ ଏହି ଦୁଇଟି ପ୍ରକୃତି ଚେତନାକୁ ଭିନ୍ନ ଭିନ୍ନ ଦିଗରେ ଟାଣନ୍ତି । ପ୍ରଥମ ଅବସ୍ଥାରେ ନିମ୍ନ ପ୍ରକୃତିର ଟାଣ ଖୁବ୍ ଶକ୍ତିଶାଳୀ ହୋଇଥାଏ ଏବଂ ପରବର୍ତ୍ତୀ ଅବସ୍ଥାରେ ଉଚ୍ଚତର ପ୍ରକୃତିହିଁ ଅଧିକ ଶକ୍ତିଶାଳୀ ହୁଏ । ଏହା ଜଣା ଯେ ବିରୋଧୀ ଶକ୍ତିମାନେ ନିମ୍ନ ପ୍ରକୃତିର ଗତିବୃତ୍ତିର ସୁଯୋଗ ନିଅନ୍ତି ଏବଂ ତାହାରି ମାଧ୍ୟମରେ ସମସ୍ତ ସିଦ୍ଧିକୁ ଭ୍ରଷ୍ଟ ଓ ନାରଖାର କରି ଦିଅନ୍ତି ବା ନାନା ବ୍ୟାଘାତ ସୃଷ୍ଟି କରି ତାହାକୁ ପୂରାପୂରି ଲୋପ କରି ଦିଅନ୍ତି, ତାହାର ପରିଣତିକୁ ଖର୍ବ ଓ ବିଡ଼ମ୍ବିତ କରନ୍ତି । ବହୁ ପୁରାତନ କାଳରୁ ମଧ୍ୟ ଉପନିଷଦ୍‌ରେ କୁହାଯାଇଛି ଯେ 'ଏହି ପଥ ଦୁର୍ଗମ, କ୍ଷୁରଧାର ପରି ତୀକ୍ଷ୍ଣ ।' ପରେ ଖ୍ରୀଷ୍ଟ ମଧ୍ୟ କହିଥିଲେ ଯେ 'ସ୍ୱର୍ଗ ରାଜ୍ୟକୁ ପ୍ରବେଶ କରିବାର ପଥ ଅତି କଠିନ ଓ ଦ୍ୱାର ଅତି ସଂକୀର୍ଣ୍ଣ । ଏହିସବୁ ବାଧାବିଘ୍ନ କଥା ଦର୍ଶାଇ କୁହାଯାଇଛି ଯେ ଅନେକଙ୍କୁ ଡକା ଯାଇଥାଏ କିନ୍ତୁ ବଛା ହୋଇଥିବା ଲୋକଙ୍କ ସଂଖ୍ୟା ଅତି ନଗଣ୍ୟ ।'

''କିନ୍ତୁ ସବୁ ସମୟରେ ଏହା ମଧ୍ୟ ବେଶ୍ ଜଣା ଯେ ଯେଉଁମାନଙ୍କ ହୃଦୟରେ ଆନ୍ତରିକତା ଓ ବିଶ୍ୱସ୍ତତା ରହିଛି, ଯଦି ସେମାନେ ସେହିପରି ଆନ୍ତରିକ ଓ ବିଶ୍ୱସ୍ତ ହୋଇ ରହନ୍ତି ଏବଂ ଯେଉଁମାନେ ଭଗବାନଙ୍କ ସଂକଳ୍ପ ଉପରେ ପୂରା ନିର୍ଭର କରି, ବିଶ୍ୱାସ ରଖି ରୁହନ୍ତି, ସେମାନେ ସମସ୍ତ ପ୍ରକାର ବାଧାବିଘ୍ନ, ଇତସ୍ତତଃ ଝୁଣ୍ଟିବା ବା ସାମୟିକ ପତନ ସତ୍ତ୍ୱେ ମଧ୍ୟ ଶେଷରେ ନିଶ୍ଚୟ ଲକ୍ଷ୍ୟରେ ପହଞ୍ଚିବେ ।''

ତାହା ବ୍ୟକ୍ତି ଚେତନାରେ ହେଉ ବା ସାମୂହିକ ଚେତନାରେ ହେଉ ଯେଉଁଠି ଚେତନାର ଉତ୍ତରଣ ଓ ଅଭ୍ୟୁତ୍ଥାନ ପାଇଁ ସଂକଳ୍ପବଦ୍ଧ ଭାବରେ ଉଦ୍ୟମ ହେଉଥାଏ ତାହାକୁ ନିଶ୍ଚୟ ଏକ ଯଜ୍ଞ ବୋଲି କୁହାଯିବ । ତହିଁରେ ବିଘ୍ନ ଘଟାଇବାକୁ ବିରୋଧୀ ଆସୁରୀ ଶକ୍ତିମାନେ ଆଗେଇ ଆସନ୍ତି ଓ ମନୁଷ୍ୟର ନିମ୍ନପ୍ରକୃତି ଓ ତମୋଗୁଣକୁ ସେମାନଙ୍କର ଯନ୍ତ୍ର ରୂପେ ବ୍ୟବହାର କରନ୍ତି । ଆମର ପୁରାଣଗୁଡ଼ିକରେ ମୁନିଋଷିମାନଙ୍କ ଯଜ୍ଞ ନଷ୍ଟ କରିବା ପାଇଁ ଅସୁରମାନେ କିପରି ଉପଦ୍ରବ କରନ୍ତି ଓ ନାନା ମାୟା ପ୍ରଲୋଭନ ଦେଖାଇ କିପରି ସାଧକମାନଙ୍କ ନିମ୍ନ ପ୍ରକୃତିକୁ ଆକର୍ଷଣ କରି ସେମାନଙ୍କ ତପସ୍ୟା ଭଙ୍ଗ କରାନ୍ତି ତାହାର ଅଜସ୍ର କାହାଣୀର ବର୍ଣ୍ଣନା ଦେଖୁ । ହିନ୍ଦୁ, ବୌଦ୍ଧ, ଖ୍ରୀଷ୍ଟ, ଇହୁଦୀ, ଇସଲାମ ଆଦି ସମସ୍ତ ଧର୍ମ ଗ୍ରନ୍ଥରେ ସତ୍ୟର ଶକ୍ତି ଓ ମିଥ୍ୟାର ଶକ୍ତି ଭିତରେ ଅବିରାମ ସଂଘର୍ଷର ନାନା ଆଖ୍ୟାୟିକା ପଢ଼ିବାକୁ ପାଉ । ବିଶେଷ କରି କ୍ରମଶଃ ଅଚଳନ୍ତି ହୋଇ ଆସୁଥିବା ପୁରାତନ ଆଚାର ଓ ମୂଲ୍ୟବୋଧ ସ୍ଥାନରେ ଏକ ନୂତନ ସତ୍ୟ ଯେତେବେଳେ ନିଜକୁ ପ୍ରତିଷ୍ଠିତ କରିବାକୁ ଯାଉଥାଏ, ସେତେବେଳେ ଏହି ସଂଘର୍ଷ ଏକ ଚୂଡ଼ାନ୍ତ ଓ ନିଷ୍ପତ୍ତିମୂଳକ ପର୍ଯ୍ୟାୟରେ ପହଞ୍ଚେ ଏବଂ ମାନବ ଚେତନା ହୋଇଉଠେ ସତ୍ୟ ଏବଂ ମିଥ୍ୟା ଏହି ଦୁଇ ଶକ୍ତି ଭିତରେ ସଂଘର୍ଷ ଓ ପ୍ରତିଦ୍ୱନ୍ଦ୍ୱିତାର ଏକ କ୍ଷୁବ୍ଧକ୍ଷେତ୍ର । ପୌରାଣିକ ଭାଷାରେ ଏହାକୁ ଦେବତା ଓ ଅସୁରମାନଙ୍କ ଭିତରେ ସଂଘର୍ଷ ବୋଲି କୁହାଯାଉ ବା ଆଧ୍ୟାତ୍ମିକ ଭାଷାରେ ଆଲୋକ ଓ ଅନ୍ଧକାର ଭିତରେ ସଂଘର୍ଷ ବା ଆଧୁନିକ ଭାଷାରେ ପ୍ରଗତି ଓ ପ୍ରତିକ୍ରିୟା ଭିତରେ ବା ବିପ୍ଳବ ଓ ପ୍ରତିବିପ୍ଳବ ଭିତରେ ସଂଘର୍ଷ ବୋଲି କୁହାଯାଉ, କିନ୍ତୁ ପ୍ରକୃତରେ ଜିନିଷଟି ସେହି ଏକା ସମାନ ଜିନିଷ । ଯେତେବେଳେ କୌଣସି ନୂତନ ସତ୍ୟ, ସମ୍ପୂର୍ଣ୍ଣ ନୂଆ ନୂଆ ସମ୍ଭାବନା ଓ ପ୍ରତିଶ୍ରୁତି ନେଇ ନିଜର ଆବିର୍ଭାବ ଓ ଆଗମନୀକୁ ସାବ୍ୟସ୍ତ କରେ ତାହାକୁ ପ୍ରତିରୋଧ ଓ ପ୍ରତିହତ କରିବାକୁ ବିରୋଧୀ ଶକ୍ତିମାନେ ସକ୍ରିୟ ହୋଇ ଉଠନ୍ତି । ସିଧାସଳଖ ପ୍ରତ୍ୟକ୍ଷ ଆକ୍ରମଣ ସାଙ୍ଗକୁ ନାନା ଛଦ୍ମବେଶ ପିନ୍ଧି ଚକ୍ରାନ୍ତର ନାନା ମାୟାଜାଲ ବିସ୍ତାର କରନ୍ତି । ମଣିଷର ଚେତନାକୁ ନିଜର ଆୟତ୍ତାଧୀନ ଓ କବଳିତ କରିବାକୁ ସଚେଷ୍ଟ ହୁଅନ୍ତି । ଆଜି ବ୍ୟକ୍ତି, ପରିବାର, ଦେଶ ଓ ସାରା ପୃଥିବୀରେ ଯେଉଁସବୁ ବିଭ୍ରାଟ, ବିଶୃଙ୍ଖଳା, ବିକୃତି ଓ ଅଘଟଣ ଘଟୁଛି ସେସବୁର ପଛରେ ଏହାହିଁ କାମ କରୁଛି ।

ଅବଶ୍ୟ ଏହା ନିଃସନ୍ଦେହ ଯେ ଶେଷରେ ସତ୍ୟ ଶକ୍ତିର ବିଜୟ ଅବଧାରିତ ଓ ଅନିବାର୍ଯ୍ୟ । ବରଂ କୁହାଯାଇପାରେ ଅତିମାନସ ସତ୍ୟ ଚେତନାର ଅବତରଣ ପରେ ସୂକ୍ଷ୍ମସ୍ତରରେ

ସେହି ବିଜୟ ସମ୍ପନ୍ନ ହୋଇ ସାରିଛି । କିନ୍ତୁ ସ୍ଥୂଳ, ଜାଗତିକ କ୍ଷେତ୍ରରେ ତାହା ବାସ୍ତବ ରୂପ ନେଇ ପ୍ରକଟିତ ହେବା ପାଇଁ, ନିଜ ପ୍ରକାଶର କ୍ଷେତ୍ର ରୂପେ ତାହା ମାନବ ଚେତନାକୁହିଁ ବ୍ୟବହାର କରୁଛି । ତେଣୁ ବ୍ୟାପକ ଭାବରେ ନିମ୍ନତର ପ୍ରାଣଶକ୍ତିସବୁ ଉଠି ଆସନ୍ତି ବିରୋଧୀ ଆସୁରୀ ଶକ୍ତିର ପ୍ରରୋଚନାରେ । ତେଣୁ ଏହି ଅବସ୍ଥାରେ ଊର୍ଦ୍ଧ୍ୱର ସତ୍ୟଶକ୍ତିର ପକ୍ଷ ସମର୍ଥନ ପାଇଁ, ତାହାର ପ୍ରକାଶର ଯନ୍ତ୍ର ହେବା ପାଇଁ, ତାହା ସହ ଏକାତ୍ମ ହେବା ପାଇଁ ଆମ ଭିତରେ ଜ୍ୱଳନ୍ତ ଅଭୀପ୍ସା, ନିଷ୍ଠା ଓ ସଂକଳ୍ପ ରହିବା ପ୍ରୟୋଜନ ।

ମନେ ରଖିବାକୁ ହେବ ଯେ ସାରା ପୃଥିବୀର କୋଟି କୋଟି ଲୋକ ନିଜର ଭୋଗସ୍ପୃହା ଓ କାମନା ବାସନା ପୂରଣର ଅଜ୍ଞାନତାରେ ବୁଡ଼ି ରହିଥିବା ବେଳେ ଓ ସେମାନଙ୍କ ଭିତରୁ ଅଳ୍ପ ସଂଖ୍ୟକ ଲୋକ ସେହି ଚିରାଚରିତ ନୈତିକତା, ଧର୍ମ ଓ ମାନସିକ ଆଦର୍ଶ ଭିତରେ ଉଦ୍ଧାରର ବାଟ ଖୋଜୁଥିବା ବେଳେ, ଆହୁରି କମ୍ ସଂଖ୍ୟକ ଲୋକ ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କ ପ୍ରଦର୍ଶିତ ନୂତନ ଆଧ୍ୟାତ୍ମିକ ସତ୍ୟ ଓ ତା'ର ସାଧନ ମାର୍ଗ କଥା ଶୁଣିବାକୁ ପାଇଛନ୍ତି ଓ ତା'ଠାରୁ ଆହୁରି କମ୍ ମୁଷ୍ଟିମେୟ ଲୋକ ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କୁ ନିଜର ଇଷ୍ଟ ଓ ଗୁରୁ ରୂପେ ଗ୍ରହଣ କରି ସେହି ନୂତନ ମାର୍ଗରେ ଚାଲିବାର ସଂକଳ୍ପ ନେଇଛନ୍ତି । ସେଇମାନେହିଁ ପାଇଛନ୍ତି ନୂତନ ସତ୍ୟରେ ଦୀକ୍ଷାଲାଭର ଆହ୍ୱାନ, ନିଜର ଯୋଗ୍ୟତା ଯୋଗୁଁ ନୁହେଁ, ଭଗବତ୍ କୃପା ଯୋଗୁଁହିଁ । ସେମାନେ ସଚେତ ହେବା ଉଚିତ ଯେ ସେମାନଙ୍କ ଚେତନାରେ ନୂତନ ସତ୍ୟର ଆବାହନ ଓ ପ୍ରକାଶ ପାଇଁ ଏକ ଯଜ୍ଞ ଅନୁଷ୍ଠିତ ହେଉଛି ଓ ସେହି ଯଜ୍ଞକୁ ନଷ୍ଟଭ୍ରଷ୍ଟ କରିବା ପାଇଁ ସମସ୍ତ ଆସୁରିକ ବିରୋଧୀ ଶକ୍ତି ଅଧିକ ତତ୍ପର ହୋଇ ଉଠିବେ । ତେଣୁ ବିରୋଧୀ ଶକ୍ତି ଓ ନିମ୍ନପ୍ରକୃତିର ଆକ୍ରମଣରୁ ସେହି ଯଜ୍ଞକୁ ସୁରକ୍ଷିତ ରଖିବାକୁ ହେଲେ ସେମାନଙ୍କ ଆଗରେ ଏକମାତ୍ର ବାଟ ହେଉଛି ନୂତନ ସତ୍ୟର ପ୍ରତିଷ୍ଠା ପାଇଁ କ୍ରିୟାଶୀଳ ଭଗବତୀ ଶକ୍ତି ସହ ନିଜ ଚେତନାର ସଂଯୋଗକୁ ସବୁମନ୍ତେ ବଜାୟ ରଖିବାକୁ ଯତ୍ନ କରିବା ।

ଏହି ସଂଯୋଗସୂତ୍ର କୌଣସି ବାହାର ଜିନିଷ ନୁହେଁ, କୌଣସି ବାହ୍ୟ ପ୍ରତିଷ୍ଠାନ କିମ୍ବା ଅନୁଷ୍ଠାନରେ ନାମ ଲେଖାଇ ତାଲିକାଭୁକ୍ତ ହୋଇଗଲେ ବା କୌଣସି ନିର୍ଦ୍ଦିଷ୍ଟ ଆଚାର ପଦ୍ଧତିର କୃତ୍ରିମ ଅନୁକରଣ କରିଲେ ଏହି ସଂଯୋଗସୂତ୍ର ସ୍ଥାପିତ ହୁଏ ନାହିଁ । ଭିତରେ, ଅନ୍ତଃଶ୍ଚେତନାର ଅଭୀପ୍ସା, ଆନ୍ତରିକତା ଓ ବିଶ୍ୱସ୍ତତା ଦ୍ୱାରାହିଁ ଏହା ସୁରକ୍ଷିତ ହୋଇ କ୍ରମଶଃ ବୃଦ୍ଧିପାଏ । ତେଣୁ ସାମୂହିକ କ୍ଷେତ୍ରରେ ହେଉ ବା ବ୍ୟକ୍ତିଗତ ସାଧନାର କ୍ଷେତ୍ରରେ ହେଉ ଯେଉଁମାନେ ଶ୍ରୀଅରବିନ୍ଦଙ୍କ ପ୍ରବର୍ତ୍ତିତ ନୂତନ ସତ୍ୟର ବିଜୟ ପାଇଁ କାମ କରୁଛନ୍ତି ସେମାନଙ୍କୁ ଦୁଇଟି ବିଷୟରେ ସଜାଗ ଓ ସତର୍କ ରହିବାକୁ ହେବ : ଗୋଟିଏ ହେଉଛି ମା'ଙ୍କ ଦିବ୍ୟ-ଉପସ୍ଥିତି ଓ ତା'ର ଶକ୍ତି ଏବଂ ଆଲୋକ ସହିତ ନିଜର ସଂଯୋଗକୁ ଦୃଢ଼ କରିବା ଏବଂ ସେହି ସଂଯୋଗସୂତ୍ରକୁ ଛିନ୍ନ କରିବା ପାଇଁ ବିରୋଧୀ ଶକ୍ତିର ସମସ୍ତ ଚକ୍ରାନ୍ତ ଓ କୌଶଳକୁ ଚିହ୍ନିପାରି ତାହାକୁ ପଣ୍ଡ କରିବା ।

ସାମୂହିକ କ୍ଷେତ୍ରରେ ଶ୍ରୀଅରବିନ୍ଦଙ୍କ ଶିକ୍ଷା, ଆଦର୍ଶ ଓ ଭାବଧାରା ଉପରେ ଗଠିତ ଯେଉଁସବୁ ଅନୁଷ୍ଠାନ ଓ ପ୍ରତିଷ୍ଠାନ ରହିଛି, ତାହାର କର୍ମୀମାନଙ୍କୁ ନିଜ ନିଜ ଭିତରେ ଗଭୀର ସହଯୋଗ, ସଦ୍‌ଭାବ, ଐକ୍ୟ ଓ ସୁସଂଗତି ରଖି କାମ କରିବା ଦ୍ୱାରାହିଁ ଅନୁଷ୍ଠାନଟିର ନାନା କର୍ମକୁ ଐକ୍ୟବଦ୍ଧ ଭାବରେ ମା'ଙ୍କୁ ସମର୍ପଣ କରିହେବ ଓ ମା'ଙ୍କ ଶକ୍ତି ସହ ସଂଯୋଗ ରଖି ଆବଶ୍ୟକ ପ୍ରେରଣା ଓ ଶକ୍ତି ଲାଭ କରିହେବ କର୍ମଟିର ସାମୂହିକ ସାଫଲ୍ୟ ପାଇଁ । ସାମୂହିକ କାର୍ଯ୍ୟର କ୍ଷେତ୍ରରେ ବିରୋଧୀ ଶକ୍ତିର ପ୍ରଧାନ କୌଶଳ ହେଉଛି ନାନା ଆଳରେ ନାନା ମତଭେଦ, କଳହ ଓ ପାରସ୍ପରିକ ବିବାଦ ସୃଷ୍ଟି କରିବା ଏବଂ କର୍ମୀମାନଙ୍କର ଅହଂହିଁ ଏଥିପାଇଁ ବିରୋଧୀ ଶକ୍ତି ହାତରେ ଏକ ପ୍ରଧାନ ଯନ୍ତ୍ର ହୋଇଥାଏ ଓ ଅହଂର ଶିକାର ହୋଇଥିବା ପ୍ରତ୍ୟେକ କର୍ମୀ ଭାବେ ଯେ ସେ ନିଜେ ଠିକ୍ ଆଉ ଅନ୍ୟମାନେ ଭୁଲ୍ । ତେଣୁ ସଂପୂର୍ଣ୍ଣ ସଦ୍‌ଭାବ ଓ ସହଯୋଗର ବାତାବରଣହିଁ; କୌଣସି ଅନୁଷ୍ଠାନ ମା'ଙ୍କ ଶକ୍ତି ପ୍ରତି କେତେ ସମର୍ପିତ ତାହାର ମାପକାଠି । ଏହାର ବିପରୀତ ଅବସ୍ଥା ଦେଖାଦେଲେ ବୁଝିବାକୁ ହେବ ସେହି ଅନୁଷ୍ଠାନରେ ବିରୋଧୀ ଶକ୍ତିହିଁ କ୍ରମଶଃ ନିଜର ଆସ୍ଥାନ ଜମାଉଛି ।

ବ୍ୟକ୍ତିଗତ ସାଧନାର କ୍ଷେତ୍ରରେ ଯେଉଁ କଥାଟି ଉପରେ ସର୍ବପ୍ରଧାନ ଗୁରୁତ୍ୱ ଦେବା କଥା, ତା'ହେଉଛି ଲାଗି ରହିବା । ମା'ଙ୍କର ଆଲୋକ ଓ ଶକ୍ତି ପ୍ରତି ନିଜକୁ ଖୋଲି ଧରିବାର ଅଭୀପ୍ସାରେ ଲାଗି ରହିବା ଦ୍ୱାରାହିଁ ଦିବ୍ୟସତ୍ୟ ସହ ସଂଯୋଗର ସୂତ୍ର ଦୃଢ଼ ହୋଇଥାଏ, ଭିତରେ ମା'ଙ୍କ ଦିବ୍ୟ ଉପସ୍ଥିତି ଅଧିକରୁ ଅଧିକ ଜୀବନ୍ତ ଓ ପ୍ରତ୍ୟକ୍ଷ ହୋଇଥାଏ । ଏହି ସଂଯୋଗସୂତ୍ରକୁ ଛିନ୍ନ କରିବା ପାଇଁ ବିରୋଧୀ ଶକ୍ତିର ପ୍ରଧାନ କୌଶଳ ହେଉଛି ସାଧକ ଭିତରେ ଏକ ପ୍ରକାର ପରାଜୟ, ବିଫଳତାର ଭାବ

ଆଣିଦେବା, ଅବସାଦ ଓ ହତୋତ୍ସାହର ଭାବ ଆଣିଦେବା । ଲକ୍ଷ୍ୟରେ ପହଞ୍ଚିବା ପାଇଁ ସାଧକ ଭିତରେ ନିଜ ସାମର୍ଥ୍ୟ ଉପରେ ଏକ ସନ୍ଦେହ ଓ ଅବିଶ୍ୱାସର ଭାବ ଆଣିଦେବା ହେଉଛି ବିରୋଧୀ ଶକ୍ତିର ଏକ ଅତି ଜଣାଶୁଣା କୌଶଳ । ତେଣୁ ନିଜର ସାମର୍ଥ୍ୟ ଉପରେ ନୁହେଁ, ଆମକୁ ଲକ୍ଷ୍ୟରେ ପହଞ୍ଚାଇବା ପାଇଁ ମା'ଙ୍କର ସାମର୍ଥ୍ୟ ଉପରେ ଏକ ଅଖଣ୍ଡ ବିଶ୍ୱାସ ଓ ନିର୍ଭରତା ରଖି ଲକ୍ଷ୍ୟ ପଛରେ ଲାଗି ରହିବାହିଁ ଆମ ଆଗରେ ଏକମାତ୍ର ପଥ । ତାହାରି ଦ୍ୱାରାହିଁ ବିରୋଧୀ ଶକ୍ତି ଓ ନିମ୍ନ ପ୍ରକୃତିର ସମସ୍ତ ଆକ୍ରମଣକୁ ପ୍ରତିହତ କରାଯାଇପାରେ ।

ତେବେ ନିଃସନ୍ଦେହ ଭାବରେ ଏହି ପଥ ଦୀର୍ଘ ଏବଂ ଦୁର୍ଗମ । ପଥ ମଧ୍ୟରେ ନାନା ବାଧାବିଘ୍ନ, ଗଡ଼ାଣି ଉଠାଣି, ଜୁଆର ଭଟ୍ଟା ଓ ଆଲୋକ ଅନ୍ଧକାରର ପୁନରାବର୍ତ୍ତନ ରହିଛି । ତହିଁ ସଙ୍ଗେ ସଙ୍ଗେ ମଧ୍ୟ ରହିଛି ଭଗବତୀ ଶକ୍ତି ଦିବ୍ୟ ଜନନୀଙ୍କ ସୁରକ୍ଷା ଓ ସହାୟତା । ସେହି ସହାୟତା ପ୍ରତି, ସେହି ଆଲୋକ ପ୍ରତି ଆମ ସତ୍ତାର ସମସ୍ତ ଅଂଶକୁ ଖୋଲି ଦେବାହିଁ ସାଫଲ୍ୟର ଚାବିକାଠି । ନିମ୍ନ ପ୍ରକୃତିର ବାରଂବାର ଆକ୍ରମଣରେ ବିଚଳିତ ଜଣେ ସାଧକଙ୍କ ମନରେ ପ୍ରଶ୍ନ ଉଠିଥିଲା ସେ ଆଦୌ ସାଧନା ଆରମ୍ଭ କରିଛନ୍ତି କି ନାହିଁ । ତା'ର ଉତ୍ତରରେ ଶ୍ରୀଅରବିନ୍ଦ ଯାହା କହିଥିଲେ ତାହାର ତାତ୍ପର୍ଯ୍ୟ ଆମେ ହୃଦୟଙ୍ଗମ କରିବା ଆବଶ୍ୟକ ।

*''...You have not only made a beginning but good progress. Only there is still this process of alternative conditions bright and dark, the upward and downward movement. It is probably due to the lower parts of the physical consciousness not being quite open to the Light and, as they go on opening, the preiods of confusion and obscurity will diminish and cease.''*

''ତୁମେ କେବଳ ଯେ ସାଧନା ଆରମ୍ଭ କରିଛ ଖାଲି ସେତିକି ନୁହେଁ, ଉତ୍ତମ ଅଗ୍ରଗତି ମଧ୍ୟ କରିଛ । ତେବେ କେତେବେଳେ ଆଲୋକ ଓ ପୁଣି କେତେବେଳେ ଅନ୍ଧକାର, କେତେବେଳେ ଊର୍ଦ୍ଧ୍ୱ ଆଡ଼କୁ ଓ ପୁଣି କେତେବେଳେ ନିମ୍ନ ଆଡ଼କୁ ଏହିସବୁ ଗତିବୃତ୍ତିର ଅଦଳବଦଳ ପ୍ରକ୍ରିୟା ତଥାପି ଲାଗି ରହିଛି । ବୋଧହୁଏ ଦୈହିକ ଚେତନାର ନିମ୍ନତର ଅଂଶଗୁଡ଼ିକ ଦିବ୍ୟ-ଆଲୋକ ପ୍ରତି ସେତେଟା ଉନ୍ମୋଚିତ ହୋଇ ନ ଥିବାରୁ ଏପରି ହେଉଛି । ଆଲୋକ ପ୍ରତି ସେଗୁଡ଼ିକ ଯେତେ ଯେତେ ଉନ୍ମୋଚିତ ହେଉଥିବ, ଏହିସବୁ ବିଭ୍ରାନ୍ତି ଓ ଅଜ୍ଞାନତାର ସମୟ ସେତିକି କମି ଆସିବ ଏବଂ ଶେଷରେ ପୂରାପୂରି ଲୋପ ପାଇଯିବ ।'' ❖

## ବିଶେଷ ସୂଚନା


ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି,
ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:
**donations.sriaurobindoashram.org**
Donations to Sri Aurobindo Ashram Trust
ସହାୟତାରେ ପ୍ରଣାମୀ ଦାଖଲ କରିପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।
ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା
**Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର
PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।
ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ
ଫୋନ୍ (୦୪୧୩ -୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

— ନବଜ୍ୟୋତି କାର୍ଯ୍ୟାଳୟ



ବରୋଦାରେ ଶ୍ରୀଅରବିନ୍ଦ, ୧୮୯୪

ଶ୍ରୀଅରବିନ୍ଦଙ୍କ ବରୋଦା ଜୀବନର ସଂକ୍ଷିପ୍ତ ବିବରଣୀ ସହ ସେହି ସମୟସୀମା ଭିତରେ ତାଙ୍କର ଶ୍ରୀପାଦ ସ୍ପର୍ଶ କରିଥିବା ବିଭିନ୍ନ ସ୍ଥାନ ଓ ନିକଟ ସାନ୍ନିଧ ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କର ଫଟୋଚିତ୍ରର ଏକ ସମାହାର ।
(ପ୍ରଥମ ପର୍ବ)



ଆପୋଲୋ ବନ୍ଦରର 'ଇଣ୍ଡିଆ ଗେଟ୍'ରୁ କାର୍ଥେଜ୍ ଜାହାଜର ଦୃଶ୍ୟ


ଶ୍ରୀଅରବିନ୍ଦ ଦୀର୍ଘ ଚଉଦ ବର୍ଷ ବିଦେଶରେ ରହିବା ପରେ କାର୍ଥେଜ୍ ଜାହାଜରେ ୧୮୯୩ ମସିହା ଫେବ୍ରୁଆରୀ ୬ ତାରିଖ, ସୋମବାର ଅପରାହ୍ଣ ପ୍ରାୟ ୪ଟା ୩୦ ମିନିଟରେ (ଭାରତୀୟ ସମୟ) ଆପୋଲୋ ବନ୍ଦରରେ ପହଞ୍ଚି ଥିଲେ ।

ଶ୍ରୀଅରବିନ୍ଦଙ୍କ ଉକ୍ତିରେ : ''... ବମ୍ବେର ଆପୋଲୋ ବନ୍ଦରରେ ଓହ୍ଲାଇ ଭାରତ ଭୂମିରେ ପାଦ ଦେବାଠାରୁହିଁ ମୋର ଆଧ୍ୟାତ୍ମିକ ଅନୁଭୂତି ଆରମ୍ଭ ହେବାକୁ ଲାଗିଲା । କିନ୍ତୁ ଏହିସବୁ ଅନୁଭୂତି ଭୌତିକ ଜଗତର ବହିର୍ଭୂତ ନଥିଲା, ଅଥଚ ସେସବୁର ଏହି ପାର୍ଥିବ ଜଗତ୍ ଉପରେ ପ୍ରଭୂତ ମାତ୍ରାରେ ଆନ୍ତର ଓ ଅସୀମ ପ୍ରଭାବ ରହିଥିଲା । — ଉଦାହରଣସ୍ୱରୂପ,



'ଇଣ୍ଡିଆ ଗେଟ୍' : ଆପୋଲୋ ବନ୍ଦର ପାଭିଲିଆନ୍ (ଜାହାଜରେ ଯାତ୍ରୀମାନଙ୍କ ନିମିତ୍ତ ନିର୍ମିତ ପଟ୍ଟମଣ୍ଡପ)

ଭୌତିକ ଜଗତର ସ୍ଥାନ-କାଳ-ପାତ୍ରକୁ ସମ୍ପୂର୍ଣ୍ଣ ରୂପେ ଆଚ୍ଛନ୍ନ କରି ରହିଥିବା ସର୍ବବ୍ୟାପୀ ଅସୀମ, ଅନନ୍ତଙ୍କର ଅନୁଭୂତି ଏବଂ ସକଳ ପାର୍ଥିବ ବସ୍ତୁ ଓ ସର୍ବଘଟର ଅନ୍ତଃକରଣରେ ସଦା ବିରାଜିତ ଅନ୍ତର୍ଯାମୀଙ୍କର ଅନୁଭୂତି । ଯୁଗପତ୍ ମୁଁ ସୂକ୍ଷ୍ମସ୍ତରୀୟ ଅତିଭୌତିକ ଜଗତ୍ ଓ ସ୍ତରଗୁଡ଼ିକରେ ଅନୁପ୍ରବେଶ କରିବାକୁ ଲାଗିଲି ଯେଉଁସବୁର ପ୍ରଭୂତ ପ୍ରଭାବ ଆମର ଏହି ଜଡ଼ ଜଗତ୍ ଉପରେ ରହିଛି ଏବଂ ଏକ ଫଳପ୍ରଦ ଶକ୍ତି ମଧ୍ୟ ରହିଛି ।...''




ପଶ୍ଚିମ ଭାରତର ରେଳୱେ ଅଫିସ

ଶ୍ରୀଅରବିନ୍ଦ ବମ୍ବେର ଚର୍ଚ୍ଚ ଗେଟ୍ ରେଳ ଷ୍ଟେସନରୁ ଟ୍ରେନ୍‌ରେ ଆସି ବରୋଦା ଷ୍ଟେସନରେ ପଦାର୍ପଣ କଲେ । ଅଚାନକ ଭାବରେ ସେଠାରେ ତାଙ୍କର ବାପୁଭାଇ ମଜୁମ୍‌ଦାରଙ୍କ ସଙ୍ଗେ ସାକ୍ଷାତ୍ ହେଲା । ଇଂଲଣ୍ଡରେ ଅବସ୍ଥାନ କାଳରେ ଏହି ବାପୁଭାଇଙ୍କ ସହିତ ତାଙ୍କର ପରିଚୟ ଥିଲା । ସେ ଶ୍ରୀଅରବିନ୍ଦଙ୍କୁ ସାଦରେ ନିଜ ବାସଭବନକୁ ନେଇ ଯାଇଥିଲେ । ବରୋଦାରେ ତାଙ୍କରି ଘରେ ଶ୍ରୀଅରବିନ୍ଦ ପ୍ରଥମ କିଛିଦିନ ରହିଥିଲେ । ଏହାପରେ ସେ ବରୋଦା ମହାରାଜାଙ୍କୁ ସାକ୍ଷାତ୍ କରିଥିଲେ ।



ବମ୍ବେର ଚର୍ଚ୍ଚ ଗେଟ୍ ରେଳୱେ ଷ୍ଟେସନ, ୧୯୦୦



ବରୋଦା ରେଳୱେ ଷ୍ଟେସନ
୧୯୦୦



ମହାରାଜାଙ୍କର ରାଜତ୍ୱ କାଳରେ ବରୋଦା ନଗରର ଏକ ବିହଙ୍ଗ ଦୃଷ୍ଟି ।

ବରୋଦାରେ ଶ୍ରୀଅରବିନ୍ଦ ତେର ବର୍ଷ (୮ ଫେବ୍ରୁଆରୀ, ୧୮୯୩ରୁ ୧୮ ଜୁନ୍, ୧୯୦୬) ଅବସ୍ଥାନ କରିଥିଲେ । ଆରମ୍ଭରେ ବରୋଦା ରାଜ୍ୟର ରାଜସ୍ୱ ବିଭାଗରେ ଏବଂ ପରେ ସଚିବାଳୟରେ କାର୍ଯ୍ୟ କରିଥିଲେ । ପରବର୍ତ୍ତୀକାଳରେ ବରୋଦା କଲେଜର ଅଧ୍ୟକ୍ଷ ରୂପେ ନିଯୁକ୍ତି ପାଇଥିଲେ ।



ସରକାରୀ କାର୍ଯ୍ୟାଳୟ (ଖୁବ୍ ସମ୍ଭବତଃ ରାଜସ୍ୱ ବିଭାଗ)

୧୮୯୫ରେ ଶ୍ରୀଅରବିନ୍ଦଙ୍କୁ ମହାରାଜା ବରୋଦା ରାଜ୍ୟର ଏକ ଜଟିଳ ମୋକଦ୍ଦମା ('ବାପଠ୍ କେସ୍')ର ଆଦ୍ୟପ୍ରାନ୍ତ ସଂକ୍ଷିପ୍ତ ବିବରଣୀ ପ୍ରସ୍ତୁତ କରିବାର ଗୁରୁ ଦାୟିତ୍ୱ ଅର୍ପଣ କଲେ । ଏଥି ନିମିତ୍ତ ମହାରାଜା ତାଙ୍କୁ ନୀଳଗିରିର ଉତ୍‌କାମାଣ୍ଡୁ ('ଉଟି')ରେ ଥିବା ତାଙ୍କର ଗ୍ରୀଷ୍ମ ନିବାସକୁ ପଠାଇଲେ । ଶ୍ରୀଅରବିନ୍ଦ ବରୋଦାରୁ ୨୪ ମେ, ୧୮୯୫ରେ ଯାତ୍ରାରମ୍ଭ କରି ଉଟିରେ ମେ ୨୬ ତାରିଖରେ ପହଞ୍ଚି ନିଜର କାର୍ଯ୍ୟ ଆରମ୍ଭ କରିଥିଲେ ।



'ଫ୍ୟାରିଙ୍ଗଟନ୍ ହାଉସ୍' : ଉଟିରେ ଥିବା ମହାରାଜାଙ୍କର ଗ୍ରୀଷ୍ମ ନିବାସ।

ଶ୍ରୀଅରବିନ୍ଦଙ୍କ ଦ୍ୱାରା ପ୍ରସ୍ତୁତ ଉପରୋକ୍ତ ଦଲିଲ-ପତ୍ରସବୁକୁ ପର୍ଯ୍ୟବେକ୍ଷଣ କରି ମହାରାଜା ତାଙ୍କ ଉପରେ ଅତ୍ୟନ୍ତ ପ୍ରୀତ ହୋଇ ତାଙ୍କ ଚାକିରିରେ ତୁରନ୍ତ ପଦୋନ୍ନତି ଘଟାଇ ସଚିବାଳୟରେ କାର୍ଯ୍ୟ ନିଧାର୍ଯ୍ୟ କଲେ ଏବଂ ଏହାପରଠାରୁ ମହାରାଜାଙ୍କର ଇଂରାଜୀରେ କୌଣସି ଗୁରୁତ୍ୱପୂର୍ଣ୍ଣ ଭାଷଣ ବା ଦଲିଲ ବା ସ୍ମାରକ-ପତ୍ର ଆଦି ଲେଖାର ଆବଶ୍ୟକତା ପଡ଼ିବା ମାତ୍ରେ ସେ ସର୍ବଦା ଶ୍ରୀଅରବିନ୍ଦଙ୍କର ସାହାଯ୍ୟ ଲୋଡ଼ୁଥିଲେ ।

ଦିନେ ଦିନେ ସକାଳେ କିଂବା ଅପରାହ୍ଣରେ 'ଲକ୍ଷ୍ମୀବିଳାସ ପ୍ରାସାଦ'ରୁ ଜଣେ ଅଶ୍ୱାରୋହୀ ସିପାହୀ ମହାରାଜାଙ୍କର ପ୍ରାଇଭେଟ୍ ସେକ୍ରେଟାରୀଙ୍କର ପତ୍ର ଧରି ଶ୍ରୀଅରବିନ୍ଦଙ୍କ ବାସଭବନରେ



ସରକାରୀ କାର୍ଯ୍ୟାଳୟ (ଖୁବ୍ ସମ୍ଭବତଃ ସଚିବାଳୟ)




'ଲକ୍ଷ୍ମୀବିଳାସ ପ୍ରାସାଦ' – ବରୋଦା ମହାରାଜାଙ୍କର ନିବାସସ୍ଥଳୀ

ଉପସ୍ଥିତ ହେଉଥିଲେ । ପତ୍ରରେ ଏହି ମର୍ମରେ ଉଲ୍ଲେଖ ରହୁଥିଲା ଯେ ଆଜି ଆପଣ ମହାରାଜାଙ୍କର ପ୍ରାତଃଭୋଜନ ଅଥବା ରାତ୍ରିଭୋଜନରେ ଯୋଗଦାନ କରିପାରିଲେ ସେ ଖୁବ୍ ଆନନ୍ଦିତ ହେବେ ।... କହିବା ବାହୁଲ୍ୟ, ଶ୍ରୀଅରବିନ୍ଦ ଏହି ନିମନ୍ତ୍ରଣ ରକ୍ଷା କରି ଭୋଜନ କରିବା ପରେ ମହାରାଜା ତାଙ୍କ ଦ୍ୱାରା ଆବଶ୍ୟକୀୟ ଗୁରୁତ୍ୱପୂର୍ଣ୍ଣ ଲେଖା ପ୍ରସ୍ତୁତ କରି ନେଉଥିଲେ ।

ବରୋଦା ମହାରାଜାଙ୍କର ଜନୈକ ଅଫିସର ସଖାରାମଙ୍କର ବର୍ଣ୍ଣନାରୁ ଉଦ୍ଧୃତ :


''ଶ୍ରୀଅରବିନ୍ଦ ଏବଂ ମୁଁ ଉଭୟେ ଅଧିକାଂଶ ସମୟରେ ମହାରାଜାଙ୍କ ସହିତ (ଅଫିସ କାର୍ଯ୍ୟରେ) ରହୁଥିଲୁ ।... ଥରେ ମହାରାଜାଙ୍କର (୧୯୦୪ର ବମ୍ବେ କଂଗ୍ରେସର) ଏକ ପ୍ରୀତି-ସମ୍ମେଳନରେ ଭାଷଣ ଦେବାର ଥିଲା । ଶ୍ରୀଅରବିନ୍ଦ ଏହି ଭାଷଣଟି ପ୍ରସ୍ତୁତ କରିଦେଇ ଥିଲେ । ଆମେ ତିନିଜଣ ଏକତ୍ର ବସି ଏହା ପାଠ କଲୁ । ପଢ଼ା ଶେଷରେ ମହାରାଜା ଶ୍ରୀଅରବିନ୍ଦଙ୍କୁ କହିଲେ, 'ଅରବିନ୍ଦ ବାବୁ, ଏହାର ଉତ୍କର୍ଷତାକୁ ଟିକିଏ ନିମ୍ନମାନର କରି ଦେଇ ପାରିବେ କି ? ମୋ ପାଇଁ ଏହା ଅତ୍ୟୁତ୍କୃଷ୍ଟ ହୋଇ ଉଠିଛି !'




ଗୋବିନ୍ଦ ସଖାରାମ ସର୍ ଦେଶାଇ

''ଶ୍ରୀଅରବିନ୍ଦ ମନ୍ଦହାସ୍ୟ ସହ କହିଲେ : 'ମହାରାଜ, ତୁଚ୍ଛାଟାରେ ଏଥିରେ କାହିଁକି ପରିବର୍ତ୍ତନ ଆଣିବେ ! ଆପଣ କ'ଣ ଭାବୁଛନ୍ତି, ଯଦିଓ ମୁଁ ଏହାର ଉତ୍କର୍ଷତାକୁ ଟିକିଏ କମାଇ ଦେବି, ତେବେ ଶ୍ରୋତାଗଣ ଏହା ଆପଣଙ୍କର ସ୍ୱରଚନା ବୋଲି ବିଶ୍ୱାସ କରିବେ ? ଭଲ ହେଉ ବା ମନ୍ଦ ହେଉ, ସେମାନେ ଜାଣନ୍ତି ଯେ ମହାରାଜା ସର୍ବଦା ନିଜ ଭାଷଣକୁ ଅନ୍ୟମାନଙ୍କ ଦ୍ୱାରା ପ୍ରସ୍ତୁତ କରିଥା'ନ୍ତି । ଅସଲ କଥା ହେଲା ଚିନ୍ତାଧାରାଟି ଆପଣଙ୍କର କି ନୁହେଁ – ଏହାହିଁ ହେଉଛି ଆପଣଙ୍କର ପ୍ରଧାନ ବିବେଚନାର ବିଷୟ ।'

''ସେହିସବୁ ଦିନରେ ମୁଁ ପ୍ରତିଦିନ ଶ୍ରୀଅରବିନ୍ଦଙ୍କ ସହିତ ପଦବ୍ରଜରେ ଭ୍ରମଣ କରିବାକୁ ଯାଉଥିଲି । ସେ ସାଧାରଣତଃ ସ୍ୱଳ୍ପଭାଷୀ ଥିଲେ । ମୋର ପ୍ରତିଟି ପ୍ରଶ୍ନର ଉତ୍ତରରେ ସେ କେବଳ 'ହଁ' କିଂବା 'ନା' ଉଚ୍ଚାରଣ କରୁଥିଲେ । ମନେ ହେଉଥିଲା, ତାଙ୍କ ସ୍ୱଭାବର କିଛି ରହସ୍ୟ ଗୋପନ ରହିଥିଲା ।''



ବରୋଦାରେ ଥିବା ବିଶ୍ୱାମିତ୍ର ନଦୀର ପୋଲ, ଯେଉଁଠିକୁ ଶ୍ରୀଅରବିନ୍ଦ ଅନେକ ଥର ଭ୍ରମଣରେ ଯାଇଛନ୍ତି



୬, କଲେଜ ସ୍କୋୟାର,
ଶ୍ରୀଯୁକ୍ତ କୃଷ୍ଣ କୁମାର ମିତ୍ରଙ୍କର ବାସଭବନ

ଶ୍ରୀଅରବିନ୍ଦ ବରୋଦାରୁ ଖୁବ୍ ସମ୍ଭବତଃ ୧୮୯୪ରେ ପ୍ରଥମ ଥର ପାଇଁ ବେଙ୍ଗଲକୁ ଯାଇଥିଲେ । ସେଠାରେ ତାଙ୍କର ମଉସା କୃଷ୍ଣ କୁମାରଙ୍କର ବାସଭବନରେ ମାଉସୀ ଲୀଳାବତୀ ଏବଂ ତାଙ୍କର ଦୁଇକନ୍ୟା କୁମୁଦିନୀ ଓ ବାସନ୍ତୀ ଓ ପୁତ୍ର ସୁକୁମାରଙ୍କ ସହିତ ନିଜର ଭଉଣୀ ସରୋଜିନୀ ଓ ଅନୁଜ ବାରୀନ୍‌ଙ୍କୁ ଭେଟିଥିଲେ ।

ସେଠାରୁ ତାଙ୍କୁ ବିହାରର ରୋହିଣୀ ଗ୍ରାମରେ ଥିବା ତାଙ୍କ ମା'ଙ୍କ ବାସଭବନକୁ ନିଆ ଯାଇଥିଲା । ଦୀର୍ଘ ଚଉଦ ବର୍ଷ ପରେ ମା-ପୁଅଙ୍କର ଏହି ପ୍ରଥମ ସାକ୍ଷାତ୍ ।... ତା'ପରେ ଦେଓଘରରେ ଥିବା ତାଙ୍କ ଅଜା ରାଜନାରାୟଣଙ୍କ ବାସଭବନକୁ ସମସ୍ତେ ଯାଇଥିଲେ ।

ଏହାପରେ ପ୍ରତି ପୂଜା ଛୁଟିରେ ଶ୍ରୀଅରବିନ୍ଦ ବରୋଦାରୁ ଆସି ପ୍ରଥମେ ମଉସାଙ୍କ ଘରେ କିଛିଦିନ ରହି ଅଜାଙ୍କ ଘରେ ପୂରା ଛୁଟିଦିନ ବିତାଉ ଥିଲେ ।



ଶ୍ରୀଯୁକ୍ତ କୃଷ୍ଣ କୁମାର ମିତ୍ର
(୧୮୫୨-୧୯୩୭)




ସ୍ୱର୍ଣ୍ଣଲତା ଦେବୀ
(୧୯୦୦ ମସିହା ପାଖାପାଖି)



ଲାଲା ତାରିଣୀ ପ୍ରସାଦଙ୍କର ବଗିଚା ଘର ।
ଏହିଠାରେ ସ୍ୱର୍ଣ୍ଣଲତା ଦେବୀ ବାସ କରୁଥିଲେ ।
ସ୍ଥାନୀୟ ବାସିନ୍ଦା ଏହି ଘରଟିକୁ
'ମେମ୍ ସାହେବାଙ୍କର କୋଠି' ବୋଲି କହୁଥିଲେ ।



ରାଜନାରାୟଣଙ୍କର ବାସଭବନ, ଦେଓଘର



ରାଜନାରାୟଣ ବସୁ (୧୮୨୬-୧୮୯୯)

ଶ୍ରୀଅରବିନ୍ଦଙ୍କୁ ପ୍ରଥମେ ଦେଖି ଅନୁଜ ବାରୀନ୍ ଏହି ମର୍ମରେ ମନ୍ତବ୍ୟ ଦେଇଥିଲେ : ''ସେଜ୍-ଦା (ଶ୍ରୀଅରବିନ୍ଦ) ଥିଲେ ବଡ଼ ବିଚିତ୍ର ବନ୍ଧୁ,... ଅନ୍ତରଙ୍ଗ ଖେଳସାଥି ସହିତ ଯଥାର୍ଥ ଉପଦେଷ୍ଟା ବି ଥିଲେ । ତାଙ୍କର ଥିଲା ଏକ ସ୍ଥିର ଓ ଏକେବାରେ ଅଭିନିବିଷ୍ଟ ଚାହାଣି । କହିବାକୁ ଗଲେ ପ୍ରାୟ ଅଧିକାଂଶ ସମୟରେ ଗଭୀର ଏକାଗ୍ରତା ସହ ପଢ଼ାଶୁଣା କରୁଥିଲେ ।''



ବାରୀନ୍ (ଜନ୍ମ - ୧୮୮୦)



ବାସନ୍ତୀ (ଜନ୍ମ -୧୮୮୬), ସରୋଜିନୀ (ଜନ୍ମ - ୧୮୭୮),
କୁମୁଦିନୀ (ଜନ୍ମ - ୧୮୮୨)

ସରୋଜିନୀର ମନ୍ତବ୍ୟ : ''ସେଜ୍-ଦା'ଙ୍କର ଥିଲା ଅତ୍ୟନ୍ତ କୋମଳ ଓ ସୁନ୍ଦର ମୁଖମଣ୍ଡଳ, କାନ୍ଧ ଉପରକୁ ଲମ୍ବି ଆସିଥିବା ବିଲାତି ଢଙ୍ଗରେ ବାବରୀ କଟା କେଶଗୁଚ୍ଛ । ସେଜ୍ ଦା' ଥିଲେ ଖୁବ୍ ଲଜ୍ଜାଶୀଳ ସ୍ୱଭାବର ।''


ବାସନ୍ତୀର ମନ୍ତବ୍ୟ : ''... ଅର ଦାଦା ବରୋଦାରୁ ସାଙ୍ଗରେ ଆଣିଥିବା ଦୁଇ ତିନୋଟି ଟ୍ରଙ୍କ୍ ଦେଖି ମୁଁ ଭାବୁଥିଲି ଏହି ବାକ୍ସଗୁଡ଼ିକ ମଧ୍ୟରେ ତାଙ୍କର କେତେ ରକମର ସୁନ୍ଦର ସୁନ୍ଦର ଦାମୀ ସୁଟ୍, କୋଟ ଓ ସୌଖୀନ ଜିନିଷ ଭର୍ତ୍ତି ହୋଇ ନଥିବ !... କିନ୍ତୁ ଏ କ'ଣ ? ବାକ୍ସ ଭିତରେ ମାତ୍ର କେତୋଟି ସାଧାରଣ ବେଶଭୂଷା, ତା' ଛଡ଼ା କେବଳ ବହି ଆଉ ବହି !... ବହି ପଢ଼ିବାକୁ ସେ ଏତେ ଭଲ ପାଉଥିଲେ ମଧ୍ୟ ଆମମାନଙ୍କ ଗହଣରେ ଗଳ୍ପ କରି ଓ ହସ-ଖୁସିରେ ସେ ବେଶ୍ ମାତି ଯାଉଥିଲେ । ତାଙ୍କ କଥାରେ ବେଶ୍ ମଧୁରତା ଭରି ରହିଥିଲା । ଆଉ ତାଙ୍କ ଚିଠିଗୁଡ଼ିକ ବି ଆମୋଦ-ପ୍ରମୋଦରେ ଭର୍ତ୍ତି ଥିଲା ।''



ମୃଣାଳିନୀ ଦେବୀ (୧୯୦୧)
(ଜନ୍ମ : ୬ ମାର୍ଚ୍ଚ, ୧୮୮୭)

୩୦ ଏପ୍ରିଲ, ୧୯୦୧ରେ ଶ୍ରୀଅରବିନ୍ଦ କଲିକତାରେ ଶ୍ରୀଯୁକ୍ତ ଭୂପାଲ ଚନ୍ଦ୍ର ବସୁଙ୍କର କନ୍ୟା ମୃଣାଳିନୀଙ୍କର ପାଣିଗ୍ରହଣ କରିଥିଲେ ।...

ଦୀନେନ୍ଦ୍ର କୁମାରଙ୍କ ଉକ୍ତିରେ : ''... ...ବେଙ୍ଗଲର ତଦାନୀନ୍ତନ ପ୍ରଖ୍ୟାତ ଜ୍ୟୋତିଷ ଶ୍ରୀଯୁକ୍ତ କାଳୀପଦ ଭଟ୍ଟାଚାର୍ଯ୍ୟଙ୍କଠାରୁ ମୁଁ ଅରବିନ୍ଦଙ୍କର ଜାତକଟିଏ ପ୍ରସ୍ତୁତ କରାଇ ଥିଲି ।... କଥା ପ୍ରସଙ୍ଗରେ ସେ ମୋତେ କହିଥିଲେ : 'ତୁମ ଛାତ୍ର (ଅରବିନ୍ଦ) ଜଣେ ଅସାଧାରଣ ବ୍ୟକ୍ତି । ସେ ମହାରାଜାଙ୍କର ବିଶେଷ ପ୍ରିୟପାତ୍ର ହେଲେ ମଧ୍ୟ ତାଙ୍କ ଭାଗ୍ୟରେ ଖୁବ୍ ଦୁଃଖକଷ୍ଟ ରହିଛି । ଗାର୍ହସ୍ଥ୍ୟ ଜୀବନର ସୁଖ ତାଙ୍କ କପାଳରେ ନାହିଁ ।'... ପରେ ଲକ୍ଷ୍ୟ କରିଛି, ଭଟ୍ଟାଚାର୍ଯ୍ୟ ମହାଶୟଙ୍କ ଗଣନା ମିଥ୍ୟା ନଥିଲା;...''



ଶ୍ରୀଯୁକ୍ତ ଭୂପାଲ ଚନ୍ଦ୍ର ବସୁ
(ଶ୍ରୀଅରବିନ୍ଦଙ୍କ ଶ୍ୱଶୁର ମହାଶୟ)

୮ ଜୁନ୍, ୧୯୦୬ରେ ଶ୍ରୀଅରବିନ୍ଦ ତାଙ୍କ ଶ୍ୱଶୁର ମହାଶୟଙ୍କୁ ଲିଖିତ ଏକ ପତ୍ରରୁ କିଛି ଉଦ୍ଧୃତି : ''...ଗୃହୀ ହିସାବରେ ମୁଁ କେବେ ବି ଖୁବ୍ ବଡ଼ କୌଣସି କାମରେ ଆସିବି ନାହିଁ; ପୁତ୍ର ହିସାବରେ, ସହୋଦର ହିସାବରେ ଏବଂ ସ୍ୱାମୀ ହିସାବରେ ମୁଁ ମୋର କର୍ତ୍ତବ୍ୟ କିଛିଟା, ଅନ୍ତତଃ ପକ୍ଷେ ନିଷ୍ଫଳ ପ୍ରୟାସ କରିଛି । କିନ୍ତୁ ମୋ ଅନ୍ତରରେ କିଛି ଗୋଟାଏ ରହିଛି, ଯାହାକି ଖୁବ୍ ପ୍ରବଳ ଏବଂ ମୋ ଭିତରର ଅନ୍ୟ ସବୁକିଛିକୁ ତା'ର ଅନୁବର୍ତ୍ତୀ କରି ରଖିବାକୁ ମୋତେ ବାଧ୍ୟ କରୁଛି ।''



ଦିଗ୍‌ବଳୟରେ ଥିବା ହିମାଳୟର ଅସ୍ପଷ୍ଟ ଦୃଶ୍ୟ ସହିତ କୁମାୟୁନ୍ ପର୍ବତ-ଶ୍ରେଣୀର ଅପରୂପ ଶୋଭାସମ୍ଭାର

ବିବାହ ପରେ ଶ୍ରୀଅରବିନ୍ଦ ସପରିବାରେ ଦେଓଘର ଯାଇଥିଲେ । ସେଠାରୁ ମୃଣାଳିନୀ ଓ ସରୋଜିନୀଙ୍କୁ ସଙ୍ଗରେ ନେଇ ନୈନିତାଲ ଗଲେ । ସମାନ ସମୟରେ ବରୋଦା ମହାରାଜା ତାଙ୍କର କତିପୟ ପାର୍ଷଦଙ୍କ ସହିତ ନୈନିତାଲରେ ଥିଲେ ।... ନୈନିତାଲରେ ଶ୍ରୀଅରବିନ୍ଦ ମେ ୨୯ରେ ପହଞ୍ଚି ମାସେ ଅବଧି ସେଠାରେ ରହିଥିଲେ ।... ଏହାପରେ ପତ୍ନୀ ଓ ଭଗ୍ନୀଙ୍କ ସହ ସେ ବରୋଦାକୁ ଫେରି ଆସିଥିଲେ ।

କିନ୍ତୁ ସେତେବେଳେ ସମଗ୍ର ଗୁଜରାଟରେ ଅସହନୀୟ ଦୁର୍ଭିକ୍ଷ ଏବଂ ପରେ ପରେ ମହାମାରୀ ପ୍ଲେଗର ପ୍ରକୋପ ଯୋଗୁଁ ମୃଣାଳିନୀ ଓ ସରୋଜିନୀ କଲିକତାକୁ ଫେରି ଆସିବାକୁ ବାଧ ହୋଇଥିଲେ । ପ୍ରାୟ ବର୍ଷକରୁ ଅଧିକ କାଳ ସେମାନେ ଶ୍ରୀଅରବିନ୍ଦଙ୍କୁ ଭେଟିପାରି ନଥିଲେ ।...





ନୈତିତାଲର 'ବ୍ରୁକ୍‌ଲିନ୍ ହଲ୍' ଓ 'ବ୍ରୁକ୍‌ଲିନ୍ ହାଉସ୍' ଯେଉଁଠି ଶ୍ରୀଅରବିନ୍ଦ ଓ ମହାରାଜା ରହିଥିଲେ

୧୯୦୩ରେ ମହାରାଜାଙ୍କର ସାମୟିକ ବ୍ୟକ୍ତିଗତ ସେକ୍ରେଟାରୀ ରୂପେ ଶ୍ରୀଅରବିନ୍ଦ କାଶ୍ମୀର ଭ୍ରମଣରେ ଯାଇଥିଲେ । ସେଠାକାର ଶଙ୍କରାଚାର୍ଯ୍ୟ ପର୍ବତ ଶିଖରରେ ଅବସ୍ଥିତ ମନ୍ଦିର ଦର୍ଶନ କରିବାକୁ ଯାଇଥିବା ବେଳେ ତାଙ୍କର 'ଶୂନ୍ୟ ଅନନ୍ତ'ଙ୍କର ଅନୁଭୂତି ହୋଇଥିଲା ।

ଏହି ଅନୁଭୂତି ସମ୍ବନ୍ଧେ ଶ୍ରୀଅରବିନ୍ଦ ଏହି ମର୍ମରେ ଉଲ୍ଲେଖ କରିଥିଲେ : ''ପର୍ବତ ଶିଖରରେ ଦଣ୍ଡାୟମାନ ହୋଇ ଜଣେ ଉନ୍ମୁକ୍ତ ବିସ୍ତୀର୍ଣ୍ଣତା, ବ୍ୟାପ୍ତି ଓ ବିଶ୍ୱ ପ୍ରକୃତିର ଏକ ଅଜ୍ଞାତ ବିଶାଳତାର ଝଲକ ପାଇଥାଏ ବା ମାନସିକ ଭାବରେ ଅନୁଭବ କରିଥାଏ । ଏହାପରେ ହଠାତ୍ ଆସେ ଏକ ସ୍ପର୍ଶ । ଏକ ଅପ୍ରତ୍ୟାଶିତ ସତ୍ୟର ପ୍ରକାଶ, ଏକ ପ୍ରବାହ । ଫଳରେ ମାନସିକ ଅନୁଭୂତି ଆଧାତ୍ମିକ ଉପଲବ୍ଧିରେ ରୂପାୟିତ ହୁଏ ଏବଂ ଜଣେ ପୂର୍ଣ୍ଣମାତ୍ରାରେ ଶୂନ୍ୟ ଅନନ୍ତଙ୍କ ଦ୍ୱାରା ଅଧିକୃତ ହୋଇଉଠେ ।''



କାଶ୍ମୀରରେ ମହାରାଜାଙ୍କର ରାଜପ୍ରାସାଦ



ତଖ୍‌ତ-ଇ-ସୁଲେମାନ୍ ବା ଶଙ୍କରାଚାର୍ଯ୍ୟ ମନ୍ଦିର ସାମନାରେ ଦଣ୍ଡାୟମାନ ଥିବା ମୁହୂର୍ତ୍ତରେ ଶ୍ରୀଅରବିନ୍ଦ ତାଙ୍କର ଅନୁଭୂତିକୁ 'Adwaita' କବିତାରେ ଲିପିବଦ୍ଧ କରିଛନ୍ତି ।

୧୯୦୫ର ପ୍ରାରମ୍ଭରେ ଶ୍ରୀଅରବିନ୍ଦ ନର୍ମଦା ନଦୀର ଉତ୍ତର ପାର୍ଶ୍ୱରେ ଥିବା କର୍ଣ୍ଣାଳୀର 'ମହାକାଳୀ ମନ୍ଦିର' ଦର୍ଶନ କରିବାକୁ ଯାଇଥିଲେ । କାଳୀମୂର୍ତ୍ତିଙ୍କୁ ଦେଖିବା ମାତ୍ରେ ତାଙ୍କର ହୋଇଥିବା ଅଭିଜ୍ଞତାଟି ସମ୍ବନ୍ଧେ ସେ ଏହି ମର୍ମରେ ଉଲ୍ଲେଖ କରିଥିଲେ : ''ପ୍ରଥମଥର ପାଇଁ ମୁଁ ଭଗବାନଙ୍କ ଉପସ୍ଥିତିରେ ବିଶ୍ୱାସ କଲି ।...'' ପୁନଶ୍ଚ ''ତୁମେ ପବିତ୍ର ନଦୀ ତୀରରେ ଅବସ୍ଥିତ କାଳୀ ମନ୍ଦିର ସମ୍ମୁଖରେ ଦଣ୍ଡାୟମାନ ହୋଇ କ'ଣ ଦେଖ ? କ'ଣ ଏକ ଭାସ୍କର୍ଯ୍ୟ, ଏକ ମନୋହାରୀ ସ୍ଥାପତ୍ୟର ପ୍ରତିଭୂ ? କିନ୍ତୁ ଠିକ୍ ପରମୁହୂର୍ତ୍ତରେ, ରହସ୍ୟମୟ ଭାବରେ, ଅପ୍ରତ୍ୟାଶିତ ଭାବରେ କ'ଣ ଦେଖିବାକୁ ପାଅ ? – ଏକ ଦିବ୍ୟ ଉପସ୍ଥିତି, ଏକ ଦିବ୍ୟ ଶକ୍ତି, ଏକ ଦିବ୍ୟ ମୁଖମଣ୍ଡଳ ତୁମକୁ ଅନାଇ ରହିଛନ୍ତି । ତତ୍କ୍ଷଣାତ୍ ତୁମର ଅନ୍ତର୍ଦୃଷ୍ଟି ବିଶ୍ୱଜନନୀଙ୍କୁ ଶ୍ରଦ୍ଧାପୂର୍ବକ ଅଭିନନ୍ଦନ ଜଣାଇଥାଏ ।''



ଶ୍ରୀଅରବିନ୍ଦଙ୍କର ପୁନର୍ବାର 'ଶୂନ୍ୟ ଅନନ୍ତ'ଙ୍କର ଉପଲବ୍ଧି ହୋଇଥିଲା ପୁଣେର ପାର୍ବତୀ ପର୍ବତ ଶିଖରରେ ଥିବା ପାର୍ବତୀ ମନ୍ଦିର ସାମନାରେ । ସେ ତାଙ୍କର ଏହି ଅନୁଭୂତିକୁ 'The Hill-Top Temple' କବିତାରେ ବର୍ଣ୍ଣନା କରିଛନ୍ତି ।

ଏହି ଧରଣର ଅନ୍ୟ ଏକ ଅପ୍ରତ୍ୟାଶିତ ଆଧ୍ୟାତ୍ମିକ ଅନୁଭୂତି ଘଟେ ବରୋଦାରେ ପ୍ରଥମ ବର୍ଷର ରହଣିକାଳରେ (୧୮୯୩-୯୪ରେ) । ଥରେ ସେ ତାଙ୍କର 'ଭିକ୍ଟୋରିଆ' ଘୋଡ଼ା ଗାଡ଼ିରେ ବସି କ୍ୟାମ୍ପ୍ ରୋଡ଼ରୁ ସହର ଆଡ଼କୁ ଯାଉଥିଲେ । ପବ୍ଲିକ୍ ଗାର୍ଡେନ୍ (କୋମାଟି ବାଗ୍)ର ପାଖ ଦେଇ ଯାଉଥିବା ବେଳେ ହଠାତ୍ ଗାଡ଼ିଟି ଅଣାୟତ୍ତ ହୋଇ ଯିବାରୁ ମାରାତ୍ମକ ଦୁର୍ଘଟଣା ଘଟିବା ଅବଶ୍ୟମ୍ଭାବୀ ଥିଲା । ଠିକ୍ ଏହି ମୁହୂର୍ତ୍ତରେ ଶ୍ରୀଅରବିନ୍ଦ ସଂକଳ୍ପ କଲେ ଯେ ଏହା ବନ୍ଦ ହେଉ ଏବଂ ତତ୍କ୍ଷଣାତ୍ ସେ ଦେଖିଲେ ଏକ ଜ୍ୟୋତିର୍ମୟ ପୁରୁଷ (Being of Light) ତାଙ୍କ ଅନ୍ତରରୁ ପ୍ରକଟ ହୋଇ ଅବସ୍ଥାକୁ ନିୟନ୍ତ୍ରଣ କଲେ ।...



କର୍ଣ୍ଣାଳୀର ମହାକାଳୀ ମନ୍ଦିରସ୍ଥ କାଳୀମୂର୍ତ୍ତି ଦର୍ଶନ କରିବା ମୁହୂର୍ତ୍ତରେ ଶ୍ରୀଅରବିନ୍ଦଙ୍କର ହୋଇଥିବା ଅନୁଭୂତିକୁ ସେ 'The Stone Goddess' କବିତାରେ ଲିପିବଦ୍ଧ କରିଛନ୍ତି ।



କ୍ୟାମ୍ପ୍ ରୋଡ଼ରୁ ସହର ଆଡ଼କୁ ଯାଇଥିବା ରାସ୍ତାରେ ପବ୍ଲିକ୍ ଗାର୍ଡେନ ସାମନାରେ ହୋଇଥିବା ତାଙ୍କର ଅନୁଭୂତିକୁ ଶ୍ରୀଅରବିନ୍ଦ 'The Godhead' କବିତାରେ ଲିପିବଦ୍ଧ କରିଛନ୍ତି ।

ପୁନଶ୍ଚ ୧୯୦୫ର ପାଖାପାଖି ଶ୍ରୀଅରବିନ୍ଦ କର୍ଣ୍ଣାଳୀରେ ଅବସ୍ଥିତ ସ୍ୱାମୀ ବ୍ରହ୍ମାନନ୍ଦଙ୍କର ଦର୍ଶନ ଲାଭ କରିଥିଲେ । ସ୍ୱାମିଜି ସାଧାରଣତଃ ଦର୍ଶନ ସମୟରେ ଚକ୍ଷୁ ବନ୍ଦ କରି ରହୁଥିଲେ । କିନ୍ତୁ ତାଙ୍କ ସମ୍ମୁଖରେ ଶ୍ରୀଅରବିନ୍ଦ ଉପସ୍ଥିତ ହେବା ମାତ୍ରେ ସେ ବିସ୍ଫାରିତ ନେତ୍ରରେ ତାଙ୍କୁ ଅନାଇ ଦେଇଥିଲେ ।... ଶ୍ରୀଅରବିନ୍ଦ ସ୍ୱାମୀ ବ୍ରହ୍ମାନନ୍ଦଙ୍କୁ ଦର୍ଶନ କରି ଏହି ମନ୍ତବ୍ୟ ଦେଇଥିଲେ : ''ତାଙ୍କର ଚକ୍ଷୁଦ୍ୱୟ ଅତ୍ୟନ୍ତ ସୁନ୍ଦର; ଏବଂ ତାଙ୍କର ତୀକ୍ଷ୍ଣ ଦୃଷ୍ଟିରେ ସେ ମୋ ଭିତରର ସବୁକିଛିକୁ ଦେଖିନେଲେ ।''



ସ୍ୱାମୀ ବ୍ରହ୍ମାନନ୍ଦ



ଲଣ୍ଡନ, ୧୯୦୦ ପାଖାପାଖି



ଅତିଥି ଭବନ (ଅଧୁନାତନ 'ମୋତି ମହଲ')



ନଜାର୍‌ବାଗ

୧୮୯୨ରେ ମହାରାଜା ଲଣ୍ଡନରେ ଅବସ୍ଥାନ କାଳରେ କେମ୍ବ୍ରିଜର ମହାମାନ୍ୟ ପ୍ରଫେସର ମି. ଓସ୍‌କାର ବ୍ରାଉନିଂଙ୍କୁ ସାକ୍ଷାତ୍ କରିଥିଲେ ।... ମହାରାଜାଙ୍କ ସହିତ ଆଳାପ-ଆଲୋଚନାରେ ଅତ୍ୟନ୍ତ ପ୍ରୀତ ହୋଇ ବିଦାୟ-ବେଳାରେ ମି. ବ୍ରାଉନିଂ ତାଙ୍କୁ କହିଥିଲେ, 'ଯଦି ମୁଁ କେବେ ଭାରତ ଭ୍ରମଣରେ ଯାଏ ତେବେ ନିଶ୍ଚିତ ରୂପେ ଆପଣଙ୍କୁ ବରୋଦାରେ ଭେଟିବି ।'...

ମି. ବ୍ରାଉନିଂ ଫେବ୍ରୁଆରୀ ୧୯୦୨ରେ ବରୋଦାରେ ପଦାର୍ପଣ କରିଥିଲେ । ଏବେ ତାଙ୍କର ପ୍ରକାଶିତ ଭ୍ରମଣ ବୃତ୍ତାନ୍ତରୁ ଉଦ୍ଧୃତି :

''ମହାରାଜା ତାଙ୍କର ଅତିଥି ସତ୍କାରରେ ସର୍ବଦା ସୁବନ୍ଦୋବସ୍ତ କରୁଥିଲେ । ସେମାନଙ୍କୁ ଷ୍ଟେସନରୁ ସୁସଜ୍ଜିତ ଘୋଡ଼ା ଗାଡ଼ିରେ ଆଣି ତାଙ୍କର ସୁଦୃଶ୍ୟ ତଥା ସୁବିସ୍ତୃତ ଅତିଥି ଭବନରେ ଉପଯୁକ୍ତ ସତ୍କାର ସହିତ ରଖୁଥିଲେ । ସେମାନେ ଯେତେଦିନ ପର୍ଯ୍ୟନ୍ତ ବରୋଦାରେ ରହିବାକୁ ଚାହିଁବେ ସ୍ୱଚ୍ଛନ୍ଦରେ ରହି ପାରୁଥିଲେ ଏବଂ ତାଙ୍କର ରହଣି-କାଳ ଭିତରେ ତାଙ୍କୁ ନଗରର ଦର୍ଶନୀୟ ସ୍ଥାନସବୁକୁ ଦେଖାଇବାର ସୁବନ୍ଦୋବସ୍ତ ମଧ୍ୟ କରୁଥିଲେ ।...

''ମୁଁ ମୋର ଗାଇଡ୍ ଓ ସାଥୀ ହିସାବରେ ମୋର ଜଣେ ପୁରାତନ କେମ୍ବ୍ରିଜ-ଛାତ୍ର(ଶ୍ରୀଅରବିନ୍ଦ)ଙ୍କୁ ପାଇ ନିଜକୁ ଭାଗ୍ୟବାନ୍ ମନେ କରିଥିଲି ।...

''ଆମେ ଦୁଇଜଣ ସମ୍ପୂର୍ଣ୍ଣ ନୂତନ ଏକ ଅଭିଜ୍ଞତା ଲାଭ କରିବାକୁ ଗଲୁ, ଅର୍ଥାତ୍ ବରୋଦାର ରାଜପଥରେ ରାଜକୀୟ ଭାବରେ ସଜ୍ଜିତ ହସ୍ତୀପୃଷ୍ଠରେ ସାଙ୍ଗ ହୋଇ ବସିବାକୁ ଗଲୁ, ସେତେବେଳେ ପଡ଼ିଯିବା ଭୟରେ ଦୁହିଁଙ୍କୁ ଦୁହେଁ ଜଡ଼ାଇ ଧରିଲୁ ରକ୍ତ ସମ୍ପର୍କ ଥିବା ଭାଇ ଭଳି ।... ହାତୀ ମୋ ସକାଶେ ସିନା ଏକ ବିଚିତ୍ର ଜୀବ ଥିଲା; କିନ୍ତୁ ବରୋଦାରେ ଏହା ଥିଲା ରାଜକୀୟ ଅତିଥି ସତ୍କାରର ଏକ ସୌଜନ୍ୟମୂଳକ ପ୍ରଥା ।...

''ନଜାର୍‌ବାଗରେ ଗଚ୍ଛିତ ଥିବା ରାଜ୍ୟର ମଣିମାଣିକ୍ୟ ସବୁ ପରିଦର୍ଶନ କରିବା ଉଦ୍ଦେଶ୍ୟରେ ହାତୀପୃଷ୍ଠରୁ ଓହ୍ଲାଇ ଆମେ ଦୁହେଁ ଟିକିଏ ନିଃଶ୍ୱାସ ମାରିଲୁ । ହାତୀଟି ଆମ ପାଇଁ ପ୍ରାସାଦ ସମ୍ମୁଖରେ ଅପେକ୍ଷା କରିଥିଲା । ପରିଦର୍ଶନ ପରେ ଆମେ କିନ୍ତୁ ଘୋଡ଼ା ଗାଡ଼ିରେ ବୁଲି ଯିବାକୁ ପସନ୍ଦ କଲୁ ।''...




ବରୋଦାର ଏକ ରାଜପଥ



ବରୋଦା କଲେଜ



ବକ୍ତୃତା ହଲ୍



ରାଜ୍ୟରେ ଥିଲା ମୌଳିକ ଧାରାରେ ତତ୍‌କାଳୀନ ବିଜ୍ଞାନସମ୍ମତ ପ୍ରଣାଳୀରେ ଚିକିତ୍ସା କରାଯାଉଥିବା ଉଚ୍ଚମାନର ଚିକିତ୍ସାଳୟ ।



କଳା ଭବନ

ମି. ବ୍ରାଉନିଂଙ୍କ ବର୍ଣ୍ଣନାନୁଯାୟୀ : ବରୋଦାରେ ପ୍ରାୟ ସର୍ବତ୍ର ପ୍ରଶସ୍ତ ପରିଷ୍କାର, ପରିଚ୍ଛନ୍ନ ରାସ୍ତାଘାଟ; ବିସ୍ତୃତ ଉଦ୍ୟାନ, ଉପବନ, ମନୋରମ ଅଟ୍ଟାଳିକା ଶୋଭା ପାଉଥିଲା ।

ବରୋଦା କଲେଜରେ ପରିଭ୍ରମଣ କରି ମି. ବ୍ରାଉନିଂ ବର୍ଣ୍ଣନା କରିଛନ୍ତି ଯେ ଏହା ଥିଲା ଉପଯୁକ୍ତ ବାୟୁ ଚଳାଚଳ ଓ ଯଥେଷ୍ଟ ଆଲୋକିତ ଶ୍ରେଣୀଗୃହ ଓ ବିଶାଳ ବକ୍ତୃତା ହଲ୍ ଥାଇ ଏକ ଆଦର୍ଶ ସ୍ଥାନୀୟ କଲେଜ । ଏଥିରେ ସ୍ୱନାମଖ୍ୟାତ ତଥା ଦକ୍ଷ ପ୍ରଫେସରମାନେ ଶିକ୍ଷାଦାନ କରୁଥିଲେ ।

ବକ୍ତୃତା ହଲ୍





ସେସମୟରେ ବରୋଦାରେ ଥିଲା ସୁବିସ୍ତୃତ ଏକ ସେଣ୍ଟ୍ରାଲ ଜେଲ୍ । ଏଠାରେ କଏଦୀମାନେ ଅପେକ୍ଷାକୃତ ଉତ୍ତମ ବ୍ୟବସ୍ଥା ମଧ୍ୟରେ ରହୁଥିଲେ; କାରଣ କଏଦୀମାନଙ୍କୁ ଅମାନୁଷିକ ଭାବରେ ଦଣ୍ଡ ଦେବା ମହାରାଜାଙ୍କର ସ୍ୱଭାବ ବିରୁଦ୍ଧ ଥିଲା ।...

ନଗର ମଧ୍ୟରେ ରହିଛି ସର୍ବସାଧାରଣଙ୍କ ନିମିତ୍ତ ଏକ ବୃହତ୍ ଲାଇବ୍ରେରି; ମୁଖ୍ୟତଃ ଉଚ୍ଚକୋଟୀର ଇଂରାଜୀ ପୁସ୍ତକରେ ଭରପୂର । ମହାରାଜା ଏକାଧିକ ବାର ଇଉରୋପ ଭ୍ରମଣ କରି ତାଙ୍କର ସର୍ବୋତ୍ତମ ପ୍ରଚେଷ୍ଟାରେ ଏହି ପୁସ୍ତକସବୁ ସଂଗ୍ରହ କରିଥିଲେ ଯଦ୍ୱାରା ତାଙ୍କର ରାଜ୍ୟବାସୀମାନେ ଉନ୍ନତମାନର ଶିକ୍ଷା ଲାଭ କରିବାର ସୁଯୋଗ ଲାଭ କରିପାରିବେ ।...



ଲାଇବ୍ରେରି



ପ୍ରମୋଦ ଉଦ୍ୟାନର ପ୍ରବେଶ ପଥ

ବରୋଦା ନଗର ଉପକଣ୍ଠରେ ମହାରାଜାଙ୍କ ପ୍ରୟାସରେ ଗଢ଼ି ଉଠିଥିବା ଜନସାଧାରଣଙ୍କ ପାଇଁ ଏକ ହୃଦୟଗ୍ରାହୀ ପ୍ରମୋଦ ଉଦ୍ୟାନ ।



ମାକରପୁରା ପ୍ରାସାଦ



ଇନ୍ଦୁମତୀ ପ୍ରାସାଦ

ମି. ବ୍ରାଉନିଂଙ୍କ ବର୍ଣ୍ଣନାନୁଯାୟୀ : ଉପଯୁକ୍ତ ଭାବରେ ରାଜକାର୍ଯ୍ୟ ଚଳାଇବା ସକାଶେ ବରୋଦା ମହାରାଜା ନଗର ଉପକଣ୍ଠରେ ବିଶାଳ ପ୍ରାସାଦମାନ ନିର୍ମାଣ କରିଥିଲେ । କିନ୍ତୁ ତାଙ୍କର ପୂର୍ବପୁରୁଷଗଣ ନଗର ମଧ୍ୟସ୍ଥ ଆଧୁନିକ ପାରିପାର୍ଶ୍ୱିକ ଅବସ୍ଥାରୁ ଏକେବାରେ ବଞ୍ଚିତ କାଷ୍ଠ ନିର୍ମିତ ସାଧାରଣ ବାସ ଗୃହରେ ଏବଂ ନଗର ଉପକଣ୍ଠରେ ବସବାସ କରୁଥିବାର ସ୍ଥାନସବୁ ମି. ବ୍ରାଉନିଂ ପରିଦର୍ଶନ କରିଥିଲେ ।


ବରୋଦାର ମ୍ୟୁଜିଅମ୍ ପରିଦର୍ଶନ କରିବା ସମୟରେ ମି. ବ୍ରାଉନିଂ ହୃଦୟଙ୍ଗମ କରିଥିଲେ ଯେ ମହାରାଜା ଖୁବ୍ ବିଜ୍ଞତାର ସହିତ ତୀକ୍ଷ୍ଣ ବୁଦ୍ଧି ଖଟାଇ ଏଥିରେ ଅର୍ଥ ବ୍ୟୟ କରିଛନ୍ତି । ଇଉରୋପର ସର୍ବୋତ୍କୃଷ୍ଟ ସଭ୍ୟ ସମାଜରୁ ସଂଗୃହୀତ ମହାମୂଲ୍ୟ ବିରଳ ଦ୍ରବ୍ୟ, ସାହିତ୍ୟ-କୃତି, ଚିତ୍ରାଙ୍କନ, ବୈଜ୍ଞାନିକ ଗବେଷଣାରୁ ଉଦ୍ଭାବିତ ବସ୍ତୁସବୁକୁ ଅତ୍ୟନ୍ତ ମନୋମୁଗ୍ଧକର ଭାବରେ ଗ୍ୟାଲେରିରେ ସଜ୍ଜିତ କରାଯାଇଛି ।



ମ୍ୟୁଜିଅମ୍

ମି. ବ୍ରାଉନିଂଙ୍କ ବର୍ଣ୍ଣନାରୁ ତାଙ୍କର ବରୋଦା ଭ୍ରମଣର ଉପସଂହାର, ‘‘ପରିଶେଷରେ, ମୋର ଗାଇଡ୍ ଓ ସାଥୀ ଜଣକ (ଶ୍ରୀଅରବିନ୍ଦ) ମୋ ସହିତ ଷ୍ଟେସନକୁ ଆସିଥିଲେ ଏବଂ ଯାତ୍ରୀମାନଙ୍କର ଅତ୍ୟନ୍ତ ଭିଡ଼ ମଧ୍ୟରେ ମୋ ସକାଶେ ଲୋଅର୍ ବର୍ଥଟିଏ ମଧ୍ୟ ବନ୍ଦୋବସ୍ତ କରି ଦେଇଥିଲେ ।...

‘‘ମୋର ଛାତ୍ର-ସାଥୀ (ଶ୍ରୀଅରବିନ୍ଦ) ବର୍ତ୍ତମାନ ଗୁରୁତ୍ୱପୂର୍ଣ୍ଣ ସାହିତ୍ୟିକ ଜ୍ଞାନ ଆହରଣରେ ନିଜକୁ ନିଯୁକ୍ତ ରଖିଛନ୍ତି । ଏବଂ ସେ ହୁଏତ ଦିନେ ରାଜ୍ୟର ‘ଶିକ୍ଷା ମନ୍ତ୍ରୀ’ ହୋଇ ଉଠିବେ ।’’ (କ୍ରମଶଃ)




Vol. LXV, No. 4, NAVAJYOTI – 24 November, 2022, R. N. 8889/63

ନବଜ୍ୟୋତି ପ୍ରକାଶନ ବିଭାଗ ଦ୍ୱାରା ପ୍ରକାଶିତ ପୁସ୍ତକମାନ ତଥା ନବପ୍ରକାଶ, ନବଜ୍ୟୋତି ପତ୍ରିକା ପାଇବା ନିମନ୍ତେ Draft ପଠାଇଲେ **Navajyoti Publication** ନାମରେ Draft କରିବାକୁ ଅନୁରୋଧ ।

## ବିଶେଷ ସୂଚନା :

ପରମ ପ୍ରଭୁ ଶ୍ରୀଅରବିନ୍ଦଙ୍କ ୧୫୦ତମ ଜନ୍ମ ଶତବାର୍ଷିକୀ ପାଳନର ପ୍ରାକ୍ କାଳରେ ତାଙ୍କ ରଚିତ ମହାର୍ଘ କାବ୍ୟଗ୍ରନ୍ଥ ମନ୍ତ୍ରମୟୀ 'ସାବିତ୍ରୀ'ର ପ୍ରଥମ ଭାଗର ଓଡ଼ିଆ ପଦ୍ୟାନୁବାଦ ପ୍ରକାଶ ପାଇଲା । ଏହାର ଅନୁବାଦକ ପ୍ରଥିତଯଶା, ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ସାହିତ୍ୟିକ ଶ୍ରୀ ମନୋଜ ଦାସ । ଏହି ଗଭୀର ସାଧନାଲବ୍ଧ, ପ୍ରତୀକଧର୍ମୀ ଗ୍ରନ୍ଥଟିକୁ ସହଜ ପଠନ ଓ ମନନ କରିବା ଉଦ୍ଦେଶ୍ୟରେ ମୂଳଗ୍ରନ୍ଥ ସହ ଓଡ଼ିଆ ଅନୁବାଦକୁ ଏକତ୍ର ସନ୍ନିବେଶିତ କରାଯାଇଛି ।




## ସାବିତ୍ରୀ

### ଏକ କିଂବଦନ୍ତି ଏବଂ ଏକ ପ୍ରତୀକ
### (ପ୍ରଥମ ଭାଗ)

୮୪୧ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : ୫୦୦/- ଟଙ୍କା ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry - 2 and Printed by Swadhin Chatterjee at Sri Aurobindo Ashram Press, Pondicherry - 2, India.

Editor : Biswambhara Samanta

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

**Single Copy : Rs. 20.00, Annual Subscription : Rs. 80.00, Life Member (20 years) : Rs. 800.00**